# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 10/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୨୮୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 286 ମୂଲ୍ୟ₹୭/-





## ସଂକ୍ଷେପରେ

### ମନ୍ଦିର ନିୟମ ଭାଙ୍ଗି ରାଣୀ ଗିରଫ

**ଭୋପାଳ,୯।୯:** ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡ ଅଞ୍ଚଳର ଶ୍ରୀ ଯୁଗଳ କିଶୋର ମନ୍ଦିରରେ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ପାଳନବେଳେ ପାନ୍ନା ରାଣୀ ଜିତେଶ୍ୱରୀ ଦେବୀ ମଦ୍ୟପାନ କରି ଆଳତି କରିବା ପାଇଁ ଉଦ୍ୟମ କରିଥିଲେ। ଏହା ମନ୍ଦିର ନିୟମ ହୋଇ ନ ଥିବାରୁ ତାଙ୍କୁ ପୂଜକମାନେ ଅଟକାଇଥିଲେ।



ସେ ପୂଜକମାନଙ୍କୁ ଦୁର୍ବ୍ୟବହାର କରିବାରୁ ବିବାଦ ଦେଖାଦେଇଥିଲା। ଏହି ମାମଲାରେ ପୋଲିସ ମହାରାଣୀଙ୍କୁ ଗିରଫ କରିଛି। ମନ୍ଦିର ପୂଜକଙ୍କ କହିବା ଅନୁସାରେ ଜନ୍ମାଷ୍ଟମୀ ଅବସରରେ ରାଜବଂଶର ଜଣେ ପୁରୁଷ ପହଞ୍ଚି ମହାପ୍ରଭୁଙ୍କ ଆଳତି କରିଥାନ୍ତି। ଚଳିତ ବର୍ଷ ରାଣୀ ଜିତେଶ୍ୱରୀଙ୍କ ପୁଅ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ଥିଲା। କିନ୍ତୁ ସେ ନ ଆସିବାରୁ ନିଜେ ମହାରାଣୀ ଆସିଥିଲେ। ହେଲେ ସେ ନିଶାସକ୍ତ ଅବସ୍ଥାରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ପ୍ରବେଶ ସହ ଆଳତି କରିବାକୁ ଉଦ୍ୟମ କରିଥିଲେ।

### ଅକ୍ଟୋବରରେ ନୱାଜ ଶରିଫ୍ ଫେରିପାରନ୍ତି

**ଇସ୍‌ଲାମାବାଦ,୯।୯(ପି.ଟି.):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ବ୍ରିଟେନ୍‌ରେ ୪ ବର୍ଷର ଆତ୍ମନିର୍ବାସନ ଶେଷକରି ଆସନ୍ତା ମାସରେ ସ୍ୱଦେଶ ଫେରିପାରନ୍ତି। ପିଏମ୍ଏଲ୍-ଏନ୍‌ର ସର୍ବୋଚ୍ଚ ନେତା ଶରିଫ୍ ନିକଟରେ ଲଣ୍ଡନରେ ଦଳୀୟ କର୍ମୀଙ୍କ ସହ ଆଲୋଚନା ବେଳେ ପାକିସ୍ତାନ ଫେରିବା ନେଇ ସୂଚନା ଦେଇଥିଲେ ହେଁ ତାରିଖ ସ୍ପଷ୍ଟ କରିନାହାନ୍ତି।



ସେ ୨୦୧୮ରେ ଅଲ୍-ଅଜିଜିଆ ମିଲ୍ସ ଏବଂ ଆଭେନ୍‌ଫିଲ୍ଡ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ସେ ସ୍ୱାସ୍ଥ୍ୟଗତ କାରଣରୁ ୨୦୧୯ ନଭେମ୍ବରରେ ଲଣ୍ଡନ ଯିବା ପୂର୍ବରୁ ଲାହୋରର କୋଟ୍ ଲଖପତ୍ ଜେଲରେ ବନ୍ଦୀ ଥିଲେ।

### ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ଶିବସେନାରେ ଯୋଗଦେଲେ

**ଜୟପୁର,୯।୯:** ରାଜସ୍ଥାନର ବହିଷ୍କୃତ ମନ୍ତ୍ରୀ ରାଜେନ୍ଦ୍ର ସିଂ ଗୁଧା ଶନିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଉପସ୍ଥିତିରେ ଶିବସେନାରେ ଯୋଗଦେଇଛନ୍ତି। କଂଗ୍ରେସ ବିଧାୟକ ଗୁଧାଙ୍କ ନିର୍ବାଚନମଣ୍ଡଳୀ ଉଦୟପୁରୱାଟିରେ ଶିନ୍ଦେ କହିଥିଲେ, ଗୁଧା ମହିଳାଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ପ୍ରସଙ୍ଗରେ ସେ ସ୍ୱର ଉତ୍ତୋଳନ କରିବାରୁ କଂଗ୍ରେସ ତାଙ୍କୁ ବିଦା କରିଛି। ସୂଚନାଯୋଗ୍ୟ ଗୁଧା, ୨୦୧୮ ନିର୍ବାଚନରେ ବିଏସ୍‌ପି ଟିକେଟରେ ନିର୍ବାଚିତ ହୋଇଥିଲେ। ଦଳର ଅନ୍ୟ ୫ ବିଧାୟକଙ୍କୁ ନେଇ କଂଗ୍ରେସରେ ମିଶିବା ପରେ ଗେହଲଟ ସରକାରରେ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ମନ୍ତ୍ରୀ ପଦ ହରାଇବାକୁ ପଡ଼ିଥିଲା।




ଜି୨୦ ସମ୍ମିଳନୀ ଅବସରରେ ନୂଆଦିଲ୍ଲୀସ୍ଥିତ ଜାମା ମସ୍‌ଜିଦ୍‌କୁ ସଜାଯାଇଛି।



ଭାରତ ମଣ୍ଡପମ୍‌ରେ ବିଦେଶୀ ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ କୋଣାର୍କ ଚକ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଜି୨୦ରେ ଆଫ୍ରିକୀୟ ସଂଘ

## ଗ୍ଲୋବାଲ୍ ସାଉଥ୍‌ର ବିକାଶକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୯।୯**

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଜି୨୦ ସମ୍ମିଳନୀର ପ୍ରଥମ ଦିନରେ ୨୦ ରାଷ୍ଟ୍ର ଗୋଷ୍ଠୀରେ ଆଫ୍ରିକୀୟ ସଂଘ (ଏୟୁ)କୁ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସର୍ବୋଚ୍ଚ ବୈଶ୍ୱିକ ସଂସ୍ଥାରେ ଏୟୁକୁ ସଦସ୍ୟତା ପ୍ରଦାନ ନେଇ ଘୋଷଣା କରିଛନ୍ତି, ଯାହାକି ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି।

ବିଶ୍ୱ ସମ୍ମୁଖୀନ ହେଉଥିବା ଅନେକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ୧୯୯୯ରେ ଜି୨୦ ପ୍ରତିଷ୍ଠା କରାଯାଇଥିଲା। ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୮୫% ଅବଦାନ, ବାଣିଜ୍ୟିକ କାରବାରର ୭୫% ଏବଂ ଦୁଇ-ତୃତୀୟାଂଶ ଜନସଂଖ୍ୟା ହେଉଛି ଜି୨୦ର। ନୂଆ ସଦସ୍ୟ ଏୟୁ ବ୍ୟତୀତ ଜି୨୦ରେ ଥିବା ଅନ୍ୟ ସଦସ୍ୟଗୁଡ଼ିକ ହେଲେ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ୍, ଆମେରିକା ଏବଂ ୟୁରୋପୀୟ ସଂଘ (ଇୟୁ)। ସଦସ୍ୟ ରାଷ୍ଟ୍ରଗୁଡ଼ିକ ପ୍ରତିବର୍ଷ ପାଳିକରି ଜି୨୦ର ଅଧ୍ୟକ୍ଷତା କରିଥାଆନ୍ତି, ଯାହାକି ଏବର୍ଷ ଭାରତ ଭାଗରେ ପଡ଼ିଛି। ଭାରତ ଇଣ୍ଡୋନେସିଆଠାରୁ ଏହି ଅଧ୍ୟକ୍ଷତା ଗ୍ରହଣ କରିଥିବାବେଳେ ଆସନ୍ତା ବର୍ଷ ବ୍ରାଜିଲ ଜି୨୦ ସମ୍ମିଳନୀ ଆୟୋଜନ କରିବ। ପ୍ରାୟ ୧୭ ମାସ ଧରି ଚାଲିଥିବା ୟୁକ୍ରେନ୍ ଯୁଦ୍ଧର ଭୂରାଜନୈତିକ ପ୍ରଭାବ ପରିପ୍ରେକ୍ଷୀରେ ଉକ୍ତ ସମ୍ମିଳନୀକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ବିଶ୍ୱର ଧନୀ ଅର୍ଥନୀତିଗୁଡ଼ିକର ଅନ୍ୟ ନେତାମାନେ ଶନିବାର ଜି୨୦ ସମିଟ୍‌ରେ ବୈଶ୍ୱିକ ଆହ୍ୱାନଗୁଡ଼ିକର ମୁକାବିଲା ଉପରେ ଗଭୀର ଚିନ୍ତନ କରିଛନ୍ତି। ସମ୍ମିଳନୀରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ବା ଗ୍ଲୋବାଲ୍ ସାଉଥ୍‌କୁ ସୁବିଧା ପ୍ରଦାନ ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଲିଡର୍ସ ଡିକ୍ଲାରେଶନ୍ ଚିଠା ପ୍ରସ୍ତୁତିରେ ସମ୍ପୃକ୍ତ ଭାରତୀୟ ମଧ୍ୟସ୍ଥମାନେ ନୂଆଦିଲ୍ଲୀର ପ୍ରସ୍ତାବଗୁଡ଼ିକୁ ବିଶ୍ୱନେତାଙ୍କ ଅନୁମୋଦନ ମିଳିବା ନେଇ ଆଶାବାଦୀ।

ପ୍ରଧାନମନ୍ତ୍ରୀ ମୋଦି ଜି୨୦ର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କହିଥିଲେ, ୫୫ ରାଷ୍ଟ୍ର ବିଶିଷ୍ଟ ଏୟୁ ଜି୨୦ର ନୂଆ ସଦସ୍ୟ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କୋମୋରୋସ୍ ରାଷ୍ଟ୍ରପତି ତଥା ଏୟୁ ଅଧ୍ୟକ୍ଷ ଅଜାଲି ଅସୋଉମାନିଙ୍କୁ ହାଇ ଟେବୁଲ୍ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଅଜାଲି ଜି୨୦ର ପୂର୍ଣ୍ଣ ସଦସ୍ୟ ରୂପେ ଆସନ ଗ୍ରହଣ କରିଥିଲେ। ମୋଦି କହିଥିଲେ, ସବ୍‌କା ସାଥ୍, ସବ୍‌କା ବିକାଶର ଭାବାବେଗକୁ ନେଇ ଆଫ୍ରିକୀୟ ସଂଘକୁ ଏଥିରେ ସଦସ୍ୟତା ମିଳିବା ଉଚିତ। ଏହି ପ୍ରସ୍ତାବରେ ସମସ୍ତେ ସହମତ ଥିବା ବିଶ୍ୱାସ। ଗତ କିଛି ବର୍ଷ ମଧ୍ୟରେ ଭାରତ ନିଜକୁ ଗ୍ଲୋବାଲ ସାଉଥ୍ ଏବଂ ବିଶେଷକରି ଆଫ୍ରିକୀୟ ମହାଦେଶର ଏକ ଅଗ୍ରଣୀ ସ୍ୱର ଉତ୍ତୋଳନକାରୀ ରାଷ୍ଟ୍ର ରୂପେ ପ୍ରତିପାଦିତ କରିଆସିଛି। ପ୍ରଧାନମନ୍ତ୍ରୀ ମୋଦି ଗତ ଜୁନ୍‌ରେ ଏୟୁକୁ ଏହି ରାଷ୍ଟ୍ରଗୋଷ୍ଠୀରେ ପୂର୍ଣ୍ଣ ସଦସ୍ୟତା ପ୍ରଦାନ ପାଇଁ ଜି୨୦ ନେତୃବୃନ୍ଦଙ୍କୁ ପତ୍ର ଲେଖିଥିଲେ। ୫୫ ଆଫ୍ରିକୀୟ ଦେଶକୁ ନେଇ ଗଠିତ ପ୍ରଭାବଶାଳୀ ସଙ୍ଗଠନ ଏୟୁ ନେତୃବୃନ୍ଦଙ୍କ ସମେତ ସମ୍ମିଳନୀରେ ଯୋଗଦେଇଥିବା ନେତାଙ୍କ ମଧ୍ୟରେ ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟେପ୍ ଏର୍ଡୋଗାନ୍, କାନାଡୀୟ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ତାଙ୍କ ଇଟାଲୀୟ ପ୍ରତିପକ୍ଷ ଜିଓର୍ଜିଆ ମେଲୋନି, ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍ ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ରହିଛନ୍ତି। ତେବେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏବଂ ତାଙ୍କ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଏହି ସମ୍ମିଳନୀରେ ଯୋଗଦେଇ ନାହାନ୍ତି। ଜାତୀୟ ରାଜଧାନୀର କେନ୍ଦ୍ରସ୍ଥଳ ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହି ୨ ଦିନିଆ ସମ୍ମିଳନୀରେ ଜାତିସଂଘ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍), ବିଶ୍ୱବ୍ୟାଙ୍କ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଆଫ୍ରିକୀୟ ସଂଘ ଭଳି ବୈଶ୍ୱିକ ସଂସ୍ଥାଗୁଡ଼ିକର ମୁଖ୍ୟମାନେ ଯୋଗଦେଇଛନ୍ତି।




ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍।

## ପ୍ରଥମ ଦିନର ଘଟଣାକ୍ରମ

**➩ଜି୨୦ରେ ଆଫ୍ରିକୀୟ ସଂଘ (ଏୟୁ) ସାମିଲ ହେଲା**

୫୫ ରାଷ୍ଟ୍ରକୁ ନେଇ ଗଠିତ ଆଫ୍ରିକୀୟ ସଂଘକୁ ଜି୨୦ରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବକୁ ବିଶ୍ୱର ବୃହତ୍ ଅର୍ଥନୀତିଗୁଡ଼ିକ ଗ୍ରହଣ କରିବା ପରେ ଗ୍ଲୋବାଲ ସାଉଥ୍‌ର ଏହି ପ୍ରମୁଖ ବ୍ଲକ୍ ଏଥିରେ ଯୋଗଦେଇଛି।

**➩ଜି୨୦ ନୂଆଦିଲ୍ଲୀ ନେତାଙ୍କ ଘୋଷଣାନାମା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି୨୦ ନ୍ୟୁ ଡେଲ୍‌ହି ଲିଡର୍ସ ଡିକ୍ଲାରେଶନ୍‌କୁ ଗୃହୀତ କରାଯାଇଥିବା ଘୋଷଣା କଲେ। ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ବର୍ଦ୍ଧିତ ଉତ୍ତେଜନା ଓ ମତଭେଦ ମଧ୍ୟରେ ଜି୨୦ରେ ଭାରତର ଅଧ୍ୟକ୍ଷତା ପାଇଁ ଏହାକୁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି।

**➩ଗ୍ଲୋବାଲ୍ ବାୟୋଫୁଏଲ୍ ଆଲାଏନ୍ସର ଶୁଭାରମ୍ଭ**

ଭାରତ ଗ୍ଲୋବାଲ୍ ବାୟୋଫୁଏଲ୍ ଆଲାଏନ୍ସର ଘୋଷଣା କରିବା ସହ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ବୈଶ୍ୱିକ ସ୍ତରରେ ପେଟ୍ରୋଲ ସହ ୨୦% ଏଥାନୋଲ ମିଶ୍ରଣ ଲକ୍ଷ୍ୟ ନେଇ ଏଥିରେ ସାମିଲ ହେବା ପାଇଁ ଅନୁରୋଧ କଲା।

**➩ଜି୨୦ ସାଟେଲାଇଟ୍ ମିଶନ ଫର୍ ଏନ୍‌ଭାଇରୋନ୍‌ମେଣ୍ଟ ଆଣ୍ଡ କ୍ଲାଇମେଟ୍ ଅବଜର୍ଭେଶନ୍ ପ୍ରସ୍ତାବ**

ପ୍ରଧାନମନ୍ତ୍ରୀ ମୋଦି ଜି୨୦ ସାଟେଲାଇଟ୍ ମିଶନ୍ ଫର୍ ଏନ୍‌ଭାଇରୋନ୍‌ମେଣ୍ଟ ଆଣ୍ଡ କ୍ଲାଇମେଟ୍ ଅବ୍‌ଜର୍ଭେଶନ୍ ଗଠନ ପାଇଁ ପ୍ରସ୍ତାବ ଦେବା ସହ ଏକ ଗ୍ରୀନ୍ କ୍ରେଡିଟ୍ ଇନିସିଏଟିଭ୍ ଉପରେ କାର୍ଯ୍ୟ କରିବାକୁ ଅନୁରୋଧ କଲେ।

**➩ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ ସହ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନା**

ଜି୨୦ ସମିଟ୍ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ ଋଷି ସୁନକ୍‌ଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କଲେ। ବାଣିଜ୍ୟିକ କାରବାର ବୃଦ୍ଧି ଓ ନିବେଶକୁ ବଳ ଦେବା ପାଇଁ ଦୁଇନେତା ଗୁରୁତ୍ୱାରୋପ କଲେ। ଭାରତ ଓ ବ୍ରିଟେନ୍ ଏକ ସମୃଦ୍ଧ ତଥା ସୁଦୃଢ଼ ବିଶ୍ୱ ଦିଗରେ କାର୍ଯ୍ୟ କରିବେ ବୋଲି ଉଭୟେ ସହମତି ପ୍ରକାଶ କଲେ।

**➩ଭାରତ-ଜାପାନ ଦ୍ୱିପାକ୍ଷିକ ବୈଠକ**

ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା ଏବଂ ଭାରତୀୟ ପ୍ରତିପକ୍ଷ ମୋଦିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଲେ, ଆମେ ଦୁହେଁ ଭାରତ-ଜାପାନ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କଲୁ। ଭାରତର ଜି୨୦ ଅଧ୍ୟକ୍ଷତା ଏବଂ ଜାପାନର ଜି୭ ଅଧ୍ୟକ୍ଷତାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେଉଛି। ଯୋଗାଯୋଗ, ବାଣିଜ୍ୟ ଓ ଅନ୍ୟ କ୍ଷେତ୍ରଗୁଡ଼ିକରେ ସହଯୋଗ ବୃଦ୍ଧି ପାଇଁ ଉଭୟ ପକ୍ଷ ଆଗ୍ରହୀ।

# ଜି୨୦ ପ୍ରତିନିଧିଙ୍କଠାରୁ ଗରିବଙ୍କୁ ଲୁଚାଉଛି କେନ୍ଦ୍ର

**ନୂଆଦିଲ୍ଲୀ,୯।୯**

ଜି୨୦ ସମ୍ମିଳନୀ ପାଇଁ କେନ୍ଦ୍ର ସରକାର ଦିଲ୍ଲୀର ବସ୍ତିଗୁଡ଼ିକୁ ଲୁଚାଇଛନ୍ତି କିମ୍ବା କେତେକ ବସ୍ତିକୁ ଉଚ୍ଛେଦ କରିଛନ୍ତି ବୋଲି କଂଗ୍ରେସ ଶନିବାର ଅଭିଯୋଗ କରିଛି। ସେହିପରି ଦିଲ୍ଲୀ ରାସ୍ତାରୁ ବୁଲା ପ୍ରାଣୀଙ୍କୁ ଧରିନେଇ ଅନ୍ୟତ୍ର ଛାଡ଼ିଦିଆଯାଇଛି। ଆମ ଅତିଥିମାନଙ୍କଠାରୁ ଭାରତର ବାସ୍ତବତାକୁ ଲୁଚାଇବା ଆବଶ୍ୟକ ନ ଥିଲା ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। କଂଗ୍ରେସ ପକ୍ଷରୁ



'ଏକ୍ସ'ରେ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ସମିଟ୍‌ର

**ରାହୁଲ ଗାନ୍ଧୀଙ୍କ ଟାର୍ଗେଟ**

ଦୁଇଦିନ ପୂର୍ବରୁ କେତେକ ବସ୍ତିକୁ ସବୁଜ ରଙ୍ଗର ପାଲରେ ଘୋଡ଼ାଇ ଦିଆଯାଇଥିବା ଦେଖାଯାଇଛି। କେନ୍ଦ୍ର ସରକାର ଦିଲ୍ଲୀର ଗରିବ ଲୋକ ଓ ବୁଲା ପ୍ରାଣୀଙ୍କୁ ଜି୨୦ ପ୍ରତିନିଧିଙ୍କଠାରୁ ଲୁଚାଇଥିବା ବିଦେଶରେ ଥିବା ରାହୁଲ ଏକ୍ସରେ ପୋଷ୍ଟ କରିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ କହିଛନ୍ତି, ବିଶ୍ୱର ବୃହତ୍ ଅର୍ଥ ବ୍ୟବସ୍ଥାଗୁଡ଼ିକର ଫଳପ୍ରଦ ସମାବେଶ ଜି୨୦ର ଉଦ୍ଦେଶ୍ୟ ଏବଂ ସହଯୋଗିତାମୂଳକ ପଦକ୍ଷେପ ଦ୍ୱାରା ବୈଶ୍ୱିକ ସମସ୍ୟାର ସମାଧାନ କରିବା ଏହାର ଲକ୍ଷ୍ୟ। ଦିଲ୍ଲୀର ବସ୍ତିଗୁଡ଼ିକୁ ଘୋଡାଇ ରଖି ବା ଉଚ୍ଛେଦ କରାଯାଇ ହଜାର ହଜାର ଲୋକଙ୍କୁ ବେଘର କରାଯାଇଛି। ବୁଲା ପ୍ରାଣୀଗୁଡ଼ିକୁ ନିଷ୍ଠୁର ଭାବେ ଧରିନିଆଯାଇ ଅସୁବିଧାରେ ରଖାଯାଇଛି। କେବଳ ପ୍ରଧାନମନ୍ତ୍ରୀଙ୍କ ଫଟୋ ଚାରିଆଡ଼େ ଦେଖିବାକୁ ମିଳୁଥିବାବେଳେ ସରକାରଙ୍କ ବିଫଳତାକୁ ଲୁଚାଯାଇଛି ବୋଲି ଜୟରାମ କହିଛନ୍ତି।

# ଦୁର୍ନୀତି ମାମଲାରେ ଚନ୍ଦ୍ରାବାବୁ ଗିରଫ

**ଅମରାବତୀ,୯।୯**

ଦକ୍ଷତା ବିକାଶ ନିଗମ ଜାଲିଆତି ମାମଲାରେ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଶନିବାର ସକାଳେ ଗିରଫ କରାଯାଇଛି। ଉକ୍ତ ନିଗମର ୩୭୧ କୋଟି ଟଙ୍କା ଦୁର୍ନୀତିର ମୁଖ୍ୟ ପ୍ରସ୍ତାବକ, ଷଡ଼ଯନ୍ତ୍ରକାରୀ ଓ ଫାଇଦା ହାସଲକାରୀ ଚନ୍ଦ୍ରାବାବୁ ବୋଲି ଆନ୍ଧ୍ରପ୍ରଦେଶ ଅପରାଧ ତଦନ୍ତ ବିଭାଗ (ସିଆଇଡି) ମୁଖ୍ୟ ଏନ୍. ସଞ୍ଜୟ କହିଛନ୍ତି। ମାମଲାର ତଦନ୍ତକୁ ସେ ପ୍ରଭାବିତ କରିବା ଆଶଙ୍କା ଥିବାରୁ ତାଙ୍କୁ ଗିରଫ କରାଗଲା ବୋଲି ସିଆଇଡି ମୁଖ୍ୟ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଆନ୍ଧ୍ରପ୍ରଦେଶରେ ସିମେନ୍ସ ସେଣ୍ଟର ଅଫ୍ ଏକ୍ସଲେନ୍ସର ଅନେକ କ୍ଲଷ୍ଟର ଖୋଲିବା ଲାଗି ୨୦୧୪ରେ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ୩,୩୦୦ କୋଟି ଟଙ୍କାର ଏହି ପ୍ରକଳ୍ପର ମାତ୍ର ୧୦ ପ୍ରତିଶତ ଅର୍ଥ ସରକାର ଦେବାକୁ ଥିବାବେଳେ ଅବଶିଷ୍ଟ



ଏନ୍. ଚନ୍ଦ୍ରାବାବୁ ନାଇଡୁ

୯୦ ପ୍ରତିଶତ ପ୍ରଯୁକ୍ତି ଅଂଶୀଦାର ସିମେନ୍ସ ଆଣ୍ଡ ଡିଜାଇନ୍ ଟେକ୍ ଯୋଗାଇ ଦେବାର ଥିଲା। ବୁଝାମଣାପତ୍ର ପ୍ରସ୍ତୁତ ହୋଇଥିଲେ ମଧ୍ୟ ୯୦ ପ୍ରତିଶତ ପାଣ୍ଠି ସିମେନ୍ସ ଆଣ୍ଡ ଡିଜାଇନ୍ ଟେକ୍ ଯୋଗାଇବାର ସେଥିରେ ଉଲ୍ଲେଖ ନ ଥିଲା। ଉକ୍ତ ଏମ୍ଓୟୁକୁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଏବଂ ଟିଡିପି ରାଜ୍ୟ ସଭାପତି କେ. ଅଚନନାଇଡୁ ଅନୁମୋଦନ କରିଥିଲେ। ଅଚନନାଇଡୁ ମାମଲାର ଅନ୍ୟତମ ଅଭିଯୁକ୍ତ ଅଛନ୍ତି। ଏହି ଷଡ଼ଯନ୍ତ୍ରରେ ତତ୍କାଳୀନ ମନ୍ତ୍ରୀ ଗଣ୍ଟା ଶ୍ରୀନିବାସ ରାଓ ମଧ୍ୟ ସମ୍ପୃକ୍ତ। ମନ୍ତ୍ରୀ ପରିଷଦକୁ ଅଣଦେଖା କରି ଏବଂ ନିୟମାବଳୀର ଉଲ୍ଲଂଘନ କରାଯାଇ ଆନ୍ଧ୍ରପ୍ରଦେଶ ଦକ୍ଷତା ବିକାଶ ନିଗମ ଗଠନ କରାଯାଇଥିଲା। ସରକାର ମଞ୍ଜୁର କରିଥିବା ୩୭୧ କୋଟି ଟଙ୍କାରୁ ଏକ ବଡ଼ ଭାଗ ହଡ଼ପ କରାଯାଇଥିବାବେଳେ ଅଳ୍ପ ପାଣ୍ଠିରେ କେବଳ ଏକ ଏକ୍ସଲେନ୍ସ ସେଣ୍ଟର ପ୍ରତିଷ୍ଠା କରାଯାଇଥିଲା ବୋଲି ସିଆଇଡି ମୁଖ୍ୟ କହିଛନ୍ତି। ଉକ୍ତ ହଡ଼ପ ଅର୍ଥକୁ କେତେକ ନାମମାତ୍ର କମ୍ପାନୀ ଏବଂ ଜାଲ୍ ଇନ୍‌ଭଏସ୍ ଜରିଆରେ ଅନ୍ୟତ୍ର ପଠାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି ପାଣ୍ଠି ଜାଲିଆତିରୁ ଚନ୍ଦ୍ରାବାବୁଙ୍କ ସମେତ ଅନ୍ୟ ଟିଡିପି ନେତାମାନେ ଲାଭ ଉଠାଇଥିବା ସଞ୍ଜୟ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁଙ୍କୁ ବେଆଇନ ଓ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏଥିରେ ହସ୍ତକ୍ଷେପ କରିବାକୁ ବରିଷ୍ଠ ଟିଡିପି ନେତାମାନେ ପତ୍ର ଲେଖିଛନ୍ତି।

# ଗୋଆରେ ଡିଜିଟାଲ୍ ସେକ୍ସ ର୍‌ୟାକେଟ

**ପଣଜୀ,୯।୯**

ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ଗୋଆରେ ଆନ୍ତଃଦେଶୀୟ ସେକ୍ସ ର୍‌ୟାକେଟ ଚାଲୁଛି। ର୍‌ୟାକେଟ ଗୋଆରେ ଚାଲୁଛି, ହେଲେ କେନିୟାରୁ ଏହାକୁ ପରିଚାଳନା କରାଯାଉଥିବା ପୋଲିସ ଜାଣିବାକୁ ପାଇଛି। ଅର୍ଥ ପଠାଇବା ଲାଗି ଯୌନକର୍ମୀମାନେ ଗ୍ରାହକଙ୍କୁ କ୍ୟୁଆର୍ କୋଡ୍ ଶେୟାର କରୁଛନ୍ତି। ଗ୍ରାହକ ଅର୍ଥ ପଠାଇବା ପରେ ତାହା ସମ୍ପୂର୍ଣ୍ଣ ଭାବେ ଦଲାଲଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେଉଛି। ପ୍ରାଥମିକ ସ୍ତରରେ କ୍ୟୁଆର୍ କୋଡ୍ କିମ୍ବା ୟୁପିଆଇ ଯୋଗେ କାରବାର କରାଯାଉଛି। ଫଳରେ ଡିଲ୍ ଫାଇନାଲ୍ ହେବା ପରେ ଗ୍ରାହକ ଆଉ ଠକେଇ କରିବାର କୌଣସି ସମ୍ଭାବନା ରହୁନି। ସେକ୍ସ ର୍‌ୟାକେଟ ଚଳାଇବା ଅଭିଯୋଗରେ ପୋଲିସ ୨ କେନୀୟ ଯୁବତୀଙ୍କୁ ଗିରଫ କରିଛି। ଅନ୍ୟ ୫ ଜଣ କେନିୟା ମହିଳାଙ୍କୁ ଏନ୍‌ଜିଓ ସହାୟତାରେ



ଗିରଫ ୨ ଯୁବତୀଙ୍କ ସହ ଗୋଆ ପୋଲିସ।

ଉଦ୍ଧାର କରାଯାଇଛି। ତୃତୀୟ ଅଭିଯୁକ୍ତ କୁହାଯାଉଥିବା ନାଇଜେରିଆନ ମହିଳାଙ୍କୁ ପୋଲିସ ଖୋଜୁଛି। କେନିୟାରେ ଥିବା କେତେଜଣ ଦଲାଲ ଯୁବତୀମାନଙ୍କୁ ଭାରତରେ ଉଚ୍ଚ ଦରମାରେ ଚାକିରି କରାଇବାର ପ୍ରଲୋଭନ ଦେଖାଇଥାନ୍ତି। ଭିଜା ତଥା ଅନ୍ୟାନ୍ୟ କାଜଗପତ୍ର କାମ ସରିବା ପରେ ସେମାନେ ଯୁବତୀଙ୍କ ଲାଗି ଟିକେଟ କିଣି ଦେଇଥାନ୍ତି। ଯୁବତୀମାନେ ଗୋଆରେ ପହଞ୍ଚିବା ମାତ୍ରେ ଚାକିରି ଯୋଗାଇବା ବାହାନାରେ ସେମାନଙ୍କ ପାସପୋର୍ଟକୁ ଦଲାଲମାନେ

**■କ୍ୟୁଆର୍ କୋଡ୍‌ରେ କାରବାର**
**■କେନିଆରୁ ଲମ୍ବିଛି ଡେର**

ନେଇଯାଇଥାନ୍ତି। ପାସପୋର୍ଟ ଦେବାକୁ ମନାକଲେ ସେମାନଙ୍କୁ ଧମକ ଦିଆଯିବା ସହ ୫ରୁ ୮ ଲକ୍ଷ ଟଙ୍କା ମଗାଯାଉଛି। ପୀଡ଼ିତାମାନେ ଗଣିକାବୃତ୍ତି କରି ୫ ଲକ୍ଷ ଟଙ୍କା ନ ଦେବା ଯାଏ ସେମାନେ ଦଲାଲଙ୍କ କବଳରୁ ମୁକ୍ତ ହୋଇପାରି ନ ଥାନ୍ତି। ଦଲାଲମାନେ 'ମସାଜ୍ ରିପବ୍ଲିକ୍' ନାମକ ଏକ ୱେବସାଇଟ୍ ଜରିଆରେ ଗ୍ରାହକ ଯୋଗାଡ଼ କରୁଛନ୍ତି। ଗ୍ରାହକ ଓ ଦଲାଲଙ୍କ ମଧ୍ୟରେ ସମସ୍ତ ଡିଲ୍ ସରିବା ପରେ ପେମେଣ୍ଟ ଲାଗି କ୍ୟୁଆର କୋଡ୍ ଶେୟାର କରାଯାଉଛି। ଏହାପରେ ଗ୍ରାହକଙ୍କୁ ଯୁବତୀଙ୍କ ଠିକଣା ପଠାଯାଉଛି। ଗୋଆରୁ ଜଣେ ମହିଳାଙ୍କୁ ବେଙ୍ଗାଲୁରୁ ନିଆଯାଉଥିବାବେଳେ ଏନ୍‌ଜିଓର ଜଣେ ସଦସ୍ୟଙ୍କ ସହ ତାଙ୍କର ଦେଖା ହୋଇଥିଲା। ଏନ୍‌ଜିଓଠାରୁ ସୂଚନା ପାଇ ପୋଲିସ ଚଢ଼ଉ କରିଥିଲା।

DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୦/୨୦୨୩ | Bhubaneswar, Sunday, September 10/2023



# ମରକ୍କୋରେ ଭୂକମ୍ପ: ୧,୦୩୭ ମୃତ

**ମାରାକେଶ୍,୯।୯**

ମରକ୍କୋରେ ଶୁକ୍ରବାର ବିଳମ୍ବିତ ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ୧,୦୩୭ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୦୦ରୁ ଅଧିକ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭୂକମ୍ପରେ ଆଟଲାସ୍ ମାଉଣ୍ଟେନ୍ସ ଅନ୍ତର୍ଗତ ଗ୍ରାମାଞ୍ଚଳଠାରୁ ଐତିହାସିକ ମାରାକେଶ୍ ସହର ପର୍ଯ୍ୟନ୍ତ ଅନେକ ଘର ମାଟିରେ ମିଶିଯାଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୮ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୭ ଥିଲା ବୋଲି ମରକ୍କୋ ନ୍ୟାଶନାଲ ସିସ୍ମିକ୍ ମନିଟରିଂ ଆଣ୍ଡ ଆଲର୍ଟ ନେଟ୍‌ୱର୍କ ପକ୍ଷରୁ କୁହାଯାଇଛି। ରାତିରେ ଭୂକମ୍ପ ହେବାରୁ ମୃତ୍ୟୁସଂଖ୍ୟା ଅଧିକ ହୋଇଛି। କମ୍ପନ ବେଳେ ଯେଉଁମାନେ ଉଠିଥିଲେ, ସେମାନେ ଭୟରେ ଘରୁ ବାହାରି ରାସ୍ତାରେ ଧାଇଁଥିଲେ। ପୁଣି ଭୂକମ୍ପ ☞ପୃଷ୍ଠା-୨



ମରକ୍କୋର ମାରାକେସ୍ ସହରରେ ଭୂକମ୍ପରେ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିବା ଘରଗୁଡ଼ିକ।

# ଆଣବିକ ଅସ୍ତ୍ରର ଧମକ, ପ୍ରୟୋଗ ଗ୍ରହଣୀୟ ନୁହେଁ

## ଜି୨୦ ଦିଲ୍ଲୀ ଘୋଷଣାନାମାରେ ୟୁକ୍ରେନ୍ ଯୁଦ୍ଧ

**ନୂଆଦିଲ୍ଲୀ,୯।୯**

ୟୁକ୍ରେନ୍‌ରେ ବ୍ୟାପକ, ଯୁକ୍ତିଯୁକ୍ତ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଜି୨୦ ନୂଆଦିଲ୍ଲୀ ନେତାଙ୍କ ଘୋଷଣାନାମାରେ ଆହ୍ୱାନ ଦିଆଯାଇଛି। ଏଥିସହ ଅନ୍ୟ ଭୂଖଣ୍ଡ ଦଖଲ ଓ କ୍ଷେତ୍ରୀୟ ଅଖଣ୍ଡତା ବିରୋଧରେ ବଳ ପ୍ରୟୋଗ କରିବା ବା ଧମକ ଦେବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ପରାମର୍ଶ ଦିଆଯାଇଛି। ୟୁକ୍ରେନ୍ ଯୁଦ୍ଧରେ ଆଣବିକ ଅସ୍ତ୍ରର ବ୍ୟବହାର କିମ୍ବା ପ୍ରୟୋଗ ନେଇ ଧମକ ଦେବା ଗ୍ରହଣୀୟ ନୁହେଁ ବୋଲି ଜୋର୍ ଦିଆଯାଇଛି।

ଦିଲ୍ଲୀ ଘୋଷଣାନାମାରେ ଜି୨୦ ନେତାମାନେ କହିଛନ୍ତି, ପ୍ଲାନେଟ୍ (ପୃଥିବୀ), ପିପୁଲ (ଲୋକେ), ପିସ୍ (ଶାନ୍ତି) ଓ ପ୍ରସପରିଟି (ସମୃଦ୍ଧି) ପାଇଁ ଆମେ ଗଭୀର ଚିନ୍ତିତ। କାରଣ ବିଶ୍ୱବ୍ୟାପୀ ଅତ୍ୟଧିକ ମାନବୀୟ ଦୁର୍ଦ୍ଦଶା ତଥା ଯୁଦ୍ଧ ଓ ସଂଘର୍ଷର ନକାରାତ୍ମକ ପ୍ରଭାବ ସବୁକ୍ଷେତ୍ରରେ ଦେଖିବାକୁ ମିଳୁଛି। ୟୁକ୍ରେନ୍ ଯୁଦ୍ଧକୁ ନେଇ ଇଣ୍ଡୋନେସିଆର ବାଲିରେ ହୋଇଥିବା ଆଲୋଚନାକୁ ସ୍ମରଣ କରି ଆମ ଜାତୀୟ ଆଭିମୁଖ୍ୟ ଏବଂ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ତଥା ଜାତିସଂଘ ସାଧାରଣ ସଭାରେ ଗୃହୀତ ସଂକଳ୍ପନାମାକୁ ଦୋହରାଉଛୁ। ଜାତିସଂଘ ଚାର୍ଟରର ଲକ୍ଷ୍ୟ ☞ପୃଷ୍ଠା-୨






# ଜି-୨୦ ନୈଶ ଭୋଜିରେ ଯୋଗ ଦେଲେନି ନବୀନ

**ଭୁବନେଶ୍ୱର,୯।୯ (ଅନିଲ ଦାସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ସନ୍ଧ୍ୟାରେ ଡାକିଥିବା ଜି-୨୦ ନୈଶ ଭୋଜିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇପାରିନାହାନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟବ୍ୟସ୍ତତା ଯୋଗୁ ରାଷ୍ଟ୍ରପତିଙ୍କ ଦ୍ୱାରା ଆହୂତ ଭୋଜିରେ ଯୋଗଦେଇ ନ ଥିବା କୁହାଯାଉଛି। ଆଉ କିଛିମାସ ପରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଦଳୀୟ ନେତାମାନଙ୍କ ସହ ରଣନୀତି ବିଷୟରେ ଆଲୋଚନା କରୁଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରପାହ୍ୟା ମନ୍ତ୍ରୀ ଏବଂ ସମସ୍ତ ମନ୍ତ୍ରଣାଳୟ ସଚିବମାନଙ୍କୁ ନୈଶ ଭୋଜିରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ।

**୧୨ କେରାଣ୍ଡି ପାଇଁ କଙ୍ଗାରୁ କୋର୍ଟରେ ପାଡ଼: ବିଷପିଇ ଯୁବକଙ୍କ ଆତ୍ମହତ୍ୟା**
ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ସ୍ୱତନ୍ତ୍ର ଅଧିବେଶନ କାହିଁକି

**ଆଜିର ମନ୍ତବ୍ୟ**

" ଜି୨୦ ସମିଟ୍‌ରେ 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ଥିମ୍ ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦାନୀ ପ୍ରସଙ୍ଗରେ ପ୍ରକୃତରେ 'ଜଣେ ବ୍ୟକ୍ତି, ଗୋଟିଏ ସରକାର, ଗୋଟିଏ ବ୍ୟବସାୟୀ ଗୋଷ୍ଠୀ'ରେ ବିଶ୍ୱାସ କରୁଥିବା ଜଣାପଡୁଛି।

-ଜୟରାମ ରମେଶ, କଂଗ୍ରେସ ସାଧାରଣ ସମ୍ପାଦକ




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଘରେ ନାହିଁ ମାଣେ ଧାନ
ନାଲି ଗାମୁଛାକୁ ଫାଳେ ପାନ
ଘରେ ନ ଜଳେ ଚୁଲି
ପଛ ଆଡେ ପାଟଫୁଲି ।

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ଅନ୍ୟଆଗରେ ତୁଚ୍ଛାକୁ ଦେଖେଇ ହେଉଥିବା ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଘଇତା ପଛକେ ମରୁ
ସଉତୁଣୀ ରାଣ୍ଡ ହେଉ।

ସ୍ୱାର୍ଥସିଦ୍ଧି ପାଇଁ ଅତ୍ୟନ୍ତ କୁଟିଳ ବିଚାର। ନିଜର ପଛେ ସବୁକିଛି ଚାଲିଯାଉ ବା ନଷ୍ଟ ହୋଇଯାଉ, ପ୍ରତିପକ୍ଷ କିନ୍ତୁ ଦୁଃଖ କଷ୍ଟ ପାଉ। ନିଜର କ୍ଷତି ଘଟାଇ ପର ଉପରେ ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୬ ଶିକାରୀ ଗିରଫ, ୫୦ ପକ୍ଷୀ ଉଦ୍ଧାର



**ଭୋଗରାଇ , ୯।୯ ( ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଜଳେଶ୍ୱର ରେଞ୍ଜ ଅନ୍ତର୍ଗତ ଭୋଗରାଇ ଉଦୟପୁର ବନପାଳ କାର୍ଯ୍ୟାଳୟ ଅଧୀନ ଏନଏମ ପଡ଼ିଆ ପକ୍ଷୀ ସୁରକ୍ଷା କ୍ୟାମ୍ପ ନିକଟରୁ ୬ ପକ୍ଷୀ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି। ସେମାନଙ୍କ ନିକଟରୁ ଜାଲ, ଫାଶ ସମେତ ୫୦ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଉଦ୍ଧାର କରାଯାଇଛି। ଏହାସହ ବନ୍ୟପ୍ରାଣୀ ବିଭାଗ ୪ ମୃତ ବିଦେଶୀ ପକ୍ଷୀ ଜବତ କରିଛି । ଗିରଫ ୬ ଶିକାରୀ ହେଲେ ବାଲିଆପାଳ ଥାନା ଚୌମୁଖ ଗ୍ରାମର ଅଶୋକ ଦାସ, ଲକ୍ଷ୍ମୀକାନ୍ତ ଗିରି, ରାଜେନ୍ଦ୍ର ମହାନ୍ତି, ବସନ୍ତ ବେହେରା, ସୁବାସ ରଞ୍ଜିତ ଓ ମୁକ୍ତେଶର ଭୂୟାଁ । ଶିକାରୀମାନେ ନିରୀହ ପକ୍ଷୀମାନଙ୍କୁ ବିଳମ୍ବିତ ରାତିରେ ଜୁଆର ସମୟରେ ସମୁଦ୍ର କୂଳରେ ଜାଲ ଫାଶ ବସାଇ ପକ୍ଷୀ ଶିକାର କରୁଥିବା ଜଣାପଡିବା ପରେ ବିଭାଗର ଏକ ୧୩ ଜଣିଆ ସ୍ୱତନ୍ତ୍ର ଟିମ ଜଳେଶ୍ୱର ରେଞ୍ଜ ଅଧିକାରିଣୀ ଜୟଶ୍ରୀ ମୁର୍ମୁଙ୍କ ନେତୃତ୍ୱରେ ଚଢାଉ କରିଥିଲେ। ପକ୍ଷୀ ଶିକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି ରହିଛି।

# ଅନନ୍ତ ମହାପାତ୍ର ପାଇଲେ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'

## ୪ଜଣଙ୍କୁ ଯୁବ ପ୍ରତିଭା ସମ୍ମାନ

**ଭୁବନେଶ୍ୱର,୯।୯ (ଶର୍ମିଷ୍ଠା ପାଣିଗ୍ରାହୀ)**

ସୃଜନ ଓ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଜୀବନବ୍ୟାପୀ ସାଧନା ପାଇଁ ଅନନ୍ତ ମହାପାତ୍ରଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୩' ପ୍ରଦାନ କରାଯାଇଛି। ତାଙ୍କୁ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ଦିଆଯାଇଛି। ସେହିପରି ନୃତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଡ. ସୋନାଲ ମାନସିଂହଙ୍କୁ ମଧ୍ୟ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ମିଳିଛି। ତେବେ ସେ କୌଣସି କାରଣରୁ ଅନୁପସ୍ଥିତ ରହିଥିବାରୁ ପୁରସ୍କାର ଗ୍ରହଣ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ୪ଜଣ ପ୍ରତିଷ୍ଠିତ କଳାକାରଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ସେମାନେ ହେଲେ ଓଡ଼ିଶୀ ନୃତ୍ୟ ପାଇଁ ଅରୁପା ଗାୟତ୍ରୀ ପଣ୍ଡା ଓ ସିଦ୍ଧି ୱାଇକର, କଥକ ନୃତ୍ୟ ପାଇଁ ବିଶାଲ କ୍ରିଷ୍ଣା ଏବଂ ଓଡ଼ିଶୀ ସଙ୍ଗୀତ (ମର୍ଦ୍ଦଳ ବାଦନ) ପାଇଁ ଅରୂପ ଦାସ। ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କାର ଅର୍ଥରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇଛି। ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ରଞ୍ଜିତା କୁଲ୍‌କର୍ନୀ, ଅନନ୍ତ ମହାପାତ୍ର ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ପରେ ଅରୂପ ଦାସଙ୍କ ଓଡ଼ିଶୀ ମର୍ଦ୍ଦଳ ବାଦନରୁ ଅନ୍ତିମ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଏହାପରେ ସିଦ୍ଧି ୱାଇକରଙ୍କ ଦ୍ୱାରା ନବଗ୍ରହ ଉପରେ ଆଧାରିତ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତି ଥିଲା କଥକ ନୃତ୍ୟ। ଏହାକୁ ପରିବେଷଣ କରିଥିଲେ ବିଶିଷ୍ଟ କଥକ ନୃତ୍ୟଶିଳ୍ପୀ ବିଶାଲ କ୍ରିଷ୍ଣା। ଅରୁପା ଗାୟତ୍ରୀ ପଣ୍ଡାଙ୍କ ଓଡ଼ିଶୀ ନୃତ୍ୟ ଉଦ୍‌ଯାପନୀ ସନ୍ଧ୍ୟାର ଶେଷ ପରିବେଷଣ ଥିଲା। ଏହାର ନୃତ୍ୟ ସଂରଚନା ଗୁରୁ ଅରୁଣା ମହାନ୍ତି ଓ ସଙ୍ଗୀତ ସଂଯୋଜନା ଡ. ସୁବାସ ପାଣି ଓ ଗୁରୁ ବିଜୟ ବାରିକ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଥିଲା।



ଅତିଥିଙ୍କ ସହ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର' ପାଇଥିବା ଅନନ୍ତ ମହାପାତ୍ର (ବାମରୁ ତୃତୀୟ) ଓ ଅନ୍ୟ ପୁରସ୍କୃତ ପ୍ରତିଭା। (ଫଟୋ-ବିକାଶ ନାୟକ)

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ: ୨୨,୫୬୭ ମାମଲା ସମାଧାନ

**କଟକ,୯।୯ (କାର୍ତ୍ତିକ ସାହୁ)**

ନ୍ୟାଶନାଲ ଲିଗାଲ ସର୍ଭିସ୍ ଅଥୋରିଟି(ନାଲସା) ପକ୍ଷରୁ ରାଜ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲିଗାଲ ସର୍ଭିସ୍ ଅଥୋରିଟି(ଓଲସା)ର ପାଟର୍ନ ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ମୋଟ ୨୨,୫୬୭ ମାମଲାର ସମାଧାନ କରାଯାଇଛି। ଜିଲା, ତାଲୁକ ଓ ଖାଉଟି ଅଦାଲତରେ ୧୭,୬୫୨ଟି ଜମିଜମା ବିବାଦ ଓ ଅନ୍ୟାନ୍ୟ ୪୯୧୫ଟି ମାମଲାର ସମାଧାନ ହୋଇଥିଲା। ସମାଧାନ ହୋଇଥିବା ମାମଲାରେ ମୋଟ ୧୩୭ କୋଟି ୫୨ ଲକ୍ଷ ୩୪ ହଜାର ୨୫୨ ଟଙ୍କା ଜରିମାନା ଆଦାୟ ପାଇଁ ସ୍ଥିର ହୋଇଛି। ସେହିପରି ହାଇକୋର୍ଟ ଲିଗାଲ ସର୍ଭିସ କମିଟି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ବିଚାରପତି ସଙ୍ଗମ କୁମାର ସାହୁ, ଏସ.କେ୍ ପାଣିଗ୍ରାହୀ, ଏମ୍.ଏସ୍ ସାହୁ, ଆର୍.କେ ପଟ୍ଟନାୟକ, ଏ.କେ ମହାପାତ୍ର, ବି.ପି ଶତପଥୀ ଓ ବିଚାରପତି ଏସ୍.କେ ମିଶ୍ର ଲୋକ ଅଦାଲତ ମାଧ୍ୟମରେ ମୋଟ ୯୭ଟି ମାମଲାର ଫଇସଲା କରିଥିଲେ। ଏଥିରେ ୪କୋଟି ୭୬ ଲକ୍ଷ ୮୮ ହଜାର ୩୫୫ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ମରକ୍କୋରେ ଭୂକମ୍ପ ...

ହେବା ଆଶଙ୍କାରେ ରାତି ସାରା ଲୋକେ ରାସ୍ତାରେ ଆଶ୍ରୟ ନେଇଥିବା ଦେଖାଯାଇଥିଲା। ବିଗତ ୬ ଦଶନ୍ଧି ମଧ୍ୟରେ ମରକ୍କୋରେ ଏହା ସବୁଠୁ ଭୟାବହ ଭୂକମ୍ପ ବୋଲି କୁହାଯାଉଛି। ବହୁସଂଖ୍ୟାରେ ଘର ଭାଙ୍ଗିଥିବାବେଳେ ବଡ଼ ବିଲ୍ଡିଂଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂକମ୍ପଜନିତ ମୃତ୍ୟୁ ପାଇଁ ଶୋକବ୍ୟକ୍ତ କରିବା ସହ ସମସ୍ତ ସମ୍ଭବ ସହାୟତା ଯୋଗାଇଦେବା ଲାଗି ଭାରତ ପ୍ରସ୍ତୁତ ବୋଲି ଘୋଷଣା କରିଛନ୍ତି।

ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ ଶୁକ୍ରବାର ରାତି ୧୧ଟା ୧୧ ମିନିଟ୍ ସମୟରେ ୬.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ମରକ୍କୋର ପର୍ଯ୍ୟଟକମାନଙ୍କ ହଟ୍‌ସ୍ପଟ୍ ଭାବେ ପରିଚିତ ମାରାକେଶ୍ ସହରର ୭୨ କିଲୋମିଟର ଦକ୍ଷିଣ-ପଶ୍ଚିମ ଦିଗରେ ଭୂକମ୍ପର କେନ୍ଦ୍ରସ୍ଥଳ। ଏହାର ୧୯ ମିନିଟ୍ ପରେ ୪.୯ ତୀବ୍ରତାର ପଶ୍ଚାତ୍ କମ୍ପନ ହୋଇଥିଲା ବୋଲି ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି। ରାବାତ୍, କାସାବ୍ଲାନ୍‌କା ଏବଂ ଇସାଉଇରା ଉପକୂଳ ସହରରେ ଶକ୍ତିଶାଳୀ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ପ୍ରଭାବରେ ଉଚ୍ଚ ଅଟ୍ଟାଳିକାଗୁଡ଼ିକ ଦୋହଲୁଥିବା ଦେଖାଯାଇଥିଲା ବୋଲି ଘରୁ ପଳାଇଯାଇଥିବା ଅମ୍ରାନି କହିଛନ୍ତି। ସମସ୍ତେ ବିସ୍ମିତ ଓ ଆତଙ୍କିତ ହୋଇଯାଇଥିଲେ। ପିଲାମାନେ କାନ୍ଦବୋବାଳି କରୁଥିବାବେଳେ ହସ୍ପିଟାଲରେ ରୋଗୀମାନେ ବ୍ୟାକୁଳ ହୋଇ ଧାଁଦଉଡ଼ କରିଥିଲେ। ୧୨୦ ବର୍ଷରେ ଏହା ଦେଶର ସବୁଠୁ ବଡ଼ ଭୂକମ୍ପ ବୋଲି ଜଣେ ବିଶେଷଜ୍ଞ କହିଛନ୍ତି। ମରକ୍କୋରେ ଭୟାବହ ଭୂକମ୍ପ କ୍ୱଚିତ୍ ହେଉଥିବାରୁ ସେଠାରେ ବିଲ୍ଡିଂଗୁଡ଼ିକୁ ଯଥେଷ୍ଟ ମଜଭୁତ ଭାବେ ନିର୍ମାଣ କରାଯାଇ ନାହିଁ। ତେଣୁ ଅଧିକ ସଂଖ୍ୟାରେ ଘର ଭାଙ୍ଗିଲା ଓ ବହୁସଂଖ୍ୟାରେ ଲୋକ ମୃତାହତ ହେଲେ ବୋଲି ଲଣ୍ଡନର ୟୁନିଭର୍ସିଟି କଲେଜର ପୂର୍ବତନ ପ୍ରଫେସର ବିଲ୍ ମାକ୍‌ଗୁଇର୍ କହିଛନ୍ତି। ମାରାକେଶ୍‌ରେ ଥିବା ଦ୍ୱାଦଶ ଶତାବ୍ଦୀର ପ୍ରସିଦ୍ଧ କୌଟୌବିଆ ମସ୍‌ଜିଦ କ୍ଷତିଗ୍ରସ୍ତ ହୋଇଛି। ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନ ପୁରୁଣା ମାରାକେଶ୍ ସହରର ଚାରିପଟେ ଥିବା ପ୍ରସିଦ୍ଧ ଲାଲ୍ ପ୍ରାଚୀରର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବାର ଭିଡିଓ ସେଠାର ଜନସାଧାରଣ ପୋଷ୍ଟ କରିଛନ୍ତି।

### ଆଣବିକ ଅସ୍ତ୍ରର ଧମକ...

ଓ ସିଦ୍ଧାନ୍ତଗୁଡ଼ିକୁ ନେଇ ସବୁ ରାଷ୍ଟ୍ର କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଉଛୁ। ଏହିକ୍ରମରେ ଅନ୍ୟ କୌଣସି ରାଷ୍ଟ୍ରର ଭୂଖଣ୍ଡ ଉପରେ ମାଡ଼ିବସିବା କିମ୍ବା ତା'ର କ୍ଷେତ୍ରୀୟ ଅଖଣ୍ଡତା ଓ ସାର୍ବଭୌମତ୍ୱ କିମ୍ବା ରାଜନୈତିକ ସ୍ୱାଧୀନତା ଛଡ଼ାଇନେବା ଉଦ୍ଦେଶ୍ୟରେ ଧମକ ଦେବା ଅଥବା ବଳ ପ୍ରୟୋଗ କରିବାରୁ ସବୁ ରାଷ୍ଟ୍ର ନିଜକୁ ଦୂରେଇ ରଖିବେ। ଆଣବିକ ଅସ୍ତ୍ର ପ୍ରୟୋଗ କିମ୍ବା ବ୍ୟବହାର ନେଇ ଧମକ ଦେବା ଆଦୌ ଗ୍ରହଣୀୟ ନୁହେଁ।

ଉକ୍ତ ଘୋଷଣାନାମରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ଜି୨୦ ହେଉଛି ଅନ୍ତର୍ଜାତୀୟ ଆର୍ଥିକ ସହଯୋଗର ଏକ ଅଗ୍ରଣୀ ମଞ୍ଚ। ଭୂରାଜନୈତିକ ଓ ସୁରକ୍ଷା ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଜି୨୦ ଉଦ୍ଦିଷ୍ଟ ନୁହେଁ। ତେବେ ବିଶ୍ୱ ଅର୍ଥନୀତି ଉପରେ ଏହି ପ୍ରସଙ୍ଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଥିବା ବିଷୟ ଘୋଷଣାନାମାରେ ସ୍ୱୀକାର କରାଯାଇଛି। ୟୁକ୍ରେନ୍ ଯୁଦ୍ଧ ପରିପ୍ରେକ୍ଷୀରେ ମାନବୀୟ ଦୁର୍ଦ୍ଦଶା ଏବଂ ବୈଶ୍ୱିକ ଖାଦ୍ୟ, ଶକ୍ତି ସୁରକ୍ଷା, ଯୋଗାଣ ଶୃଙ୍ଖଳ, ସମଷ୍ଟିଗତ ଆର୍ଥିକ ସ୍ଥିରତା, ମୁଦ୍ରାସ୍ଫୀତି ଓ ଅଭିବୃଦ୍ଧି ଉପରେ ନକାରାତ୍ମକ ପ୍ରଭାବକୁ ଆମେ ରେଖାଙ୍କିତ କରିଛୁ। ଏହି ଯୁଦ୍ଧ ରାଷ୍ଟ୍ରଗୁଡ଼ିକର ନୀତିଗତ ପରିବେଶକୁ ଜଟିଳ କରିଦେଇଛି। ବିଶେଷକରି ବିକଶିତ ରାଷ୍ଟ୍ରଗୁଡ଼ିକ କୋଭିଡ୍-୧୯ ମହାମାରୀରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇ ନ ଥିବାବେଳେ ଆର୍ଥିକ ଅଚଳାବସ୍ଥା ନିରନ୍ତର ବିକାଶ ଲକ୍ଷ୍ୟକୁ ପଥଚ୍ୟୁତ କରିଛି। ତେଣୁ ଅନ୍ତର୍ଜାତୀୟ ଆଇନର ସିଦ୍ଧାନ୍ତଗୁଡ଼ିକୁ ବଜାୟ ରଖି ଶାନ୍ତି ଓ ସ୍ଥିରତା ଦିଗରେ ଦେଶଗୁଡ଼ିକ ଅଗ୍ରସର ହେବା ଉଚିତ। ଆଲୋଚନା ଓ କୂଟନୀତି ଜରିଆରେ ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ସଙ୍କଟ ଦୂର ଲାଗି ଉଦ୍ୟମ ହେବା ଉଚିତ ବୋଲି ଏଥିରେ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଜି୨୦ର ଥିମ୍ 'ୱାନ୍ ଆର୍ଥ, ୱାନ୍ ଫାମିଲି, ୱାନ୍ ଫ୍ୟୁଚର'କୁ ଆଗକୁ ବଢ଼ାଇ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଇଛି। ବର୍ତ୍ତମାନର ସମୟକୁ କଦାପି ଯୁଦ୍ଧର ଯୁଗ ନ କରିବା ପାଇଁ ଘୋଷଣାନାମାରେ ଉଲ୍ଲେଖ କରାଯାଇଛି।

## ୨୫ ବର୍ଷରେ ବିଶ୍ୱର ସବୁଠୁ ଭୟଙ୍କର ଭୂକମ୍ପ

ମରକ୍କୋରେ ଶୁକ୍ରବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ହଜାରେରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ବହୁସଂଖ୍ୟାରେ ଆହତ ହୋଇଛନ୍ତି। ଏହାକୁ ମରକ୍କୋରେ ୬ ଦଶନ୍ଧି ମଧ୍ୟରେ ସବୁଠୁ ଭୟାବହ ଭୂକମ୍ପ ବୋଲି କୁହାଯାଉଛି। ଗତ ୨୫ ବର୍ଷ ମଧ୍ୟରେ ବିଶ୍ୱରେ ଘଟିଥିବା ସେହିଭଳି କେତେକ ଭୟଙ୍କର ଭୂକମ୍ପ ସମ୍ପର୍କରେ ଏଠାରେ ଉପସ୍ଥାପନ କରାଯାଇଛି।

**୨୦୨୩ ଫେବୃୟାରୀ ୬:** ତୁର୍କୀ ଏବଂ ସିରିଆରେ ୭.୮ ତୀବ୍ରତାର ଭୂକମ୍ପ ଘଟି ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା।

**୨୦୨୨ ଜୁନ୍ ୨୨:** ଆଫଗାନିସ୍ତାନରେ ଏହି ଦିନ ୬.୧ ତୀବ୍ରତାର ଭୂକମ୍ପ ହେବାରୁ ୧,୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

**୨୦୨୧ ଅଗଷ୍ଟ ୧୪:** ହାଇତିରେ ୭.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇ ୨,୨୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା।

**୨୦୧୮ ସେପ୍ଟେମ୍ବର ୨୮:** ଇଣ୍ଡୋନେସିଆରେ ୭.୫ ତୀବ୍ରତାର ଭୂକମ୍ପ ସାଙ୍ଗକୁ ସୁନାମି ଆସିବାରୁ ୪,୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା।

**୨୦୧୫ ଏପ୍ରିଲ୨୫:** ନେପାଳରେ ୭.୮ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ ଯୋଗୁ ୮,୮୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା।

**୨୦୧୧ ମାର୍ଚ୍ଚ ୧୧:** ଜାପାନର ଉତ୍ତରପୂର୍ବ ଉପକୂଳରେ ୯.୦ ତୀବ୍ରତାର ଭୂକମ୍ପ ଯୋଗୁ ସୁନାମି ଆସି ୧୮,୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

**୨୦୧୦ ଜାନୁୟାରୀ ୧୨:** ହାଇତିରେ ୭.୦ ତୀବ୍ରତାର ଭୂକମ୍ପ ଯୋଗୁ ୩,୧୬,୦୦୦ ଲୋକଙ୍କ ଜୀବନ ଯାଇଥିବା ସରକାର ଆକଳନ କରିଥିଲେ।

**୨୦୦୮ ମେ' ୧୨:** ଚାଇନାର ପୂର୍ବ ସିଚୁଆନ୍‌ରେ ୭.୯ ତୀବ୍ରତାର ଭୂକମ୍ପ ହେବାରୁ ୮୭,୫୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା।

୨୦୦୬ ମେ' ୨୭: ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇ ୫,୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ଭୂକମ୍ପର ତୀବ୍ରତା ଥିଲା ୬.୩।

**୨୦୦୫ ଅକ୍ଟୋବର ୮:** ପାକିସ୍ତାନର କଶ୍ମୀର ଅଞ୍ଚଳରେ ୭.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଯୋଗୁ ୮୦,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

**୨୦୦୫ ମାର୍ଚ୍ଚ ୨୮:** ଇଣ୍ଡୋନେସିଆର ସୁମାତ୍ରା ଉତ୍ତର ଭାଗରେ ୮.୬ ତୀବ୍ରତାର ଭୂକମ୍ପ ଯୋଗୁ ୧,୩୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

**୨୦୦୪ ଡିସେମ୍ବର ୨୬:** ଇଣ୍ଡୋନେସିଆରେ ୯.୧ ତୀବ୍ରତା ବିଶିଷ୍ଟ ସବୁଠୁ ଶକ୍ତିଶାଳୀ ଭୂକମ୍ପ ପ୍ରଭାବରେ ଭାରତ ମହାସାଗରରେ ସୁନାମି ଆସି ପ୍ରାୟ ୧୨ ଦେଶର ୨,୩୦,୦୦୦ ଲୋକଙ୍କ ଜୀବନ ଯାଇଥିଲା।

**୨୦୦୩ ଡିସେମ୍ବର ୨୬:** ଇରାନରେ ୬.୬ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ମୃତ୍ୟୁସଂଖ୍ୟା ୨୦,୦୦୦ରୁ ଅଧିକ ଥିଲା।

**୨୦୦୩ ମେ' ୨୧:** ଆଲଜେରିଆରେ ୬.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇ ୨,୨୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।

**୨୦୦୧ ଜାନୁୟାରୀ ୨୬:** ଭାରତର ଗୁଜରାଟରେ ଶକ୍ତିଶାଳୀ ଭୂକମ୍ପ ହୋଇ ୨୦,୦୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା। ରିକ୍ଟର ସ୍କେଲ୍‌ରେ ଉକ୍ତ ଭୂକମ୍ପର ତୀବ୍ରତା ଥିଲା ୭.୬।

**୧୯୯୯ ଅଗଷ୍ଟ ୧୭:** ତୁର୍କୀର ଇଜ୍‌ମିତ୍‌ରେ ୭.୬ ତୀବ୍ରତାର ଭୂକମ୍ପ ଯୋଗୁ ୧୮,୦୦୦ ଲୋକ ପ୍ରାଣ ହରାଇଥିଲେ।

**୧୯୯୮ ମେ' ୩୦:** ଆଫଗାନିସ୍ତାନର ବଡ଼ଖଶାନ ପ୍ରଦେଶରେ ୬.୬ ତୀବ୍ରତାର ଭୂକମ୍ପ ଯୋଗୁ ୪,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମାନସିକ ଅସ୍ଥିରତା କାରଣରୁ ଉଦ୍‌ବେଗ ଲାଗି ରହିବ। ପରୋକ୍ଷଭାବେ ଶତ୍ରୁତା କରୁଥିବା ଲୋକ ବିଷୟରେ ୨ବନ୍ଧୁଙ୍କ ସହ ଆଲୋଚନା କରିବେ। କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। କିନ୍ତୁ ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ।

**ବୃଷ** ଦୂରସ୍ଥ ସନ୍ତାନଙ୍କ ସମସ୍ୟା ସମାଧାନର ଓ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ରାଜନୈତିକ କ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ଆଗାମୀକାଲିର ମାଙ୍ଗଳିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ, ସମାଲୋଚନାରେ କ୍ଷୁବ୍ଧ ହେବେ।

**ମିଥୁନ** ବହୁ ପୂର୍ବରୁ ଚିନ୍ତା ଓ ଯୋଜନା କରିଥିବା କିଛି ନୂତନ କାମ ସକାଶେ ଚେଷ୍ଟା କରିପାରନ୍ତି। ପଡ଼ୋଶୀଙ୍କ ବୈର ମନୋଭାବରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାଙ୍ଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉପସ୍ଥିତ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ** ପ୍ରତ୍ୟେକ ସ୍ତରରେ ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ। ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ବ୍ୟବସାୟ, ପରିବହନ, କ୍ରୀଡ଼ା, ସଭାସମିତି ଆଦିରେ ସମସ୍ୟା ସମାଧାନ ହେବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍ ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ସାମାଜିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ବୁଦ୍ଧିଜୀବୀଙ୍କ ଦ୍ୱାରା ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ। ପ୍ରବାସରେ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

**କନ୍ୟା** ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା, କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଚିନ୍ତିତ ହେବେ।

**ତୁଳା** ସ୍ଥଗିତ କାମ ଶୃଙ୍ଖଳିତ ନ ହେବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଯଥା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଚିତ୍ରା ନକ୍ଷତ୍ରର ପରିବାରରେ ସୁଖ ଶାନ୍ତି ରାଜୁତି କରିବ, କିନ୍ତୁ ଏଥିପାଇଁ କିଛିଟା ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ।

**ବିଛା** ଆଜି ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ମନୋରଞ୍ଜନରେ, ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ, ବନ୍ଧୁପ୍ରିୟ ହେବେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। କିଛି ଲୋକ ଆପଣଙ୍କ ବିରୋଧରେ ଅପପ୍ରଚାର କରିପାରନ୍ତି।

**ଧନୁ** ଆପଣଙ୍କୁ ବିଦ୍ୟମାନ ସ୍ଥିତିରୁ ସହସା ମୁକ୍ତି ମିଳିବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସାମାଜିକ ସ୍ତରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ଆକସ୍ମିକ ଭାବରେ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି।

**ମକର** ଯୋଜନାବଦ୍ଧ ଭାବରେ ଆରମ୍ଭ କରିବାକୁ ଯାଉଥିବା ନୂତନ କର୍ମଟି ପ୍ରୀତିପଦ ରହିବ। ଶ୍ରବଣା ନକ୍ଷତ୍ରର ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ପରିବାର ଓ ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ। ଯାନବାହନରେ ସତର୍କ ରହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ** ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସହାୟକ ହୋଇପାରେ। ଆଜି ହଠାତ୍ ନୂତନ କର୍ମସଂସ୍ଥାନ ପାଇଁ ମନ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ।

**ମୀନ** ନିଜର ଲୋକମାନଙ୍କ ଚାଲିଚଳଣ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। କେତେକ କାମରେ ପ୍ରତିବନ୍ଧକ ଯୋଗୁ ଆଶାନୁଯାୟୀ ଅଗ୍ରଗତି ହୋଇ ପାରିବ ନାହିଁ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିସ୍ଥିତିବିଶତଃ ଅନ୍ୟ ବାଟରେ ବ୍ୟୟ ହୋଇଯିବ।

ଆଜି ଭାଦ୍ରବ କୃଷ୍ଣପକ୍ଷର ସ୍ମାର୍ତ୍ତସମ୍ମତ କାଳୀୟଦଳନ (ଅଜା) ଏକାଦଶୀ ରବିବାର, ସେପ୍ଟେମ୍ବର ୧୦ ତାରିଖ, ଶ୍ରୀମନ୍ଦିରରେ କାଳୀୟଦଳନ ବେଶ, ଧେନୁକାସୁର ବଧ ପ୍ରସ୍ତାବ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ରାଶି ନକ୍ଷତ୍ର, ପୁନର୍ବସୁ-ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୬ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୧୫ ଗତେ ଘ.୦୧।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୨।୪୯ ଗତେ, ଘ.୦୪/୨୧ ମଧ୍ୟେ ରାହୁକାଳ।

# ଗଣମାଧ୍ୟମର ରୂପ ବଦଳିଛି, ମୌଳିକତା ବଜାୟ ରହିଛି






ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି (ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଆଇନ ଛାତ୍ରୀଛାତ୍ର।

## ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

### ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ, ଖୋର୍ଦ୍ଧା

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୯।୯

ସାମାଜିକ ସ୍ଥିତି, ସକାରାତ୍ମକ ଚିନ୍ତାଧାରା, ସତ୍ୟ ଆଧାରିତ ଖବର ପରିବେଷଣ ଦିଗରେ ଧରିତ୍ରୀ ସବୁବେଳେ ଚେଷ୍ଟାରତ। ଆଉ ଏହି ନିରପେକ୍ଷତା ଏବଂ ସ୍ୱତନ୍ତ୍ରତା ଯୋଗୁ ଆସନ୍ତା ନଭେମ୍ବର ୨୪ରେ ଏହା ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି ବୋଲି ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟଠାରେ ଆୟୋଜିତ ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଉପଲକ୍ଷେ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତପଥୀ ପ୍ରତିଯୋଗିତାର ଆଭିମୁଖ୍ୟ ସହ ଧରିତ୍ରୀର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଆଇନ ଛାତ୍ରୀଛାତ୍ରମାନେ ଅତ୍ୟନ୍ତ ସଚେତନ ହେବା ଜରୁରୀ। ନିଜେ ଆଇନକାନୁନ ସମ୍ପର୍କରେ ଜାଣିଲେ, ଅନ୍ୟମାନଙ୍କୁ ସହଯୋଗ କରିପାରିବ। ନିଜର ବଳିଷ୍ଠ ଯୁକ୍ତି ଦ୍ୱାରା ଅନ୍ୟମାନଙ୍କୁ ନ୍ୟାୟ ଦେବାରେ ସହାୟକ ହୋଇପାରିବେ। ଆଦିମ ଯୁଗରୁ ଗଣମାଧ୍ୟମ ରହିଛି। ଭୁବନେଶ୍ୱରସ୍ଥିତ ଧଉଳିଗିରିରେ ଅଶୋକଙ୍କ କୀର୍ତ୍ତିରେ ଅନେକ ବାର୍ତ୍ତା ରହିଛି। ଜଣେ ବୁଦ୍ଧିଜୀବୀ ଅନ୍ୟ ଜଣେ ବୁଦ୍ଧିଜୀବୀଙ୍କୁ ସୂଚନା ପ୍ରଦାନ କରିବାର ମାଧ୍ୟମ ହେଉଛି ଗଣମାଧ୍ୟମ। ଛାପା, ଟେଲିଗ୍ରାଫ ପରେ ଟେଲିଭିଜନ,ବୈଦ୍ୟୁତିକ ଗଣମାଧ୍ୟମ ଆସିଲାଣି। ସମୟକ୍ରମେ ଗଣମାଧ୍ୟମର ରୂପ ବଦଳିଛି ସତ, ହେଲେ ଆଜି ବି ଏହାର ମୌଳିକତା ବଜାୟ ରହିଛି। ସ୍ୱାଧୀନ ଭାରତରେ ଗଣତନ୍ତ୍ର ପ୍ରଶ୍ନ ପଚାରିବାର ଅଧିକାର ଦେଇଛି। ସ୍ୱାଧୀନ ନାଗରିକଙ୍କ କଥା ସରକାରଙ୍କ ନିକଟରେ ପହଞ୍ଚି ପାରୁଛି। ଯୁବପିଢି ଦେଶର ସମ୍ବଳ। ନିଜ ଦାୟିତ୍ୱ, ଅଧିକାର ପ୍ରତି ସଚେତନ ହେବା ସହ ପ୍ରଶ୍ନ ପଚାରିବାକୁ ସାହସ କରିବାକୁ ସତପଥୀ ଛାତ୍ରୀଛାତ୍ରଙ୍କୁ କହିଥିଲେ। କଲେଜ ଅଧ୍ୟକ୍ଷ ଡ. ଗିରିଶ ରଞ୍ଜନ ସାହୁ କହିଲେ ଯେ, ଯୁବପିଢି ଦେଶର ଭବିଷ୍ୟତ। ଯୁ’ ଅର୍ଥ ଶକ୍ତି। ନିଜ ଶକ୍ତି, ସାମର୍ଥ୍ୟ ଅନୁସାରେ ଆଗକୁ ବଢ଼ିଲେ ସଫଳତା ହାସଲ କରିବ। ସେ ଆହୁରି କହିଲେ ଯେ, ଶିକ୍ଷା ସମୃଦ୍ଧି ଏବଂ ପ୍ରଗତିର ମାର୍ଗ ପ୍ରଶସ୍ତ କରେ। ଏଣୁ ଦେଶର ବିକାଶରେ ଶିକ୍ଷା ଏକ ବଳିଷ୍ଠ ମାଧ୍ୟମ। ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହେଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ ବୋଲି କହିଥାଏ। କଲେଜ ପରିଚାଳନା କମିଟି ସମ୍ପାଦକ ସୁଧୀର କୁମାର ମାନସିଂ କହିଲେ ଯେ, ଉତ୍କଳୀୟ କଳା, ସଂସ୍କୃତି ବିଶ୍ୱକୁ ମାର୍ଗଦର୍ଶନ କରୁଛି। ତେବେ କ’ଣ ଏହି କଳା, ସଂସ୍କୃତିର ରାଜ୍ୟରେ କୌଣସି ପ୍ରତିଭା ନାହାନ୍ତି ଉଚ୍ଚସ୍ତର ବା ଉଚ୍ଚସ୍ଥାନରେ ବସିବା ପାଇଁ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଶ୍ରୀ ଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ରବୀନ୍ଦ୍ର ନାଥ ଠାକୁରଙ୍କ ଉଦାହରଣ ଦେଇ କହିଲେ ଯେ, ନିଷ୍ଠା, ଏକାଗ୍ରତା ଏବଂ ଲକ୍ଷ୍ୟ ସ୍ଥିର ରହିଲେ, ସଫଳତାର ଶୀର୍ଷରେ ପହଞ୍ଚିପାରିବ। ଆଜିର ଯୁବପିଢି ସମାଜ ଗଠନମୂଳକ କାର୍ଯ୍ୟ ପରିବର୍ତ୍ତେ ନିଶା କବଳରେ ରହିଛନ୍ତି। ତେଣୁ ସମସ୍ତେ ନିଜ ଦାୟିତ୍ୱ ପ୍ରତି ସଚେତନ ହେବାକୁ ମାନସିଂ କହିଥିଲେ।

ପ୍ରତିଯୋଗିତାରେ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ୧୩ଜଣ ପ୍ରତିଯୋଗୀ ନିଜସ୍ୱ ଓଜସ୍ୱୀ ଭାଷଣ ବଳରେ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଜନମତ ହେଉଛି ଗଣତନ୍ତ୍ରର ମୂଳପିଣ୍ଡ, ହେଲେ ଗଣମାଧ୍ୟମ ଓ ଯୁବପିଢି ଏହାର ଦୁଇଟି ପ୍ରମୁଖ ଅଙ୍ଗ। ସମାଜର ଜାଗ୍ରତ ପ୍ରହର ଭାବେ ଗଣମାଧ୍ୟମ ତା’ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଯୁବପିଢି ମଧ୍ୟ ଜଣେ ସଚେତନ ନାଗରିକ ଭାବେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ରହିବା ଜରୁରୀ ବୋଲି ପ୍ରତିଯୋଗୀମାନେ କହିଥିଲେ। ପ୍ରତିଯୋଗିତାରେ ନନ୍ଦିନୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରଜ୍ଞା ପଦ୍ମଜା ପଢ଼ିଆରୀ ଦ୍ୱିତୀୟ ଏବଂ ସିପ୍ରାରାଣୀ ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଅଧ୍ୟାପକ ଶୁଭଜିତ୍ ବେହେରା କହିଲେ ଯେ, ଆଜିର ସାମ୍ପ୍ରତିକ ସମୟରେ ଏହି ପ୍ରସଙ୍ଗର ଗୁରୁତ୍ୱ ରହିଛି। ଆଜିର ପ୍ରତିଯୋଗିତା ଯୁବପିଢିଙ୍କୁ ଦାୟିତ୍ୱ ପ୍ରତି ସଚେତନ କରିବା ଦିଗରେ ଏକ ବଳିଷ୍ଠ ମାଧ୍ୟମ। ଗଣମାଧ୍ୟମ ସମାଜରେ ଘଟୁଥିବା କେବଳ ସମସ୍ୟା ନୁହେଁ ବରଂ ସାମ୍ବିଧାନିକ ରାଷ୍ଟ୍ରରେ ସରକାରଙ୍କ ଦୋଷ, ଦୁର୍ବଳତାକୁ ଲୋକଙ୍କ ନଜରକୁ ଆଣିବା ସହ ନାଗରିକମାନଙ୍କୁ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ କରାଇଥାଏ। ସେହିପରି ଅନ୍ୟତମ ବିଚାରକ ଅଧ୍ୟାପିକା ଅର୍ଚ୍ଚିତା ମହାରଣା କହିଲେ, ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ ସହ ଜିଜ୍ଞାସା ମନୋଭାବ ରଖିବା ଆବଶ୍ୟକ। ଆଇନ ଛାତ୍ରୀଛାତ୍ରମାନେ ସମ୍ବିଧାନର ଅଧିକାରକୁ ଜାଣିଲେ, ବୁଝିଲେ, ଅନ୍ୟକୁ ନ୍ୟାୟ ଦେଇପାରିବେ। ଖବରକାଗଜ ପଢ଼ିଲେ ଆଇନ ସମ୍ପର୍କିତ ବହୁ ତଥ୍ୟ ଜାଣିବାକୁ ପାଇବ। ମୋବାଇଲ, ସୋସିଆଲ ମିଡିଆରେ ନିଜ ସମୟ ଅପଚୟ ଅପେକ୍ଷା କଠିନ ପରିଶ୍ରମ କର, ସ୍ୱପ୍ନ ସାକାର ପାଇଁ ପ୍ରଚେଷ୍ଟା ଜାରି ରହିଲେ ସଫଳତା ମିଳିପାରିବ ବୋଲି ଅର୍ଚ୍ଚିତା କହିଥିଲେ। କାର୍ଯ୍ୟକ୍ରମକୁ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ସଂଯୋଜନା କରିଥିବାବେଳେ ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏଥିରେ ସହସମ୍ପାଦକ ଅଜିତ ମହାନ୍ତି, ଜଟଣୀ ପ୍ରତିନିଧି ରବୀନ୍ଦ୍ର ମହାକୁଡ଼ ଏବଂ ନିରାକାରପୁର ପ୍ରତିନିଧି ମାନସ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

#### ବିଜେତାଙ୍କ ମୁଖରୁ



“ଯୁବପିଢ଼ି ଦେଶର ଭବିଷ୍ୟତ। ତେବେ ଯୁବପିଢ଼ି ନିଜ ଦାୟିତ୍ୱ ପ୍ରତି ସଚେତନ ରହିବା ପରିବର୍ତ୍ତେ ସୋସିଆଲ ମିଡିଆରେ ସମୟ ଅପଚୟ ଲକ୍ଷ୍ୟ ଭ୍ରଷ୍ଟ ହେଉଛନ୍ତି। ଏକ ଶୃଙ୍ଖଳିତ, ସମୃଦ୍ଧ ରାଷ୍ଟ୍ର ଗଠନରେ ଯୁବସମାଜର ଏକ ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମକୁ କେବଳ ଦୋଷ ଦେଲେ ହେବନି, ପ୍ରତ୍ୟେକ ନାଗରିକ ନିଜ କର୍ତ୍ତବ୍ୟ, ଦାୟିତ୍ୱ ପ୍ରତି ସଚେତନ ରହିବା ଜରୁରୀ।

– ନନ୍ଦିନୀ ପ୍ରଧାନ, ପ୍ରଥମ



“ଯୁବପିଢି ଉପରେ ଦେଶର ଭବିଷ୍ୟତ ନିର୍ଭର କରେ। ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ନିଜ କର୍ତ୍ତବ୍ୟ ପାଳନ କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ। ସମାଜରେ ଗଣମାଧ୍ୟମର ଏକ ପ୍ରମୁଖ ଭୂମିକା ରହିଛି। ତେବେ ଗଣମାଧ୍ୟମ ସ୍ୱଚ୍ଛ, ସତ୍ୟ ଆଧାରିତ, ସମାଜ ଗଠନମୂଳକ ଖବର ପରିବେଷଣ ପ୍ରତି ଯତ୍ନବାନ ହେବା ଜରୁରୀ।

– ପ୍ରଜ୍ଞା ପଦ୍ମଜା ପଢ଼ିଆରୀ, ଦ୍ୱିତୀୟ



“ଗଣମାଧ୍ୟମ ସମ୍ବିଧାନର ୪ର୍ଥ ସ୍ତମ୍ଭର ମାନ୍ୟତା ରହିଛି। ସମାଜରେ ଘଟୁଥିବା ଘଟଣାବଳୀ, ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଲୋକଙ୍କ ନିକଟରେ ଖବର ପହଞ୍ଚାଇଥାଏ। ଗଣତନ୍ତ୍ର ଦେଶର ଭିତ୍ତିଭୂମି ହେଲେ ଗଣମାଧ୍ୟମ ଓ ଯୁବପିଢି ଏହାର ପ୍ରମୁଖ ଆଧାର। ଉଭୟେ ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ରହିଲେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବେ।

– ସିପ୍ରାରାଣୀ ପାଢ଼ୀ, ତୃତୀୟ


ଚିନ୍ମୟୀ ବେହେରା


ମୋନାଲି ସାହୁ


ସରିତା ଲେଙ୍କା


ଦିୟା ଉଦୟସିଂ


ଲକ୍ଷ୍ମୀ ପ୍ରିୟା


ଲିପା ଆଚାର୍ଯ୍ୟ


ଅଭିଜିତ ରାଜଗୁରୁ


ସୌମ୍ୟରଞ୍ଜନ ଦାଶ


ତିମିତ୍ରି ସ୍ୱାଇଁ


ଶକ୍ତିମୟୀ ପାତ୍ର

# ହସ୍ପିଟାଲ ଲାଟ୍ରିନ୍‌ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ବଲାଙ୍ଗୀର, ୯।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ମହିଳା ମେଡିସିନ୍ ୱାର୍ଡ ଲାଟ୍ରିନ୍‌ରେ ପଡିଥିବା ଏକ ନବଜାତ ଶିଶୁକନ୍ୟାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ଧାର କରିଥିଲେ। କିଭଳି ପରିସ୍ଥିତିରେ ଲାଟ୍ରିନ୍ ଭିତରେ କିଏ ଶିଶୁକୁ ଛାଡି ପଳାଇଛି, ତାକୁ ନେଇ ପୋଲିସ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ତନାଘନା ଚଳାଇଛନ୍ତି। ସିସିଟିଭି ଯାଞ୍ଚ କରାଯାଉଛି। ଉଦ୍ଧାର ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ଶନିବାର ସକାଳ ଭୀମ ଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲର ମହିଳା ମେଡିସିନ୍ ୱାର୍ଡର ଏକ ଲାଟ୍ରିନ୍‌ରେ ଏକ ଶିଶୁ କାନ୍ଦୁଥିବା ଶୁଣାଯାଇଥିଲା। ରୋଗୀ ପରିଜନ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଏହା ଜାଣିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଖବର ଦେଇଥିଲେ। ଶିଶୁକୁ ତୁରନ୍ତ ଉଦ୍ଧାର କରାଯାଇ ଏସ୍‌ଏନ୍‌ସିୟୁରେ ରଖାଯାଇଛି। ଶିଶୁର ଓଜନ ମାତ୍ର ୯ ଶହ ଗ୍ରାମ ରହିଛି। ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା ଉଦ୍ଧାର ଶିଶୁର ସ୍ଥିତି ଗମ୍ଭୀର ରହିଛି ବୋଲି କହିଛନ୍ତି। କିଏ, କିଭଳି ପରିସ୍ଥିତିରେ ଲାଟ୍ରିନ୍‌ରେ ଶିଶୁକନ୍ୟାକୁ ଛାଡି ଯାଇଛନ୍ତି ସେ ନେଇ ପୋଲିସ ଯାଞ୍ଚ କରାଯାଉଛି ବୋଲି କହିଛନ୍ତି। ସିସିଟିଭି ଯାଞ୍ଚ କରାଯିବାରୁ ମହିଳା ମେଡିସିନ୍ ୱାର୍ଡକୁ ଜଣେ ଯୁବତୀ ଏବଂ ଜଣେ ଯୁବକ ମୁହଁକୁ ସମ୍ପୂର୍ଣ୍ଣ ଘୋଡେଇ ହୋଇ ଆସିଥିବା ଏବଂ ଲାଟ୍ରିନ୍ ଭିତରୁ ବାହାରି ପଳାଇ ଯାଉଥିବା ଦେଖିବାକୁ ମିଳିଥିବା ଜଣାପଡିଛି। ଏହି ଦୁଇ ଯୁବତୀ ଏବଂ ଯୁବକ କିଏ ତାକୁ ନେଇ ପୋଲିସ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଯାଞ୍ଚ କରୁଛନ୍ତି। ଘଟଣା ସମ୍ପର୍କରେ ଜଣାପଡିବା ପରେ ଜିଲା ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଟିମ୍ ହସ୍ପିଟାଲରେ ପହଞ୍ଚି ଉଦ୍ଧାର ଶିଶୁକନ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ ପଚରାଯିବାରୁ ଘଟଣା ସମ୍ପର୍କରେ ଖବର ପାଇବା ପରେ ସିଡବ୍ଲ୍ୟୁସି ଏବଂ ଡିସିପିୟୁ ଟିମ୍ ହସ୍ପିଟାଲ ଯାଇ ତଦାରଖ କରିଛନ୍ତି ବୋଲି ସେ କହିଛନ୍ତି। ଏନେଇ ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି, ସିସିଟିଭି ଯାଞ୍ଚ କରାଯାଉଛି। ସେଥିରୁ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।

GANDHI INSTITUTE
B.Ed
BALANGIR
Rajendra University Chowk, Near Look At Me
Call No. 9777988852, 9777988870
www.gandhiinstitute.in

DIRECT ADMISSION NO DONATION
For ARTS & SCIENCE
IMPERIAL PRESIDENCY (+2 COLLEGE)
HIGHER SECONDARY SCHOOL
Admission- 8th Sept. to 18 Sept.
For Arts- 15,000/- Per Year
For Science- 20,000/- Per Year
100% RESULT
Hostel Facility available for (Boys & Girls)
Contact- 8249908311, 9556711974

# ସାପ କାମୁଡ଼ାରେ ଗଲା ମା’ ଝିଅଙ୍କ ଜୀବନ

## କେନ୍ଦୁଝରରେ ଥମୁନି ସର୍ପାଘାତଜନିତ ମୃତ୍ୟୁ

କେନ୍ଦୁଝର,୯।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଥମୁନି ସର୍ପାଘାତଜନିତ ମୃତ୍ୟୁ। ସରକାରୀ ସୂତ୍ର ଅନୁଯାୟୀ, ଜୁଲାଇ ସୁଦ୍ଧା ଜିଲାରେ ସାପ କାମୁଡ଼ାରେ ୨୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜୁଲାଇରୁ ଆଜି ପର୍ଯ୍ୟନ୍ତ ୧୦ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି। ସଦର ଓ ଚମ୍ପୁଆ ଅଞ୍ଚଳରେ ୨ ଆବାସିକ ଛାତ୍ରାବାସରେ ସାପ କାମୁଡ଼ାରେ ୪ ଜଣଙ୍କ ମୃତ୍ୟୁ ଜିଲା ସମେତ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଶନିବାର ପୁଣି ବାଂଶପାଳ ବ୍ଲକ୍ ଅନ୍ତର୍ଗତ ମୁରୁସୁଆଁ ଗ୍ରାମର ରୁଗୁଡ଼ି ସାହିରେ ବିଷାକ୍ତ ସାପ କାମୁଡ଼ାରେ ମା’ ଝିଅଙ୍କ ମୃତ୍ୟୁ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ ମା’ ସୁଖମନୀ ମୁଣ୍ଡା ଓ ତାଙ୍କ ୨ ବର୍ଷର ଶିଶୁକନ୍ୟା ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ସୁରେନ ମୁଣ୍ଡାଙ୍କ ସ୍ତ୍ରୀ ସୁଖମନୀ ତାଙ୍କର ୩ ପୁଅ ଓ ୨ ଝିଅ ସହିତ ଶୁକ୍ରବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ସୁଖମନୀ ଓ ତାଙ୍କର ୨ ବର୍ଷର ଶିଶୁକନ୍ୟାକୁ କାମୁଡ଼ି ଦେଇଥିଲା। ଭୋର ସମୟରେ ମା’ ଶିଶୁ ଉଭୟ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନୟାକୋଟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ସ୍ତ୍ରୀ ଓ ଝିଅକୁ ହରାଇ ବର୍ଷକର ଶିଶୁକନ୍ୟା ସମେତ ୪ ଶିଶୁଙ୍କୁ ଧରି ସୁରେନ କିପରି ପ୍ରତିପୋଷଣ କରିବେ ଚିନ୍ତାରେ ପଡ଼ିଛନ୍ତି। ଅତିରିକ୍ତ ଜିଲା ମେଡିକାଲ ଅଫିସର ଅସୀମ ଦେ କହିଛନ୍ତି, ଜିଲାରେ ସାପ କାମୁଡ଼ାରେ ଅନେକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଧିକାଂଶ ଗରିବ ଆଦିବାସୀ ଶ୍ରେଣୀର। ଡାକ୍ତରଖାନାରେ ଇଞ୍ଜେକଶନ ମହଜୁଦ ଅଛି। ସାପ କାମୁଡ଼ିଥିବା ବିଳମ୍ବରେ ଜାଣି ମେଡ଼ିକାଲରେ ପହଞ୍ଚୁଥିବାରୁ ଚିକିତ୍ସାରେ ମଧ୍ୟ ବିଳମ୍ବ ହେଉଛି। ଫଳରେ ରୋଗୀ ଗୁରୁତର ହୋଇ ମୃତ୍ୟୁବରଣ କରୁଛନ୍ତି। ବିଶେଷକରି ମେ’ରୁ ଅକ୍ଟୋବର ମଧ୍ୟରେ ବିଭିନ୍ନ କାରଣରୁ ସାପ କାମୁଡ଼ା ଘଟଣା ଘଟିଥାଏ। ଏଣୁ ସତର୍କତା ଅଧିକ ଜରୁରୀ ବୋଲି ସେ କହିଛନ୍ତି।

# ସାପକାମୁଡ଼ା ମୃତ୍ୟୁ ପାଇଁ ୬ ଲକ୍ଷ ଟଙ୍କା ଅନୁକମ୍ପା ମିଳୁ

ଭୁବନେଶ୍ୱର,୯।୯(ଅସମାପିକା ସାହୁ)

ରାଜ୍ୟରେ ସାପ କାମୁଡ଼ା ମୃତ୍ୟୁ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଏପରିସ୍ଥିତିରେ ସାପ କାମୁଡ଼ାରେ ମୃତ୍ୟୁ ହେଲେ ମିଳୁଥିବା ଅନୁକମ୍ପା ରାଶିରେ ମଧ୍ୟ ଦ୍ୱନ୍ଦ୍ୱ ଦେଖାଦେଇଛି। ପୂର୍ବରୁ ବାଘ, ଭାଲୁ, ହାତୀ ଆଦି ବନ୍ୟପ୍ରାଣୀଙ୍କ ଦ୍ୱାରା ମୃତ୍ୟୁ ଘଟିଲେ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା ମିଳୁଥିଲା। ଏହାକୁ ବନ ବିଭାଗ ଦେଉଥିଲବେଳେ ଏବେ ଏହା ୬ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ସାପ କାମୁଡ଼ା ମୃତ୍ୟୁରେ ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଉଥିବା ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶିରେ ବୃଦ୍ଧି ହେଉ ଓ ଏହାକୁ ବନ ବିଭାଗ ଦେଉ ବୋଲି ଦାବି ହେଉଛି।

ଗତ ମେ’ ୩ରେ ବନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଡ଼ିଶାରେ ବନ୍ୟ ପ୍ରାଣୀଙ୍କ ଦ୍ୱାରା କାହାର ମୃତ୍ୟୁ ଘଟିଲେ ୱାଇଲ୍ଡ ଲାଇଫ୍ (ପ୍ରୋଟେକ୍ସନ୍) (ଓଡ଼ିଶା) ରୁଲ୍ସ – ୧୯୭୪ ଅନୁଯାୟୀ ପରିବାର ବା ନିକଟତମ ସମ୍ପର୍କୀୟଙ୍କୁ ୬ ଲକ୍ଷ ଟଙ୍କା ମିଳୁଛି। ସେହିପରି ସ୍ଥାୟୀ ଅକର୍ମଣ୍ୟ ଅବସ୍ଥା ବା ସ୍ଥାୟୀ ଭାବେ ଅଙ୍ଗପ୍ରତ୍ୟଙ୍ଗ ନଷ୍ଟ ହେଲେ (୬୦% ରୁ ଅଧିକ ଅକର୍ମଣ୍ୟ) ୨.୫ଲକ୍ଷ ଟଙ୍କା ଏବଂ ୬୦% କମ୍ ହେଲେ ୧.୭୫ ଲକ୍ଷ ଟଙ୍କା ଅନୁକମ୍ପା ଅର୍ଥ ରାଶି ଦିଆଯାଉଛି। ଏଥିସହ ଅନ୍ୟାନ୍ୟ କ୍ଷତି ପାଇଁ ମଧ୍ୟ ଅନୁକମ୍ପା ରହିଛି। ତେବେ ଏହି ଆର୍ଥିକ ଅନୁକମ୍ପା ବନ୍ୟପ୍ରାଣୀଜନିତ ମୃତ୍ୟୁ ବା ଆହତ ପାଇଁ ମିଳୁଛି। କିନ୍ତୁ ବାଘ, ଭାଲୁ, ହାତୀ ପରି ସାପ ମଧ୍ୟ ସଂରକ୍ଷିତ ବନ୍ୟପ୍ରାଣୀ ହୋଇଥିବାରୁ ସାପ କାମୁଡ଼ାଜନିତ ଆର୍ଥିକ ଅନୁକମ୍ପା ମଧ୍ୟ ଆଇନତଃ ବନ ବିଭାଗ ଦେବା ଉଚିତ। ଅର୍ଥାତ୍ ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ଆଦି ବିଷଧର ସାପ କାମୁଡ଼ାରେ ଯଦି କେଉଁ ବ୍ୟକ୍ତିଙ୍କର ମୃତ୍ୟୁ ବା ସ୍ଥାୟୀ ଭାବରେ ଅକର୍ମଣ୍ୟ ହେଉଛନ୍ତି, ତେବେ ତାଙ୍କ ପରିବାର ସଦସ୍ୟ ବା ନିକଟତମ ସମ୍ପର୍କୀୟଙ୍କୁ ଆଇନ ଅନୁଯାୟୀ ମୃତ୍ୟୁ ପାଇଁ ୬ ଲକ୍ଷ ଟଙ୍କା ଏବଂ ଅକର୍ମଣ୍ୟ ଲାଗି ୨.୫ ଲକ୍ଷ ଟଙ୍କା ଦେବା ଉଚିତ। ଗତ ଏପ୍ରିଲ ୧ରୁ ସଂଶୋଧିତ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ – ୧୯୭୨ ଅନୁଯାୟୀ ନାଗ, ତମ୍ପ, ଚନ୍ଦନ ବୋଡ଼ା ଓ ଅହିରାଜ ସିଡ୍ୟୁଲ-୧ ଅନ୍ତର୍ଭୁକ୍ତ। ଅର୍ଥାତ୍ ବାଘ, ହାତୀ, ଭାଲୁ, ମୟୂର ସହିତ ସମାନ। ଚିତି, ରଣା, ଧୂଳିଆ ବୋଡ଼ା ଏହି ୩ ସାପ ସିଡ୍ୟୁଲ-୨ ଅନ୍ତର୍ଭୁକ୍ତ ଅର୍ଥାତ୍ ହରିଣ, ଶୁଆ ଆଦିଙ୍କ ସହିତ ସମାନ। ସାପଙ୍କୁ ଧରିବା, ମାରିବା, ଆଦି ବେଆଇନ ବୋଲି ବନ୍ୟପ୍ରାଣୀ ଆଇନ କହୁଛି ଓ ବନ ବିଭାଗ ଏହାକୁ ପାଳନ କରୁଛି। ସାପମାନେ ସଂରକ୍ଷିତ ବନ୍ୟପ୍ରାଣୀ ହୋଇଥିବାରୁ ସାପ କାମୁଡ଼ାଜନିତ ମୃତ୍ୟୁ ପାଇଁ ଓଡ଼ିଶାର ଲୋକେ ଆଇନ୍ ଅନୁଯାୟୀ ୬ ଲକ୍ଷ ଟଙ୍କା ପାଇବାର ହକ୍‌ଦାର ବୋଲି ସ୍ନେକ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ଏ ସମ୍ପର୍କରେ ଜଣେ ବନ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ଗତ ମେ’ ୩ ପରଠାରୁ ଯେଉଁମାନେ ସାପ କାମୁଡ଼ାରେ ମରିଛନ୍ତି କିମ୍ବା ଅକର୍ମଣ୍ୟ ହୋଇଛନ୍ତି, ସେମାନେ ନିଜ ଅଞ୍ଚଳର ଡିଏଫ୍‌ଓଙ୍କୁ ଦରଖାସ୍ତ ଦିଅନ୍ତୁ। ଯଦି ଡିଏଫ୍‌ଓ ନ ମାନିବେ, ଜଣେ ଓକିଲଙ୍କ ଜରିଆରେ ଆବେଦନ କରନ୍ତୁ। ଆଇନ ଅନୁଯାୟୀ ବନ ବିଭାଗ ସାପ କାମୁଡ଼ା ପାଇଁ ୬ ଲକ୍ଷ ଟଙ୍କା ଓ ଅକର୍ମଣ୍ୟ ପାଇଁ ୨.୫ ଲକ୍ଷ ଟଙ୍କା ଦେବା ଲାଗି ବାଧ୍ୟ ବୋଲି ସେ କହିଛନ୍ତି।

CSIR IMMT Diamond Jubilee 1964-2023
G20 Azadi Ka Amrit Mahotsav
1 week One Lab
One Week One Lab @ CSIR-IMMT
September 11-16, 2023
Shri Narendra Modi, Hon'ble Prime Minister, President, CSIR
Dr Jitendra Singh, Hon'ble Minister (S&T), Vice President, CSIR
Dr (Mrs) N Kalaiselvi, Director General, CSIR & Secretary, DSIR
Dr Ramanuj Narayan, Director, CSIR-IMMT
About OWOL
"Each of the 37 CSIR labs spread across the country is dedicated to a different exclusive area of work and the 'one week, one lab' campaign will offer an opportunity to each one of them to showcase the
About CSIR-IMMT
CSIR-Institute of Minerals and Materials Technology (IMMT) was established on 13.04.1964 as Regional Research Laboratory, Bhubaneswar in the eastern part of India under the aegis of the Council of Scientific and Industrial Research (CSIR), New Delhi. It was renamed in 2007 with a
Celebrations...
Day - 1 (Sep 11, 2023) Inaugural, Jigyasa, Start up, IPR
Day - 2 (Sep 12, 2023) Mineral, Coal, Critical Minerals, REE/PGE
Day - 3 (Sep 13, 2023) Environment, Waste Management, Pipeline Transport
Day - 4 (Sep 14, 2023) Blue Economy
Day - 5 (Sep 15, 2023) Materials, CRTDH
Day - 6 (Sep 16, 2023) Research Scholar's Conclave, Padma Invitees, Senior Citizen's Corner, Valedictory
OPEN for ALL 10:00 AM to 05:00 PM
Attractions: Exhibition & Presentations; Live Demonstrations; Academic-Industry Connect
Beneficiaries: Students & Faculties; Researchers & Technologists; Academia & Industry
CSIR - Institute of Minerals and Materials Technology (IMMT)
Under DSIR, Ministry of Science and Technology, Govt.of India, Bhubaneswar - 751013, Odisha

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୦ ସେପ୍ଟେମ୍ବର, ୨୦୨୩



ଏହି ପୃଥିବୀକୁ ଭଗବାନଙ୍କର ଏକ ରଙ୍ଗଶାଳା ବୋଲି ମନେକର। ତୁମେ ଏଥିରେ ଜଣେ ମୁଖାପିନ୍ଧା ଅଭିନେତା ବୋଲି ନିଜକୁ ଭାବ ଏବଂ ଭଗବାନଙ୍କୁ ତୁମ ମାଧ୍ୟମରେ ତାଙ୍କ ନାଟକ କରିବାକୁ ଛାଡି ଦିଅ। ଯେଉଁମାନେ ତୁମ ଅଭିନୟ ଦେଖି ହସୁଛନ୍ତି ବା ବିରକ୍ତ ହେଉଛନ୍ତି– ସେମାନଙ୍କୁ ମଧ୍ୟ ତୁମର ମୁଖାପିନ୍ଧା ସହଅଭିନେତା ବୋଲି ବୁଝ। ଏବଂ ତୁମ ଅନ୍ତରସ୍ଥ ଭଗବାନଙ୍କୁ ହିଁ ତୁମର ପ୍ରକୃତ ଦର୍ଶକ ଓ ମନ୍ତବ୍ୟଦାତା ବୋଲି ମନେକର। –ଶ୍ରୀଅରବିନ୍ଦ

# ସ୍ୱତନ୍ତ୍ର ଅଧିବେଶନ କାହିଁକି



ଆକାର ପଟେଲ

ସେପ୍ଟେମ୍ବର ୯ରେ 'ପୁରୁଣା ସଂସଦ ଭବନକୁ ବିଦାୟ ଦେବା ପାଇଁ ଉଭୟ ଗୃହର ମିଳିତ ବୈଠକ?' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ପ୍ରଶ୍ନ ଚିହ୍ନ ରହିବା ସ୍ୱାଭାବିକ, କାରଣ ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ କ'ଣ ତାହା ଖୁବ୍ କମ୍ ଲୋକ ଜାଣନ୍ତି। ରିପୋର୍ଟରେ ଲେଖାଥିଲା, ''ଏବକାର ସଂସଦ ଭବନକୁ ବିଦାୟ ଦେବା ପାଇଁ ସେପ୍ଟେମ୍ବର ୧୯ରେ ପ୍ରତିଷ୍ଠିତ ସେଣ୍ଟ୍ରାଲ ହଲ୍‌ରେ ଦୁଇ ଗୃହର ମିଳିତ ବୈଠକ ଡକାଯିବ କି ନାହିଁ ତାହା ଉପରେ ପାଞ୍ଚଦିନିଆ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଅଧିକ କଳ୍ପନାଜଳ୍ପନା ପ୍ରକାଶ ପାଇଛି।'' ଗୋଟିଏ କୋଠାକୁ ବିଦାୟ ଦେବା ପାଇଁ କାହିଁକି ପାଞ୍ଚଦିନ ଦରକାର? ଏକ ଗଣତନ୍ତ୍ରରେ ଆଇନ ଏବଂ ପରିବର୍ତ୍ତନକୁ ଖୋଲା ଏବଂ ସ୍ପଷ୍ଟ ଭାବେ ଆଲୋଚନା କରାଯିବା ଉଚିତ। ତେବେ ଏଭଳି ସ୍ଥିତିରେ କାହିଁକି ଅତ୍ୟଧିକ ଅନୁମାନର ସାମ୍ନାକୁ ଆସୁଛି? କାରଣ ପ୍ରକାଶିତ ରିପୋର୍ଟଟି ପାଠକମାନଙ୍କୁ ଏ ସମ୍ପର୍କରେ କିଛି ସୂଚିତ କରିନାହିଁ। ୩୧ ଅଗଷ୍ଟରେ ପ୍ରଥମେ ଯେତେବେଳେ ଏହି ସ୍ୱତନ୍ତ୍ର ଅଧିବେଶନ ବିଷୟରେ ଘୋଷଣା କରାଗଲା ସେତେବେଳେ ତାହାକୁ ନେଇ ବିଭିନ୍ନ ଆକଳନ ଆରମ୍ଭ ହୋଇଗଲା। କୁହାଗଲା, ଅଗଷ୍ଟ ୧୧ରେ ଗୋଟିଏ ଅଧିବେଶନ ସରିଥିଲାବେଳେ ଏବଂ ଆଗକୁ ନଭେମ୍ବରରେ ଶୀତ ଅଧିବେଶନ ଆସୁଥିବାବେଳେ ପୁଣି କାହିଁକି ଏହା କରାଯାଉଛି। କେତେଜଣ କହିଲେ ଦେଶର ନାମ ଇଣ୍ଡିଆରୁ ଭାରତ କରିବାକୁ ଏହା କରାଗଲା। ଗଣମାଧ୍ୟମ ମଧ୍ୟ ୨ ଦିନ ଏଥିରେ ମାତିଲା। ମନ୍ତ୍ରୀମାନେ ଏହି ପଦକ୍ଷେପ ସପକ୍ଷରେ ଯୁକ୍ତି ବାଢ଼ିଲେ ଯେ, ଏଥିରେ କୌଣସି ଭୁଲ୍ ନାହିଁ। ଅନ୍ୟ ଏକ ଅନୁମାନ ଥିଲା ମହିଳା ସଂରକ୍ଷଣ ବିଲ୍ ପାସ୍ ଉପରେ। ଏହା ମୂଳତଃ ୨୦୦୮ରେ ରାଜ୍ୟ ସଭା ଦ୍ୱାରା ପାରିତ ହୋଇଥିଲା, କିନ୍ତୁ ପରେ ଏହା ଅଟକି ଯାଇଥିଲା। ଯଦି ଏହା ଦରକାର ହୁଏ ତେବେ ଏହି ଆଇନକୁ ସରକାର ପାସ୍ କରିପାରିବେ। କିନ୍ତୁ ଏହାର ସ୍ଥିତି ଏବେ କ'ଣ କେହି ଜାଣନ୍ତି ନାହିଁ। ଗଣମାଧ୍ୟମରେ ଆଉ ଅନୁମାନ ପ୍ରକାଶ ପାଇଥିଲା ଯେ, ସରକାର କୌଣସି କାରଣରୁ ଆଗୁଆ ନିର୍ବାଚନ ଚାହୁଁଛନ୍ତି। ବାଜପେୟୀ ସରକାର ୨୦୦୪ରେ ଯେମିତି କରିଥିଲେ ଏବର ସରକାର ସେମିତି ହୁଏତ କରିପାରନ୍ତି। ଏହି ସିଦ୍ଧାନ୍ତ ସପକ୍ଷରେ ଅଧିକ ସମର୍ଥକ ନାହାନ୍ତି, କିନ୍ତୁ କ'ଣ ହେବ କିଏ ଜାଣେ। ଶୀଘ୍ର ନିର୍ବାଚନ କରିବାରେ ବାଜପେୟୀଙ୍କ ଚାଲ୍ ସଫଳ ହୋଇପାରିଲା ନାହିଁ ଏବଂ ସରକାରର ପତନ ଘଟିଲା। ତେଣୁ ଏହି ଦିଗରେ ବିପଦର ସମ୍ଭାବନା ଅଛି, ସତର୍କତା ଅବଲମ୍ବନ ଜରୁରୀ।

'ଏକ ଦେଶ, ଏକ ନିର୍ବାଚନ'କୁ ନେଇ ସବୁଠୁ ଉତ୍ସୁକ ଅନୁମାନ ପ୍ରକାଶ ପାଇଲା। ଏହି ବ୍ୟବସ୍ଥାରେ ପ୍ରତି ୫ ବର୍ଷରେ ସବୁ ରାଜ୍ୟ କେନ୍ଦ୍ରରେ ଏକାବେଳକେ ନିର୍ବାଚନ ହେବ ଓ ନାଗରିକମାନେ ଏକ ସମୟରେ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ ଦେବେ। ତେବେ ଏହା ସହିତ କ'ଣ ପୌର ନିର୍ବାଚନ ସାମିଲ ହେବ? ଏ ବିଷୟରେ ବି କେହି ଜାଣନ୍ତି ନାହିଁ। ଉପ ନିର୍ବାଚନ ସମ୍ପର୍କରେ କ'ଣ ହେବ? ଏକ ସମୟରେ ଏକାଧିକ ନିର୍ବାଚନ ସକାଶେ ଇଭିଏମ୍‌ଗୁଡ଼ିକୁ କିଭଳି ସୁବ୍ୟବସ୍ଥିତ କରାଯିବ? ଏ ବିଷୟରେ କେହି ଜଣେ ବି ଜାଣନ୍ତି ନାହିଁ। ତେବେ 'ଏକ ଦେଶ, ଏକ ନିର୍ବାଚନ' ବିଚାର ଉପରେ ସମୀକ୍ଷା କରିବାକୁ ପୂର୍ବତନ ରାଷ୍ଟ୍ରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। କିନ୍ତୁ ଏହି କମିଟି ବୈଠକ କରି ସ୍ୱତନ୍ତ୍ର ଅଧିବେଶନ ପାଇଁ ଏହାର ନିଷ୍କର୍ଷକୁ ଠିକ୍ ସମୟରେ କେମିତି ଦେବ ତାହା ସ୍ପଷ୍ଟ କରାଯାଇନାହିଁ। ଗଣମାଧ୍ୟମରେ ଆଉ ଏକ କଥା ଅସିଥିଲା ଯେ ଏହି ଅଧିବେଶନ ଓବିସିଗୁଡ଼ିକର ଉପ-ବର୍ଗୀକରଣ ପାଇଁ ୨୦୧୭ରେ ଗଠିତ ଏକ କମିଶନର ସମୀକ୍ଷା କରିବ, ଯାହାଦ୍ୱାରା ସଂରକ୍ଷଣରେ ଅଧିକ ସମାନତା ଆସିପାରିବ। ସରକାରଙ୍କ ସଂସଦୀୟ ବ୍ୟବସ୍ଥା ସମ୍ମିଳିତ ଦାୟିତ୍ୱର ସହ ଏହାକୁ ନେଉଛି ଅର୍ଥାତ୍ ନିଷ୍ପତ୍ତି ମିଳିତ ଭାବେ କରାଯାଉଛି। କିନ୍ତୁ ଏଠାରେ କ୍ୟାବିନେଟ ଆମ ସମସ୍ତଙ୍କ ପରି ନିଷ୍ପତ୍ତି ବିଷୟରେ ଅନ୍ଧକାରରେ ଅଛି। ଏହା ଦର୍ଶାଇବା ଲାଗି ଅତୀତର ଦୁଇଟି ଉଦାହରଣ ଯଥେଷ୍ଟ। ପ୍ରଥମଟି ଥିଲା ୧୦ ନଭେମ୍ବର ୨୦୧୬ର 'ଆପଣମାନେ ଫୋନ ଆଣନ୍ତୁ ନାହିଁ: ମୋଦିଙ୍କ କ୍ୟାବିନେଟ ବୈଠକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲା ଯେ କେନ୍ଦ୍ର ମନ୍ତ୍ରୀମାନେ ଆମ ସମସ୍ତଙ୍କ ପରି ସେହି ଦିନ ହିଁ ବିମୁଦ୍ରୀକରଣ ବିଷୟରେ ଜାଣିଥିଲେ। ଅର୍ଥାତ୍ ଏହା ଉପରେ ଆଲୋଚନା କିମ୍ବା ବିତର୍କ କରାଯାଇ ନ ଥିଲା। ଅନ୍ୟ ଏକ ଉଦାହରଣ ହେଉଛି ୨୦୨୦ରେ ସରକାର ଦେଶବ୍ୟାପୀ ଲଗାଇଥିବା ଲକ୍‌ଡାଉନକୁ ନେଇ ୨୪୦ ରୁ ଅଧିକ ସୂଚନା ଅଧିକାର ପ୍ରଶ୍ନ ବିସିସିଆଇ ଦାଏର କରିବା। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ, ଅର୍ଥ, ବିପର୍ଯ୍ୟୟ ପରିଚାଳନା ଏବଂ ଅନ୍ୟାନ୍ୟ ବିଭାଗ ଲକ୍‌ଡାଉନ ବିଷୟରେ କ'ଣ ଜାଣିଛନ୍ତି ଏବଂ କିପରି ପ୍ରସ୍ତୁତ ଅଛନ୍ତି ବୋଲି ପ୍ରଶ୍ନ ପଚାରିଥିଲା। ସେମାନେ ଜାଣି ନ ଥିଲେ କିମ୍ବା ପ୍ରସ୍ତୁତ ହୋଇ ନ ଥିଲେ ବୋଲି ଉତ୍ତର ମିଳିଥିଲା।

ଏହି ପ୍ରକାର ସରକାରରେ ଗୁପ୍ତ ତଥ୍ୟ ଓ ପ୍ରମୁଖ ନିଷ୍ପତ୍ତି କ୍ୟାବିନେଟକୁ ଜଣାଯାଏ ନାହିଁ। ସେଭଳି ସ୍ଥିତି ଏବେ ବି ଜାରି ରହିଥିବା ଜଣାପଡୁଛି। ସେଥିପାଇଁ ଏହି ସ୍ୱତନ୍ତ୍ର ଅଧିବେଶନକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଉକ୍ତ ଅଧିବେଶନରେ ମଧ୍ୟ କୌଣସି ପ୍ରଶ୍ନ କାଳ ରହିବ ନାହିଁ। ଏହା ଆଶା କରାଯାଉଛି ସତ, ହେଲେ ଏହାର ଆବଶ୍ୟକତା ନାହିଁ। କାରଣ ଲୋକ ସଭାରେ ପ୍ରଶ୍ନ ପଚରାଗଲେ ତାହାର ଉତ୍ତର ଦିଆଯାଉ ନାହିଁ। ତେଣୁ ପ୍ରଶ୍ନ କରିବାକୁ କାହିଁକି ଅଟକାଯାଉଛି, ଏହାର ଉଦ୍ଦେଶ୍ୟ କ'ଣ? ଅଧିବେଶନରେ ଆଲୋଚନା କରିବାକୁ ଚାହୁଁଥିବା ବିଷୟଗୁଡ଼ିକର ଏକ ତାଲିକା ବିରୋଧୀ ପଠାଇଛନ୍ତି। ଏଥିରେ ମୁଦ୍ରାସ୍ଫୀତି, ଚାକିରି, କୃଷକମାନଙ୍କ ପାଇଁ ଏମ୍‌ଏସ୍‌ପି, ମଣିପୁରରେ ଚାଲିଥିବା ହିଂସା, ଆଦାନୀ ଦୁର୍ନୀତି, ଦେଶରେ ଦେଖାଦେଇଥିବା ସାମ୍ପ୍ରଦାୟିକ ଉତ୍ତେଜନା, ଲଦାଖ ଏବଂ ଅନ୍ୟାନ୍ୟ ସ୍ଥାନରେ ଚାଇନାର କାର୍ଯ୍ୟକଳାପ, ଜାତିଭିତ୍ତିକ ଜନଗଣନାର ଆବଶ୍ୟକତା, ସଂଘୀୟବାଦ ଉପରେ ଚାପ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ। ଏଗୁଡ଼ିକ କାର୍ଯ୍ୟସୂଚୀରେ ନ ଥିବା ମନେହେଉଛି, ଯେଉଁଥିପାଇଁ ଆଲୋଚନା ହେବାର ସମ୍ଭାବନା ନାହିଁ। ସେଗୁଡ଼ିକ ଉପରେ ସରକାର ହିଁ ନିଷ୍ପତ୍ତି ଗ୍ରହଣ କରିବେ। କ'ଣ ଆଲୋଚନା ଏବଂ ପାସ ହେବା ଦରକାର, ସେ ବିଷୟରେ କ୍ୟାବିନେଟ କହିପାରୁ ନ ଥିବାବେଳେ ସେମାନେ ବିରୋଧୀଙ୍କ କଥା କାହିଁକି ଶୁଣିବେ?

Email:aakar.patel@gmail.com

# ସଚେତନତା ଲୋଡ଼ା



ଡା. ସତ୍ୟକାମ ମହାପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମୁତାବକ ସାରା ବିଶ୍ୱରେ ପ୍ରତିବର୍ଷ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଅର୍ଥାତ୍ ପ୍ରତି ଦିନ ୩,୦୦୦ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି। ଯେତେ ଲୋକ ଆତ୍ମହତ୍ୟା କରୁଛନ୍ତି, ତାହାର କୋଡ଼ିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଭାରତ ବର୍ଷରେ ଆତ୍ମହତ୍ୟା ଏକ ଗମ୍ଭୀର ସାମାଜିକ ଓ ସ୍ୱାସ୍ଥ୍ୟଗତ ସମସ୍ୟା ରୂପରେ ପରିଗଣିତ। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଭାରତରେ ଆତ୍ମହତ୍ୟାର ହାର ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ (୨୦୨୧) ରିପୋର୍ଟ ଅନୁସାରେ, ଗତବର୍ଷ ୧ ଲକ୍ଷ ୬୪ ହଜାର ଲୋକ ଆତ୍ମହତ୍ୟା କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ୨୦୨୧ରେ ଆତ୍ମହତ୍ୟା ୭.୧% ବୃଦ୍ଧି ପାଇଛି। ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣଗୁଡ଼ିକ ହେଲା ପାରିବାରିକ କଳହ (୩୩.୨%), ବିଭିନ୍ନ ରୋଗ (ମାନସିକ ରୋଗ, ବିଭିନ୍ନ ଦୁରାରୋଗ୍ୟ) (୧୮.୬%), ବିଭିନ୍ନ ନିଶାଦ୍ରବ୍ୟ ସେବନ(୬.୪%), ବୈବାହିକ ସମ୍ପର୍କରେ ତିକ୍ତତା (୪.୮%), ପ୍ରେମ ସମ୍ପର୍କରେ ବିଫଳତା (୪.୬%), ଆର୍ଥିକ ସଙ୍କଟ (୪%), ବେରୋଜଗାରୀ (୨%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରିଜନିତ ସମସ୍ୟା ଆଦି।

ଆମ ଦେଶରେ ଯୁବବର୍ଗ (୧୮-୩୦ବର୍ଷ) ମଧ୍ୟରେ ଆତ୍ମହତ୍ୟା ସର୍ବାଧିକ (୩୪.୫%) ଦେଖାଦେଉଛି। ପାଖାପାଖି ୧୧ ହଜାର ୧୮ ବର୍ଷରୁ କମ୍ ପିଲା ଏବଂ କିଶୋର କିଶୋରୀମାନେ ୨୦୨୧ରେ ଆତ୍ମହତ୍ୟା କରିଛନ୍ତି। ୧୫ରୁ ୨୪ ବର୍ଷ ବୟସ ଭିତରେ ଯୁବବର୍ଗର ମୃତ୍ୟୁର ପ୍ରମୁଖ କାରଣ ହେଲା ଆତ୍ମହତ୍ୟା। ସାରା ବିଶ୍ୱର ଯୁବକ ଓ ଯୁବତୀମାନଙ୍କ ମଧ୍ୟରୁ ଭାରତୀୟ ଯୁବକ ଓ ଯୁବତୀମାନେ ସର୍ବାଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥା'ନ୍ତି। ଯୁବବର୍ଗରେ ଆତ୍ମହତ୍ୟା ବୃଦ୍ଧି ପାଇବାର ପ୍ରମୁଖ କାରଣଗୁଡ଼ିକ ହେଲା ଅଭିଭାବକଙ୍କ ଆଶାନୁଯାୟୀ ପରୀକ୍ଷାରେ ଅଧିକ ନମ୍ବର ରଖିବାର ଚାପ, ପ୍ରେମ ସମ୍ପର୍କରେ ଅସଫଳ, ଭଲ ଚାକିରି ନ ପାଇବା, ଚାକିରି କ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟଭାର ଆଦି।

ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ, ୨୦୨୧ରେ ୧୩,୦୮୯ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ଏକ ସରକାରୀ ରିପୋର୍ଟ ଅନୁସାରେ, ଗତ ୫ ବର୍ଷ ମଧ୍ୟରେ ଉଚ୍ଚ ଶିକ୍ଷା ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ହାର ବଢ଼ିଛି। ଏଥିମଧ୍ୟରୁ ୩୩ ଛାତ୍ରୀଛାତ୍ର ବିଭିନ୍ନ ଆଇଆଇଟି, ୬୧ ଜଣ ବିଭିନ୍ନ ଆଇଆଇଏମ୍ ଓ ଏନ୍‌ଆଇଟିରେ ଏବଂ ୧୧୯ ଡାକ୍ତରୀ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି। ଗତ କିଛି ମାସ ହେବ ରାଜସ୍ଥାନର କୋଟା ସହର, ଯାହାକି ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ପାଇଁ ସାରା ଭାରତରେ ଜଣାଶୁଣା; ସେଠାରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଉଛି। ଏହି ବର୍ଷ ଏବେ ସୁଦ୍ଧା ପାଖାପାଖି ୨୪ ଜଣ ମେଡିକାଲ ଓ ଇଞ୍ଜିନିୟରିଂ କୋଚିଂ ନେଉଥିବା ବିଦ୍ୟାର୍ଥୀ ଆତ୍ମହତ୍ୟା କରି ସାରିଲେଣି, ଯାହାକି ସାରା ଦେଶକୁ ସ୍ତବ୍ଧ କରିଦେଇଛି।




ସାଧାରଣତଃ ପ୍ରବେଶିକା ପରୀକ୍ଷାର କିଛି ଦିନ ପୂର୍ବ ଓ କିଛି ଦିନ ପର ପର୍ଯ୍ୟନ୍ତ ସମୟ ମଧ୍ୟରେ ଏହି ଆତ୍ମହତ୍ୟା ଦେଖାଦେଇଥାଏ। କେବଳ ଯେ ପରୀକ୍ଷାର ଚାପ ଯୋଗୁ ପିଲାମାନେ ଆତ୍ମହତ୍ୟା କରୁଛନ୍ତି ତାହା ନୁହେଁ, ବରଂ ଏସବୁ ପାଇଁ ଆଉ କେତେକ କାରଣ ଦାୟୀ। ପିଲାମାନଙ୍କ ମଧ୍ୟରେ ଏବେ କ୍ୟାରିୟର ପ୍ରତିଯୋଗିତା ବହୁ ପରିମାଣରେ ବୃଦ୍ଧି ପାଇଛି। ନିଜ ପରିବାରଠାରୁ ଦୂରେଇ ରହି କୋଚିଂ ନେବାର ଚାପ ଯୋଗୁ ପିଲାମାନେ ମାନସିକ ଦୁଶ୍ଚିନ୍ତାର ସମ୍ମୁଖୀନ ହେଉଛନ୍ତି। ମାତ୍ରାଧିକ ସୋସିଆଲ ମେଡିଆର ବ୍ୟବହାର ଯୋଗୁ ଏକାଗ୍ରତା କମୁଛି। ଫଳରେ ସେମାନଙ୍କର ସ୍ମରଣ ଶକ୍ତି ହ୍ରାସ ପାଇବା ସହ ପାଠପଢ଼ାରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡୁଛି। କିଛି ପିଲା ଏସବୁ ମାନସିକ ଦୁଶ୍ଚିନ୍ତା ଯୋଗୁ ହତୋତ୍ସାହିତ ହୋଇ ତାହାକୁ ମୁକାବିଲା କରିପାରୁନାହାନ୍ତି। ଯେହେତୁ ସେମାନେ ପରିବାରଠାରୁ ଦୂରେଇ ରହୁଛନ୍ତି, ତେଣୁ ନିଜ ମନର ଭାବନାକୁ ଅନ୍ୟ କାହାକୁ ଜଣାଇ ପାରୁନାହାନ୍ତି। ସେଥିମଧ୍ୟରୁ କିଛି ଛାତ୍ରୀଛାତ୍ର ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି।

ଆତ୍ମହତ୍ୟା କରିବାର ଯଥେଷ୍ଟ ପୂର୍ବରୁ ବ୍ୟକ୍ତି ଏହା ସମ୍ବନ୍ଧରେ ନିଜ ନିକଟତର ଲୋକଙ୍କୁ କିଛିନା କିଛି ପ୍ରାକ୍ ସୂଚନା ଦେଇଥାଏ। ଯେଭଳି କି ବ୍ୟକ୍ତି ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ, ଏକୁଟିଆ ରହିବାକୁ ବେଶୀ ପସନ୍ଦ କରିଥାଏ, ନିଜର ଦୈନନ୍ଦିନ କାମ ଠିକ୍ ଭାବେ କରେ ନାହିଁ, ରାତିରେ ଅନିଦ୍ରା ରହେ, ଖାଦ୍ୟ ଖାଇବା କମିଯାଏ, ଅତି ଛୋଟ ଛୋଟ କଥାରେ ଭାବବିହ୍ୱଳ ହୋଇଯାଏ, କାନ୍ଦିପକାଏ, ପରିବାରର ଲୋକଙ୍କ ସହିତ ଜୀବନ ଓ ମୃତ୍ୟୁ ବିଷୟରେ ଆଲୋଚନା କରେ, ଇଣ୍ଟରନେଟ୍‌ରୁ ଆତ୍ମହତ୍ୟା ବିଷୟରେ ସର୍ଚ୍ଚ କରେ। ଯଦି ପରିବାରର କୌଣସି ଲୋକଠାରେ ଏସବୁ ଲକ୍ଷଣ ଆପଣ ଦେଖନ୍ତି, ତେବେ ଆପଣ ତୁରନ୍ତ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ। ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ଏବଂ ଯେଉଁମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଉଛି, ସେମାନଙ୍କୁ ଉଚ୍ଚମାନର ମାନସିକ ଚିକିତ୍ସା ପ୍ରଦାନ କରିବା ଜରୁରୀ। ଏଥିପାଇଁ ମନସ୍ତାତ୍ତ୍ୱିକ ଚିକିତ୍ସା ବା କାଉନ୍‌ସେଲିଂ, ଦରକାର ପଡ଼ିଲେ କିଛି ଔଷଧ ମଧ୍ୟ ଦିଆଯାଇଥାଏ। ଯେଉଁ ରୋଗୀମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଅଧିକ ଦେଖାଦେଇଥାଏ କିମ୍ବା ସେମାନେ ଆତ୍ମହତ୍ୟା ଉଦ୍ୟମ କରିଥା'ନ୍ତି, ସେତେବେଳେ ଏହି ବ୍ୟକ୍ତିମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ଦରକାର ପଡ଼ିଥାଏ।

ଯଦି ପରିବାରର କୌଣସି ବ୍ୟକ୍ତିଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ତେବେ ତାଙ୍କର ସମ୍ପର୍କୀୟମାନେ ତାଙ୍କ ମନର ଭାବନା ଓ ସମସ୍ୟା ସମ୍ବନ୍ଧରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ତା' ମନରେ ଉତ୍ସାହ ବଢ଼ାଇଲା ଭଳି କଥାବାର୍ତ୍ତା କରନ୍ତୁ। ତାଙ୍କ ବ୍ୟବହାର ଉପରେ ନଜର ରଖନ୍ତୁ। ବ୍ୟକ୍ତିକୁ କେବେ ବି ଏକୁଟିଆ ଛାଡ଼ନ୍ତୁ ନାହିଁ। ନିଜ ମନରେ ଆତ୍ମହତ୍ୟାର ଚିନ୍ତା ଆସିଲେ ଆପଣ ନିଜ ମନକଥା ନିକଟତର ଲୋକଙ୍କୁ ଜଣାନ୍ତୁ। ନିଜର ଅସୁବିଧା ସମ୍ବନ୍ଧରେ ଅନ୍ୟମାନଙ୍କ ସହିତ ବିଚାରବିମର୍ଶ କରନ୍ତୁ। ଏହି ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଭାବପ୍ରବଣ ହୋଇ ହଠାତ୍ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଏହି ସମୟରେ ଧୈର୍ଯ୍ୟର ସହିତ ସମସ୍ତ କାମ କରନ୍ତୁ।

ଯୁବତୀ ଯୁବକମାନେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସକ୍ଷମତା ବଢ଼ାଇବା ଉଚିତ। ଏହାଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଦରକାର। ଜୀବନରେ ଦେଖାଦେଉଥିବା ଅସୁବିଧାଗୁଡ଼ିକୁ ସମାଧାନ କରିବାର କୌଶଳ ଶିଖନ୍ତୁ। ସମାଜରେ ଅନ୍ୟମାନଙ୍କ ସହିତ ଖାପଖୁଆଇ ଚଳିବାର କୌଶଳ ଶିଖନ୍ତୁ। ଏହାସହ ଛାତ୍ରୀଛାତ୍ରମାନେ ନିଜର ପାଠପଢ଼ାକୁ ଯୋଜନାବଦ୍ଧ ଭାବରେ କରିବା ଉଚିତ। ଫଳରେ ପରୀକ୍ଷାରେ ଭଲ କରିପାରିବେ ଓ ପାଠପଢ଼ାର ମାନସିକ ଚାପ ମଧ୍ୟ କମି ପାରିବ।

ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପାଳନ କରାଯାଇଥାଏ। ଏହି ଦିବସର ପ୍ରମୁଖ୍ୟ ଲକ୍ଷ୍ୟ ହେଲା– ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଓ ଆତ୍ମହତ୍ୟା ସହିତ ଗଭୀର ଭାବେ ଜଡ଼ିତ ମାନସିକ ସମସ୍ୟା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବା। ଆତ୍ମହତ୍ୟାର କାରଣଗୁଡିକ କ'ଣ, ଆତ୍ମହତ୍ୟା ପ୍ରବଣତା ଦେଖାଦେଲେ କ'ଣ କରିବା ଉଚିତ, ଆତ୍ମହତ୍ୟାକୁ କିପରି ରୋକାଯାଇ ପାରିବ, ଏ ସମ୍ବନ୍ଧରେ ଲୋକମାନଙ୍କୁ ଜଣାଇବା ଏହି ଦିବସର ଲକ୍ଷ୍ୟ। ଏହାଛଡ଼ା ଆତ୍ମହତ୍ୟା ବିଷୟରେ ସମାଜରେ ପ୍ରଚଳିତ ନିନ୍ଦା, ଅପବାଦ ଓ କଳଙ୍କମାନଙ୍କୁ ଦୂର କରିବା। ଯଦି ଆମେ ସମସ୍ତେ ଆତ୍ମହତ୍ୟା ପ୍ରତି ସଚେତନ ରହିବା, ତେବେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ।

ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ: ୮୪୫୬୯୧୫୫୦୬

# ନଗର ରାଷ୍ଟ୍ର ମୁଖ୍ୟ

ବ୍ୟକ୍ତିତ୍ୱ



ଥର୍ମାନ ଶନ୍ମୁଗରାତ୍‌ନାମ

ଏସିଆ ମହାଦେଶର ଦ୍ୱୀପ ଦେଶ ତଥା ନଗର ରାଷ୍ଟ୍ର ଭାବେ ପରିଚିତ ସିଙ୍ଗାପୁର ବୈଷୟିକ ଦୃଷ୍ଟିରୁ ସମୃଦ୍ଧ ହୋଇଥିବାରୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଜନସଂଖ୍ୟା ୫୬ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ୯ ପ୍ରତିଶତ ଭାରତୀୟ ବଂଶୋଦ୍ଭବଙ୍କ ଯୋଗଦାନ ଏହି ରାଷ୍ଟ୍ରର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ନିକଟରେ ଶେଷ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ ମୂଳବାସିନ୍ଦା ଥର୍ମାନ ଶନ୍ମୁଗରାତ୍‌ନାମ ସିଙ୍ଗାପୁରର ୯ମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଅନ୍ତର୍ଜାତୀୟ ରାଜନୀତିରେ ଭାରତର ନାମକୁ ଅଧିକ ଉଜ୍ଜ୍ୱଳ କରିଦେଇଛନ୍ତି। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ପରେ ଥର୍ମାନ ଏଭଳି ସୁଯୋଗ ପାଇଛନ୍ତି। ଆସନ୍ତା ୧୩ ତାରିଖରେ ସେ ସିଙ୍ଗାପୁର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ତାଙ୍କ ଜୀବନଯାତ୍ରା ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଥର୍ମାନ ୨୫ ଫେବୃୟାରୀ ୧୯୫୭ରେ ତାମିଲ ପୂର୍ବପୁରୁଷଙ୍କ ଦାୟାଦ ଭାବେ ସିଙ୍ଗାପୁରରେ ଜନ୍ମଗ୍ରହଣ କରିଥିଲେ। ଏମିରଟସ୍ ପ୍ରଫେସର କେ. ଶନ୍ମୁଗରାତ୍‌ନାମଙ୍କ ସେ ତୃତୀୟ ପୁଅ। ପିତା ମେଡିକାଲ ସାଇଣ୍ଟିଷ୍ଟ ଭାବେ ଜଣାଶୁଣା ଓ ସିଙ୍ଗାପୁରରେ 'ଫାଦର ଅଫ୍ ପାଥୋଲୋଜି' ଆଖ୍ୟା ପାଇଥିଲେ। ସିଙ୍ଗାପୁର କ୍ୟାନସର ରେଜିଷ୍ଟ୍ରି ପ୍ରତିଷ୍ଠା କରିବାରେ ପିତାଙ୍କ ଭୂମିକା ଥିଲା ଅନନ୍ୟ। କର୍କଟ ରୋଗ ଗବେଷଣା ଓ ପାଥୋଲୋଜି ସମ୍ବନ୍ଧୀୟ ବହୁ ଅନ୍ତର୍ଜାତୀୟ ସଙ୍ଗଠନର ପିତା ନେତୃତ୍ୱ ନେଉଥିବାରୁ ପିଲାଟି ବେଳୁ ଥର୍ମାନ ଏକ ଉଚ୍ଚଶିକ୍ଷିତ ସମ୍ଭ୍ରାନ୍ତ ପରିବେଶରେ ବଢ଼ିବାର ସବୁ ସୁବିଧା ପାଇଥିଲେ। ସେ ଆଙ୍ଗଲୋ-ଚାଇନିଜ୍ ସ୍କୁଲରୁ ପଢ଼ା ଆରମ୍ଭ କରିଥିଲେ। ପରେ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ (ଏଲ୍‌ଏସ୍‌ଇ)ରୁ ଅର୍ଥନୀତିରେ ବ୍ୟାଚେଲର ଅଫ୍ ସାଇନ୍ସ ଡିଗ୍ରୀ ଅର୍ଜନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୧ରେ ତାଙ୍କୁ ସେଠାରୁ ସମ୍ମାନଜନକ ଫେଲୋଶିପ୍ ମିଳିଥିଲା। ତେବେ ଏଲ୍‌ଏସ୍‌ଇରୁ ପଢ଼ା ଶେଷ କରିବା ପରେ ସେ ୟୁନିଭର୍ସିଟି ଅଫ୍ କ୍ୟାମ୍ବ୍ରିଜ୍‌ର ୱଲ୍‌ସନ କଲେଜରୁ ଅର୍ଥନୀତିରେ ମାଷ୍ଟର ଅଫ୍ ଫିଲୋସଫି କରିଥିଲେ। ଉଚ୍ଚଶିକ୍ଷା ପାଇଁ ସେ ପୁଣି ହାର୍ଭାର୍ଡ ୟୁନିଭର୍ସିଟିର ହାର୍ଭାର୍ଡ କେନେଡି ସ୍କୁଲ ଯାଇଥିଲେ। ସେଠାରୁ ମାଷ୍ଟର ଇନ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ (ଏମ୍‌ପିଏ) ଡିଗ୍ରୀ ଗ୍ରହଣ କରିଥିଲେ।

ଥର୍ମାନଙ୍କ କ୍ୟାରିୟରକୁ କ୍ରୀଡ଼ା ସମୃଦ୍ଧ କରିଥିଲା। ଯୁବାବସ୍ଥାରେ ସେ ଜଣେ ଉତ୍ତମ କ୍ରୀଡ଼ାବିତ୍ ଥିଲେ। ସେ କହନ୍ତି, ପିଲାମାନେ ଟିମ୍‌ର ମୂଲ୍ୟବୋଧ କ୍ରୀଡ଼ାରୁ ପାଇଥାଆନ୍ତି। ବାରମ୍ବାର ଅଭ୍ୟାସ କଲା ବେଳେ ଜଣେ ପଡ଼ିଉଠି ସଫଳତା ପାଇଥାଏ। ସେତିକି ଆତ୍ମବିଶ୍ୱାସ ନେଇ ଜୀବନରେ ଗତି କରୁଥିବା ବ୍ୟକ୍ତିଙ୍କ ଭିତରେ ନମ୍ର ମନୋଭାବ ନିଶ୍ଚିତ ନିହିତ ଥାଏ ବୋଲି ସେ କହିଥାଆନ୍ତି। ବାସ୍ତବିକ ଥର୍ମାନ କ୍ରୀଡ଼ା ଭିତରୁ ଯେଉଁ ଜୀବନାଦର୍ଶ ପାଇଥିଲେ, ତାହା ଅନ୍ୟମାନଙ୍କୁ ବାଣ୍ଟିବାରେ ଖୁସି ପାଇଥିବା କହିଥାଆନ୍ତି। ଜୀବନର ପ୍ରତି ମୁହୂର୍ତ୍ତରେ ଶିଖିବାର ଥାଏ ଭାବି ସେ ୨୦୦୨ରୁ ଚାଇନିଜ୍ କାଲିଗ୍ରାଫି (ସୁଲିପି)ରେ ମନୋନିବେଶ ମଧ୍ୟ କରିଆସିଛନ୍ତି।

କ୍ରୀଡ଼ାବିତ୍, ଅର୍ଥନୀତିଜ୍ଞଙ୍କର ଜୀବନ ଭିତରେ ଥର୍ମାନ ସେବା ମନୋବୃତ୍ତିକୁ ଜୀବନ୍ତ କରି ରଖିଥିବାରୁ ଏବେ ତାଙ୍କୁ ରାଷ୍ଟ୍ରର ସେବା କରିବା ଲାଗି ବିଧିବଦ୍ଧ ସ୍ୱୀକୃତି ମିଳିଯାଇଛି। ଜନକଲ୍ୟାଣ ଦିଗରେ ଅର୍ଥନୀତିକୁ କିଭଳି ପ୍ରୟୋଗ କରାଯାଇପାରିବ ତାହାର କଳା ତାଙ୍କୁ ଜଣାଥିଲା। ତାଙ୍କ ଗବେଷଣାତ୍ମକ କାର୍ଯ୍ୟ ବହୁ ମର୍ଯ୍ୟାଦାଜକ ସଂସ୍ଥାକୁ ପ୍ରଭାବିତ କରିଥିଲା। ସେଥିପାଇଁ ସେ ମନିଟାରି ଅଥରିଟି ଅଫ୍ ସିଙ୍ଗାପୁରର ଅଧ୍ୟକ୍ଷ, ଗଭର୍ନମେଣ୍ଟ ଅଫ୍ ସିଙ୍ଗାପୁର ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନର ଉପାଧ୍ୟକ୍ଷଠାରୁ ଆରମ୍ଭ କରି ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ର ବୋର୍ଡ ଅଫ୍ ଟ୍ରଷ୍ଟିରେ ସଦସ୍ୟ, ଜାତିସଂଘ ମହାସଚିବଙ୍କ ଉଚ୍ଚସ୍ତରୀୟ ଉପଦେଷ୍ଟା ବୋର୍ଡର ସଦସ୍ୟ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଥର୍ମାନଙ୍କ ରାଜନୈତିକ କ୍ୟାରିୟର ୨୦୦୧ରୁ ୨୦୨୩ କାଳଖଣ୍ଡକୁ ଦେଖିଲେ ପ୍ରତିଟି ମୁହୂର୍ତ୍ତକୁ ସେ ପରୀକ୍ଷଣର ସମୟ ଧରିନେଇଥିଲେ। ସମ୍ଭବତଃ ରାଜନୈତିକ କ୍ୟାରିୟରର କମ୍ ବର୍ଷ ଭିତରେ ସେ ୨୦୧୧ରୁ ୨୦୧୯ ଯାଏ ଉପପ୍ରଧାନମନ୍ତ୍ରୀ ରହିଥିଲେ। ୨୦୧୯ରୁ ୨୦୨୩ କ୍ୟାବିନେଟ୍‌ର ସିନିୟର ମିନିଷ୍ଟର ହୋଇଥିଲେ। ଜୁନ୍ ୨୦୨୩ରେ ସେ ରାଷ୍ଟ୍ରପତି ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରି ସରକାରୀ ତଥା ସିଙ୍ଗାପୁରସ୍ ଗଭର୍ନିଂ ପିପୁଲ୍ସ ଆକ୍ସନ ପାର୍ଟି (ପିଏପି)ର ସଦସ୍ୟ ପଦବୀରୁ ଇସ୍ତଫା ଦେଇଥିଲେ। ରାଷ୍ଟ୍ରପତି ପଦବୀ ଅଣରାଜନୈତିକ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିଲେ।

ସେପ୍ଟେମ୍ବର ୧ରେ ରାଷ୍ଟ୍ରପତି ନିର୍ବାଚନ ହେବା ପୂର୍ବରୁ ସେ କହିଥିଲେ 'ସିଙ୍ଗାପୁରବାସୀଙ୍କ ସେବା କରିବା ପାଇଁ ସେ ବିଭିନ୍ନ କ୍ଷେତ୍ରରେ ବହୁ ଦଶନ୍ଧି ଧରି ସୁଯୋଗ ପାଇଥିଲେ ଓ ତାହା ଫଳବତୀ ହେବାକୁ ଯାଉଛି।' ବାସ୍ତବରେ ତାହାହିଁ ହେଲା ଓ ୬୬ ବର୍ଷୀୟ ଅର୍ଥନୀତିଜ୍ଞ, କ୍ରୀଡ଼ାବିତ୍ ତଥା କବି ଭାବେ ପରିଚିତ ଥର୍ମାନ ଏବେ ଅନ୍ତର୍ଜାତୀୟ ସ୍ତରରେ ସିଙ୍ଗାପୁର ପତାକା ଉଚ୍ଚରେ ଉଡ଼ାଇବାକୁ ଯାଉଛନ୍ତି।

ବ୍ୟକ୍ତିଗତ ଜୀବନ କହିଲେ ଚାଇନିଜ୍-ଜାପାନିଜ୍ ମିଶ୍ରିତ ବଂଶଜ ଜାନେ ୟୁମିକୋ ଟୋଗି ହେଉଛନ୍ତି ତାଙ୍କ ଆଇନଜୀବୀ ପତ୍ନୀ। ଦମ୍ପତିଙ୍କର ଗୋଟିଏ ଝିଅ ଓ ତିନି ପୁଅ ଅଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଉତ୍ତରପ୍ରଦେଶ ଲଖିମପୁର ଖେରୀର ଗୋନ୍ଧିୟା ଗ୍ରାମରେ ମଣିଷ ଏବଂ ମାଙ୍କଡ଼ଙ୍କ ମଧ୍ୟରେ ବନ୍ଧୁତ୍ୱର ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି। ଜଣେ ଚାଷୀଙ୍କ ମୃତ୍ୟୁ ପରେ ମାଙ୍କଡ଼ଟି ଜଙ୍ଗଲରୁ ବାହାରି ଶେଷ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ତାଙ୍କ ଘରେ ପହଞ୍ଚିଥିଲା। ଗୋନ୍ଧିୟା ନିବାସୀ ଏହି ଚାଷୀଙ୍କ ନାମ ଚନ୍ଦନଲାଲ କର୍ମା। ତାଙ୍କର ଦେହାନ୍ତ ହେବା ପରେ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ କାନ୍ଦୁଥିଲେ। ହଠାତ୍ ମାଙ୍କଡ଼ଟି ଆସି ମୃତ ଚନ୍ଦନଲାଲଙ୍କ ଉପରେ ପଡ଼ିଥିବା ଚାଦର କାଢ଼ି ତାଙ୍କ ମୁହଁକୁ ଭଲ ଭାବେ ଦେଖିଲା। ଏପରି କି ସେ ପରିବାରର ମହିଳାମାନଙ୍କ କୋଳରେ ମୁଣ୍ଡ ରଖି କାନ୍ଦିବା ସହ ସେମାନଙ୍କ ଉପରେ ହାତ ରଖି ସାନ୍ତ୍ୱନା ମଧ୍ୟ ଦେବା ଦେଖାଯାଇଥିଲା। ଚନ୍ଦନଲାଲ ଓ ମାଙ୍କଡ଼ ମଧ୍ୟରେ ସମ୍ପର୍କ ଗଢ଼ିଉଠିବାର ବାସ୍ତବତା ରହିଛି। ପ୍ରତିଦିନ ଚନ୍ଦନଲାଲ ଫସଲ ଜଗିବାକୁ ଯାଉଥିଲେ। ସେ ସାଙ୍ଗରେ ନେଇଯାଉଥିବା ରୁଟିରୁ ଗୋଟିଏ ମାଙ୍କଡ଼କୁ ଖାଇବାକୁ ଦେଉଥିଲେ। ସେଥିରୁ ଦୁହିଁଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଯାଇଥିଲା। ତେଣୁ ବନ୍ଧୁତ୍ୱର ଋଣ ଶୁଝିବାକୁ ମାଙ୍କଡ଼ଟି ଚାଷୀଙ୍କ ମୃତ୍ୟୁ ପରେ ତାଙ୍କ ଘରେ ପହଞ୍ଚିଥିଲା। ଯେତେବେଳେ ପରିବାର ଓ ଗ୍ରାମବାସୀ ଶେଷ ରୀତିନୀତି ପାଇଁ ଚନ୍ଦନଲାଲଙ୍କ ମୃତଦେହ ନେଇଥିଲେ, ମାଙ୍କଡ଼ ସେଠାରୁ ଜଙ୍ଗଲକୁ ପଳାଇ ଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୯୮

- ମହାରାଷ୍ଟ୍ରର ସମାଜମଙ୍ଗଳ ମନ୍ତ୍ରୀ ବାବନ ରାଓ ଘୋଲାପଙ୍କୁ ବଦନାମ କରିଥିବା ଅଭିଯୋଗରେ ରାଜ୍ୟର ବିଶିଷ୍ଟ ସମାଜସେବୀ ତଥା ଦୁର୍ନୀତି ନିରୋଧ ପ୍ରବକ୍ତା ଆନ୍ନା ହଜାରେଙ୍କୁ ୩ ମାସ ଜେଲ ଦଣ୍ଡାଦେଶ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ଅତିରିକ୍ତ ମହଙ୍ଗାଭତ୍ତା ବୃଦ୍ଧି ସଂକ୍ରାନ୍ତ ଏକ ପ୍ରସ୍ତାବ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ଗୃହୀତ।

## ଚିରନ୍ତନୀ

ଦେଖିଲି ବୃଦ୍ଧା ଏକାକିନୀ ତରୁ ତଳେ
ଛିନ୍ନ ବସନ ନ ପାରେ ବେଢ଼ାଇ ଗଳେ,
ନିଭିଛି ଆଲୋକ ପଳିତ ନୟନ ପତା,
ନ ଚଳେ ଚରଣ ସକଳ ଅଙ୍ଗେ ବ୍ୟଥା।
(ଜୀବନର ସ୍ୱର୍ଣ୍ଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ହେଉ

ମହାଶୟ,

ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଗତ ପାଞ୍ଚବର୍ଷ ଧରି ବନ୍ଦ ରହିଛି। କରୋନା ସମୟରେ ଦୁଇ ତିନି ବର୍ଷ ଏହା ବନ୍ଦ ରହିବା ଯଥାର୍ଥ ଥିଲା। ମାତ୍ର ଏବେ ସ୍ୱାଭାବିକ ସ୍ଥିତିରେ ଏହା ବନ୍ଦ କରିବାର କୌଣସି ଯଥାର୍ଥତା ନାହିଁ। ସଂସଦୀୟ ଗଣତନ୍ତ୍ରରେ ଛାତ୍ର ସଂସଦ ନିର୍ବାଚନ ଅପରିହାର୍ଯ୍ୟ। ଏହି ବ୍ୟବସ୍ଥା ତୃଣମୂଳସ୍ତରରେ ସଫଳ ନେତୃତ୍ୱ ସୃଷ୍ଟିକରେ। ନେତୃତ୍ୱ ବିକାଶ ସହ ସାମାଜିକ ଦାୟିତ୍ୱବୋଧ ଓ ଉତ୍ତରଦାୟିତ୍ୱର ଏହା ମୂଳଭିତ୍ତି। ଏହା ବନ୍ଦ ହେଲେ ରାଜ୍ୟରେ ଭବିଷ୍ୟତରେ ନେତୃତ୍ୱ ସଙ୍କଟ ସୃଷ୍ଟି କରିବ। ସୁତରାଂ ଛାତ୍ର ସଂସଦ ନିର୍ବାଚନ ହେବା ନିହାତି ଆବଶ୍ୟକ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 2 | | | |
| 5 | | | | 1 | | 8 | 7 | 6 |
| | 7 | | 4 | | | 5 | 2 | |
| | 8 | 7 | | | | 3 | | |
| 1 | | | | 7 | | | | 8 |
| | | | | | | 2 | 9 | |
| | | | | 2 | | | | |
| 8 | 3 | | | | | 4 | | |
| 6 | | | | 3 | | | | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 3 | 2 | 7 | 1 | 8 | 5 |
| 3 | 1 | 2 | 9 | 5 | 8 | 6 | 7 | 4 |
| 7 | 5 | 8 | 6 | 4 | 1 | 3 | 2 | 9 |
| 5 | 4 | 9 | 8 | 1 | 2 | 7 | 6 | 3 |
| 1 | 2 | 7 | 4 | 3 | 6 | 9 | 5 | 8 |
| 8 | 3 | 6 | 7 | 9 | 5 | 2 | 4 | 1 |
| 6 | 7 | 1 | 5 | 8 | 9 | 4 | 3 | 2 |
| 2 | 8 | 3 | 1 | 6 | 4 | 5 | 9 | 7 |
| 4 | 9 | 5 | 2 | 7 | 3 | 8 | 1 | 6 |

ଗତ କାଲିର ଉତ୍ତର

**କେଜିବିଭିରେ ଜାତୀୟ ସାକ୍ଷରତା ଦିବସ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ କେଜିବିଭିରେ ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହଷ୍ଟେଲ ପରିସରରେ ଏକ ପଥପ୍ରାନ୍ତ ସଭା ୱାର୍ଡେନ ଅନିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କେଜିବିଭି ହଷ୍ଟେଲ ଇନଚାର୍ଜ ବାସନ୍ତୀ ଛୁରା ଯୋଗଦେଇ ସମସ୍ତେ କିଭଳି ସାକ୍ଷର ହୋଇ ପାରିବେ ତାହା ଉପରେ କହିଥିଲେ। ପରେ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରୀମାନେ ଗାଁ ପରିକ୍ରମା କରିଥିଲେ। ଶିକ୍ଷୟିତ୍ରୀ ରୀତା ବେହେରା, ରୀତା ସାହୁ, ନୀଳମାଧବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## କୋସଲ ସେନା ମହାବନ୍ଦ ଆନ୍ଦୋଳନ ସ୍ଥଗିତ

ଲୋଇସିଂହା,୯।୯(ସୁଶାନ୍ତ ବାରିକ)

କୋସଲ ରାଜ୍ୟ ଦାବିରେ କୋସଲ ସେନା ପକ୍ଷରୁ ପଶ୍ଚିମ ଓଡ଼ିଶା ମହାବନ୍ଦ ଡାକରା ଦିଆଯାଇଥିଲା। ହେଲେ ଏହାପୂର୍ବରୁ ବରଗଡ ପୋଲିସ କୋସଲ ସେନାର କେତେକ ସଦସ୍ୟଙ୍କୁ ଗିରଫ କରିଛି। ଏହାକୁ ନେଇ କୋସଲ ସେନା ତୀବ୍ର ନିନ୍ଦା କରିଛି । ଆସନ୍ତା ୧୧ ତାରିଖରେ ହେବାକୁ ଥିବା ପଶ୍ଚିମ ଓଡ଼ିଶା ମହାବନ୍ଦକୁ ସ୍ଥଗିତ ରଖା ଯାଇଥିବା ରାଜ୍ୟ ସଭାପତି ତଥା ଲୋଇସିଂହା ବ୍ଲକ କୁଶମେଲ ସରପଞ୍ଚ କୌସ୍ତୁବ ସାହୁ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟ ସଭାପତି ସାହୁ କହିଛନ୍ତି ବରଗଡରେ ଦୀର୍ଘ ବର୍ଷ ହେଲା ଅପେରା ବନ୍ଦ ଥିଲା । ପ୍ରଶାସନର ଅନୁମତିରେ ଚଳିତବର୍ଷ ପୁଣି ସେଠାରେ ଅପେରା ଚାଲିଛି। ଏହାକୁ କୋସଲ ସେନାର ସଦସ୍ୟ ବିରୋଧ କରିଥିଲେ । କୋସଲ ସେନାର କେତେକ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି । କୋସଲବାଦୀ ସଂଗଠନ, ସେନା ଉପରେ ପ୍ରଶାସନ ପାୱାର ଦେଖାଇ ସେମାନଙ୍କୁ ଗିରଫ କରିଛି । କୋସଲ ସେନାର ଗିରଫ ସଦସ୍ୟ କିଛି ଅନ୍ୟାୟ କିମ୍ବା ଦୁର୍ନୀତି କରିନାହାନ୍ତି। କୋସଲ ସେନାର ସ୍ୱରକୁ ଚପାଇ ଦେବାକୁ ପ୍ରଶାସନ ଚାହୁଁଛି। ଏଥିପାଇଁ ସେନା ସଦସ୍ୟଙ୍କୁ ଗିରଫ କରି ଜେଲରେ ଭରିଛି । ପ୍ରଶାନର ଏପରି ଦମନରେ କୋସଲ ସେନା ଡରି ଯିବନାହିଁ। ୨୦୨୨ ସେପ୍ଟେମ୍ବର ୭ତାରିଖରେ ପଶ୍ଚିମ ଓଡ଼ିଶାରେ ମହାବନ୍ଦ ପାଳନ ଏବଂ ୫ ଜୁଲାଇରେ ରାଜଧାନୀରେ କୋସଲ ସେନା ତାର ଦମ୍ ଦେଖାଇ ସାରିଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତକୁ ଆଖିଆଗରେ ରଖି ମହାବନ୍ଦକୁ ସ୍ଥଗିତ ରଖାଯାଇଛି ଏବଂ ପରବର୍ତ୍ତୀ ତାରିଖ ନିର୍ଦ୍ଧାରିତ କରାଯିବ ବୋଲି ସେ କହିଛନ୍ତି।

## ଇକୋ ଟୁରିଜମ ପ୍ରକଳ୍ପରେ ମେଗା ବୃକ୍ଷରୋପଣ

ଲୋଇସିଂହା,୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭାଟ ଗାଇଖାଇ ଡ୍ୟାମ ଇକୋ ଟୁରିଜମ ପ୍ରକଳ୍ପ ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ ହଜାର ଚାରା ରୋପଣ କରାଯାଇଛି। ଅଙ୍ଗ ଜଳସେଚନ ପ୍ରକଳ୍ପ ସଭାପତି ଆକାଶ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବିଜୟ ବେହେରା,ସମିତି ସଭ୍ୟ ଶ୍ରୀନିବାସ ମଲ୍ଲିକ, ବରୁଣ ଜୁଏଡ, ହୃଦାନନ୍ଦ ଠାକୁର, ସୁଶୀଲ ଗୁରୁ, ଅରବିନ୍ଦ ଶତପଥୀ, ବିଜୟ ଦାଶ, ପ୍ରଫୁଲ୍ଲ ସାହୁ, ଆଶିଷ ସାହୁ, ଧନଞ୍ଜୟ ମିଶ୍ର, ଶଙ୍ଖାଳି ସାହୁ, ସୁରୁ ମିଶ୍ର ଓ ସାଲେଭଟା ବନ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ଦେଓଗାଁ, ୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଉଦ୍ୟାନକୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କ ପରିଚାଳନାରେ ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଧାନ ଚାଷ ସହ ଉଦ୍ୟାନ କୃଷି ପ୍ରତି ଚାଷୀମାନେ ଆକୃଷ୍ଟ ହେବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ତୁରେକେଲା ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ତିର୍ଯ୍ୟକ କୁମାର ଦାଶ, ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ, ସନସାଇନ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନର ପରିଚାଳନା ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ସାହୁ ମଞ୍ଚାସୀନ ଥିଲେ। କର୍ମଶାଳାରେ ଆମ୍ବ, ଫୁଲ ଓ ମସଲା ଚାଷକୁ ଏକ ମିଶନ ଭାବେ ନିଆଯାଇଥିବାରୁ ଏହା ଉପରେ ଥିବା ସରକାରୀ ସୁବିଧା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା। କର୍ମଶାଳାରେ ଦେଓଗାଁ, ଜରାସିଂହା ଓ ଉଡାର ଆଦି ୩ଟି ପଞ୍ଚାୟତ ଚାଷୀ ତଥା ସନସାଇନ କୃଷକ ଉତ୍ପାଦକ ସଂଗଠନରେ ଅନ୍ତର୍ଭୁକ୍ତ ଚାଷୀମାନେ ଯୋଗଦେଇଥିଲେ।



ଶନିବାର ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫୬ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ଅତିଥି।

# ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶକୁ ଦିଆଯାଉଛି ଗୁରୁତ୍ୱ

ଟିଟିଲାଗଡ଼,୯।୯(ଶରତ ମିଶ୍ର)

**ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫୬ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଣବ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଉଥିବା କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ମହାବିଦ୍ୟାଳୟକୁ ୫-ଟି ରୂପାନ୍ତରଣ ଯୋଜନାରେ ସାମିଲ କାଯାଇଥିବାରୁ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସମ୍ମାନୀତ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଯୋଗଦେଇ ସରକାର ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦକ୍ଷତାର ବିକାଶ ତଥା ଆଧୁନିକ ଜ୍ଞାନକୌଶଳ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବା କହିଥିଲେ। ମୁଖ୍ୟବକ୍ତା ପୁରୀ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟର ପଣ୍ଡିତ ଭାସ୍କର ମିଶ୍ର, ସମ୍ମାନୀତବକ୍ତା ଶିବ ଶଙ୍କର ମିଶ୍ର ଜଗନ୍ନାଥ ସଂସ୍କୃତି ଓ ଚେତନା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ନୂତନ ସ୍ମାର୍ଟକ୍ଲାସ କୋଠା ପାଇଁ ଶିଳାନ୍ୟାସ କରିଥିଲେ। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଜ୍ଞାନ ଆଲୋଚନାଚକ୍ର, କୁଇଜ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଲୋଇସିଂହା,୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଆଲୋଚନା ଚକ୍ରରେ ଆବାହକ ଅଶୋକ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଟଙ୍କଧର ଭୋଇ, ପରିଚାଳନା କମିଟି ସଭାପତି ବୀରଶଙ୍କର ଦେବ, ପ୍ରଧାନଶିକ୍ଷକ ମଣିକର ମାଝି, ବ୍ଲକ ସଂଯୋଜକ ବିଷ୍ଣୁପ୍ରସାଦ ମିଶ୍ର, ପୂର୍ବତନ ସଂଯୋଜକ ଶିବପ୍ରସାଦ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀଅନ୍ନ-ଏକ ମୂଲ୍ୟବର୍ଦ୍ଧିତ ଖାଦ୍ୟ ଅଥବା ଭ୍ରାନ୍ତ ଆହାର ଶୀର୍ଷକରେ ୩୧ଜଣ, ୪୨ ଜଣ ଛାତ୍ରୀଛତ୍ର କୁଇଜ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ବିଜ୍ଞାନ ଶିକ୍ଷକ ଜଗଦାନନ୍ଦ ବିଶ୍ୱାଳ ଓ ତାରାକାନ୍ତ ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ। ଆଲୋଚନା ଚକ୍ରରେ ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱାଗତ ଦାଶ, ଯୋଗୀସର୍ଡା ହରିହର ଉଚ୍ଚ ବିଦ୍ୟାଳୟର ଛାତ୍ରୀ କିରଣମୟୀ ସାହୁ, ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ଛାତ୍ର ରୋହନ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। କନିଷ୍ଠ ବିଭାଗ କୁଇଜରେ ଯୋଗୀସର୍ଡ ହରିହର ଉଚ୍ଚ ବିଦ୍ୟାଳୟର ଛାତ୍ର ନୈତିକ ସାହୁ ପ୍ରଥମ, ଆଦର୍ଶ ବିଦ୍ୟାଳୟ ଛାତ୍ରୀ ପ୍ରତୀକ୍ଷା ସାହୁ ଦ୍ୱିତୀୟ ଓ କୁଶଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର କିରଣ କନ୍ହେର ତୃତୀୟ ହୋଇଛନ୍ତି। ସେହିପରି ବରିଷ୍ଠ ବିଭାଗରେ ବୁର୍ଡା ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ସ୍ମିତା ପଧାନ, କୁଶଙ୍ଗ ପଞ୍ଚାୟତ ହାଇସ୍କୁଲ ଛାତ୍ର ହରେଶ ସାହୁ ଓ ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ଛାତ୍ର ୱେଲସନ୍ ହରପାଲ ଯଥାକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ବିଜ୍ଞାନ ଶିକ୍ଷକ ରାଜକୁମାର ଭୋଇ, ଶଶାଙ୍କ ଶେଖର ସାହୁ, ନରେଶ ଦ୍ୱାରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଳାବ୍ୟାଜ୍ ପିନ୍ଧି ଓଏଭି ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରତିବାଦ

ଖପ୍ରାଖୋଲ, ୯।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ଦାବିରେ କଳାବ୍ୟାଜ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ନିୟମ କ୍ରମଙ୍କ ସଂଖ୍ୟା ୧୫ରୁ ୧୯କୁ ସଂଶୋଧନ, ସରକାରୀ ଏଚଆରଏମଏସର କାର୍ଯ୍ୟକ୍ଷମ ସହ ସରକାରୀ କର୍ମଚାରୀ ମାନ୍ୟତା, ଦିବଂଗତ କର୍ମଚାରୀଙ୍କ ପରିବାରକୁ ସୁବିଧା ସୁଯୋଗ ପ୍ରଦାନ ସହ ଥଇଥାନ ବ୍ୟବସ୍ଥା ରହିଛି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷା ଦମୟନ୍ତୀ ମହାରଣା, ମଧୁସ୍ମିତା ଦାଶ, ପ୍ରତାପ ରୁଦ୍ର ବିଶି, ଧର୍ମରାଜ ସାହୁ, କେତକିକା ସିଂ , ବିକାଶ କୁମାର ସାହୁ ପ୍ରମୁଖ ସାମିଲ ହେଇଥିଲେ।

## ପୋଷଣ ସପ୍ତାହ ପାଳିତ

ଲୋଇସିଂହା, ୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ପଲ୍ଲୀ ଆଲୋକ ପାଠାଗାର ମିଳିତ ଆନୁକୂଲ୍ୟରେ ଗୁଣ୍ଡୁରୁମୁଣ୍ଡା, ଗଣ୍ଡପାଲି ଓ ପାଣ୍ଡେସରା ଗ୍ରାମରେ ପୋଷଣ ସପ୍ତାହ ପାଳିତ ହୋଇଯାଇଛି । ଗ୍ରାମର ମହିଳାମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମକୁ ଅଙ୍ଗନୱାଡି କର୍ମୀ କଳ୍ପନା ସାହୁ, ରୀତାଞ୍ଜଳି ସାହୁ, ରାଜକୁମାରୀ ବାଗ, ଲକ୍ଷ୍ମୀପ୍ରିୟା ଭୋଇ, ଗୋପେଶ୍ୱରୀ ପଧାନ, ଦଶମୀ ନାଗ, ନମିତା ପଧାନ ପରିଚାଳନା କରିଥିଲେ। ପୋଷଣଯୁକ୍ତ ଖାଦ୍ୟ, ସବୁଜ ପନିପରିବା, ବିଭିନ୍ନ ପ୍ରକାରର ଶାଗ ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା। ରକ୍ତହୀତନା ଦୂର ଏବଂ ସୁସ୍ଥତା ପାଇଁ ପୋଷଣର କେତେ ଆବଶ୍ୟକତା ଅଛି ତାହା ଉପରେ ମହିଳାମାନଙ୍କୁ ସଚେତନ କରାଯାଇଥିଲା।

## ୪ ବ୍ରିଜ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଟିଟିଲାଗଡ଼,୯।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ପରାସରାଠାରେ ୪ଟି ବ୍ରିଜର ଶିଳାନ୍ୟାସ ଶନିବାର କରାଯାଇଛି। ରାଜ୍ୟ ସରକାରଙ୍କ ତିନିମନ୍ତ୍ରୀ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ଟୁକୁନି ସାହୁ, ଶ୍ରମମନ୍ତ୍ରୀ ସାରଦାପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ ମିଳିତଭାବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଉପସ୍ଥିତ ଥିଲେ। ଶିଳାନ୍ୟାସ ପୂର୍ବରୁ ମନ୍ତ୍ରୀ ମାନେ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶଧାରାରେ ଟିଟିଲାଗଡ଼କୁ ସାମିଲ କରି ଏକ ନୂତନ ଅଧ୍ୟାୟ ଯୋଡିଛନ୍ତି ବୋଲି କହିଥିଲେ। ମେଗା ଜଳ ସେଚନ ପ୍ରକଳ୍ପ, ଦଶଟି ଗ୍ରାମକୁ ପାନୀୟ ଜଳ ଯୋଗାଣ, ଖୋଲାନଠାରେ ବ୍ରିଜ ନିର୍ମାଣ ଆଦି ଅନେକ କାମ ସାରିଥିବାବେଳେ ଶନିବାର ଚାରିଟି ବ୍ରିଜର ଶିଳାନ୍ୟାସ କରାଯାଇଛି । ଆଗାମୀ ଦିନରେ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ଆହୁରି ଅନେକ କାର୍ଯ୍ୟ ହାତକୁ ନିଆଯିବ ବୋଲି ମନ୍ତୀମାନେ କହିଥିଲେ। ଦିଗଶିରାଠାରେ ଶିଳାନ୍ୟାସ ହୋଇ ଥିବା ବ୍ରିଜ ଯୋଗୁ ଦଶଟି ଗ୍ରାମର ୧୩୯୩୭, ବିନେକେଲାର ଦଶଟି ଗ୍ରାର ୧୩୭୬୩, ସିରକେଲାର ୯ ଟି ଗ୍ରାମର ୯୮୧୮ ଓ ଘୁଡୁପଲର ୮ଟି ଗ୍ରାମର ୭୨୫୫ ଲୋକେ ଉପକୃତ ହେବେ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରାଥମିକ ଚିକିତ୍ସା ତାଲିମ ନେଲେ ଛାତ୍ରୀଛାତ୍ର



ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରୁଛନ୍ତି ଶିକ୍ଷକ ରାମନାରାୟଣ ଦାଶ।

ସଇଁତଳା,୯।୯(ରାଖାଲ ପ୍ରସାଦ ଶତପଥି)

ଶିଶୁ ଓ ମହିଳା ବିକାଶ ସୋସାଇଟି ଅଧ୍ୟକ୍ଷ ମେଜର ଡ଼ା. କଳ୍ପନା ଦାଶଙ୍କ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଡ଼େଙ୍ଗ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ର, ସୁଦର୍ଶନ ଦାଶ, ସମୀର ସେଠୀ, ରେଣୁକା ସାହୁ ଯୋଗଦେଇଥିଲେ। ତାଲିମଦାତାଭାବେ ରାମ ନାରାୟଣ ଦାଶ ଯୋଗଦେଇ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଡ଼େମୋନଷ୍ଟ୍ରେସନ ମାଧ୍ୟମରେ ରିକୋଭରି ପୋଜିସନ, ମୂର୍ଚ୍ଛା, ଅସ୍ଥିଭଗ୍ନ, ରକ୍ତସ୍ରାବ, ଏପିଲେପସି, ବ୍ୟାଣ୍ଡେଜିଙ୍ଗ, ଆହତ ବ୍ୟକ୍ତିଙ୍କୁ ସ୍ଥାନାନ୍ତର କୌଶଳ, ଅଗ୍ନିରୁ ରକ୍ଷା ପାଇବା ଉପାୟ ତଥା ଗୁଡ୍‌ସମରିତାନର ଭୂମିକା ଭଳି ବିଭିନ୍ନ କୌଶଳ ବାବଦରେ ଅବଗତ କରାଇଥିଲେ। ଏହି ଅବସରରେ ଶିଶୁ ଓ ମହିଳା ବିକାଶ ସୋସାଇଟି ତରଫରୁ ସମସ୍ତଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଚନ୍ଦ୍ରଶେଖର ସେଠ କାର୍ଯ୍ୟକ୍ରମ ପରିଚାଳନା, ଲିଙ୍ଗରାଜ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଁ ବି ମିତା ଅଭିଯାନର ଶୁଭାରମ୍ଭ

ବଲାଙ୍ଗୀର,୯।୯
(ବୀରେନ୍ଦ୍ର କୁମାର ଝାଙ୍କର)

ଯୁବଗୋଷ୍ଠୀଙ୍କୁ ଅଧିକରୁ ଅଧିକ ମାତ୍ରାରେ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନେଇ ମୁଁ ବି ମିତା ଅଭିଯାନ ବଲାଙ୍ଗୀର ଉପଜିଲାପାଳଙ୍କ ବୈଠକ ଗୃହଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନର ଶୁଭାରମ୍ଭରେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ମୁଁ ବି ମିତା ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏକ ସୁଦୃଢ଼ ଗଣତନ୍ତ୍ରର ପ୍ରତୀକ ହେଉଛି ସୁସ୍ଥ ସବଳ ରାଷ୍ଟ୍ର। ଗଣତନ୍ତ୍ରର ମହାସ୍ରୋତରେ ପ୍ରତ୍ୟେକ ଛାତ୍ରୀଛାତ୍ର ଏବଂ ବିଶେଷ କରି ଯୁବଗୋଷ୍ଠୀଙ୍କୁ ଭୋଟର ଭାବେ ପଞ୍ଜୀକରଣ ନିମନ୍ତେ ଉତ୍ସାହିତ କରିବା ପାଇଁ ମୁଁ ବି ମିତା ଅଭିଯାନରେ ଯୋଗଦାନ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ୧୮ବର୍ଷର ଯୁବତୀଯୁବକ କିପରି ଏଥିରେ ସାମିଲ ହୋଇ ନିର୍ବାଚନରେ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିପାରିବେ ସେ ସମ୍ପର୍କରେ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ କହିଥିଲେ। ବିଭିନ୍ନ ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଜିଲାପାଳ ଚଞ୍ଚଳ ରାଣା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଉପଜିଲାପାଳ ତାରିଣୀ ସୁନା, ସହକାରୀ ଜିଲାପାଳ ଫାଲଗୁନୀ ଶବର ଯୋଗଦେଇ ଏହି ଅଭିଯାନର ସଫଳ ରୂପାୟନ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

## ମୁରିବାହାଲ କଲେଜରେ ଶ୍ରେଣୀଗୃହ ଉଦ୍‌ଘାଟିତ



ବିଧାୟକ ସନ୍ତୋଷ ସିଂ ସାଲୁଜା ଅତିରିକ୍ତ ଶ୍ରେଣୀ ଗୃହ ଉଦ୍‌ଘାଟନ କରୁଛନ୍ତି ।

ମୁରିବାହାଲ, ୯।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଡିଗ୍ରୀ ଓ ଜୁନିୟର କଲେଜର ୨ଟି ଅତିରିକ୍ତ ଶ୍ରେଣୀଗୃହ ଶନିବାର ଉଦ୍‌ଘାଟିତ ହୋଇଛି । ଜୁନିୟର ମହାବିଦ୍ୟାଳୟଠାରେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ଶ୍ରେଣୀଗୃହ ନିର୍ମାଣ ପାଇଁ ସାଲୁଜା ତାଙ୍କ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ, ଅଧ୍ୟାପକ ହୃଦାନନ୍ଦ ପୁହାଣ, ନରେନ୍ଦ୍ର ପାଣିଗ୍ରାହୀ, ଭବାନୀ ପୋଢ଼, ଶରତ ପଧାନ, ସୋମେଶ ଦତ୍ତ ହୋତା, ଗିରିଧାରୀ ସାହୁ, ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ କୁମାର ବଘାର ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷିଆନ କଳାକାର ମଧୁସୂଦନ ମହାନନ୍ଦଙ୍କ ପରଲୋକ

ମୁରିବାହାଲ, ୯।୯(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ହଳଦୀର ବର୍ଷିଆନ କଳାକାର ମଧୁସୂଦନ ମହାନନ୍ଦଙ୍କର ଶନିବାର ପରଲୋକ ହୋଇଯାଇଛି । ମୃତ୍ୟୁବେଳେକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଟିଟିଲାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଥଲା। ରାୟପୁର ନେବା ବାଟରେ ନୂଆପଡା ନିକଟରେ ମହାନନ୍ଦଙ୍କର ପରଲୋକ ହୋଇଯାଇଥିଲା। ଏହି ଖବର ପ୍ରସାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଶିଷ୍ଟ କଳାକାରଭାବେ ଜଣାଶୁଣା ମହାନନ୍ଦ ଭାରତୀୟ ଦଳିତ ଏକାଡେମୀରୁ ପୁରସ୍କୃତ ହୋଇଥିଲେ। ମଞ୍ଚ ଅଭିନେତାଭାବେ ସେ ପ୍ରସିଦ୍ଧି ଲାଭ କରିଥିବା ଭୁକା ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଅଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରୁ ଅବସର ନେବା ପରେ ସେ ନିଜକୁ ସାମାଜିକ ସେବାରେ ନିୟୋଜିତ କରିଥିଲେ। ଲକ୍ଷେଘରିଆ ଗଣ୍ଡା ସମାଜ ମୁରିବାହାଲ ବ୍ଲକ ସଭାପତି, କୋଶଳି ଲେଖକ, କବି, ନିର୍ଦ୍ଦେଶକ, ହଳଦୀ ସପ୍ତରଙ୍ଗ ସଂସ୍କୃତିକ ସାଂସଦ ସଭାପତି ଓ ହଳଦୀ ପଞ୍ଚାୟତର ସମିତି ସଭ୍ୟଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁବେଳକୁ ତାଙ୍କ ସହଧର୍ମିଣୀ, ପରିବାର ଲୋକେ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ।


ମଧୁସୂଦନ ମହାନନ୍ଦ।

# ୨୧୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ବଲାଙ୍ଗୀର,୯।୯
(ବୀରେନ୍ଦ୍ର କୁମାର ଝାଙ୍କର)

■ କନ୍ଧମାଳରୁ ରାୟପୁର ଚୋରାଚାଲାଣ ହେଉଥିଲା
■ କାର, ବୋଲେରୋ, ପିକ୍‌ଅପ ଭ୍ୟାନ୍ ଜବତ

ବଲାଙ୍ଗୀର-ସୋନପୁର ରାସ୍ତାର ଗିରିଗୋବର୍ଦ୍ଧନଠାରେ ପୁଇଁତଳା ଥାନା ପୋଲିସ ଶନିବାର ସକାଳେ ଏକ ବଡଧରଣର ଗଞ୍ଜେଇ ଚୋରାଚାଲାଣର ପର୍ଦ୍ଦାଫାଶ କରିଛି। ପୋଲିସ ଟିମ୍ ୨୧୦ କେଜି ଗଞ୍ଜେଇ ଜବତ କରିବା ସହ ଏହି ଚୋରାଚାଲାଣ ମାମଲାରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଏକ କାର ଏବଂ ଏକ ବୋଲେରୋ ପିକ୍‌ଅପ ଭ୍ୟାନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ସିଲେଟମୁଣ୍ଡା ଗ୍ରାମର ଚିତ୍ତରଞ୍ଜନ ସାହୁ (୨୭), ଦୁବ୍‌ଲା ଦଙ୍ଗାପାଲିର ସୀତାକାନ୍ତ ଡାଙ୍ଗ (୨୮) ଏବଂ ତରଭା ମାରୱାଡିପଡାର ଦୀପଙ୍କର ସାହୁ (୩୧)। ବୌଦ୍ଧ ଜିଲା କନ୍ଧମାଳ ଅଞ୍ଚଳରୁ ଛତିଶଗଡ ରାୟପୁରକୁ ଏକ ପିକଅପରେ ପ୍ରାୟ ଦୁଇ କୁଇଣ୍ଟାଲ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ବଲାଙ୍ଗୀର ଏସ୍‌ପିଙ୍କୁ ସୂଚନା ମିଳିଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ଟ୍ରେନିଂ ଆଇପିଏସ୍ ଅଫିସର କୁଳଦୀପ ମୀନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଞ୍ଜେଇ ଗାଡି ଉପରେ ଚଢ଼ାଉ କରିଥିଲେ। ଉଦ୍ଧାର ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଇଁତଳା ଥାନାଠାରେ ଟ୍ରେନିଂ ଆଇପିଏସ୍ ଅଧିକାରୀ ମୀନା ଏବଂ ଏସ୍‌ଡିପିଓ ତୋଫାନ୍ ବାଗ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ସୂଚନା ଦେଇଥିଲେ। ରାୟପୁରକୁ ଏହି ଚୋରାଚାଲଣ ହେଉଥିଲା। ଗଞ୍ଜେଇ ଭର୍ତ୍ତି ପିକ୍‌ଅପ ସମ୍ମୁଖରେ କାରଟି ଏସକର୍ଟ କରି ଯାଉଥିଲା। ଏହାକୁ ପୋଲିସ ପକ୍ଷରୁ କାବୁ କରାଯାଇଥିଲା। ଏହି ଗଞ୍ଜେଇ ଚୋରାଚାଲାଣ ରାକେଟ୍‌ରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ ଅଧିକାରୀ ମୀନା ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତଙ୍କୁ ନେଇ ପୋଲିସ ଖବରଦାତା ସମ୍ମିଳନୀ କରୁଛି।



ଜବତ କାର୍ ଏବଂ ପିକ୍‌ଅପ୍ ଭ୍ୟାନ୍।

# ଜନଜାତି ଲୋକକଥା, ଲୋକ ପରମ୍ପରା ସଂରକ୍ଷଣକୁ ଗୁରୁତ୍ୱ

ବୌଦ୍ଧ/ବାଉଁଶୁଣୀ,୯।୯(ଅଜିତ କୁମାର ବାରିକ/ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀଠାରେ ଜିଲାସ୍ତରୀୟ ଜନଜାତି ଲୋକକଥା ଓ ଲୋକ ପରମ୍ପରା ଉପରେ ଦିନିକିଆ କର୍ମଶାଳା ଶନିବାର ଦିନ ୱାଇସିଡିଏ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଫ ଟ୍ରାଇବାଲ ଷ୍ଟଡିଜ୍ ଏଣ୍ଡ ଇଣ୍ଡିଜିନିଅସ ରିସର୍ଚ୍ଚ ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ବୌଦ୍ଧ ଜିଲାର ଜନଜାତି ଲୋକକଥା ଓ ଲୋକ ପରମ୍ପରା ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କର୍ମଶାଳାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ.ଅଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଡ. ଶାନ୍ତନୁ କୁମାର ଦାସ, ମନୁପାଲି ସରପଞ୍ଚ ଭାରତୀ ମଳିକ ଯୋଗ ଦେଇଥିଲେ।


କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

**ଜନଜାତି ଲୋକକଥା ଓ ଲୋକ ପରମ୍ପରା ଉପରେ କର୍ମଶାଳା**

ମିହିର କୁମାର ଜେନା କର୍ମଶାଳା ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଲୁପ୍ତ ହୋଇ ଯାଉଥିବା ଜନଜାତି ଲୋକକଥା ଓ ଲୋକ ପରମ୍ପରା କିପରି ଆଗାମୀ ପିଢି ପାଇଁ ସଂରକ୍ଷଣ କରାଯାଇ ପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ଏଥିପାଇଁ ବହି ପ୍ରସ୍ତୁତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ମତପୋଷଣ କରିଥିଲେ। ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଯୋଗଦେଇ ଜନଜାତି ପରମ୍ପରାକୁ ଉଜ୍ଜୀବିତ କରିବାକୁ ଉତ୍ସାହିତ କରିଥିଲେ। ୱାଇସିଡିଏର ଅଧକ୍ଷ ରାଜେନ୍ଦ୍ର ମେହେର ଏହାର ସଂରକ୍ଷଣ ଦିଗରେ ସମସ୍ତେ ପ୍ରଚେଷ୍ଟା କରିବା ଉଚିତ୍ ବୋଲି କହିଥିଲେ । ଶିକ୍ଷକ ଅର୍ଜୁନ କହଁର ଜନଜାତି ସଂସ୍କୃତି ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ । ସ୍ୱାଧୀନ ପରିଡା, ଜପ ଜନୀ, ନୃସିଂହ ଜାନୀ, ପାର୍ବତୀ ନାୟକ, ରଘୁ ମଲିକ, ସନ୍ତୋଷ ବଡମଲିକ ପ୍ରମୁଖ ଆଦିବାସୀ ଗଳ୍ପ, ଗୀତ, ଢଗଢମାଳି ପରିବେଷଣ କରିଥିଲେ। ନାଟ୍ୟକାର କରୁଣାକର ଘଣ୍ଟୁଆଳ ୫୦ରୁ ଅଧିକ ଢଗ ଢମାଳି ସୁନ୍ଦର ଶୈଳୀରେ ଉପସ୍ଥାପନା କରିଥିଲେ। ଶେଷରେ ରମାକାନ୍ତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚ ସୋନପୁର ଶାଖା ପୁନର୍ଗଠିତ

ସୋନପୁର,୯।୯(ମୃତ୍ୟୁଞ୍ଜୟ ଶତପଥୀ)

ଅଗ୍ରଣୀ ସାମାଜିକ ଏବଂ ସାଂସ୍କୃତିକ ସଂଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସୋନପୁର ଶାଖା ପକ୍ଷରୁ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମମାଟି ସୋନପୁରଠାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ସୁରେଶରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ପଶ୍ଚିମାଞ୍ଚଳର ୧୧ଟି ଜିଲା ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଆଲୋଚନା କରାଯାଇ ଥିଲା। ସୋନପୁର ସମେତ ସମଗ୍ର ପଶ୍ଚିମାଞ୍ଚଳରେ ପର୍ଯ୍ୟଟନର ସମ୍ଭାବନା ରହିଥିବା ବେଳେ ପର୍ଯ୍ୟଟନ କରିଡର କରାଯାଇ ନ ଥିବା ଯୋଗୁ କୌଣସି ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରି ପାରିନାହିଁ। ସେଥିପାଇଁ ସ୍ୱତନ୍ତ୍ର ଯୋଜନା କରିବା ଦିଗରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆଲୋଚନା କରାଯାଇଥିଲା। ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସୋନପୁର ଶାଖା ପୁନର୍ଗଠନ କରାଯାଇ ଭାଗିରଥି ମିଶ୍ରଙ୍କୁ ଜିଲା ସଂଯୋଜକ,



ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତା ।

ଛନ୍ଦଚରଣ ପୁରୋହିତଙ୍କୁ ଜିଲା ସହ ସଂଯୋଜକ, ଲୋକନାଥ ମିଶ୍ରଙ୍କୁ କାର୍ଯ୍ୟକ୍ରମ ସଂଯୋଜକ, କାର୍ତ୍ତିକ ବାଘଙ୍କୁ କାର୍ଯ୍ୟକ୍ରମ ସହ ସଂଯୋଜକ, ଶିବ ଶଙ୍କର ଭୋଇଙ୍କୁ ଯୁବ ସଂଯୋଜକ, ସ୍ୱାଧୀନ ନାଏକଙ୍କୁ ସହ ଯୁବ ସଂଯୋଜକ, ଶଙ୍କର୍ଷଣ ବାଘଙ୍କୁ ସାହିତ୍ୟ ସଂଯୋଜକ, ସୂର୍ଯ୍ୟ ନାରାୟଣ ମହାକୁଡଙ୍କୁ ଗ୍ରାମୀଣ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ୟାମା ଓମ ପ୍ରସାଦ ମିଶ୍ର, ଡ. ପୁରୁଷୋତ୍ତମ ମିଶ୍ର ଏବଂ ଶାଶ୍ୱତ ତ୍ରିପାଠୀଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସୋନପୁର ଶାଖାର ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ବୈଠକରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ କେନ୍ଦ୍ରୀୟ କମିଟିର ଆବାହକ ଭବାନୀଶ ଭୋଇ, ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା, ରକ୍ତଦାନ ଅଭିଯାନ ସଂଯୋଜକ ଶରତ ଚନ୍ଦ୍ର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟମାନେ ଗଡଭିତରସ୍ଥିତ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଝିଅଙ୍କ ଘରକୁ ଯାଇ ପରିବାର ସଦସ୍ୟମାନଙ୍କୁ ଭେଟି ଆଲୋଚନା କରିଥିଲେ। ଗୁରୁଙ୍କ ଜନ୍ମମାଟିରେ ତାଙ୍କର ସ୍ମୃତିରକ୍ଷା ଦିଗରେ ଆଗାମୀ ଦିନରେ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିବା ବିଷୟରେ ସୂଚନା ଦିଆଯାଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

ବଘିଆପଡା,୯।୯(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ବୁରକଟା ଛକଠାରେ ଏକ କଂସାବାସନ ବୋଝେଇ ମାକ୍ସ ପିକ୍ଅପ୍ ଭ୍ୟାନ୍ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଗାଡିର ଚାଳକ ସଂଗ୍ରାମ ମହାପାତ୍ର ଓ ହେଲପର ବିଜୟ ଲେଙ୍କା ଗୁରୁତର ଆହତ ହୋଇଥିବା ଜଣାପଡିଛି । ରାଉରକେଲାରୁ ଓଡି- ୩୩ ଏଡି ୩୬୮୧ ନମ୍ବର ପିକ୍ ଅପ୍ ଭ୍ୟାନ୍‌ଟି ଷ୍ଟିଲ କଂସାବାସନ ନେଇ ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ଦମକଳବାହିନି ପକ୍ଷରୁ ଉଦ୍ଧାର କରାଯାଇ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚାଳକଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗିଥିବା ବେଳେ ଗାଡି ଭାଙ୍ଗିରୁଜି ଯାଇଛି । ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ମଲିକ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

### ସ୍ଲାବ୍ ତଳେ ଚାପି ହୋଇ ଶ୍ରମିକଙ୍କ ମୃତ୍ୟୁ

ସୋନପୁର,୯।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଦୁର୍ଗାମଣ୍ଡପ ଛକ ନିକଟରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପୁରୁଣା କୋଠା ଘରର କଂକ୍ରିଟ୍ ବିମ୍ ଓ ସ୍ଲାବ୍ ଭାଙ୍ଗୁଥିବା ବେଳେ ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଶ୍ରମିକଙ୍କ ନାମ ଶଶିଧର ମହାନନ୍ଦିଆ(୪୬)। ତାଙ୍କ ଘର ବୌଦ୍ଧ ଜିଲା ମନମୁଣ୍ଡା ଥାନା ଧୁଙ୍ଗିଆପଦର ଗ୍ରାମରେ। ଗରିବ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ସୁବର୍ଣ୍ଣପୁର ସହର ଗଙ୍ଗାଧର ମେହେର ଛକରୁ ବଡବଜାର ପର୍ଯ୍ୟନ୍ତ ରାସ୍ତାର ବାମ ପାର୍ଶ୍ୱ ଡ୍ରେନ୍ ଜବରଦଖଲ ଥିଲା। ଲୋକେ ଡ୍ରେନ୍ ଉପରେ ଘର ନିର୍ମାଣ କରିଥିଲେ। ପୌର ପରିଷଦ ପକ୍ଷରୁ ଉଚ୍ଛେଦ ପାଇଁ ଜବରଦଖଲକାରୀଙ୍କୁ ନୋଟିସ ଜାରି ହୋଇଥିଲା। ତଦନୁଯାୟୀ ଜବରଦଖଲ କରିଥିବା ଜଣେ ବ୍ୟକ୍ତି ଦୁର୍ଗାମଣ୍ଡପ ଛକ ନିକଟରେ ଥିବା ତାଙ୍କ ପୁରୁଣା ପୈତୃକ ଘରର ସମ୍ମୁଖ ଅଂଶକୁ ଭାଙ୍ଗିବା ପାଇଁ ଶ୍ରମିକ ନିୟୋଜିତ କରିଥିଲେ। ଶୁକ୍ରବାର ଭଳି ଶନିବାର ମଧ୍ୟ ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳର ୪ରୁ ୫ ଜଣ ଶ୍ରମିକ କାମରେ ଲାଗିଥିଲେ। ଏହି ସମୟରେ ଗ୍ରାଉଣ୍ଡ ଫ୍ଲୋରର କଂକ୍ରିଟ୍ ବିମ୍ ଓ ଛାତ ଶଶିଧରଙ୍କ ଉପରେ ଖସି ପଡିଥିଲା। ସେ ତଳେ ଚାପି ହୋଇ ରହି ଯାଇଥିଲେ। ସୋନପୁର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରୁ ଶ୍ରମିକଙ୍କୁ ଉଦ୍ଧାର କରି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଶ୍ରମିକଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ରିପୋର୍ଟକୁ ଭିତ୍ତି କରି ସୋନପୁର ଥାନାରେ ନଂ ୨୨/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ। ଶ୍ରମିକଙ୍କ ୧୬ ବର୍ଷର ଏକ ପୁତ୍ର ସନ୍ତାନ ଅଛି। ସେ ସୋନପୁର କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ର। ମୃତ ଶ୍ରମିକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ ବୃନ୍ଦ।

ସୋନପୁର,୯।୯(ମୃତ୍ୟୁଞ୍ଜୟ ଶତପଥୀ)

**୧୮୯ ମାମଲା ଫଇସଲା**

ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲାଜଜ୍ ରଶ୍ମି ମୋହନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବାର ଅଦାଲତ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ଅତିରିକ୍ତ ଜିଲା ଜଜ୍ ପୂର୍ଣ୍ଣିମା ଜେନା, ବରିଷ୍ଠ ଦେୱାନୀ ଜଜ୍ ଅମିତାଭ ପଣ୍ଡା, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଦ୍ୟସ୍ନାତା ପତି, ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ୱେଦସ୍ମା ପଟ୍ଟନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମନସ୍ୱିନୀ ମହାପାତ୍ର, ସରକାରୀ ଓକିଲ ବ୍ୟୋମୋକେଶ ଦାଶ, ଆଇନଜୀବୀ ବାବୁଲାଲ ଦାଶ, ଶିବ ନାରାୟଣ ମହାପାତ୍ର, ପ୍ରଣତି କୁମ୍ଭାର ଓ ବ୍ରଜେନ୍ଦ୍ର କୁମାର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ରିକୋଭରି ଓ ମୋଟର ଯାନ ଦୁର୍ଘଟଣା ଭଳି ୧୯୧୨ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୧୦୭ଟିର ଫଇସଲା କରାଯାଇ ମୋଟ ୧୨ଲକ୍ଷ ୫୪ହଜାର ୮୮୫ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ଖାଉଟି, ବୈବାହିକ, ଅପରାଧ ଓ ଚେକ୍ ବାଉନ୍ସ ଭଳି ୨୬୦ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୮୨ଟି ମାମଲାର ଫଇସଲା କରାଯାଇ ୬୨ଲକ୍ଷ ୧୭ହଜାର ୧୨୭ଟଙ୍କା ଜରିମାନା ଆଦାୟ କରା ଯାଇଥିଲା। ଲୋକ ଅଦାଲତରେ ସର୍ବମୋଟ ୧୮୯ଟି ମାମଲାର ଫଇସଲା କରାଯାଇ ୭୪ଲକ୍ଷ ୭୨ହଜାର ୧୨ଟଙ୍କା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଜ୍ୟୋସ୍ନାରାଣୀ ବେହେରା, ସିଦ୍ଧାନ୍ତ କୁମାର ବାଘ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ କଳାକାର ଚୟନ ଶିବିର

ଉଲୁଣ୍ଡା,୯।୯(ଉରୁକ୍ରମ ପାଣ୍ଡିଆ)

କଳାକାରମାନଙ୍କ ଜରିଆରେ ସରକାରୀ ଯୋଜନାର ପ୍ରଚାର ପ୍ରସାର ପାଇଁ ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ରାଜୀବ ଭବନ ପରିସରରେ ବ୍ଲକ ସ୍ତରୀୟ କଳାକାର ଚୟନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିଷ୍ମା ବେସ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୧୧ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିବା ବେଳେ ୮୨ ସାଂସ୍କୃତିକ ଦଳକୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଚୟନ ହୋଇଥିବା ସାଂସ୍କୃତିକ ଦଳର କଳାକାର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହ ସରକାରୀ ଯୋଜନାର କିଭଳି ପ୍ରଚାର ପ୍ରସାର ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କୁହାଯାଇଛି। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ଡାକ୍ତରଖାନା, ୫-ଟି ମାଧ୍ୟମରେ ବିଦ୍ୟାଳୟ ରୂପାନ୍ତରିକରଣ, ହକି ଖେଳର ପ୍ରଚାର ପ୍ରସାର ସମେତ ମମତା ଏବଂ ହରିଶ୍ଚନ୍ଦ୍ର ଯୋଜନାର ସଫଳତା ନେଇ ଏହି କଳାକାରମାନଙ୍କ ଜରିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଫଳରେ ଜନସାଧାରଣ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ ହେବା ସହ ଏହାର ଲାଭ ଉଠାଇ ପାରିବେ। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭାଂସୁ ଶେଖର ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା ଏବଂ ଉଲୁଣ୍ଡା ବ୍ଲକ କଳାକାର ସଂସ୍କୃତି ସଂଘ ଉପସଭାପତି ଶ୍ୟାମ ସୁନ୍ଦର ସୁନା ବିଚାରକ ଭାବେ ଯୋଗଦେଇ କଳାକାର ଚୟନ କରିଥିଲେ।

# ସ୍କୁଲ ପିଲାଙ୍କ ଶିକ୍ଷଣ ପରିଭ୍ରମଣ କାର୍ଯ୍ୟକ୍ରମ

ଅମରପାଲି,୯।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲାର ୬ଗୋଟି ବ୍ଲକରୁ ୧୪୬ ଜଣ ଛାତ୍ରୀଛାତ୍ର ରାଷ୍ଟ୍ରୀୟ ଆବିଷ୍କାର ଯୋଜନା ଅଧୀନରେ ଦୁଇ ଦିନିଆ ଶିକ୍ଷଣ ପରିଭ୍ରମଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ନେତୃତ୍ୱରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ଼ ରାଧାକାନ୍ତ ଗଡତିଆ ଓ ମଞ୍ଜୁଲତା ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ସକାଳେ ଛାତ୍ରୀଛାତ୍ରମାନେ ଶିକ୍ଷଣ ପରିଭ୍ରମଣରେ ଯାଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଗଣେଶ କିଶାନ, ଗୋଲକ ବିହାରୀ ପଣ୍ଡା, ଲକ୍ଷ୍ମଣ ମିଶ୍ରଙ୍କ ମାର୍ଗଦର୍ଶନରେ ଜିଲାର ଷଷ୍ଠରୁ ଅଷ୍ଟମ ଶ୍ରେଣୀର ୧୦୦ ଜଣ ଏବଂ ନବମ ଓ ଦଶମ ଶ୍ରେଣୀର ୪୬ ଜଣ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ପ୍ରଥମ ଦିନ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରିଛନ୍ତି। ପରେ ଜିଲାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ମା' ମେଟାକାନୀ ପୀଠ ପରିଭ୍ରମଣ କରିଛନ୍ତି। ଏହି ଅବସରରେ ସେମାନେ ପାତାଳି ଶ୍ରୀକ୍ଷେତ୍ର ଇତିହାସ ଜାଣିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ପ୍ରକୃତି କୋଳରେ କବିତା ଲିଖନ, ଚିତ୍ର ଅଙ୍କନ ତଥା ଏହି କ୍ଷେତ୍ରରେ ଅବସ୍ଥିତ ପୋଖରୀକୁ ଯାଇ ପରିସଂସ୍ଥା ବିଷୟରେ ବିଭିନ୍ନ ଆବିଷ୍କାର ଅନୁଭୂତି ପାଇଛନ୍ତି। ସହ ଗୋଷ୍ଠୀ ଅଧିକାରୀ କୃଷ୍ଣ ରଞ୍ଜନ ପଣ୍ଡା, ବଟକୃଷ୍ଣ ପାଢ଼ୀ, ଫକୀର ଚରଣ ଭୋଇ ତଥା ବିଭିନ୍ନ ବ୍ଲକରୁ ୨୦ ଜଣ ମାର୍ଗଦର୍ଶକ ଶିକ୍ଷକ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ପ୍ରଥମ ଦିନ ପରିଭ୍ରମଣ ସଫଳତାର ସହ ଶେଷ ହୋଇଛି। ଶନିବାର ରାତିରେ ପିଲାମାନେ ଜିଲା ସଦର ମହକୁମାର ମହାରାଜା ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ରାତ୍ରିଯାପନ କରି ରବିବାର ସମ୍ବଲପୁର ଜିଲା ଅଭିମୁଖେ ଗସ୍ତ କରିବାର ସ୍ଥିରୀକୃତ ହୋଇଛି। ସେଠାରେ ସମଲେଇ ମନ୍ଦିର, ହୀରାକୁଦ ନଦୀବନ୍ଧ, ବୁର୍ଲା ଡାକ୍ତରଖାନା, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ପ୍ଲାନୋଟରିୟମ, ବିଜ୍ଞାନ ପାର୍କ ଆଦି ପରିଭ୍ରମଣ କରି ବିଭିନ୍ନ ଜ୍ଞାନ ତଥା ଅନୁଭୂତି ଲାଭ କରିବାର ଲକ୍ଷ୍ୟ ରଖାଯାଇଛି ।


ପାତାଳୀ ଶ୍ରୀକ୍ଷେତ୍ରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ନୀଳ ଆକାଶ ଲାଗି ସ୍ୱଚ୍ଛ ବାୟୁ ଦିବସ ପାଳିତ

ବିନିକା,୯।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବାଳକ ଉଚ୍ଚ ବିଦ୍ୟାଳୟରେ ଶନିବାର ପ୍ରଧାନଶିକ୍ଷକ ନୀଳାଚଳ ମେହେରଙ୍କ ଅଧ୍ୟକ୍ଷତାରେ ନୀଳ ଆକାଶ ଲାଗି ସ୍ୱଚ୍ଛ ବାୟୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ କାଉନସିଲର ବିଜୟ ବରାଇ, ମୁଖ୍ୟବକ୍ତା ମେଡିକାଲ ଅଫିସର ସନ୍ତୋଷ କୁମାର ବିଭାର, ସମ୍ମାନିତ ଅତିଥି ଭାବେ କାଉନସିଲର ଜିତୁ ମଲ୍ଲିକ, ସମାଜସେବିକା ଦୀପନୀତା ମାହାଣା ଯୋଗଦେଇ ସ୍ୱଚ୍ଛ ବାୟୁର ଉପକାରିତା ବିଷୟରେ ବୁଝାଇଥିଲେ। ଶେଷରେ ଆୟୋଜକ ଜନ ସ୍ୱାସ୍ଥ୍ୟ ଅଧିକାରିଣୀ ବିନ୍ଦୁ ଲୋହାର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ଅଧିକାରିଣୀ ଲୋହାରଙ୍କ ନେତୃତ୍ୱରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

# ସୁସ୍ଥ ପରିବେଶ ପାଇଁ ସ୍ୱଚ୍ଛ ବାୟୁ ଆବଶ୍ୟକ

ଅମରପାଲି,୯।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ସ୍ୱାସ୍ଥ୍ୟ ଉପକେନ୍ଦ୍ର ତରଫରୁ ନୀଳ ଆକାଶ ନିମନ୍ତେ ବ୍ଲକସ୍ତରୀୟ ସ୍ୱଚ୍ଛ ବାୟୁ ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ପିଏଚଇଓ ସ୍ୱର୍ଣ୍ଣପ୍ରଭା ଯୁଏଡ଼ଙ୍କ ତତ୍ତ୍ୱାବଧାନରେ ବାଳିକା ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୨୩୦ ଜଣ ଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଣୀ ହୋତା ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଡା.ସ୍ୱପ୍ନେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡା. ପ୍ରଣବ କୁମାର ମହାପାତ୍ର ଯୋଗଦେଇ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ବିଷୟରେ ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ସଭା ପରେ ସ୍କୁଲର ଛାତ୍ରୀମାନଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ନମିତା ଡାଙ୍ଗ ଓ ଶିକ୍ଷକ ରାଜା ବାରିକ ଉକ୍ତ କୁଇଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ଲିପିକା ଖେତି ପ୍ରଥମ, ସୋନମୟଶ୍ରୀ ରଥ ଦ୍ୱିତୀୟ ଓ ସୁଚିସ୍ମିତା ଓତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ୱାସ୍ଥ୍ୟ ପରିଦର୍ଶକ ଆଲୋକ କୁମାର ସେଠୀ, ପ୍ରାଣବନ୍ଧୁ ଦେହୁରୀ, ବାଳିକା ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଚଳିତ ମାସ ୪ ତାରିଖରୁ ୯ ତାରିଖ ଯାଏ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଉଛି।



ଛାତ୍ରୀଙ୍କ ସଚେତନତା ଶୋଭାଯାତ୍ରା।

# ରାଜ୍ୟରେ ୧ ନମ୍ବର କରିବାକୁ ଲକ୍ଷ୍ୟ: ମନ୍ତ୍ରୀ

ଡୁଙ୍ଗୁରିପାଲ,୯।୯(ଦୀନବନ୍ଧୁ ସୁନା)



ଗୃହ ପ୍ରବେଶ ଉତ୍ସବ ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଫଟାମୁଣ୍ଡା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନବନିର୍ମିତ ଆଦର୍ଶ ବିଦ୍ୟାଳୟର ଗୃହ ପ୍ରବେଶ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦୀୟ ବ୍ୟାପାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଏହା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷ ଘନଶ୍ୟାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ସଭାରେ ମନ୍ତ୍ରୀ ପୂଜାରୀ ଯୋଗଦେଇ ଏହି ଆଦର୍ଶ ବିଦ୍ୟାଳୟକୁ ରାଜ୍ୟରେ ୧ ନମ୍ବର କରିବା ପାଇଁ ଲକ୍ଷ୍ୟ ଥିବା କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲାପାଳ ବିମଳେନ୍ଦୁ ରାୟ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗ ଦେଇଥିଲେ। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସାଧୁଚରଣ ଖମାରୀ ମଞ୍ଚ ପରିଚାଳନା କରିଥିଲେ । ଅଭିଭାବକ ଶିକ୍ଷା କମିଟିର ସଭାପତି ମୁକେଶ ଭୋଇ ସଂଯୋଜନା କରିଥିଲେ। ଗୃହ ପ୍ରବେଶ ଉତ୍ସବରେ ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ରାମପୁର ଶ୍ରୀରାମ

**ଡୁଙ୍ଗୁରିପାଲି ଆଦର୍ଶ ବିଦ୍ୟାଳୟର ଗୃହ ପ୍ରବେଶ ଉତ୍ସବ**

ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ପୂଜାରୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶାଳ, ବିଇଓ ଗଣେଷ କିଶାନ, ସରୋଜ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ପୂଜାରୀ ସଭାରେ ଆହୁରି କହିଥିଲେ, ଅଞ୍ଚଳର ସମସ୍ତଙ୍କ ସହଯୋଗରେ ଆଦର୍ଶ ବିଦ୍ୟାଳୟ ଗଢିଉଠିଛି । ପିଲାଙ୍କ ସୁବିଧା ପାଇଁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଦୂର କରିବା ସହ କାର୍ଯ୍ୟଗୁଡିକ ତୁରନ୍ତ କରାଯିବ। ଏହି ଅବସରରେ ବିଦ୍ୟାଳୟ ଖେଳପଡ଼ିଆ କାମ କରିବା ପାଇଁ ବ୍ଲକ ଉପାଧ୍ୟକ୍ଷ, ସ୍ଥାନୀୟ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଦର୍ଶ ବିଦ୍ୟାଳୟର ଶିକ୍ଷକମାନଙ୍କ ରହିବା ପାଇଁ ୧୮ଟି କୋଠରୀ ବିଧାୟକ ପାଣ୍ଠିରୁ ଦିଆଯିବ। ଏହି ଆଦର୍ଶ ବିଦ୍ୟାଳୟ ଆମ ଅଞ୍ଚଳର ଦୀପଶିଖା ଓ ମଣିଷ ତିଆରି କାରଖାନା। ଏଥିରୁ ଡାକ୍ତର, ଇଞ୍ଜିନିୟର,ଆଇଏଏସ ବାହାରିବେ ବୋଲି ମନ୍ତ୍ରୀ କହିଥିଲେ। ପ୍ରଥମ କରି ଏହି ବିଦ୍ୟାଳୟର ଯେଉଁ ଛାତ୍ରୀଛାତ୍ର ମେଡିକାଲ ପାଇବେ ତା'ର ପଢ଼ା ବାବଦ ଖର୍ଚ୍ଚ ନିଜେ ବହନ କରିବା ପାଇଁ ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଥିଲେ। ପୂର୍ତ୍ତ ବିଭାଗ ଦ୍ୱାରା ବିଦ୍ୟାଳୟ କୋଠା ନିର୍ମାଣ କରିଥିବା ସରୋଜ ମିଶ୍ର ଓ ଫଟାମୁଣ୍ଡା ଗାଁର ଗୌନ୍ତିଆ ସହଦେବ ଦୀଶ୍ରୀଙ୍କୁ ମନ୍ତ୍ରୀ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆଦର୍ଶ ବିଦ୍ୟାଳୟ ପାଠାଗାରକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ କିଶୋର ମେହେର ୫୦୦୦ ଟଙ୍କା ପ୍ରଦାନ କରିଥିଲେ । ଏହି ବିଦ୍ୟାଳୟରେ ୧୬୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଗୃହ ପ୍ରବେଶ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରଜ୍ଞାଞ୍ଜଳୀ ମହଳା, ରୂପକଳା ତିୱାରୀ, ଶିକ୍ଷକ ଜୟକୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମନାଲିସା ପରିଡା,ଭକ୍ତ ପଧାନ, ମନୋଜ ଦିଶିରୀ, ସୁରେନ୍ଦ୍ର ଖମାରୀ, ବଦ୍ରୀନାରାୟଣ ପାଣ୍ଡିଆ, ଫଟାମୁଣ୍ଡା ଗ୍ରାମବାସୀ, ଗଣମାଧ୍ୟମ ପ୍ରତିନିଧି,ଅଭିଭାବକ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ବିଭୁତି ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବଡ଼ଗାଁ, ୯।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ଗ୍ରାମର ଭୀମ କଣ୍ଟା (୩୨)ଙ୍କ ରକ୍ତାକ୍ତ ମୃତ ଶରୀର ତାଙ୍କ ଘର ନିକଟ କଂକ୍ରିଟ ରାସ୍ତାରେ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଛନ୍ତି। ତାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ହୋଇଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

### ବାଲିଶଙ୍କରା ଲ୍ୟାମ୍ପସରୁ ହାର୍ଡଡିସ୍କ ଚୋରି

**ବାଲିଶଙ୍କରା,୯।୯(ହୃଦାନନ୍ଦ ବାରିକ)**

ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା ଲ୍ୟାମ୍ପସ ଅଫିସରେ ଗତ ରାତି କବାଟ ଭାଙ୍ଗି ଭିତରକୁ ଚୋର ପଶି ଆଲମିରାରେ ପଇସା ଥିବା ଭାବି ଆଲମିରା ଫାଡ଼ିଥିଲେ। କିନ୍ତୁ ଆଲମିରାରୁ କିଛି ପାଇ ନ ଥିବାବେଳେ ସିସିଟିଭି ହାର୍ଡଡିସ୍କ ନେଇଯାଇ ଫେରାର ହୋଇଯାଇଥିଲେ। ଏ ନେଇ ଲ୍ୟାମ୍ପସ ଏମଡି ପରମେଶ୍ୱର ମହାକୁଡ଼ ତଳସରା ଥାନାରେ ଅଭିଯୋଗ କରିଛନ୍ତି। ଚୋର ଏହି ଅଞ୍ଚଳର ହୋଇଥିବ ବୋଲି ସାଧାରଣରେ ଆଲୋଚନା ହେଉଛି।

### ଇକୋ ଟୁରିଜମ ପ୍ରକଳ୍ପରେ ମେଗା ବୃକ୍ଷରୋପଣ

**ଲୋଇସିଂହା,୯।୯(ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭାଟ ଗାଇଖାଇ ଡ୍ୟାମ ଇକୋ ଟୁରିଜମ ପ୍ରକଳ୍ପ ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ ହଜାର ଚାରା ରୋପଣ କରାଯାଇଛି। ଅଙ୍ଗ ଜଳସେଚନ ପ୍ରକଳ୍ପ ସଭାପତି ଆକାଶ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ବିଜୟ ବେହେରା,ସମିତି ସଭ୍ୟ ଶ୍ରୀନିବାସ ମଲ୍ଲିକ, ବରୁଣ ଜୁଏଡ, ହୃଦାନନ୍ଦ ଠାକୁର, ସୁଶୀଲ ଗୁରୁ, ଅରବିନ୍ଦ ଶତପଥୀ, ବିଜୟ ଦାଶ, ପ୍ରଫୁଲ୍ଲ ସାହୁ, ଆଶିଷ ସାହୁ, ଧନଞ୍ଜୟ ମିଶ୍ର, ଶଙ୍ଖଳି ସାହୁ, ସୁରୁ ମିଶ୍ର ଓ ସାଲେଭଟା ବନ କର୍ମଚାରୀ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ଦେଓଗାଁ, ୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଉଦ୍ୟାନକୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କ ପରିଚାଳନାରେ ମୁଖ୍ୟଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଧାନ ଚାଷ ସହ ଉଦ୍ୟାନ କୃଷି ପ୍ରତି ଚାଷୀମାନେ ଆକୃଷ୍ଟ ହେବା ଜରୁରୀ ବୋଲି ମତପ୍ରକାଶ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ଡୁରେକେଲା ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ତିର୍ଯ୍ୟକ କୁମାର ଦାଶ, ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ, ସନସାଇନ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେସନର ପରିଚାଳନା ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ସାହୁ ମଞ୍ଚାସୀନ ଥିଲେ। କର୍ମଶାଳାରେ ଆମ୍ବ, ଫୁଲ ଓ ମସଲା ଚାଷକୁ ଏକ ମିଶନ ଭାବେ ନିଆଯାଇଥିବାରୁ ଏହା ଉପରେ ଥିବା ସରକାରୀ ସୁବିଧା ବିଷୟରେ ଚାଷୀଙ୍କୁ ଅବଗତ କରାଯାଇଥିଲା। କର୍ମଶାଳାରେ ଦେଓଗାଁ, ଜରାସିଂହା ଓ ଉଡାର ଆଦି ୩ଟି ପଞ୍ଚାୟତ ଚାଷୀ ତଥା ସନସାଇନ କୃଷକ ଉତ୍ପାଦକ ସଂଗଠନରେ ଅନ୍ତର୍ଭୁକ୍ତ ଚାଷୀମାନେ ଯୋଗଦେଇଥିଲେ।

### କଳାବ୍ୟାଜ୍ ପିନ୍ଧି ଓଏଭି ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରତିବାଦ

**ଖପ୍ରାଖୋଲ, ୯।୯(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ଶିକ୍ଷୟିତ୍ରୀଶିକ୍ଷକ ବିଭିନ୍ନ ଦାବିରେ କଳାବ୍ୟାଜ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ନିୟମ କ୍ରମଙ୍କ ସଂଖ୍ୟା ୧୫ରୁ ୧୯କୁ ସଂଶୋଧନ, ସରକାରୀ ଏଚଆରଏମଏସର କାର୍ଯ୍ୟକ୍ଷମ ସହ ସରକାରୀ କର୍ମଚାରୀ ମାନ୍ୟତା, ଦିବଂଗତ କର୍ମଚାରୀଙ୍କ ପରିବାରକୁ ସୁବିଧା ସୁଯୋଗ ପ୍ରଦାନ ସହ ଥଇଥାନ ବ୍ୟବସ୍ଥା ରହିଛି।

# ଜିଲାପାଳଙ୍କୁ ଭେଟିଲେ ସମିତି ସଭ୍ୟାସଭ୍ୟ

**ସୁନ୍ଦରଗଡ଼,୯।୯(ଜୟନାରାୟଣ ମେଣ୍ଟୁଲି)**



ରାଜଗାଙ୍ଗପୁର ବ୍ଲକ ଅଧକ୍ଷା, ସମିତି ସଭ୍ୟାସଭ୍ୟ ଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି।

ରାଜଗାଙ୍ଗପୁର ପଞ୍ଚାୟତ ସମିତି ଅଧକ୍ଷା ଶାବିନା ମିଞ୍ଜ ଏବଂ ସମିତି ସଭ୍ୟାସଭ୍ୟମାନେ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କୁ ସାକ୍ଷାତ କରିଥିଲେ। ଏହି ପ୍ରତିନିଧି ଦଳ ବିଜେଡିର ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ଜିଲାପାଳ ପରାଗ ହର୍ଷଦ ଗାଭାଲିଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ରାଜଗାଙ୍ଗପୁର ବ୍ଲକର ବିଭିନ୍ନ ଅସୁବିଧା ବିଷୟରେ ଜଣାଇବା ସହିତ ତାର ସମାଧାନ ପାଇଁ ଦାବି କରିଥିଲେ। ଦାବିଗୁଡିକ ମଧ୍ୟରେ ରାଜଗାଙ୍ଗପୁର ବ୍ଲକରେ ୫ମ ଏସ୍‌ଏଫ୍‌ସି ମାଧ୍ୟମରେ ରାସ୍ତା ଗୁଡିକର ଦେଖାରେଖା ଓ ଉନ୍ନତିକରଣ ଏବଂ ୫ମ ଏସ୍‌ଏଫ୍‌ସି ମାଧ୍ୟମରେ ଅଲ ୱେଦର କନେକଟିଭିଟି ସ୍କିମରେ କିଛି ପ୍ରକଳ୍ପର କାମରେ ସମୁଦାୟ କୋଡିଏଟି ପଞ୍ଚାୟତ ମଧ୍ୟରୁ ଚାରୋଟି ପଞ୍ଚାୟତ ଯଥା କୁକୁଡ଼ା ପଞ୍ଚାୟତ, ବୁଚକୁପଡ଼ା ପଞ୍ଚାୟତ, ମାଲେଡ଼ିହି ପଞ୍ଚାୟତ ଓ ଅଲଣ୍ଡା ପଞ୍ଚାୟତକୁ କାହିଁକି ଓ କେଉଁ ଉଦ୍ଦେଶ୍ୟରେ, କାହା ପ୍ରରୋଚନାରେ ବାଦ ଦିଆ ଯାଇଛି। ସବୁ ପଞ୍ଚାୟତରେ ସମାନ କାମ ହେବା କଥା। ଏହି ସବୁ ପ୍ରକଳ୍ପ ମଧ୍ୟରୁ କିଛି ପ୍ରକଳ୍ପ କିଛି ପଞ୍ଚାୟତରେ ବିଗତ କିଛି ମାସ ପୂର୍ବରୁ ଏବଂ ଆଉ କିଛି ପଞ୍ଚାୟତରେ କିଛି ବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିଲେ ମଧ ସେଇ ପ୍ରକଳ୍ପଗୁଡିକୁ ପୁଣି ଥରେ କାହିଁକି ସାମିଲ କରାଯାଇଛି। ଏହିସବୁ ପ୍ରକଳ୍ପ ବ୍ଲକ ଅଧକ୍ଷାଙ୍କ ବିନା ଜାଣତରେ ହୋଇ ଥିବାରୁ ସେ ସମିତି ସଭ୍ୟାସଭ୍ୟମାନଙ୍କ ସହିତ ଏ ବିଷୟରେ ବିଡ଼ିଓଙ୍କୁ ପଚାରିବାରୁ ଏ ପ୍ରକଳ୍ପ ସବୁ ବିଧାୟକଙ୍କ ହୋଇଥିବାରୁ ଆପଣମାନେ ଏ ବିଷୟରେ କିଛି

**ସମସ୍ୟା ଅବଗତ କରି ସମାଧାନ ଦାବି କଲେ**

ଜାଣିବାର ଅଧିକାର ନାହିଁ। କେବଳ ପ୍ରକଳ୍ପ କାମ ସରିଲେ ବିଲ୍‌ରେ ଦସ୍ତଖତ ଦେବା ସମୟରେ ଅଧକ୍ଷା ଜାଣିବେ ବୋଲି କହିବାରୁ ଏହାକୁ ବିରୋଧ କରି ସୁନ୍ଦରଗଡ଼କୁ ଆସି ଜିଲାପାଳଙ୍କୁ ସବୁ ବିଷୟରେ ଜଣାଇବା ସଙ୍ଗେ ସଙ୍ଗେ ଜିଲାପାଳ ରାଜଗାଙ୍ଗପୁର ବିଡ଼ିଓଙ୍କୁ ଫୋନ କରି ଏପରି ବ୍ୟବହାର ପାଇଁ ତାଗିଦ କରିଥିଲେ। ଏହା ସହିତ ବ୍ଲକ ଅଧକ୍ଷା ଏବଂ ସମସ୍ତ ସମିତି ସଭ୍ୟାସଭ୍ୟଙ୍କ ସହିତ ମିଶି ବ୍ଲକର ଉନ୍ନତି କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ରାଜଗାଙ୍ଗପୁରରୁ ଆସିଥିବା ସମସ୍ତଙ୍କୁ ବିଡ଼ିଓଙ୍କ ସହିତ ଯାଇ ଦେଖାକରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଉପସ୍ଥିତ ଥିବା ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ ଜିଲାପାଳ ସଦଭାବନା ଭବନ କିମ୍ବା ତିଆରି ହେଉଥିବା ନୂତନ ଜିଲା ପୋଲିସ ଅଫିସ ପାଖରେ ମହିଳା ଏବଂ ପୁରୁଷଙ୍କ ପାଇଁ ଅଲଗା ଅଲଗା ଗୋଟିଏ ଲେଖାଏଁ ପରିସ୍ରାଗାର ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। କାରଣ ସୁନ୍ଦରଗଡ଼ ଜିଲା ମୁଖ୍ୟ କାର୍ଯ୍ୟାଳୟ ହୋଇଥିବାରୁ ଏଠାକୁ ପ୍ରତ୍ୟେକ ଦିନ ସହସ୍ରାଧିକ ଲୋକ ଆସୁଥିବାରୁ ଏବଂ ପ୍ରତ୍ୟେକ ଶୁକ୍ରବାର ଜିଲାପାଳଙ୍କଠାରେ କୋର୍ଟ କାର୍ଯ୍ୟ ପାଇଁ ଓ ପ୍ରତ୍ୟେକ ମାସ ପ୍ରଥମ ସୋମବାର ଜିଲାପାଳଙ୍କ ଜନଶୁଣାଣି ହେଉଥିବାରୁ ମହିଳା ଓ ପୁରୁଷଙ୍କ ଭିଡ଼ ହୋଇଥାଏ। କିନ୍ତୁ ପାଖରେ ଲୋକଙ୍କ ସୁବିଧା ଲାଗି ଯଥା ପରିସ୍ରା ଯିବା ଲାଗି କୌଣସି ସୁବିଧା ଜାଗା ନ ଥିବାରୁ ଲୋକେ ଖାସକରି ମହିଳାମାନେ ବହୁତ ହଇରାଣ ହେଉଥିବା ବିଷୟରେ ଜିଲାପାଳଙ୍କୁ ଜଣେଇବା ସାଙ୍ଗେ ସାଙ୍ଗେ ଜିଲାପାଳ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନାରାୟଣ ପଟେଲଙ୍କୁ ଫୋନ କରି ସଦଭାବନା ଭବନ ପାଖରେ ଜାଗା ଚିହ୍ନଟ କରି ଅତିଶୀଘ୍ର ପରିସ୍ରାଗାର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏପରି ତ୍ୱରିତ ପଦକ୍ଷେପ ପାଇଁ ତ୍ରିପାଠୀ ଏବଂ ରାଜଗାଙ୍ଗପୁର ବ୍ଲକ ଅଧକ୍ଷା ଓ ସମସ୍ତ ସମିତି ସଭ୍ୟାସଭ୍ୟ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ।

## ହାତୀ ଆକ୍ରମଣରେ ବୃଦ୍ଧା ଗୁରୁତର

**ଘର ଭାଙ୍ଗିଲା**

ଟେନ୍‌ସା,୯।୯(ସମୀର କୁମାର ପାଢୀ)-ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ୍ କନ୍ତରକୋଇଡ଼ା ଅଞ୍ଚଳରେ ପୁଣି ଦନ୍ତା ହାତୀଟିର ଉତ୍ପାତ ଜାରି ରହିଛି। ଶନିବାର ସନ୍ଧ୍ୟାରେ ହାତୀ କନ୍ତରକୋଇଡ଼ା ତଳ ବସ୍ତିରେ ଘର ଭାଙ୍ଗି ବୃଦ୍ଧାଙ୍କୁ ଗୁରୁତର କରିଛି। ଝାଟିମାଟି ଘରେ ବସବାସ କରୁଥିବା ଘାସିରାମ ମୁଣ୍ଡାଙ୍କ ସ୍ତ୍ରୀ ଟୁଣି (୫୫) ଘରେ ଥିବାବେଳେ ହାତୀ ଘରେ ଖାଦ୍ୟ ଅନ୍ୱେଷଣରେ ପହଞ୍ଚି ଘରକୁ ଭାଙ୍ଗି ଦେଇଥିଲା। ହାତୀ ଦେଖି ଟୁଣି ମୁଣ୍ଡା ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ହାତୀଟି ଦାନ୍ତ ସାହାଯ୍ୟରେ କଚାଡି ଦେଇଥିଲା। ଫଳରେ ବୃଦ୍ଧାଙ୍କ ଜଂଘ ଅଂଶ ଫାଡି ଯାଇଥିଲା। ପୁଣି ହାତୀ ମାରିବାକୁ ଉଦ୍ୟମ କରୁଥିବାବେଳେ କୋଇଡା ରେଞ୍ଜ କାର୍ଯ୍ୟରତ ଫରେଷ୍ଟ ପ୍ରୋଟେକସନ୍ ସ୍କାଡ୍ ଭୈରବ ମହାନ୍ତ ହାତୀ ସାମ୍ନାରେ ଗାଡି ଛିଡ଼ା କରି ଲାଇଟ୍ ମାରିଥିଲେ ଓ ହାତୀକୁ ଘଉଡାଇ ସଙ୍ଗେ ସଙ୍ଗେ ବୃଦ୍ଧାଙ୍କୁ ଗାଡିରେ ବସାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମହିଳାଙ୍କ ଅସ୍ତ୍ରୋପଚାର ହୋଇ ପାରିଥିଲା। ସୂଚନାଯୋଗ୍ୟ ଘାସିରାମ ମୁଣ୍ଡାଙ୍କ ଘର ହାତୀ ଚାରି ଥର ଭାଙ୍ଗି ସାରିଲାଣି ବୋଲି ସେ ଅଭିଯୋଗ କରିଛନ୍ତି।

## ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ସୁନ୍ଦରଗଡ଼,୯।୯(ଜୟ ନାରାୟଣ ମେଣ୍ଟୁଲି)**



ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଠାରେ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଆପାଦକାଳୀନ ଅଧିକାରୀ କୁନ୍ତୀରାଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ଓ ବର୍ତ୍ତମାନ ସମୟରେ ପ୍ରାଥମିକ ଚିକିତ୍ସା ତାଲିମର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷକ ଭାବରେ ଅନୀଲ କୁମାର ପାଣିଗ୍ରାହୀ ଯୋଗଦାନ କରି ପ୍ରାଥମିକ ଚିକିତ୍ସାର ଅର୍ଥ, ନିୟମାବଳୀ,ବ୍ୟବହାରିକ କୌଶଳ ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ବ୍ୟବହାରିକ କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। କନିଷ୍ଠ ରେଡକ୍ରସର ଯୁବ ସମ୍ପାଦକ ବିଭୀଷଣ ବାରିକ , ସରକାରୀ ମହାବିଦ୍ୟାଳୟ ରେଡକ୍ରସ ଅଧିକାରୀ ସରୋଜ କୁମାର ପୂଜାରୀ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରଭାକର ସେଠୀ, ପ୍ରଜ୍ଞାପାରମିତା ଦାସ, ରେଡକ୍ରସର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହିଅବସରରେ ଏକ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।

## କୋସଲ ସେନା ମହାବନ୍ଦ ଆନ୍ଦୋଳନ ସ୍ଥଗିତ

**ଲୋଇସିଂହା,୯।୯(ସୁଶାନ୍ତ ବାରିକ)**

କୋସଲ ରାଜ୍ୟ ଦାବିରେ କୋସଲ ସେନା ପକ୍ଷରୁ ପଶ୍ଚିମ ଓଡିଶା ମହାବନ୍ଦ ଡାକରା ଦିଆଯାଇଥିଲା। ହେଲେ ଏହାପୂର୍ବରୁ ବରଗଡ ପୋଲିସ କୋସଲ ସେନାର କେତେକ ସଦସ୍ୟଙ୍କୁ ଗିରଫ କରିଛି। ଏହାକୁ ନେଇ କୋସଲ ସେନା ତୀବ୍ର ନିନ୍ଦା କରିଛି । ଆସନ୍ତା ୧୧ ତାରିଖରେ ହେବାକୁ ଥିବା ପଶ୍ଚିମ ଓଡ଼ିଶା ମହାବନ୍ଦକୁ ସ୍ଥଗିତ ରଖା ଯାଇଥିବା ରାଜ୍ୟ ସଭାପତି ତଥା ଲୋଇସିଂହା ବ୍ଲକ କୁଶମେଲ ସରପଞ୍ଚ କୌସ୍ତୁଭ ସାହୁ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟ ସଭାପତି ସାହୁ କହିଛନ୍ତି ବରଗଡରେ ଦୀର୍ଘ ବର୍ଷ ହେଲା ଅପେରା ବନ୍ଦ ଥିଲା । ପ୍ରଶାସନର ଅନୁମତିରେ ଚଳିତବର୍ଷ ପୁଣି ସେଠାରେ ଅପେରା ଚାଲିଛି। ଏହାକୁ କୋସଲ ସେନାର ସଦସ୍ୟ ବିରୋଧ କରିଥିଲେ । କୋସଲ ସେନାର କେତେକ ସଦସ୍ୟଙ୍କୁ ପୋଲିସ ଗରିଫ କରିଛି । କୋସଲବାଦୀ ସଂଗଠନ, ସେନା ଉପରେ ପ୍ରଶାସନ ପାୱାର ଦେଖାଇ ସେମାନଙ୍କୁ ଗିରଫ କରିଛି । କୋସଲ ସେନାର ଗିରଫ ସଦସ୍ୟ କିଛି ଅନ୍ୟାୟ କିମ୍ବା ଦୁର୍ନୀତି କରିନାହାନ୍ତି। କୋସଲ ସେନାର ସ୍ୱରକୁ ଚପାଇ ଦେବାକୁ ପ୍ରଶାସନ ଚାହୁଁଛି। ଏଥିପାଇଁ ସେନା ସଦସ୍ୟଙ୍କୁ ଗିରଫ କରି ଜେଲରେ ଭରିଛି । ପ୍ରଶାନର ଏପରି ଦମନରେ କୋସଲ ସେନା ଡରି ଯିବନାହିଁ। ୨୦୨୨ ସେପ୍ଟେମ୍ବର ୭ତାରିଖରେ ପଶ୍ଚିମ ଓଡ଼ିଶାରେ ମହାବନ୍ଦ ପାଳନ ଏବଂ ୫ ଜୁଲାଇରେ ରାଜଧାନୀରେ କୋସଲ ସେନା ତାର ଦମ୍ ଦେଖାଇ ସାରିଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତକୁ ଆଖିଆଗରେ ରଖି ମହାବନ୍ଦକୁ ସ୍ଥଗିତ ରଖାଯାଇଛି ଏବଂ ପରବର୍ତ୍ତୀ ତାରିଖ ନିର୍ଦ୍ଧାରିତ କରାଯିବ ବୋଲି ସେ କହିଛନ୍ତି।

## କୋଇଡାର ପୂର୍ବତନ ଜିଲା ପରିଷଦ ସଦସ୍ୟଙ୍କ କଂଗ୍ରେସରେ ଯୋଗଦାନ



ପୂର୍ବତନ ଜିଲା ପରିଷଦ ସଦସ୍ୟ କଂଗ୍ରେସରେ ଯୋଗ ଦେଉଛନ୍ତି।

**ସୁନ୍ଦରଗଡ଼,୯।୯(ଜୟନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ଠାରେ ହୋଇଥିବା ଭାରତ ଯୋଡୋ ଯାତ୍ରାର ସମ୍ମିଳନୀରେ କୋଇଡାର ପୂର୍ବତନ ଜିଲା ପରିଷଦ ସଦସ୍ୟ ପରମେଶ୍ୱର ନାଏକ ଓ ତାଙ୍କର ସହଯୋଗୀ ଲୁକାଶ ନାଗ ଭାଜପା ଛାଡି କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ମଞ୍ଚାସୀନ ମୁଖ୍ୟଅତିଥି ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ତଥା ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରାଜଗାଙ୍ଗପୁରର ବିଧାୟକ ତଥା ପିସିସିର ଉପସଭାପତି ଡା.ସି.ଏସ.ରାଜନ ଏକ୍କା ମଧ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଆଗାମୀ ଦିନରେ ନାଏକ ତଥା ତାଙ୍କର ସମସ୍ତ ସହଯୋଗୀ କଂଗ୍ରେସ ଦଳର ହାତମୁଠାକୁ ମଜବୁତ କରିବାରେ ସହଯୋଗ କରିବେ ବୋଲି ଆଶା ପ୍ରକାଶ କରିଥିଲେ। ବିଶେଷ ଭାବରେ ଜିଲା ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ନେତୃତ୍ୱ ପ୍ରତି ସମର୍ଥନ ଜଣାଇ ଆଗାମୀ ଦିନରେ ଜଣେ ସକ୍ରିୟ ସଦସ୍ୟ ଭାବେ ସହଯୋଗ କରିବେ ବୋଲି ଜଣାଇଥିଲେ। ପରମେଶ୍ୱର ନାଏକ ଗତ ୨୦୦୨ ମସିହାରେ କଂଗ୍ରେସ ଟିକେଟରେ ଜିଲା ପରିଷଦ ନିର୍ବାଚନରେ ବିଜୟୀ ହୋଇଥିଲେ। କିନ୍ତୁ ପରେ କଂଗ୍ରେସ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଓ ଆଇନଜୀବୀ ନିମାଇଁ ଚରଣ ନାଏକ, ପିସିସିର ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ପିସିସିର ସମ୍ପାଦିକା ଝୁଲକି ସେଠ, ସଂଯୋଜକ କିରଣ ଦାସ, ପର୍ଶୁରାମ ସରାଫ ପ୍ରମୁଖ କଂଗ୍ରେସର ଦଳୀୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ ଜଣାଇଥିଲେ।

## ବୀରମିତ୍ରପୁର ଥାନାଧିକାରୀଙ୍କ ବିରୋଧରେ ପାଲଟା ଏତଲା ଦାଏର

**କୁଆଁରମୁଣ୍ଡା,୯।୯(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧିକାରୀ ମନୋଜା ମଂଜରୀ ନାଏକ ଓ ହାବିଲଦାର ବୁଲୁ ପଟ୍ଟନାୟକଙ୍କ ବିରୋଧରେ ଶନିବାର କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀଙ୍କ ଜରିଆରେ ଗଣମାଧମ ପ୍ରତିନିଧିମାନେ ଏକ ଲିଖିତ ଏତଲା ଦେଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ,ବୀରମିତ୍ରପୁର ଆଇଆଇସି ମନୋଜା ମଂଜରୀ ନାଏକ, ହାବିଲଦାର ବୁଲୁ ପଟ୍ଟନାୟକ ପ୍ରମୁଖ ବୀରମିତ୍ରପୁର ଅଞ୍ଚଳରେ ଥିବା ସ୍କ୍ରାପ, ମଦ ମାଫିଆ, ଡାବା, ଜୁଆ ଓ କୁକୁଡା ଲଢେଇ ସହ ସରକାରୀ ମଣ୍ଡିରୁ ଧାନ, ଚାଉଳ ଯାତାୟାତ କରୁଥିବା ଚାଉଳ ଗାଡିରୁ ବେଆଇନ୍ ଭାବେ ଅର୍ଥ ଆଦାୟ କରୁଛନ୍ତି। ଏ ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ବିରୋଧ କରିବା ସହ ଏକାଧିକବାର ଖବର ପ୍ରସାରଣ ମଧ୍ୟ କରିଛନ୍ତି। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ଆଇଆଇସି ନାଏକ ଓ ତାଙ୍କ ସହଯୋଗୀମାନେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କାହିଁକି ଖବର ପ୍ରସାରଣ କରୁଛ ବୋଲି ଧମକ ଦେବା ସହ ଠିକଣା ସମୟରେ ଦେଖି ନେବୁ ବୋଲି ଧମକ ଦେଇଥିଲେ। ଅନୁରୂପଭାବେ ଗତ ଗୁରୁବାର କୁଆଁରମୁଣ୍ଡା ଜମୁନାନାକିଠାରେ ଏକ ଘରୋଇ କମ୍ପାନୀର ଜମି ଅଧିଗ୍ରହଣକୁ ବେଆଇନ୍ ଦର୍ଶାଇ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ରାଜପଥ ଅବରୋଧ କରିବା ସମୟରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଖବର ପ୍ରସାରଣ କରିଥିଲେ। ମାତ୍ର ଆଇଆଇସି ନାଏକ ଖବରଦାତାମାନଙ୍କ ନାମରେ ଥାନାରେ ଆଇପିସି ଦଫା ୨୮୩, ୩୪୧, ୧୪୯, ୧୪୩ରେ ଏକ ମାମଲା ରୁଜୁ କରିଛନ୍ତି। ଖବରଦାତାମାନଙ୍କୁ ଡରାଇ ସତ୍ୟ ଓ ନିରପେକ୍ଷ ଖବର ପ୍ରସାରଣ କ୍ଷେତ୍ରରୁ ଚପାଇ ଦେବା ପାଇଁ ବୀରମିତ୍ରପୁର ପୋଲିସ ଏଭଳି କେସ୍ ରୁଜୁ କରିଛି। ଏହାର ପ୍ରତିବାଦରେ ଖବରଦାତାମାନେ ଉକ୍ତ ଅଭିଯୋଗର ଉପଯୁକ୍ତ ତଦନ୍ତ କରି ଉପରୋକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ କୁଆଁରମୁଣ୍ଡା ପ୍ରେସ୍ କ୍ଲବ ପକ୍ଷରୁ ଦାବି କରାଯାଇଛି। ଘଟଣାର ତଦନ୍ତ କରା ନ ଗଲେ ସୋମବାର କୁଆଁରମୁଣ୍ଡା ପ୍ରେସ କ୍ଲବ ପକ୍ଷରୁ ଫାଣ୍ଡି ନିକଟରେ ଅନଶନ କରାଯିବ ବୋଲି ସୂଚନା ଦିଆଯାଇଛି। ଏ ନେଇ ସୁନ୍ଦରଗଡ଼ ଜିଲା ଏସପି ପ୍ରତ୍ୟୁଷ ଦିବାକରଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ ଯେ,ଖବର ସଂଗ୍ରହ କରୁଥିବା ବେଳେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ନାମରେ ଏତଲା ଦେବା ଆଦୌ ଠିକ୍ ନୁହେଁ ,ସେମାନଙ୍କ ନାମକୁ ଖୁବଶୀଘ୍ର ଏତଲାରୁ ବାଦ୍ ଦିଆଯିବା ପାଇଁ ଏସ୍‌ପି ଦିବାକର ପ୍ରତିଶ୍ରୁତି ଦେଇଛନ୍ତି।

## ରାଜଗାଙ୍ଗପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ




**ରାଜଗାଙ୍ଗପୁର, ୯।୯ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଭିଲ ଜଜ୍ ସିନିୟର ଡିଭିଜନ ସସ୍ମିତା ନାଏକ ଓ ଜେଏମ୍‌ଏଫ୍‌ସି ଶ୍ରୀୟା ରତୁପର୍ଣ୍ଣା ସାହୁ ୪୧ଟି ବିଭିନ୍ନ ଫୌଜଦାରୀ ଓ ଦେୱାନି ମାମଲାର ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ବରିଷ୍ଠ କୋର୍ଟ ଷ୍ଟାଫ ଅଶ୍ୱିନି ନାଏକଙ୍କ ସହ ଅନ୍ୟ କୋର୍ଟ କର୍ମୀବୃନ୍ଦ ତଥା ଆଇନଜୀବୀ ଉପସ୍ଥିତ ରହିଥିଲେ।

## ମତ୍ସ୍ୟ ବିଭାଗ ତରଫରୁ ବ୍ରାହ୍ମଣୀ ନଦୀରେ ଛଡାଗଲା ମାଛ ଯାଆଁଳ

**ଲହୁଣୀପଡା,୯।୯(ଦାଶରଥି ପଣ୍ଡା)**



ବ୍ରାହ୍ମଣୀ ନଦୀରେ ମାଛ ଯାଆଁଳ ଛଡ଼ାଯାଉଛି।

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜିଂପଞ୍ଚାୟତ ବିରତୋଳା ବ୍ରାହ୍ମଣୀ ନଦୀଠାରେ ଜିଲା ଓ ବ୍ଲକ ମତ୍ସ୍ୟବିଭାଗ ତରଫରୁ ମାଛ ଯାଆଁଳ ଛାଡ଼ିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲହୁଣୀପଡା ତହସିଲଦାର ସୌଦାମିନୀ ନାୟକ ଯୋଗ ଦେଇଥିଲେ। ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଅରୁଣ କୁମାର ସାହୁ, ଦର୍ଜିଂ ସରପଞ୍ଚ ସିଂରାୟ ମୁଣ୍ଡା, ଲହୁଣୀପଡ଼ା ବ୍ଲକର ମତ୍ସ୍ୟବିଭାଗ ଅଧିକାରୀ ମୃତ୍ୟୁଞ୍ଜୟ ଘଡାଇ ଉପସ୍ଥିତ ଥିଲେ। ଜିଲା ମତ୍ସ୍ୟବିଭାଗ ଅଧିକାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ବ୍ରାହ୍ମଣୀ ନଦୀରେ ଆଙ୍ଗୁଳିକା ଯାଆଁଳ ଛଡ଼ାଯିବା ଦ୍ୱାରା ଭବିଷ୍ୟତରେ ନଦୀରେ ଅଧିକ ମାଛ ଉତ୍ପାଦନ ହୋଇପାରିବ। ଏହା ସହିତ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କର ଜୀବିକାରେ ଉନ୍ନତି ହୋଇପାରିବ ବୋଲି ସୂଚନା ଦେଇଥିଲେ। ତହସିଲଦାର ସୌଦାମିନୀ ନାୟକ ଉପସ୍ଥିତ ଗ୍ରାମବାସୀଙ୍କୁ ବକ୍ତବ୍ୟ ମାଧମରେ ସୂଚନା ଦେଇ କହିଲେ, ଏ କାର୍ଯ୍ୟକ୍ରମ ସୁନ୍ଦରଗଡ ଜିଲାରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥି ସହିତ ସ୍ଥାନୀୟ ଲୋକମାନଙ୍କର ଜୀବନ ଜୀବିକାରେ ଯଥେଷ୍ଟ ଉନ୍ନତି ହୋଇ ପାରିବ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୯ ଲକ୍ଷ ଆଙ୍ଗୁଳିକା ମାଛ ଯାଆଁଳ ଛଡା ଯାଇଥିଲା। ଉପସ୍ଥିତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୧୦ ସେପ୍ଟେମ୍ବର, ୨୦୨୩

## ଦୁର୍ଘଟଣାରେ ୨ ଜଣ ଗୁରୁତର

ବେହେରା,(ଭୁପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ବିଜୁ ଏକ୍ସପ୍ରେସ ୱେ ଲଖିରମ ଅଗ୍ରୱାଲ ଉଚ୍ଚ ବିଦ୍ୟାଳୟ ପାଖରେ ଶନିବାର ଏକ ଦୁର୍ଘଟଣା ଘଟିଛି। ଏକ ଅଜଣା ବ୍ୟକ୍ତି ବାଇକ୍ ଯୋଗେ ନେଗିଗୁଡାରୁ ଫେରୁଥିବା ବେଳେବେହେରା କଲେଜ ରାସ୍ତାରେ ଭାରସାମ୍ୟ ହରାଇ ବେହେରା ଗ୍ରାମର ଟୁନୁ ଗୋପାଳଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଟୁନୁଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତି କରାଯାଇଛି। ବାଇକ ଚାଳକ ଗଭୀର କ୍ଷତାକ୍ତ ହୋଇ ରାସ୍ତାରେ ପଡିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଡାକ୍ତରଖାନାକୁ ନେଇଥିଲେ।



## ସଂକ୍ଷେପରେ

### ଲିଙ୍ଗରାଜ ବେହେରା କୋକସରା ବ୍ଲକ କଂଗ୍ରେସର ନୂତନ ସଭାପତି

କୋକସରା,୯।୯(ଦୁଷ୍ମନ୍ତ ପାଇଯୋଶୀ)

ଓଡିଶା ପ୍ରଦେଶ କଂଗ୍ରେସ ଅନୁମୋଦନ କ୍ରମେ କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନୂତନ ସଭାପତି ଭାବେ ଯୁବନେତା ଲିଙ୍ଗରାଜ ବେହେରାଙ୍କୁ



ମନୋନୀତ କରାଯାଇଛି। ଲିଙ୍ଗରାଜ ପୂର୍ବରୁ ଜିଲା ଓବିସି ସଭାପତି ଦାୟିତ୍ୱରେ ରହି ଦଳ ପାଇଁ ଅନେକ ସାଙ୍ଗଠନିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବ୍ଲକ ସଭାପତି ଦାୟିତ୍ୱ ଦେଇ ଥିବାରୁ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ଭକ୍ତଚରଣ ଦାସ, ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦଳକୁ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା ଜାରି ରଖିବା ନେଇ ଲିଙ୍ଗରାଜ କହିଛନ୍ତି। ବ୍ଲକ ସଭାପତି ଭାବେ ଦାୟିତ୍ୱ ନେବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ମାତୃପିତୃ ସମ୍ମିଳନୀ

ବୋଡେନ,୯।୯(ଟିକେଶ୍ୱର ନାଗ)

ନୂଆପଡା ଜିଲା ବୋଡ଼େନ ସରସ୍ୱତୀ ଶିଶୁ ମନ୍ଦିରରେଠାରେ ମାତୃପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବୋଡ଼େନ ପଞ୍ଚାୟତ ସମିତି ସଭ୍ୟା ଯଜ୍ଞସେନି ନାଏକ, ପରିଚାଳନା ସମିତି ଉପଦେଷ୍ଟା ଟିକେଶ୍ୱର୍ ନାଗ, ସହ ସମ୍ପାଦକ ରୂପଧର କାଣ୍ଡ, ପ୍ରଧାନ ଗୁରୁଜୀ ମୁରାରୀ ଲାଲ ହୋତା ପ୍ରମୁଖ ସମସ୍ତେ ଉପସ୍ଥିତ ଥିଲେ। ବାଟିକା ବିଭାଗ ପ୍ରମୁଖ ଗୀତାଞ୍ଜଳି ଗୁରୁମା ଗୀତ ନାଚ ସହିତ ବିଭିନ୍ନ ସୂଚନା ଦେଇଥିଲେ। ସମ୍ମିଳନୀରେ ମାତୃମାନେ ବହୁ ସଂଖ୍ୟାରେ ଯୋଗଦାନ କରି ନିଜର ମତାମତ ରଖିଥିଲେ। ସସା ହରିଜନ ଗୁରୁଜୀ ମଞ୍ଚ ପରିଳାନ ଓ ରଞ୍ଜନ ହଂସ ଗୁରୁଜୀ ଧନ୍ୟବାଦ ଦେଇଥିଲେ। ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ବିଶ୍ୱ ଫାଷ୍ଟଏଡ୍ ଡେ' ପାଳନ

ଖଡ଼ିଆଲ,୯।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ବରଗାଁସ୍ଥିତ ଜୟ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳନ କରାଯାଇଛି। ଭାରତୀୟ ରେଡ କ୍ରସ ସୋସାଇଟି ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଦିବସରେ ଜୁନିୟର ରେଡକ୍ରସ ସୋସାଇଟି ନୂଆପଡ଼ାର ଅଫିସର ଜୟଦେବ ବେହେରା ପ୍ରାଥମିକ ଉପଚାର ବିଷୟରେ ତାଲିମ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଲୋକେଶ୍ୱର ମେହେର ଏହା ପ୍ରତ୍ୟେକ ଲୋକ ଶିଖିବା ଉଚିତ ବୋଲି ଅଭିମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜୟଦେବ ବେହେରା, ଜୁନିୟର ରେଡକ୍ରସ ଅଫିସର ନୂଆପଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ବେହେରା,୯।୯(ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବରେଡକ୍ରସ ୟୁନିଟ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ୩ଦିନ ଯାଏ ଚାଲିବାକୁ ଥିବା ପ୍ରାଥମିକ ଚିକିତ୍ସା ଶିବିରକୁ ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକ ଉଦଘାଟନ କରି ପ୍ରାଥମିକ ଚିକିତ୍ସା ବିଷୟରେ ଜ୍ଞାନ ହାସଲ କଲେ ଆମେ ଅନେକ ଅମୂଲ୍ୟ ଜୀବନ ବଞ୍ଚାଇ ପାରିବା ବୋଲି କହିଥିଲେ। ପ୍ରାଥମିକ ଚିକିତ୍ସାର ବିଭିନ୍ନ ନିୟମ, କୌଶଳ ବିଷୟରେ ପ୍ରାଥମିକ ଚିକିତ୍ସକ ଆରପି ତଥା ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଷି ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଘାଟନୀରେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ନିକୁଞ୍ଜ ବିହାରୀ ସାହୁ, ଅକ୍ଷୟ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, ଫକୀର ଚଣ୍ଡି ଉପସ୍ଥିତ ଥିଲେ। ଶିବିରରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଯୁବରେଡକ୍ରସ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଶିବିର ପରିଚାଳନାରେ ବିଦ୍ୟାଳୟର ଅଶୋକ ଚଣ୍ଡି, ସାରୁର୍ଯ୍ୟ ଗୋପାଳ ଓ ସ୍ୱେଚ୍ଛାସେବୀମାନେସହଯୋଗ କରିଥିଲେ।

# ପ୍ରାଥମିକରେ ୨୦୩୦, ହାଇସ୍କୁଲରେ ୩୨୨ ଶିକ୍ଷକ ପଦବୀ ଖାଲି

■ମନ୍ଦିର ଅଛି, ଦିଅଁ ନାହାନ୍ତି
■କଳାହାଣ୍ଡି ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ଭବାନୀପାଟଣା,୯।୯
(ଉତ୍ତମ କୁମାର ଦାଶ)

ରାଜ୍ୟ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କରୁଛନ୍ତି। ଏବେ ୫-ଟି ସ୍କୁଲ ରୂପାନ୍ତରିତ କରି କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ହେଲେ ସ୍କୁଲଗୁଡିକରେ ଖାଲି ପଡିଥିବା ଶିକ୍ଷକ ପୁରଣ କରାଯାଉ ନ ଥିବାରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମନ୍ଦିର ଅଛି ହେଲେ ଦିଅଁ ନ ଥିବା ସଦୃଶ୍ୟ ଭଳି ମନେହେଉଛି। ଏପରି ସ୍ଥଳେ କଳାହାଣ୍ଡି ଜିଲାର ଏକ ରିପୋର୍ଟ ଦେଖିଲେ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଭଳି ମନେହୁଏ।

ଜିଲା ଶିକ୍ଷା ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାର ୧୩ଟି ବ୍ଲକରେ ୨୪୩୨ଟି ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସ୍କୁଲ ଅନୁଯାୟୀ ଜିଲାରେ ୫୯୭୭ଜଣ



କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟ।

ଶିକ୍ଷୟିତ୍ରୀ/ଶିକ୍ଷକ ରହିବା କଥା। ହେଲେ ବର୍ତ୍ତମାନ ୩୯୪୭ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ରହିଥିବାବେଳେ ୨୦୩୦ ଶିକ୍ଷୟିତ୍ରୀ/ଶିକ୍ଷକ ପଦବୀ ଖାଲିପଡିଛି। ଜିଲାରେ ଖାଲିପଡିଥିବା ଶିକ୍ଷୟିତ୍ରୀ/ଶିକ୍ଷକ ସଂଖ୍ୟାକୁ ଅନୁପାତରେ ଦେଖିଲେ ପ୍ରାୟ ୩୦% ରହିଛି। ସେହିପରି ଜିଲାର ୧୩ଟି ବ୍ଲକରେ ସରକାରୀ ହାଇସ୍କୁଲ ୧୭୮ଟି ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ୧୪୩୧ଟି ଶିକ୍ଷୟିତ୍ରୀ/ଶିକ୍ଷକ ରହିଥିବାବେଳେ ୩୨୨ଟି ପଦବୀ ଖାଲି ପଡିଛି। ଜିଲାର ଜୁନାଗଡ ସରକାରୀ ହାଇସ୍କୁଲ, ଭବାନୀପାଟଣା ବ୍ରଜ ମୋହନ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ ଲେଖାଏଁ କ୍ଲାସ-୨ ପ୍ରଧାନ ଶିକ୍ଷକ ରହିଥିବାବେଳେ ଏହି ୩ଟି ହାଇସ୍କୁଲରେ କ୍ଲାସ-୨ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିଛି।

ଚଳିତବର୍ଷ ଜିଲାର ୭ଟି ହାଇସ୍କୁଲକୁ ଅପଗ୍ରେଡ କରାଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମିଲ କରାଯାଇଛି। ଆସନ୍ତା ୨୦୨୪-୨୫ରେ ଜିଲାରେ ଆହୁରି ୧୭ଟି ହାଇସ୍କୁଲକୁ ଅପଗ୍ରେଡ କରାଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାମିଲ କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଗତବର୍ଷ ଖାଲି ପଡିଥିବା ସଂଖ୍ୟା ଅଧିକ ରହିଥିବାବେଳେ ଚଳିତବର୍ଷ କିନ୍ତୁ ନୂତନ ନିଯୁକ୍ତି ପରେ ଖାଲି ପଡିଥିବା ଶିକ୍ଷକ ସଂଖ୍ୟା କମିଛି। ଆଉ କିଛି ମାସ ମଧ୍ୟରେ ନୂତନ ନିଯୁକ୍ତି ପରେ ଏହି ସଂଖ୍ୟା ଆହୁରି କମିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜୋର ଧରିଲା ଜୁନାଗଡ଼କୁ ଜିଲା ମାନ୍ୟତା ଦାବି



ଜୁନାଗଡ଼ ବ୍ଲକ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣା।

ଜୁନାଗଡ଼,୯।୯(ସୁନୀଲ କୁମାର ସିଂହ)

### ବିଶାଳ ଶୋଭାଯାତ୍ରା, ଗଣଧାରଣା

କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଜୁନାଗଡ଼କୁ ଜିଲା ଓ ସଦର ମହକୁମା ମାନ୍ୟତା ଦାବି ପୁଣିଥରେ ଜୋର ଧରିଛି। ଏପରିସ୍ଥଳେ ଶନିବାର ଜୁନାଗଡ଼ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ସ୍ଥାନୀୟ ମା' ଲଙ୍କେଶରୀ ମନ୍ଦିରରୁ ବ୍ଲକ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରିଥିଲେ। ଏଥିରେ ସ୍ଥାନୀୟ ଶତାଧିକ ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। ପରେ ବ୍ଲକ ସମ୍ମୁଖରେ ଜୁନାଗଡ଼ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲା ଓ ସଦର ମହକୁମା ମାନ୍ୟତା ଦାବି ନେଇଁ ଅନିର୍ଦ୍ଦିଷ୍ଟକାଳ ପାଇଁ ଗଣ ଧାରଣା ଦିଆଯାଇଛି। ଏଥିରେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ମିଳିତ କ୍ରିୟାନୁଷ୍ଠାନ କମିଟି ସଂଯୋଜକ ମୁକେଶ ଅଗ୍ରୱାଲ, ଆବାହକ ହିମାଂଶୁ ଶେଖର ବରାଡ଼, ପ୍ରଭାତ ଦାଶ, ସମ୍ପାଦକ ସନ୍ତୋଷ ସିଂଦେଓ, ନରେନ୍ଦ୍ର କ୍ଷୀତି, ମନୋଜ ମେହେର, ଆଇନପରାମର୍ଶ ଦାତା ଅଶୋକ ପାତ୍ର, ଚିତ୍ତରଞ୍ଜନ ନିଆଲ, ଶିଶିର ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ପ୍ରମୋଦ ବେହେରା, ରଶ୍ମି ରଞ୍ଜନ ନାୟକ, ହିମାଦ୍ରୀ ନାଏକ, ତାରାପ୍ରସାଦ ରାୟଗୁରୁ, ଦାମୋଦର ବେହେରା, ଚମ୍ପକ ଅଗ୍ରୱାଲ, ପରମାନନ୍ଦ ପ୍ରଧାନ, ରଞ୍ଜନ କୁମାର ଜାଲ, ଅନିଲ କୁମାର ପଣ୍ଡା, କୁବଲେଶ୍ୱର ପାଣିଗ୍ରାହୀ, ଶିବରାମ ରାଉତ, ଅମିତ ଅଗ୍ରୱାଲ, ଦୁର୍ଗାପ୍ରସାଦ ନାଏକ, ଈଶ୍ୱର ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସଚେତନତା ରଥ ଉଦ୍‌ଘାଟିତ



ଜିଲାପାଳ ସାକ୍ଷରତା ସାକ୍ଷରତା ରଥକୁ ଉଦ୍‌ଘାଟନ କରୁଛନ୍ତି।

ଭବାନୀପାଟଣା,୯।୯
(ଉତ୍ତମ କୁମାର ଦାଶ)

ସାକ୍ଷରତା ହେଉଛି ଜୀବନର ଏକ ମୌଳିକ ଆବଶ୍ୟକତା, ଯାହାଦ୍ୱାରା ବହୁ ଜ୍ଞାନ ହାସଲ କରାଯାଇପାରିବ। କିନ୍ତୁ ଶିକ୍ଷା ଏକ ଏମିତି ଜିନିଷ ଯାହା ଏକ ସରସ ସୁନ୍ଦର ଓ ଦାୟିତ୍ୱ ସମ୍ପନ୍ନ ନାଗରିକ ହେବା ପାଇଁ ଉଭୟ ସାକ୍ଷର ଓ ନିରକ୍ଷର ବ୍ୟକ୍ତିଙ୍କୁ ଆବଶ୍ୟକ ବୋଲି ଭବାନୀପାଟଣାରେ ଜିଲା ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଏଥିରେ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାର, ଏଡିଇଓ ଟେମଲାଲ ଦୁବେ, ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶିକା ଜୁଲି ମଙ୍ଗରାଜ, ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡା, ଜିଲା ସଂଯୋଜକ ହରିଶ୍ଚନ୍ଦ୍ର ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଜିଲାପାଳ ସାକ୍ଷରତା ଦିବସ ପତାକା ଉତ୍ତୋଳନ କରି ସାକ୍ଷରତା ରଥ ଉଦ୍‌ଘାଟନ କରିଥିଲେ ଏବଂ ଉପସ୍ଥିତ ବିଇଓ, ଏବିଇଓ, ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଓ ସମସ୍ତ ଶିକ୍ଷାପ୍ରେମୀଙ୍କୁ ସାକ୍ଷରତା ଦିବସର ଶପଥ ପାଠ କରାଇଥିଲେ। ଶିକ୍ଷକ ଜଗନ୍ନାଥ ତ୍ରିପାଠୀ ଓ ସାଥୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଶିକ୍ଷକ ଡିଲେଶର ରଣାଙ୍କ ନେତୃତ୍ୱରେ ବିରଞ୍ଚି ମୁଣ୍ଡ, ତ୍ରିନାଥ କୁମାର ଓ ଧନଞ୍ଜୟ ସାହୁ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉପରେ ଏକ ସୁନ୍ଦର ପଥପ୍ରାନ୍ତ ନାଟକ 'ଉକିଆ' ମଞ୍ଚସ୍ଥ କରିଥିଲେ। ଶିକ୍ଷାପ୍ରେମୀ ରାଧେଶ୍ୟାମ ଦାଶ ସାକ୍ଷରତା ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବ୍ଲକସ୍ତରରେ ଚୟନ ହୋଇଥିବା ୧୩ ବ୍ଲକର ୨୬ଜଣ ଛାତ୍ରୀଛାତ୍ର ଭାଷଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ସମସ୍ତ ଅଂଶ ଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ସଂଯୋଜକ ହରିଶ୍ଚନ୍ଦ୍ର ମୁଣ୍ଡ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩ରେ ଲାଞ୍ଜିଗଡ଼ରେ ୧୦ ଦଫା ଦାବି ନେଇ ଜନଆନ୍ଦୋଳନ

ଲାଞ୍ଜିଗଡ଼,୯।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଆସନ୍ତା ୧୩ ତାରିଖରେ ଲାଞ୍ଜିଗଡ ଅଞ୍ଚଳବାସୀଙ୍କ ଦ୍ୱାରା ଏକ ବିଶାଳ ଜନଆନ୍ଦୋଳନ ହେବ। ଦୀର୍ଘ ଦିନରୁ ସମସ୍ୟା ଘେରରେ ଥିବା ଲାଞ୍ଜିଗଡ ଅଞ୍ଚଳର ସମସ୍ୟାଗୁଡିକର ନିରାକରଣରେ ସରକାର ଓ ପ୍ରଶାସନ ବାରମ୍ବାର ଅଣଦେଖା କରିବା ଯୋଗୁ ଜନସାଧାରଣଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ବାରମ୍ବାର ଦାବି ଓ ଅଭିଯୋଗ ପରେ ବି କୌଣସି ସମାଧାନ ନ ହେବାରୁ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି ଲାଞ୍ଜିଗଡ ଅଞ୍ଚଳବାସୀ। ୧୦ଦଫା ମଧ୍ୟରେ ଲାଞ୍ଜିଗଡଠାରେ ଜେଏମଏଫସି କୋର୍ଟ ସ୍ଥାପନ, ଲାଞ୍ଜିଗଡ ଜଗନ୍ନାଥପୁରଠାରେ ଆଇଟିଆଇ ସ୍ଥାପନ, ଲାଞ୍ଜିଗଡଠାରେ ଅତିରିକ୍ତ ତହସିଲ ଅଫିସ କାର୍ଯ୍ୟକ୍ଷମ କରିବା, ଲାଞ୍ଜିଗଡ ପଞ୍ଚାୟତ ନିଜସ୍ୱ ଗୃହ ନିର୍ମାଣ, ଲାଞ୍ଜିଗଡଠାରେ ନିୟୋଜନ କାର୍ଯ୍ୟାଳୟ ଖୋଲିବା, ଜନସଂଖ୍ୟା ଦୃଷ୍ଟିରୁ ଏକ ମଡେଲ ଶ୍ମଶାନ ନିର୍ମାଣ, ଲାଞ୍ଜିଗଡର ସ୍କୁଲ, କଲେଜ ଓ ଡାକ୍ତରଖାନାର ଅବ୍ୟବସ୍ଥା ଦୂର କରିବା, ଲାଞ୍ଜିଗଡଠାରେ ବସଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମାଗାର ଓ ସର୍ବସାଧାରଣ ଶୌଚାଳୟ ନିର୍ମାଣ, ମିନି ଷ୍ଟାଡିୟମ ନିର୍ମାଣ ଆଦି ଦାବିରେ ଆସନ୍ତା ୧୩ ତାରିଖରେ ବିଶାଳ ଜନଆନ୍ଦୋଳନ ସହିତ ଏକ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନିଆଯାଇଛି। ଲାଞ୍ଜିଗଡ ନାଗରିକ କମିଟି ଆବାହକ ତଥା ଅବସରପ୍ରାପ୍ତ ଶିକ୍ଷକ ଉଦୟ କୁମାରଙ୍କ ଆବାହକତ୍ୱରେ ଏହି ଶୋଭାଯାତ୍ରା ଲାଞ୍ଜିଗଡ ରାଜାପଡାରୁ ବାହାରି ସହର ପରିକ୍ରମା କରି ଲାଞ୍ଜିଗଡ ଥାନାଧିକାରୀଙ୍କ ଜରିଆରେ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

# ଅପମିଶ୍ରିତ ନକଲି ମଦ ଜବତ, ୬ ଗିରଫ



ଜବତ ନକଲି ମଦ, ଅଭିଯୁକ୍ତ ଓ ଉପସ୍ଥିତ ବିଭାଗ କର୍ମଚାରୀ।

ନୂଆପଡ଼ା,୯।୯(ମକାରୁ ବେମାଲ)

ନୂଆପଡା ଜିଲା ଅବକାରୀ ବିଭାଗ ପୃଥକ ଭାବେ ୩ଟି ସ୍ଥାନରେ ଚଢାଉ କରି ବିପୁଳ ପରିମାଣରେ ଅପମିଶ୍ରିତ ନକଲି ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏହି ଅଭିଯୋଗରେ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଝାରଖଣ୍ଡ ଭଉରାହା ଗାଁର ପଙ୍କଜ କୁମାର ଯାଦବ (୨୪), ବିହାର ନବିନଗର ୱାର୍ଡ ୧୪ର ବିଦ୍ୟାଞ୍ଚଳ କୁମାର (୪୨), ରାୟପୁର ୱାର୍ଡ ନଂ-୬୯ର ରାଜେଶ କୁମାର ସିଂ (୩୪), ଦାନିତୋଲା ୯ ନହରନାଥ ଚୌକ ଧନତରିର ବିନୋଦ ସିଂ (୪୫)। ଏମାନେ କୋମନା ବିଦେଶୀ ମଦ ଦୋକାନରେ ନକଲି ମଦ ବିକ୍ରୟ କରିବା ସହ ଅଞ୍ଚଳକୁ ଖୁଚୁରା ଦୋକାନକୁ ଯୋଗାଉଥିଲେ। ସୂଚନାଯୋଗ୍ୟ ଯେ, କୋମନା ଠିପି ବନ୍ଦ ମଦ ଦୋକାନରୁ ଅଞ୍ଚଳର ଛୋଟ କୋଚିଆ ଦୋକାନକୁ ନକଲି ବା ଅପମିଶ୍ରିତ ମଦ ଯୋଗାଇ ଚଢା ଦରରେ ବିକ୍ରୟ କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଏହି ଆଧାରରେ ନୂଆପଡା ଅବକାରୀ ବିଭାଗ ପକ୍ଷରୁ କୋମନା ବିଦେଶୀ ମଦ ଦୋକାନ ଉପରେ ଚଢାଉ କରି ୪ଜଣଙ୍କୁ ଗିରଫ କରି ବିପୁଳ ପରିମାଣରେ ନକଲି ମଦ ୧୮୦ ଏମଏଲର ନଂ-୧ ୬୮ ଟି, ଆଇବି ୧୧୧ ଟି, ଫ୍ରିଷ୍ଟ ଲାଇନ ୧୪୪ଟି ମୋଟ ୩୨୩ ଟି ୫୮.୧୪ ଲିଟର, ଅପମିଶ୍ରଣ ତରଳ ପଦାର୍ଥ ୨୦ ଲିଟର, ୭୫୦ ଏମଏଲର ଖାଲି ବୋତଲ ୧୮ ଟି, ୧୮୦ ଏମଏଲ ଖାଲି ବୋତଲ ୩୩୬ଟି ମୋଟ ୩୫୪ ଟି ଖାଲି ବୋତଲ, ୧୨୫୮ ଗୋଟି ଖାଲି ଠିପି, ଲଗା ଯାଉଥିବା ଷ୍ଟିକର ୩୧୦ଟି ଓ ଗୋଟିଏ ବୋଲେରୋ ଜବତ କରାଯାଇଛି। ସେହିପରି କୋମନା ଥାନା ଜଟଗଡ ଗାଁର ଅନନ୍ତ ସାହୁ (୪୦) ଓ ମାନିଗୁଡା ଗାଁର ଭାଗବତ ଦୀପ (୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କଠାରୁ ୨୨୦ଟି ଖାଲି ମଦ ବୋତଲ, ୬୧ଟି ଷ୍ଟିକର, ୪୦୦ଟି ଖାଲି ଠିପି, ୭ ହଜାର ୫ ଶହ ଖାଲି ଜେବେରା ଛାପ ଥିବା ମଦ ପାଉଚ ଜବତ କରାଯାଇଛି। ଏମାନେ ବହୁ ଦିନରୁ ନକଲି ମଦ ତିଆରି କରି ବିକ୍ରୟ କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ଚଢାଉ କରିଥିଲା। ଚଢାଉରେ ଏସଆଇ ହିରାବତି ଥାର୍ଟି, ସଞ୍ଜିବ ବେହେରା, ଓଆଇସି ଗୁପ୍ତେଶ୍ୱର ପଟେଲ, ଏଏସଆଇ ସରୋଜ କଟା, ରାମଚନ୍ଦ୍ର ଜାନି, ଧନରାଜ ଦଣ୍ଡସେନା ଓ ଅନ୍ୟ କର୍ମଚାରୀମାନେ ସାମିଲଥିଲେ।

# ଘୁମୁରା ନାଚ ମାଧ୍ୟମରେ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୯।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ମେଣ୍ଡାଟାଲ ଉଚ୍ଚ ବିଦ୍ୟାଳୟରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କୁ ନେଇ ଘୁମୁରା ନାଚ ପରିବେଷଣ କରି ଗାଁ ଗାଁ ବୁଲି ଶିକ୍ଷା ସାକ୍ଷରତା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛନ୍ତି। ଗାଁ ମଝିରେ ବା ଜନଗହଳିପୂର୍ଣ୍ଣ ସ୍ଥାନରେ ଘୁମୁରା ନାଚ ମାଧ୍ୟମରେ ଶିକ୍ଷା ସମ୍ପର୍କରେ ସଚେତନତା ବର୍ତ୍ତା ଦେଉଛନ୍ତି। ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ବିଭାଗ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ସଙ୍ଗିତା ପଣ୍ଡା



ମୁଖ୍ୟଅତିଥି, କୋମନା ଗୋଷ୍ଠି ଶିକ୍ଷା ଅଧିକାରୀ ଅନିତା ପଣ୍ଡା, ଠିକପାଲି ସିଆରସିସି ସନ୍ତୋଷ କୁମାର ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ କର୍ମଚାରୀ ଚନ୍ଦନ ଶଗରିଆ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା/ସଦସ୍ୟ, ଶିକ୍ଷୟିତ୍ରୀ/ଶିକ୍ଷକମାନେ ସହଯୋଗ କରିଥିଲେ।

# ଜିଜ୍ଞାସା ତାଲିମ ଶିବିର ଉଦ୍‌ଯାପିତ

ସିନାପାଲି,୯।୯(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ମୋ ସ୍କୁଲ ଅଭିଯାନ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଚାଲିଥିବା ୨ ଦିନିଆ ଦକ୍ଷତା ବିକାଶ ତାଲିମ ଶିବିର ଜିଜ୍ଞାସା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବୋଡେନ, ସିନାପାଲି ଏବଂ ଖଡ଼ିଆଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରାୟ ୮୦ଜଣ ଜୀବବିଜ୍ଞାନ ବିଭାଗ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ସ୍ଥାନୀୟ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ କୁମାର ସେଠ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମ ଦିନ ଶିବିର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ମେହେର ପରିଚାଳନା କରିଥିଲେ। ଶିବିରରେ ସାଧନାକର୍ମୀ ପ୍ରଣୟ କିଶୋର ମେହେର, ସିଦ୍ଧାର୍ଥ ଦାସ ଓ ସଙ୍ଗୀତା ବେହେରା ତାଲିମ ପ୍ରଦାନ କରିଥିଲେ। ଶିକ୍ଷକ ଅନିଲ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହେଶ କୁମାର ମେହେର, ଭୁବନେଶ୍ୱର ଯୋଷୀ, କେଦାର ନାଥ କାଣ୍ଡ, ଆଶିଷ କୁମାର ସା, କନକ ମଞ୍ଜରୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ।

# ଲାଞ୍ଜିଗଡ଼ରେ ସ୍ଥାପନ ହୋଇପାରିନି ଜେଏମ୍‌ଏଫ୍‌ସି କୋର୍ଟ

■ଜିଲାପାଳଙ୍କୁ ଦାବିପତ୍ର
■ଘୋଷଣାର ୯ ବର୍ଷ ବିତିଲା

ଭବାନୀପାଟଣା,୯।୯
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ଗତ ୯ ବର୍ଷ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ହେଲେ ଆଜି ଯାଏ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏପରିସ୍ଥଳେ ଶୁକ୍ରବାର ଲାଞ୍ଜିଗଡ ବ୍ଲକ ଏକ ପ୍ରତିନିଧି ଦଳ ଆସି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ଲାଞ୍ଜିଗଡଠାରେ ଆଇଟିଆଇ ସ୍ଥାପନ, ବସୁନ୍ଧରା ଯୋଜନାରେ ସାମିଲ କରି ଲାଞ୍ଜିଗଡରେ ପାନୀୟ ଜଳ ସମସ୍ୟା ଦୂରୀକରଣ, ଅତିରିକ୍ତ ତହସିଲ କାର୍ଯ୍ୟାଳୟ ପୁନଃ କାର୍ଯ୍ୟକ୍ଷମ କରିବା, ଲାଞ୍ଜିଗଡ ପଞ୍ଚାୟତ କାର୍ଯ୍ୟାଳୟ ନୂତନ ଗୃହ ନିର୍ମାଣ ଆଦି ଦାବି କରିଥିବା ଜଣାପଡିଛି।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

୯ ବର୍ଷ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ଘୋଷଣା ପରେ ଜିଲା ପ୍ରଶାସନ ଓ ନ୍ୟାୟିକ ବିଭାଗ ଦ୍ୱାରା କୋର୍ଟ ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ ନିଜ ରାଜପ୍ରାସାଦର ଅଂଶ ଦେବାକୁ ରାଜି ହୋଇଥିଲେ। କୋର୍ଟର ନିଜସ୍ୱ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ କୌଣସି ଭଡା ନ ନେବାକୁ ଲିଖିତ ଭାବେ ସମ୍ମତି ପ୍ରଦାନ କରିଥିଲେ। ଏହାର ଆବଶ୍ୟକ ମରାମତି ଶେଷ ହୋଇ ୪ ବର୍ଷ ବିତିଗଲା ପରେ ଉଦ୍‌ଘାଟନ ହେବାବେଳକୁ ନ୍ୟାୟିକ ବିଭାଗ ଓ ଦାୟିତ୍ୱରେ ଥିବା ବିଚାରପତି ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ବିଚାରପତି ଅନ୍ୟ ଏକ ଗୃହ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। କୁଟିଆକନ୍ଧ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମିତ ସ୍କୁଲ ହଷ୍ଟେଲ ଗୃହ ନିର୍ମାଣ ଦିନରୁ ଅବ୍ୟବହୃତ ହୋଇ ପଡିରହିଥିବାବେଳେ ସେଠାରେ ନୂତନ ଭାବେ ଜେଏମଏଫ୍‌ସି କୋର୍ଟ ସ୍ଥାପନ ପାଇଁ ଦାବି କରିଛନ୍ତି। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରିଙ୍କ ନେତୃତ୍ୱରେ ଲାଞ୍ଜିଗଡ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଶ୍ରୀଧର ପେସନିଆ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଡା ସରପଞ୍ଚ ଚାଞ୍ଚେର ମାଝି, ଛତ୍ରପୁର ସରପଞ୍ଚ ସୁଷମା ମାଝି, ଜଗନ୍ନାଥପୁର ସରପଞ୍ଚ ମୁଗାନା ମାଝି, ବାତେଲିମା ସରପଞ୍ଚ କରୁଣା ମାଝି, ସାମାଜିକ କର୍ମୀ ଚନ୍ଦ୍ରଶେଖର ମହାପାତ୍ର, କୃଷ୍ଣଚନ୍ଦ୍ର ମହାରଣା, ଜନ୍ମେଶ୍ୱର ପୂଝାରୀ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୦ ସେପ୍ଟେମ୍ବର ୨୦୨୩



## ସଂକ୍ଷେପରେ

### ମୂଲ ଲାଗିବାକୁ ଯାଇ ମହିଳା ନିଖୋଜ

ଭେଡ଼େନ,୯।୯(ଡ଼ି.ଏନ.ଏ.): ବରଗଡ଼ ଜିଲା ଭେଡ଼େନ ଥାନା ରଷୁଡ଼ା ଫାଣ୍ଡି ଅନ୍ତର୍ଗତ ଉଦେପୁର ଗ୍ରାମର ଜଣେ ବିବାହିତା ମହିଳା ମୂଲ ଲାଗିବାକୁ ଯାଇ ଶୁକ୍ରବାରଠାରୁ ନିଖୋଜ ଅଛନ୍ତି। ଏ ନେଇ ଥିବା ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରୁଛି। ପ୍ରକାଶ ଯେ, ଉଦେପୁର ଗ୍ରାମର ଶରତ ପାଣିଗ୍ରାହୀଙ୍କ ଝିଅ ଲକ୍ଷ୍ମୀ ସୁନା (୨୩) ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମର ଦୁର୍ଲଭ ସୁନାଙ୍କୁ ୫ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ସେ କୌଣସି କାରଣରୁ ବର୍ଷେ ହେଲା ନିଜ ସ୍ୱାମୀଙ୍କ ସହ ଆସି ବାପଘର ଉଦେପୁରରେ ରହିବା ସହ କୁଲିମଜୁରୀ କରି ଚଳୁଥିଲେ। ଶୁକ୍ରବାର ନିଜ ଅଢେଇ ବର୍ଷର ଶିଶୁପୁତ୍ରକୁ ଅଜା ପାଖରେ ଛାଡ଼ି ଲକ୍ଷ୍ମୀ ଅନ୍ୟର ମୂଲ ଲାଗିବାକୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ଲକ୍ଷ୍ମୀଙ୍କ ଅଜା ପୁହୁରୁ ପାଣିଗ୍ରାହୀ ବହୁ ଖୋଜାଖୋଜି କରିବା ପରେ ଶନିବାର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତେବେ ଲକ୍ଷ୍ମୀଙ୍କ ସ୍ୱାମୀ ମଧ୍ୟ ୩ ମାସ ହେବ ଘର ଛାଡ଼ି କୁଆଡ଼େ ଚାଲିଯାଇଥିବା ଜଣାଯାଇଛି।

### ମିଶନ ଶକ୍ତି ଗୃହରେ ପ୍ରଶିକ୍ଷଣ ଶିବିର

ଘଣ୍ଟାପଡ଼ା,୯।୯( ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକସ୍ଥିତ ମିଶନ ଶକ୍ତି ସମୀକ୍ଷା ଗୃହଠାରେ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୫୦ରୁ ଉର୍ଦ୍ଧ୍ୱ ଇ ସି ମେମ୍ବର, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ କଣ୍ଟାମାଳ ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢୀ ଯୋଗଦେଇ ବାଲ୍ୟ ବିବାହ ନିରୋଧ ଆଇନ ୨୦୦୬ ଉପରେ ଆଲୋକପାତ କରିବା ସହ କଣ୍ଟାମାଳ ବ୍ଲକକୁ ସମ୍ପୂର୍ଣ୍ଣ ଭାବରେ ବାଲ୍ୟ ବିବାହ ମୁକ୍ତ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହାଛଡା ଶିଶୁମାନଙ୍କ ସୁରକ୍ଷା ଆଇନ ୨୦୧୨ ଏବଂ କିଶୋର ନ୍ୟାୟ ଆଇନ ଉପରେ କହିଥିଲେ। ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ )ରାଜେନ୍ଦ୍ର ମଲ୍ଲିକ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ ଶିଶୁ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ଚିତ୍ରସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ରଞ୍ଜିତ ସାହୁ ସହଯୋଗ କରିଥିଲେ।

### ବହିଷ୍କୃତ ହେଲେ ଶ୍ରମ ବିଭାଗର କଲ୍ୟାଣ ଅଧିକାରୀ

ବୌଦ୍ଧ,୯।୯(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ଶ୍ରମ ବିଭାଗରେ କଲ୍ୟାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସୁଜିତ କୁମାର ଦାସଙ୍କୁ ବହିଷ୍କାର କରାଯାଇଥିବା ଜଣାପଡିଛି । ସେ ବିବାହ ସାର୍ଟିଫିକେଟରେ ଚଞ୍ଚକତା କରି ପ୍ରୋତ୍ସାହନ ରାଶି ହଡପ କରିଥିବା ଅଭିଯୋଗ ଆସିବା ପରେ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ ଶନିବାର ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଛନ୍ତି । ଏନେଇ ଶ୍ରମ ଅଧିକାରୀ ପାଇକରାୟଙ୍କୁ ପଚାରିବାରେ ସେ ଆଉଟ ସୋର୍ସିଂ କର୍ମଚାରୀ ଥିଲେ । ତାଙ୍କ ବିରୋଧରେ ଆର୍ଥିକ ଅନିୟମିତତା କାରବାର ଜଣାପଡିବା ପରେ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ପ୍ରକାଶ କରିଛନ୍ତି।

### ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ବେହେରା,୯।୯(ଭୁପେଶ ତିୱାରୀ) କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବରେଡକ୍ରସ ୟୁନିଟ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ୩ଦିନ ଯାଏ ଚାଲିବାକୁ ଥିବା ପ୍ରାଥମିକ ଚିକିତ୍ସା ଶିବିରକୁ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ ଉଦଘାଟନ କରି ପ୍ରାଥମିକ ଚିକିତ୍ସା ବିଷୟରେ ଜ୍ଞାନ ହାସଲ କଲେ ଆମେ ଅନେକ ଅମୂଲ୍ୟ ଜୀବନ ବଞ୍ଚାଇ ପାରିବା ବୋଲି କହିଥିଲେ। ପ୍ରାଥମିକ ଚିକିତ୍ସାର ବିଭିନ୍ନ ନିୟମ, କୌଶଳ ବିଷୟରେ ପ୍ରାଥମିକ ଚିକିତ୍ସକ ଆରପି ତଥା ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଷି ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଘାଟନୀରେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ନିକୁଞ୍ଜ ବିହାରୀ ସାହୁ, ଅକ୍ଷୟ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, ଫକୀର ଚଣ୍ଡି ଉପସ୍ଥିତ ଥିଲେ। ଶିବିରରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଯୁବରେଡକ୍ରସ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

# ନବାନ୍ନ ପରେ ଆନ୍ଦୋଳନ ପ୍ରସ୍ତୁତି

**ପଦ୍ମପୁର ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ**

ପଦ୍ମପୁର,୯।୯ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଜିଲା ଘୋଷଣା ଦାବି କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରାଜାଜୀ ଟାଉନ ହଲଠାରେ ମନୋରଞ୍ଜନ ସିଂ ବରିହାଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି ଯୋଗଦାନ କରି ମତାମତ ଦେଇଥିଲେ। ମିଳିତ କ୍ରିୟାନୁଷ୍ଠାନ ଆବାହକ ଅଜିତ ଶତପଥି ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଦୀର୍ଘ ୩୦ ବର୍ଷ ଆନ୍ଦୋଳନର ଅନୁଭୂତି ବର୍ଣ୍ଣନ କରିଥିଲେ। ମୁଖ୍ୟମନ୍ତ୍ରୀ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ପଦ୍ମପୁରକୁ ଜିଲା ଘୋଷଣା କରିବାକୁ ପ୍ରତିଶ୍ରୁତି ଦେଇଥବବାରୁ ତାକୁ ସ୍ୱାଗତ କରାଯାଇଥିଲା। ଶୀଘ୍ର ଜିଲାସ୍ତରୀୟ କାର୍ଯ୍ୟାଳୟ ସ୍ଥାପନ କରିବା ପ୍ରକ୍ରିୟାର ଅଗ୍ରଗତି ସଂପର୍କରେ ବିଧାୟିକ ବର୍ଷା ସିଂ ବରିହାଙ୍କୁ ଅବଗତ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲା ଗଠନ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ କରିବା ପାଇଁ ନବାନ୍ନ ପରେ ଏକ ବୈଠକ ହେବ ବୋଲି ସୂଚନା ଦିଆଯାଇଥିଲା। ମନୋରଞ୍ଜନ ସିଂ ବରିହା, ଜୟନାରାୟଣ ତ୍ରିପାଠୀ, ବିଜୟ ସାହୁ ବୈଠକ ଡାକିବେ ବୋଲି ମତପ୍ରକାଶ ପାଇଥିଲା। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପ୍ରଦୀପ ପୁରୋହିତଙ୍କ ପ୍ରତିନିଧି ପ୍ରୀତେଶ ବହିଦାର, ଏନଏସି ଅଧ୍ୟକ୍ଷଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଭୋଇ, ବିଜେଡିର ନବକିଶୋର ବରିହା, ଟ୍ରକ ମାଲିକ ସଂଘ ସମ୍ପାଦକ ହେମନ୍ତ ପଟ୍ଟନାୟକ, କଳା ମନ୍ଦିର ୟୁଥ୍ କ୍ଲବର ଶ୍ୟାମଳ ଦାଶ, ନରସିଂହ ପଟ୍ଟନାୟକ, ଆଶା ଓ ସହାରର ଅଶୋକ ମିଶ୍ର, ଅଖିଳ କାନୁନଗୋ, ନାଗରିକ କମିଟି ଉପ ସଭାପତି ନିରୋଜ ଦୋରା, ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀ, ସୁନ୍ନି ମୁସଲିମ ସମାଜର ମହମ୍ମଦ ୱାହିଦ, ମାରୱାଡି ଯୁବାମଞ୍ଚର ସୁନୀଲ ଅଗ୍ରୱାଲ, ବଣିକ ସଂଘ ଉପ ସଭାପତି ସୁନୀଲ ଅଗ୍ରୱାଲ, ବୋଡାସମ୍ବର ଡ୍ରାଇଭର ସଂଘ ସଭାପତି ଲବଣୀ ନାଗ, କୋଶଳ ମୁକ୍ତି ମୋର୍ଚ୍ଚାର ମହେଶ ପଣ୍ଡା, ମିଳିତ ଯୁବ କ୍ରିୟାନୁଷ୍ଠାନ କମିଟିର ସୁରଜ ଅଗ୍ରୱାଲ, ଏବିସିଡି ଅନୁଷ୍ଠାନର ସଭାପତି ରଘୁନାଥ ପୁରୀ, ଷ୍ଟାମ୍ପ ଭେଣ୍ଡର ସଂଘର ସନ୍ତୋଷ ମହାନ୍ତି, ବଜରଙ୍ଗ ଦଳର ସୁରେଶ ରାମଚନ୍ଦାନୀ, ହନୁମାନ ଜନ୍ମ ମହୋତ୍ସବ ସମିତିର ଅଜୁ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ଜିଲା ଗଠନ ସପକ୍ଷରେ ମତ ଦେଇଥିଲେ।


ବୈଠକରେ ମଞ୍ଚାସୀନ କମିଟି କର୍ମକର୍ତ୍ତା।

## ଦାବି ପୂରଣ ନ ହେଲେ ୧୩ରୁ ଆନ୍ଦୋଳନ

ପଦ୍ମପୁର,୯।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା କମିଟି ମଧ୍ୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଦିବାସୀ ମହିଳାମାନଙ୍କ ଉପରେ ଅତ୍ୟାଚାର କରାଯାଉଛି ବୋଲି ଅଭିଯୋଗ ହୋଇଥିଲା। ଗତ ଅଗଷ୍ଟ ୮ତାରିଖରେ ଏ ନେଇ ପାଇକମାଲଠାରେ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏଯାଏ କୌଣସି ପଦକ୍ଷେପ ନିଆଗଲାନାହିଁ। ତେଣୁ ଦାବି ପୂରଣ ନ ହେଲେ ଆସନ୍ତା ୧୩ତାରିଖରୁ ହଜାର ହଜାର ଆଦିବାସୀ ମହିଳାପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବେ ବୋଲି ମହାସଂଘ ଚେତାବନୀ ଦେଇଥିଲା। ବୈଠକରେ ପଦ୍ମପୁର ଉପଖଣ୍ଡ ଅଧୀନ ସମସ୍ତ ୯ଟି ଥାନାର ଅଧିକାରୀଙ୍କ ସମେତ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା କମିଟିର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ, ଜିଲା ସଭାପତି ଗୋବିନ୍ଦ ବରିହା, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ଶଶିଭୂଷଣ ବରିହା, ସଞ୍ଜୟ ଜରଜରିଆ, ଭାଗିରଥି ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

## ପାଇକମାଲ ହାଇସ୍କୁଲରେ ବିଜ୍ଞାନ ସେମିନାର



ସେମିନାରରେ ମଞ୍ଚାସୀନ ଅତିଥି।

ପାଇକମାଲ,୯।୯(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡାମଣି ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଣ୍ଡିଆ ଜାତୀୟ ଶସ୍ୟର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବଢୁଥିବା ଲୋକପ୍ରିୟତା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ୨୬ଟି ହାଇସ୍କୁଲର ଛାତ୍ରୀଛାତ୍ର ଏହି ସେମିନାରରେ ଭାଗ ନେଇଥିଲେ। ବିଚାରକ ଭାବେ ହୃଦାନନ୍ଦ ଭୋଇ ଓ ମୋହନ ସୁନ୍ଦର ବେହେରା ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ଆଦିତ୍ୟ ନାରାୟଣ ପଣ୍ଡା ପ୍ରଥମ, ପଞ୍ଚାୟତ ହାଇସ୍କୁଲ ବୁକୁରାମୁଣ୍ଡାର ନେହା ଭୋଇ ଦ୍ୱିତୀୟ ଓ ମାଣ୍ଡୋସିଲ ହାଇସ୍କୁଲର ସ୍ୱୟଂଶ୍ରୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜ୍ୟୋତିର୍ମୟୀ ପଟ୍ଟନାୟକ ଅତିଥି ପରିଚୟ ଓ ଲଳିତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ରଜତ କୁମାର ସାହୁ ଓ ତ୍ରିଲୋଚନ ନାଏକ ସହଯୋଗ କରିଥିଲେ।

# ପଥପ୍ରାନ୍ତ ନାଟକରେ ସାକ୍ଷରତା ଅଭିଯାନ



ସଚେତନତା ପାଇଁ ନାଟକ ପରିବେଷଣ କରାଯାଉଛି।

ବରପାଲି,୯।୯(ଚିତ୍ତରଞ୍ଜନ ସାହୁ)

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ବରପାଲି ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ପକ୍ଷରୁ ଗଡଗଡଦଲା ଗାଁକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରାଯାଇଛି। ଏହାସହ ଉକ୍ତ ଗାଁରେ ନିରକ୍ଷର ଲୋକଙ୍କୁ ଶିକ୍ଷିତ କରିବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି। ସାହିତ୍ୟ କ୍ଲବ ଏବଂ ଥିଏଟର କ୍ଲବର ମିଳିତ ଉଦ୍ୟମରେ ସଦସ୍ୟମାନେ କିଛି ଶିକ୍ଷକଙ୍କ ସହ ଏହି ଗ୍ରାମ ପରିଦର୍ଶନ କରି ସାକ୍ଷରତାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଦର୍ଶକଙ୍କ ସହ ଯୋଡିହେବା ପାଇଁ 'ସଭେ ପଢ଼ମା ଦେଶ ଗଢମା' ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ମା'ମାନଙ୍କ ସହିତ ଏକ ବୈଠକ ଆୟୋଜନ କରାଯାଇଥିଲା। ସାକ୍ଷର ହେବା ଦ୍ୱାରା ଜଣେ ବ୍ୟକ୍ତିଙ୍କ ଜୀବନ କିପରି ସମୃଦ୍ଧ ହୁଏ ଏବଂ ଜଣେ ଅଶିକ୍ଷିତ ବ୍ୟକ୍ତି ସମାଜକୁ ସାମ୍ନା କରିବାରେ କିପରି ଅସୁବିଧାର ସମ୍ମୁଖୀନ ହୁଏ ସେ ନେଇ ଆଲୋଚନା କରାଯାଇଥିଲା। ପରେ ପିଲାମାନଙ୍କୁ ପାଠ୍ୟ ଉପକରଣ ଏବଂ ଚକୋଲେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ରୀତା ଭୋଇ, ଶିକ୍ଷକ ଆଦିତ୍ୟ ପ୍ରସାଦ କର ଏବଂ ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଗଞ୍ଜେଇ ଜବତ: ୪ ଗିରଫ

ଅମରପାଲି,୯।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଦୁଇଟି ସ୍ଥାନରୁ ପୋଲିସ ୭ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି । ପ୍ରକାଶ ଯେ, ସୁବଳୟା ଥାନା ଅନ୍ତର୍ଗତ ପିତାମହୁଲ ଛକରୁ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଅଞ୍ଚଳର ପ୍ରଶାନ୍ତ ମିଶ୍ର ଓ ଧୀରେନ୍ଦ୍ର ଦେବ । ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ସୁବଳୟା ପୋଲିସ ରେଢ଼ାଖୋଲ ରାସ୍ତାର ପିତାମହୁଲ ଛକରେ ଜଗିଥିଲେ। ଉକ୍ତ ଛକରେ ଅଭିଯୁକ୍ତଦ୍ୱୟ ଗଞ୍ଜେଇ ଧରି ବସକୁ ଅପେକ୍ଷା କରିଥିଲେ । ପୋଲିସ ଉଭୟଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ତାଙ୍କ ଠାରୁ ୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନଂ.୧୪୭/୨୩ ଏକ ମାମଲା ରୁଜୁ ହୋଇଛି । ସେହିପରି ଗଞ୍ଜେଇ ଚୋରା ଚାଲାଣ ବେଳେ ପୋଲିସ ବୀରମହାରାଜପୁର ଥାନା ଅନ୍ତର୍ଗତ ଫୁଲଚରା ରାସ୍ତା ନିକଟରୁ ଦୁଇ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି । ଗିରଫ ଦୁଇ ଜଣ ହେଲେ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ପୁରୁନାପାନି ଗ୍ରାମର ବିଷ୍ଣୁ ପଞ୍ଚବିହା(୨୬) ଓ ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଅନ୍ତର୍ଗତ ନାରାଣପ୍ରସାଦ ଗ୍ରାମର ବଳଭଦ୍ର ମୁଖୀ(୩୦) । ଶନିବାର ସନ୍ଧ୍ୟାରେ ବୀରମହାରାଜପୁର ପୋଲିସ ପାଟ୍ରୋଲିଂ କରିବା ବେଳେ ଫୁଲଚରା ଛକ ନିକଟରେ ଦୁଇ ଜଣ ଯୁବକଙ୍କୁ ସନ୍ଦେହ କରି ଅଟକାଇ ଥିଲା । ପଚରାଉଚୁରା ବେଳେ ସେମାନଙ୍କ ପାଖରୁ ପ୍ରାୟ ୪ କେଜି ୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏନେଇ ବୀରମହାରାଜପୁର ଥାନାରେ ନଂ ୧୫୨/୨୩ ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀଙ୍କ ରାଜେଶରୀ ଭୋଇ ପ୍ରକାଶ କରିଛନ୍ତି।

## ଭଗବତ ଚେତନା ସମିତି ପକ୍ଷରୁ ନନ୍ଦୋତ୍ସବ ପାଳିତ


ନନ୍ଦୋତ୍ସବ ଅବସରରେ କୃଷ୍ଣ ଓ ବଳରାମ।

ଡୁଙ୍ଗୁରିପାଲି,୯।୯( ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଭଗବତ ଚେତନା ସମିତି ପକ୍ଷରୁ ସ୍ଥାନୀୟ ଆରଏମସିସ୍ଥିତ ଗୋପପୁରରେ ୨୫ତମ ବାର୍ଷିକ ନନ୍ଦୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ନନ୍ଦ, ଯଶୋଦାଙ୍କ ସହ କୃଷ୍ଣ ଓ ବଳରାମ ନଗର ପରିଭ୍ରମଣ ମୁଖ୍ୟ ଆକର୍ଷଣ ଥିଲା। ବସ୍ତି ଜଗନ୍ନାଥ ମନ୍ଦିର ଓ ଗୌନ୍ତିଆ ସରୋଜ ବିଶ୍ୱାଳଙ୍କ ଘରେ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ପରେ ପ୍ରତି ପରିବାର ଶୋଭାଯାତ୍ରା ସମୟରେ କୃଷ୍ଣ ବଳରାମଙ୍କ ପାଦ ଧୋଇଥିଲେ । ଆରଏମସି ତଥା ଗୋପପୁରରେ ପହଞ୍ଚିବା ପରେ କୃଷ୍ଣ ଓ ବଳରାମ ଦଧିହାଣ୍ଡି ଭାଙ୍ଗିଥିଲେ । ପ୍ରବଚକ ମାନଭଞ୍ଜନ ବ୍ରହ୍ମଚାରୀ , ଦୀପ୍ତିକୁମାର ସିଂ ଓ ଗୌରଗୋବିନ୍ଦ ଦାସ ଯୋଗଦେଇ ପ୍ରବଚନ ଦେଇଥିଲେ । ପୂଜକ ଭାବରେ ବାସୁଦେବ ମହାପାତ୍ର ଓ ବ୍ୟାସ ଭାବରେ ସତ୍ୟେନ୍ଦ୍ର ରଥ କାର୍ଯ୍ୟ ସମ୍ପାଦନ କରିଥିଲେ। ନନ୍ଦରାଜା ଭୂମିକାରେ ଲମ୍ବୋଦର ଦଣ୍ଡସେନା, ଯଶୋଦା ଭୂମିକାରେ ସୁଲତା ଦଣ୍ଡସେନା, କୃଷ୍ଣ ଭୂମିକାରେ ଉପତ ଦଣ୍ଡସେନା ଓ ବଳରାମ ଭୂମିକାରେ ପ୍ରିୟାଂଶୁ ଚାଉଁର ଅଭିନୟ କରିଥିଲେ । ନନ୍ଦୋତ୍ସବ କମିଟି ସଭାପତି ଘମୁଦୁ ବିଶ୍ୱାଳ, ସମ୍ପାଦକ ଅର୍ଜୁନ ସାହୁ, କୋଷାଧ୍ୟକ୍ଷ ଜଳନ୍ଧର ସାହୁ ଓ ସଞ୍ଚାଳକ ଲକ୍ଷ୍ମୀଧର ନାୟକ ଏବଂ ଡୁଙ୍ଗୁରିପାଲି ଭଗବତ ଚେତନା ସମିତି ସଭାପତି ଦୁର୍ଲଭ ସେଠ, ସମ୍ପାଦକ ଅରକ୍ଷିତ ମେହେର ପ୍ରମୁଖ ତତ୍ତ୍ୱାବଧାରକ ଥିଲେ । କମିଟି ସଭ୍ୟ ପ୍ରାଣବନ୍ଧୁ ନାୟକ, ବିରେନ୍ଦ୍ର ସାହୁ , ଶଲ୍ୟ ନାଏକ , କପିଳ ନାୟକ , ସୁବାସ ଥଇତ, ରମେଶ ଥନାପତି, ଶଙ୍କର ଦନ୍ତା, ପୀତାମ୍ବର ମେହେର, ବୁଠି ଦଣ୍ଡସେନା, କୃଷ୍ଣଚନ୍ଦ୍ର ସାହୁ ଓ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ଲୋକ ଅଦାଲତ

ବୌଦ୍ଧ,୯।୯(ଅଜିତ କୁମାର ବାରିକ)



ହରଭଙ୍ଗା କୋର୍ଟ ପରିସରରେ ବିଚାରପତି ମାମଲା ଫଇସଲା କରୁଛନ୍ତି।

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟିର ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତ ହୋଇଥିଲା । ଅଦାଲତରେ ସର୍ବମୋଟ ୫ ଗୋଟି ଫୌଜଦାରୀ ମାମଲାର ଫଇସଲା ହୋଇଥିବା ବେଳେ ବିଭିନ୍ନ ବ୍ୟାଙ୍କର ୧୧ ଗୋଟି ମାମଲା ଫଇସଲା କରାଯାଇ ୨ଲକ୍ଷ ୨୩ ହଜାର ଟଙ୍କା ଆଦାୟ କରାଯାଇଥିଲା । ଲୋକ ଅଦାଲତରେ ସରକାରୀ ଓକିଲ ଅଜିତ ପରିଡା, ସମସ୍ତ ଆଇନଜୀବୀ, ବ୍ୟାଙ୍କ କର୍ତ୍ତୃପକ୍ଷ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ ।

# ପଣ୍ୟାଗାର ନିଗମ ଅଧ୍ୟକ୍ଷଙ୍କୁ ଶ୍ରଦ୍ଧାଞ୍ଜଳି

ପାଇକମାଲ,୯।୯(ବଡ ଶତପଥୀ)

ପଦ୍ମପୁର ଅଞ୍ଚଳର ବିଜେଡି ନେତା ତଥା ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ସ୍ୱର୍ଗତ ମହେନ୍ଦ୍ର ବଡେଇଙ୍କୁ ଭାଜପା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ପାଇକମାଳ ଭାଜପା କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ବଡେଇଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲା ଉପ ସଭାପତି ସରୋଜ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଭାଜପା ସଦସ୍ୟମାନେ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା କରି ଗୋଟିଏ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ବଡେଇ ଜଣେ ଅମାୟିକ ବ୍ୟକ୍ତି ଥିଲେ ଏବଂ ପଦ୍ମପୁର ଅଞ୍ଚଳର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିଲେ। ତାଙ୍କ ମୃତ୍ୟୁ ପଦ୍ମପୁର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ କହିଥିଲେ। ସଭାରେ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ପାଇକମାଳ ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ଯୁବନେତା ସୁଶାନ୍ତ ନାଗ, ରୋଶନ ପାଣିଗ୍ରାହୀ, ସତ୍ୟ ନାରାୟଣ ବେହେରା, ପର୍ଶୁରାମ ନାୟକ, ତିଳିକ ରଣା, ରାଜା ମହମ୍ମଦ, ପିଣ୍ଟୁ ଭୋଇ, ବିକି ଅଗ୍ରୱାଲ, ରାଜେନ୍ଦ୍ର ସେଠ ପ୍ରମୁଖ ଉପସ୍ଥିତ ଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

# ଏନ୍‌ଏସି ଅଫିସରେ ଗୋରୁ ଛାଡ଼ିଲା ଶ୍ରୀରାମ ସେନା

ବରପାଲି,୯।୯(ଚିତ୍ତରଞ୍ଜନ ସାହୁ)

ବରପାଲି ସହରରେ ଗୋରୁଙ୍କ ଅବାଧ ବିଚରଣ ଯୋଗୁ ପ୍ରତ୍ୟହ ଛୋଟମୋଟ ଦୁର୍ଘଟଣାମାନ ଘଟିବା ସହ ପ୍ରାଣହାନି ହେଉଛି। ଏହାର ପ୍ରତିବାଦରେ ସ୍ଥାନୀୟ ଶ୍ରୀରାମ ସେନାର କର୍ମକର୍ତ୍ତା ଏନ୍‌ଏସି ଅଫିସରେ ଲିଖିତ ଭାବେ ଅଭିଯୋଗ କରିବା ସହ ତୁରନ୍ତ ଗୋରୁଗାଈଙ୍କୁ ରାସ୍ତାରୁ ନେଇ ଗୋଶାଳାରେ ରଖିବା ପାଇଁ ଦାବି କରିଛନ୍ତି। ସେହିପରି ଗୋରୁ ଗାଈ, ଘୁଷୁରୀ, କୁକୁର ରାସ୍ତା ଉପରେ ଅବାଧରେ ବୁଲୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି। ସେମାନେ ବାହାରେ ବୁଲିବା ଯୋଗୁ ଖାଇବାକୁ ମଧ୍ୟ ପାଉନାହାନ୍ତି। ପ୍ରଶାସନ କେବଳ ମାତ୍ର ମାଇକ ଯୋଗେ ଗୋରୁଗାଈ ରାସ୍ତା ଉପରୁ ନେଇ ଯିବା ପାଇଁ ମାଲିକମାନଙ୍କୁ କହି ହାତବାନ୍ଧି ବସିଛି ବୋଲି ଅଭିଯୋଗ କରି ସେନାର କର୍ମୀମାନେ ବସ୍‌ଷ୍ଟାଣ୍ଡ, ଶ୍ୟାମା ଛକ, କଲେଜ ଛକ ଆଦି ଅଞ୍ଚଳରୁ ବୁଲା ଗାଈ ଗୋରୁଙ୍କୁ ଘଉଡାଇ ନେଇ ଏନ୍‌ଏସି ଅଫିସ ଭିତରେ ରଖିବା ସହ ଖାଦ୍ୟ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଶୁକ୍ରବାର ରାତିରୁ ଶନିବାର ଯାଏ ଗାଈଗୋରୁ ରହିଥିବାରୁ ଏନ୍‌ଏସି ଅଫିସ ପରିସର ଗୋବରମୟ ହୋଇଯାଇଛି। ସେହିପରି ସହରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।



ଏନ୍‌ଏସି ଅଫିସ ପରିସରରେ ଗୋରୁଗାଈ।




## ସଂକ୍ଷେପରେ

### ଟ୍ରେନରେ କଟି ମହିଳା ମୃତ

ରାଉରକେଲା,୯।୯(ଦିନେଶ ମିଶ୍ର): ବନ୍ଧମୁଣ୍ଡା ନେପାଳି ବସ୍ତି ନିକଟରେ ଶନିବାର ଟ୍ରେନ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳାଙ୍କ ବୟସ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖାଯିବା (ରାତି ୮ଟା) ପର୍ଯ୍ୟନ୍ତ ମୃତା ମହିଳାଙ୍କ ପରିଚୟ ମିଳିନାହିଁ। ଏ ନେଇ ବନ୍ଧମୁଣ୍ଡା ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡା ନେପାଳିବସ୍ତି ନିକଟ ଦେଇ ଯାଇଥିବା ରେଳ ଧାରଣାରେ ଜଣେ ମହିଳାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ବସ୍ତିବାସୀ ଦେଖି ଜିଆରପି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆରଜିଏଚ୍ ମର୍ଗ ହାଉସ୍‌ରେ ରଖିଛି।

### ମୋବାଇଲ ଲୁଟ୍ ଅଭିଯୋଗ

ରାଉରକେଲା,୯।୯(ଦିନେଶ ମିଶ୍ର): ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ମହତାବ ରୋଡ୍ ଅଞ୍ଚଳରେ ଜଣେ ଯୁବକ ମୋବାଇଲ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୧୭।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଡେଲିମାର୍କେଟ ଏବି ଲାଇନ ଅଞ୍ଚଳର ରାଜୀବ ଅଖତର ଶନିବାର ଅପରାହ୍ନ ସାଢେ ୧ଟାରେ ମହତାବ ରୋଡ ଅଞ୍ଚଳକୁ ଯାଇ ରାସ୍ତାକଡରେ ଫୋନରେ କଥା ହେଉଥିଲେ। ଏହି ସମୟରେ ଜଣେ ଯୁବକ ବାଇକରେ ଆସି ତାଙ୍କ ମୋବାଇଲକୁ ଛଡାଇ ନେଇ ଫେରାର ହୋଇଯାଇଥିଲେ। ରାଜୀବ ଉକ୍ତ ଯୁବକଙ୍କ ପିଛା କରିଥିଲେ ମଧ୍ୟ ନ ପାଇବାରୁ ଶେଷରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଧରିତ୍ରୀ ପ୍ରତିନିଧିଙ୍କ ଶ୍ୱଶୁରଙ୍କ ପରଲୋକ



ରାଉରକେଲା,୯।୯(ଦିନେଶ ମିଶ୍ର): ରାଉରକେଲା ସହରର ଜଣାଶୁଣା ସମାଜସେବୀ ତଥା ଧରିତ୍ରୀ ପ୍ରତିନିଧି ସଙ୍ଗୀତା ଜେନା ଶାହିଙ୍କ ଶ୍ୱଶୁର ମୁରଲୀଧର ପ୍ରସାଦ ଶାହିଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଗତ ୩ଦିନ ତଳେ ସେ ଅସୁସ୍ଥ ହୋଇପଡିଥିଲେ। ଜଗଦାସ୍ଥିତ ଘର ନଂ. ଜେଇ-୨୦୯ ବାସଭବନରେ ସେ ଦିନ ସାଢେ ୧୨ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ହିତେନ୍ଦ୍ର ଶାହି, ବୋହୂ ସଙ୍ଗୀତା, ନାତି ଅଂଶ ଶାହି, ଅମରେଶ୍ୱର ଜେନା, ଶାନ୍ତିଲତା ଜେନା, ଶର୍ମିଷ୍ଠା ଦାଶ, ଅସିତ ଦାଶ, ନମିତା କର, ଅଭିଷେକ କର, ଅଶୋକ ମହାନ୍ତି, ସୁପ୍ରିୟା ମହାନ୍ତି, ରତନ ସାଓ, ରଜତ ନାୟକ, ଲାଲା ଭୂମିଜ, ପ୍ରେମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବେଦବ୍ୟାସ ଘାଟରେ ସ୍ୱର୍ଗତ ଶାହିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ହିତେନ୍ଦ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଶାହି ଜଣେ ସମାଜସେବୀ, ଧର୍ମପରାୟଣ, ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି।

### ରୋଗଗ୍ରସ୍ତ ବୃଦ୍ଧଙ୍କୁ ଉଦ୍ଧାର କଲେ ସମାଜସେବୀ

ରାଉରକେଲା,୯।୯(ଦିନେଶ ମିଶ୍ର): ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ବାସନ୍ତୀ କଲୋନୀ ଏଲ୍ ବ୍ଲକ ଅଞ୍ଚଳର ରାସ୍ତା କଡ଼ରେ ଜଣେ ରୋଗଗ୍ରସ୍ତ ବୃଦ୍ଧ ପଡିରହିଥିଲେ। ଏ ନେଇ ଜାଣିବା ପରେ ସମାଜସେବୀ ମୁନି ଓରଫ ଖୁର୍ସିଦା ବାନୁ, ମାନବ ଅଧିକାର ରକ୍ଷକ ସଭାପତି ଏମ୍‌ଡି ପରବେଜ୍‌ଙ୍କ ସମେତ ସ୍ୱେଚ୍ଛାସେବୀମାନେ ଶନିବାର ଉକ୍ତ ବୃଦ୍ଧଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ନେଇ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ମାନବାଧିକାର ସଦସ୍ୟ ଏମ୍‌ଡି ସହିଦ, ସନ୍ତୋଷ କୁମାର ରାଉତ, ବିକାଶ ଭୋଇ, ବିଜୟ ନନ୍ଦ, ବିଶ୍ୱଜିତ ରାଉତ, ସୁନ୍ଦର ରାମ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବୃଦ୍ଧ ଜଣଙ୍କ ବିଶ୍ରା ଅଞ୍ଚଳର ଗଣେଶ ଏବଂ ତାଙ୍କର କେହି ନ ଥିବା ଜଣାପଡିଛି।

# ସ୍ମାର୍ଟସିଟି ବସ୍ତିରେ କୁଢ଼ କୁଢ଼ ଅଳିଆ

ରାଉରକେଲା,୯।୯(ଦିନେଶ ମିଶ୍ର)

ରାଉରକେଲା ସହରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ପ୍ରତିଦିନ ବିଭିନ୍ନ କଲୋନୀ ଓ ବସ୍ତି ଅଞ୍ଚଳରେ ଆରଏମ୍‌ସି ପକ୍ଷରୁ ଅଳିଆ ଗାଡି ବୁଲୁଛି। ସକାଳ ହେଲେ ସହରର ଜନସାଧାରଣଙ୍କୁ ସଚେତନ କରିବା କରିବା ପାଇଁ ଅଳିଆ ଗାଡିଗୁଡିକରେ ସଚେତନତା ବାର୍ତ୍ତା ପ୍ରଚାର ମଧ୍ୟ କରାଯାଉଛି। ହେଲେ ଏଭଳି କିଛି ବସ୍ତି ରହିଛି ଯେଉଁଠାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଗଲା ଭଳି ମନେ ହେଉନାହିଁ। ଏଭଳି ଗାଡାଟୋଲା ବସ୍ତି ଓ ମାଲଗୋଦାମସ୍ଥିତ ସୁଇପର ବସ୍ତିରେ ଦେଖିବାକୁ ମିଳିଛି।

ରାଉରକେଲା ଏସ୍‌ଟିଆଇ ଓଭରବ୍ରିଜ୍ ନିକଟରେ ଗାଡାଟୋଲା ବସ୍ତି ରହିଛି। ଏହି ବସ୍ତିରେ ୩ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଅଳିଆ ଆବର୍ଜନା ପକାଇବା ପାଇଁ ବସ୍ତିରେ କୌଣସି ଡଷ୍ଟବିନ୍ ବ୍ୟବସ୍ଥା ନାହିଁ। ଫଳରେ ବସ୍ତିବାସୀମାନେ ରାସ୍ତାକଡ଼ରେ ଅଳିଆ ଜମା କରୁଛନ୍ତି। ଏହି ଅଳିଆ ମାସ ମାସ ଧରି ପଡିରହୁଥିବାବେଳେ ଏହାକୁ ସଫା କରାଯାଉନାହିଁ। ଫଳରେ ଅଳିଆଗୁଡିକୁ ବୁଲା ପଶୁ ଗୋଡରେ ଖେଳାଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ସେହିପରି ବାସନ୍ତୀ କଲୋନୀ ମାଲଗୋଦାମ ସ୍ଥିତ ସୁଇପରବସ୍ତିରେ କୌଣସି ଡଷ୍ଟବିନ ବ୍ୟବସ୍ଥା କରାଯାଇନାହିଁ। ସ୍ଥାନୀୟ ବସ୍ତିବାସୀମାନେ ବସ୍ତି ନିକଟ ଏକ ଅଙ୍ଗନୱାଡି କାନ୍ଥ କଡରେ ଅଳିଆ ଆବର୍ଜନା ପକାଉଛନ୍ତି। ଏହି ବସ୍ତି ଭିତରକୁ କୌଣସି ଆରଏମ୍‌ସିର ସଫେଇ ଗାଡି ଯାଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବସ୍ତିରେ ଅଳିଆ ଗୁଡିକ ବହୁଦିନ ଧରି ଜମା ରହୁଥିବାବେଳେ ବର୍ଷାଦିନ ପାଣିରେ ପଚି ଏକ ଗନ୍ଧ ବାହାରୁଛି। ଏ ନେଇ ଗାଡାଟୋଲା ବସ୍ତିର ବାସିନ୍ଦା ଶୁକ୍ରା କୁଜୁର କୁହନ୍ତି, କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଅଭିଯାନ କରୁଥିବାବେଳେ ଆମ ବସ୍ତିରେ ସ୍ୱଚ୍ଛତାକୁ ନେଇ ଆଜିଯାଏ କୌଣସି ଡଷ୍ଟବିନ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସ୍ଥାନୀୟ ବସ୍ତିବାସୀ ରାସ୍ତାକଡ ଖୋଲା ସ୍ଥାନରେ ଅଳିଆ ପକାଇଉଛନ୍ତି। ଆରଏମ୍‌ସିର ଅଳିଆ ଗାଡି ଖାଲି ବିଭିନ୍ନ ସମ୍ଭ୍ରାନ୍ତ କଲୋନୀ ଅଞ୍ଚଳରେ ବୁଲୁଥିବାବେଳେ ଆମ ବସ୍ତିକୁ ଆସୁନାହିଁ। ଏ ସମ୍ପର୍କରେ ଆରଏମ୍‌ସି ଉପ ଆୟୁକ୍ତ ସୀତାଦେବୀ ମାଝୀଙ୍କୁ ପଚାରିବାରୁ ସେ କହିଲେ, ପ୍ରତିଦିନ ଆର୍‌ଏମ୍‌ସି ପକ୍ଷରୁ ବିଭିନ୍ନ ଏରିଆକୁ ଅଳିଆ ଗାଡି ଯାଉଛି। ଗାଡାଟୋଲା ବସ୍ତି ଓ ସୁଇପର ବସ୍ତିରେ ଅଳିଆ ସଫା ହେଉ ନ ଥିବା ଆମ ପାଖରେ ଅଭିଯୋଗ ହୋଇନାହିଁ। ଯଦି କୌଣସି ସ୍ଥାନରେ ଅଳିଆ ଆବର୍ଜନା ଦେଖାଯାଏ ତେବେ ଏକ ଟ୍ରୋଲ ଫ୍ରି ନମ୍ବରରେ ଅଭିଯୋଗ କରନ୍ତୁ। ଦୁଇ ଦିନ ଭିତରେ ଏହି ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରାଯିବ ବୋଲି ମାଝୀ କହିଥିଲେ।



ଗାଡାଟୋଲା ବସ୍ତି ରାସ୍ତାକଡ଼ରେ ଅଳିଆ ଜମି ରହିଛି।

**ଆର୍‌ଏମ୍‌ସି ଗାଡ଼ି ଆସୁନି, ଡଷ୍ଟବିନ୍ ପ୍ରହସନ**

# ଉନ୍ନୟନ କାର୍ଯ୍ୟ ନିରୀକ୍ଷଣ କଲେ ଜିଏମ୍

ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)

ଦକ୍ଷିଣ-ପୂର୍ବ ରେଲୱେର ସାଧାରଣ ପରିଚାଳକ(ଜିଏମ୍) ସଞ୍ଜୟ କୁମାର ମିଶ୍ର ଶନିବାର ସକାଳ ୯ଟାରେ ରାଉରକେଲା ରେଳ ଷ୍ଟେଶନ ଗସ୍ତ କରିଥିଲେ। ଏହି ସମୟରେ ସେ ଷ୍ଟେଶନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିରୀକ୍ଷଣ ଓ ତଦାରଖ କରିଥିଲେ। ରାଉରକେଲା ରେଳ ଷ୍ଟେଶନ ହେଉଛି ପଶ୍ଚିମ ଓଡିଶାର ଏକ ପ୍ରମୁଖ ଷ୍ଟେଶନ। ଏହାର ନବକଳେବର ପାଇଁ କିଛି ମାସ ହେଲା ଉନ୍ନୟନ କାର୍ଯ୍ୟ ଚାଲିଛି। ଷ୍ଟେଶନରେ ନୂତନ ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜିଏମ୍ ମିଶ୍ର ସମସ୍ତ ନିର୍ମାଣସ୍ଥଳୀକୁ ଯାଇ ଦେଖିଥିଲେ। ଏଥିସହ ୫ନମ୍ବର ପ୍ଲାଟଫର୍ମରେ ଚାଲିଥିବା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହାସହ ରେଳଯାତ୍ରୀଙ୍କ ପାଇଁ ୨ଟି ଉନ୍ନତମାନର ପ୍ରବେଶପଥ ନିର୍ମାଣ କାର୍ଯ୍ୟ ଓ ଷ୍ଟେଶନର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଷ୍ଟେଶନର ନବକଳେବର କାର୍ଯ୍ୟରେ ଯେଭଳି କୌଣସି ପ୍ରକାର ବ୍ୟତିକ୍ରମ ନ ହୁଏ ସେ ଦିଗରେ ଯତ୍ନଶୀଳ ହେବାରକୁ ସେ ରାଉରକେଲା ସମେତ ଚକ୍ରଧରପୁର ରେଳ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଚକ୍ରଧରପୁର ଡିଆରଏମ୍ ଅରୁଣଜେ ରାଠୋର, ଜୋନ୍ ସିଓଏମ୍ ଦୀପକ କୁମାର, ବିନିତ ଗୁପ୍ତା, ସିନିୟର ଡିସିଏମ୍ ବ୍ରଜରାଜ ସିଂ, ବନ୍ଧମୁଣ୍ଡା ଏଆର୍‌ଏମ୍ ଆର. କେ. ମହାନ୍ତିଙ୍କ ସମେତ ରାଉରକେଲା ରେଳ ଷ୍ଟେଶନ ପରିଚାଳକ ପ୍ରଭାସ ଦାଶ, ଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ସାଧାରଣ ଗସ୍ତକୁ ଦେଖି ଶନିବାର ସକାଳେ ଷ୍ଟେଶନ ପରିସରକୁ ସଫାସୁତୁରା ରଖାଯାଇଥିଲା।



ଦକ୍ଷିଣ-ପୂର୍ବ ରେଲୱେର ସାଧାରଣ ପରିଚାଳକ ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି।

**ରାଉରକେଲା ରେଲୱେ ଷ୍ଟେଶନ**

### ବ୍ଲାକ୍‌ମେଲିଂ କରି ଯୁବକ ଗିରଫ

ରାଉରକେଲା,୯।୯(ଦିନେଶ ମିଶ୍ର): ଇନ୍‌ଷ୍ଟାଗ୍ରାମ୍‌ରେ ଜଣେ ଯୁବତୀଙ୍କ ସହ ବନ୍ଧୁତା ସ୍ଥାପନ ଏବଂ ପରେ ପ୍ରେମ କରି ବ୍ଲାକମେଲିଂ କରୁଥିବା ଅଭିଯୋଗରେ ଉଦିତନଗର ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲାର ଦାସ ଓରଫ ସୁନିଲ କୁମାର ଭୋଇ(୨୪)। ଏ ନେଇ ପୋଲିସ ଏକ ମାମଲା (ନଂ.୧୬।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ପୁରୀ ଜିଲା ବ୍ରହ୍ମଗିରି ଥାନା ଧରମକିର୍ତ୍ତୀ ଗ୍ରାମର ସୁନିଲ ଗତ ଚାରି ମାସ ତଳେ ରାଉରକେଲାର ଜଣେ ଯୁବତୀଙ୍କ ସହ ଇନ୍‌ଷ୍ଟାଗ୍ରାମରେ ବନ୍ଧୁତା ସ୍ଥାପନ କରିଥିଲେ। ପରେ ସୁନିଲ ଯୁବତୀଙ୍କୁ ପ୍ରେମ ନିବେଦନ କରି ତାଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଭଳି ଭାବେ ପରସ୍ପର ଇନ୍‌ଷ୍ଟାଗ୍ରାମ୍‌ରେ ଚାଟିଂ କରୁଥିବାବେଳେ ସୁନିଲ ଉକ୍ତ ଯୁବତୀଙ୍କ କିଛି ଅଶ୍ଳୀଳ ଭିଡିଓ ରେକର୍ଡିଂ କରିଥିଲେ। କିଛିଦିନ ପରେ ସୁନିଲ ଅଶ୍ଳୀଳ ଭିଡିଓକୁ ନେଇ ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରିବାରୁ ଯୁବତୀ ଜଣଙ୍କ ଗତ ୪ ତାରିଖରେ ଉଦିତନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବୈଷୟିକ ନବୀକରଣ, ଗୁଣବତ୍ତା, ଉତ୍ପାଦନରେ ଉନ୍ନତି

ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)

**ଆର୍‌ଏସ୍‌ପି ସିଲିକନ ମିଲ୍**

ଆର୍‌ଏସ୍‌ପିର ସିଲିକନ ଷ୍ଟିଲ ମିଲ ଏହାର ଟାଣ୍ଡେମ ଆନଲିଙ୍ଗ୍ ଲାଇନରେ ଅତ୍ୟାଧୁନିକ ଏବିବି ନିର୍ମିତ ଇଲେକ୍ଟ୍ରିକାଲ ସ୍ଥାପନ ସହିତ ବୃହତ ବୈଷୟିକ ନବୀକରଣ କାର୍ଯ୍ୟକାରୀ କରିଛି। ଏହା ୟୁନିଟ ଉତ୍ପାଦ ଗୁଣବତ୍ତା, କାର୍ଯ୍ୟଦକ୍ଷତା, ନିୟନ୍ତ୍ରଣ ଏବଂ ଉତ୍ପାଦନରେ ଉନ୍ନତି ଆଣିଛି। ୪.୯୫ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଏହି ନବୀକୃତ ବ୍ୟବସ୍ଥାକୁ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ ଗତ ୮ତାରିଖରେ ଉଦଘାଟନ କରିଥିଲେ। ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ଓ ଏଚ୍‌ଏସ୍‌ଏମ୍-୧, ସିଆରଏମ୍, ଏସ୍‌ଏସ୍‌ଏମ୍, ପିପି ଏବଂ ରୋଲ ଶପ୍ ବିଭାଗର ସିଜିଏମ ସୁବ୍ରତ କୁମାର ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ନୂତନ ଉନ୍ନତ ବୈଶିଷ୍ଟ୍ୟ ଗୁଡିକ ୟୁନିଟ୍‌ରେ ପୂର୍ବରୁ ନିୟୋଜିତ ପୁରୁଣା ଅନୁପଯୋଗୀ ସିଷ୍ଟମ ଗୁଡିକୁ ପ୍ରତ୍ୟାରୋପିତ କରିଛି। ଏହି ନବୀକରଣ ଦ୍ୱାରା ଗୁଣବତ୍ତା ଓ ଉତ୍ପାଦନରେ ଉଲ୍ଲେଖନୀୟ ଉନ୍ନତି ସାଧିତ ହୋଇଛି। ଟାଣ୍ଡେମ ଆନଲିଙ୍ଗ୍ ଲାଇନ୍‌ର ପ୍ରାଇମ ଉତ୍ପାଦନ ହାର ୯୧-୯୨ ପ୍ରତିଶତ ଠାରୁ ୯୬-୯୭ ପ୍ରତିଶତକୁ ବୃଦ୍ଧି ପାଇଛି। ଦୈନିକ ଉତ୍ପାଦନ ମଧ୍ୟ ସମାନ୍ତରାଳ ଭାବେ ବୃଦ୍ଧି ହୋଇଛି। ଯାହା ଦୈନିକ ୧୦୦-୧୧୦ଟନରୁ ବୃଦ୍ଧି ପାଇ ବର୍ତ୍ତମାନ ୧୩୦-୧୪୦ ଟନରେ ପହଞ୍ଚିଛି। ଉନ୍ନତ ନୂତନ ସିଷ୍ଟମଗୁଡିକ ମଧ୍ୟ ଉନ୍ନତତର ଅପରେଟର ନିୟନ୍ତ୍ରଣ ଓ ମନିଟରିଂ କ୍ଷମତା ପ୍ରଦାନ କରୁଛି ଏବଂ ବ୍ୟାପକ ଅପରେଟର ଏଚ୍‌ଏମ୍‌ଆଇ ରିଅଲ-ଟାଇମ ଆଡଜଷ୍ଟମେଣ୍ଟ ସୁବିଧା ଉପଲବ୍ଧ କରାଉଛି। ଲାଇନ ଷ୍ଟପେଜ କ୍ଷେତ୍ରରେ ଅପରେଟରମାନେ ଶୀଘ୍ର ଏଚ୍‌ଏମ୍‌ଆଇ ମାଧ୍ୟମରେ ସମସ୍ୟାଗୁଡିକ ଚିହ୍ନଟ କରିପାରୁଛନ୍ତି ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣରେ ସାମର୍ଥ୍ୟ ହେଉଛନ୍ତି।

# ଆଇନ କଲେଜରେ ଆନ୍ତର୍ଜାତିକ ପ୍ରାଥମିକ ଚିକିତ୍ସା ଦିବସ ପାଳନ

ରାଉରକେଲା, ୯।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆଇନ ମହାବିଦ୍ୟାଳୟର ଯୁବ ରେଡକ୍ରସ ୟୁନିଟ ଓ ଶ୍ରୀ ମାତାଜୀ ସହଜ ଯୋଗ ଆଜିର ମହାଯୋଗ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଶନିବାର ଅନ୍ତର୍ଜାତୀୟ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ତଥା ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତି ସ୍ୱାଗତ ଭାଷଣ ଦେଇ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ଆଲୋକପାତ କରିଥିଲେ ଏବଂ ଯୋଗକୁ ପ୍ରାଥମିକ ଚିକିତ୍ସାର ମାଧ୍ୟମ ଭାବେ ନିଆଯାଇପାରେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସମ୍ମାନିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଆଇନ ମହାବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ଜ୍ୟୋତି ଡୋଲାରସା ଟେଟେ ନିଜ ବକ୍ତବ୍ୟରେ ସହଜ ଯୋଗ ଧ୍ୟାନ ଦ୍ୱାରା କିପରି ସୁସ୍ଥ ସମାଜ ଗଠନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଗୁରୁ ନବଘନ ସାହୁ ଏବଂ ଅଭୟ ଚରଣ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ଯୋଗଶିକ୍ଷା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଡ. ପ୍ରଜ୍ଞା ପାରମିତା ପଣ୍ଡା, ତନ୍ମୟ ରାଜ ପାଢୀ, ଡ. ଦିବ୍ୟେନ୍ଦୁ କୁମାର ପଣ୍ଡା ଓ ରେଡକ୍ରସ ୟୁନିଟ୍ ସଦସ୍ୟମାନେ ସହଯୋଗ କରିଥିଲେ।

# ରାଉରକେଲା ସ୍ୱୟଂଶାସିତ କଲେଜରେ ଏକାଡେମିକ କାଉନସିଲ ବୈଠକ




ବୈଠକରେ କଲେଜ ଅଧ୍ୟକ୍ଷ ବକ୍ତବ୍ୟ ଦେଉଛନ୍ତି ।

ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକାଡେମିକ କାଉନସିଲ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଲେଜ ଅଧ୍ୟକ୍ଷ ଡା. ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ଦେବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏକାଡେମିକ ବର୍ମାର ଡାକ୍ତର ଦୀପକ କୁମାର ସିଂହ ବୈଠକର ସାରମର୍ମ ପାଠ କରିଥିଲେ। ପରେ ଅଧ୍ୟକ୍ଷ ଡ. ବେହେରା ଏକାଡେମିକ କାଉନସିଲ ସଦସ୍ୟମାନଙ୍କ ନିକଟରେ ବିଭିନ୍ନ ବିଷୟ ଉପସ୍ଥାପନ କରିବା ସହ ଏହା ଉପରେ ମତ ଲୋଡିଥିଲେ। ପରେ ପାଠ୍ୟକ୍ରମକୁ ସମୟ ଉପଯୋଗୀ କରିବା ସହିତ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତର ପାଠ୍ୟକ୍ରମରେ ସଂଯୋଜିତ କରାଯିବା ସହ ବିଭିନ୍ନ ପାଠ୍ୟ ଖସଡା ଓ ତଦଜନିତ ବିଷୟ ଉପରେ ପିଲାଙ୍କ ଜ୍ଞାନ ବୃଦ୍ଧି କରାଇବା ଉପରେ ସଦସ୍ୟମାନେ ଆଲୋଚନା କରିଥିଲେ। ବୈଠକରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମନୋନିତ ପ୍ରତିନିଧି ରସାୟନ ବିଭାଗର ପ୍ରଫେସର ଅଜୟ କୁମାର ବେହେରା, ସ୍ନାତକୋତ୍ତର ପରିଚାଳନା ଓ ପ୍ରଶାସନ ବିଭାଗ ପ୍ରଫେସର ପ୍ରତାପ ଚନ୍ଦ୍ର ତ୍ରିପାଠୀ, ସମାଜ କଲ୍ୟାଣ ବିଭାଗର ପ୍ରଫେସର ତତ୍ତ୍ୱମସି ପାଲଟା ସିଂ ଯୋଗଦେଇ ନିଜ ନିଜ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ପ୍ରଭାତ କୁମାର ମଲ୍ଲିକ, ଡା. ସୁଧୀରଞ୍ଜନ ସାମଲ ଏବଂ ସ୍ଥାନୀୟ କଲେଜର ସମସ୍ତ ବିଭାଗ ମୁଖ୍ୟ ଉପସ୍ଥିତ ଥିଲେ। ସହଯୋଗୀ ଏକାଡେମିକ ବର୍ମାର ଡା. ଦୀପକ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପିରେ କର୍ମଚାରୀ ସଶକ୍ତୀକରଣ କର୍ମଶାଳା



କର୍ମଶାଳାରେ କାର୍ମିକ ଏବଂ ପ୍ରଶାସନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବୀରେନ୍ଦ୍ର କୁଲୁ ମାର୍ଗଦର୍ଶନ କରୁଛନ୍ତି।

ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଅବସର ପୂର୍ବବର୍ତ୍ତୀ କର୍ମଚାରୀ ସଶକ୍ତୀକରଣ କର୍ମଶାଳା ରୋଶନୀ ଏଚ୍‌ଆର୍‌ଡି କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ କାର୍ମିକ ଏବଂ ପ୍ରଶାସନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବିରେନ୍ଦ୍ର କୁଲୁ ଅଧ୍ୟକ୍ଷତା କରିଥିଲେ। କାର୍ମିକ ବିଭାଗର ଜିଏମ୍ ଜି. ଆର୍. ଦାସ ମଞ୍ଚାସୀନ ଥିଲେ। ଜୁନ ମାସରେ ଅବସର ଗ୍ରହଣ କରୁଥିବା ସମୁଦାୟ ୨୧ଜଣ କର୍ମଚାରୀ ଏବଂ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ନିଜ ବକ୍ତବ୍ୟରେ କୁଲୁ କର୍ମଚାରୀଙ୍କୁ ସେମାନଙ୍କ ଦୀର୍ଘବର୍ଷର ସେବା ପ୍ରଦାନ ପାଇଁ କୃତଜ୍ଞତା ଜଣାଇବା ସହ ଅବସର ପରବର୍ତ୍ତୀ ଜୀବନ ପାଇଁ ଅଧିବେଶନରୁ ସର୍ବାଧିକ ଲାଭ ନେବାକୁ କହିଥିଲେ। ପ୍ରାରମ୍ଭରେ ଜି. ଆର. ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗ ଅଧିକାରୀ ଜି. ଆର ଦାସ, ଓଏଚ୍‌ଏସ୍‌ସିର ଡାକ୍ତର ସିଭଲକର, ସି ଆଣ୍ଡ୍ ଆଇଟି ବିଭାଗର ଏଜିଏମ୍ ଭି. ପି. ଆର୍ଯ୍ୟା, ସିପି-୨ ବିଭାଗର ସିନିୟର ମ୍ୟାନେଜର ବାବୁଲା ନାହାକ, ବିତ୍ତ ଏବଂ ଲେଖା ବିଭାଗର ସିନିୟର ମ୍ୟାନେଜର ପ୍ରକାଶ ଚନ୍ଦ୍ର ସାହୁ, ସହର ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଏଚ୍. କେ. ସାହୁ ଭିନ୍ନ ଭିନ୍ନ ଅଧିବେଶନରେ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ଶ୍ରମ ନିରୀକ୍ଷକ ଖଗେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଯାଞ୍ଚ ହେବ ଘରୋଇ କ୍ଲିନିକ୍

ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲାରେ ବଢୁଛି ଅନଭିଜ୍ଞ ଡାକ୍ତରଙ୍କ ସଂଖ୍ୟା**

ରାଉରକେଲା ସହରର ଅନେକ ସ୍ଥାନରେ କିଛି ଡାକ୍ତର ନିଜର ପ୍ରାଇଭେଟ୍ କ୍ଲିନିକ୍ ଖୋଲି ରୋଗୀ ଚିକିତ୍ସା କରୁଛନ୍ତି। ମାତ୍ର କିଛି କ୍ଲିନିକ୍‌ରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କ ଚିକିତ୍ସା କରାଯାଉଥିବା ଅଭିଯୋଗ ହେଉଛି। ରାଉରକେଲା ଭଳି ସହରରେ କେବଳ ଅର୍ଥ ଉପାର୍ଜନ ପାଇଁ କିଛି ଘରୋଇ କ୍ଲିନିକ ଏଭଳି ପନ୍ଥା ଆପଣେଇଛନ୍ତି। ଫଳରେ ଏଠାରେ ଚିକିତ୍ସିତ ହେଉଥିବା ରୋଗୀ ସୁସ୍ଥ ହେବା ବଦଳରେ ଗୁରୁତର ହେଉଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ପ୍ରାଇଭେଟ କ୍ଲିନିକଗୁଡିକୁ ଯାଞ୍ଚ କରିବା ପାଇଁ ସ୍ଥିର କରାଯାଇଥିଲା। ଏହି କ୍ରମରେ ରାଜଗାଙ୍ଗପୁର ଅଞ୍ଚଳର କିଛି ପ୍ରାଇଭେଟ କ୍ଲିନିକରୁ ଅନଭିଜ୍ଞ ଡାକ୍ତର ଚିହ୍ନଟ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଆଭିମୁଖ୍ୟ ଜାଣି କିଛି ଅନଭିଜ୍ଞ ଡାକ୍ତର ରାଜଗାଙ୍ଗପୁର ଛାଡି ରାଉରକେଲାରେ କ୍ଲିନିକ ଖୋଲିଥିବା ଚର୍ଚ୍ଚା ହେଉଛି। ତେବେ ସ୍ୱାସ୍ଥ୍ୟସେବାରେ ନିଯୁକ୍ତ ପ୍ରାଇଭେଟ କ୍ଲିନିକ ଡାକ୍ତରଙ୍କ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) କାହ୍ନୁଚରଣ ନାଇକଙ୍କୁ ପଚାରିବାରୁ ସୁନ୍ଦରଗଡ଼ ଜିଲା ସମେତ ରାଉରକେଲା ସହରରେ ଥିବା ପ୍ରାଇଭେଟ କ୍ଲିନିକଗୁଡିକର ଅନୁମୋଦନପତ୍ର ସହିତ ଡାକ୍ତରଙ୍କ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ ହେବ ବୋଲି ସେ କହିଥିଲେ।

# ୪୦୩ ମାମଲା ସମାଧାନ, ୮.୮୭ କୋଟି ଆଦାୟ

ରାଉରକେଲା,୯।୯(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ତାଲୁକ ଆଇନ ସେବା ପକ୍ଷରୁ ରାଉରକେଲା ବିରଜାପାଲି ନୂତନ ସିଭିଲ କୋର୍ଟ ପରିସରରେ ପ୍ରଥମ ଅତିରିକ୍ତ ଜିଲା ଜଜ୍ ଡ. ଭି. ସୁଜାତାଙ୍କ ଅଧ୍ୟକ୍ଷତାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାମିଲି କୋର୍ଟ ଜଜ୍ ବିଦ୍ୟୁତ କୁମାର ମିଶ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମନୋଜ କୁମାର, ସବ୍ ଜଜ୍ ସବିତା ନାୟକ,ଏସ୍‌ଡିଜେଏମ୍ ଅରୋଲିପି ପରିଡା, ଗ୍ରାମାଞ୍ଚଳ ମାଜିଷ୍ଟ୍ରେଟ ସୌରଭ ଶର୍ମା, ଉମାକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅଦାଲତରେ ମୋଟ ୪୦୩ଟି ମାମଲାର ସମାଧାନ ହେବା ସହ ମୋଟ ୮କୋଟି ୮୭ଲକ୍ଷ ୪୭୮ଟଙ୍କା ଜରିମାନା ଆଦାୟ ହୋଇଥିଲା। ଆଇନଜୀବୀ କୈଳାସ ଚନ୍ଦ୍ର ପ୍ରଧାନ, ବୈଷ୍ଣବ ଚରଣ ନାୟକ, ଗିରିଶ ମହାପାତ୍ର, ସୁରେଶ କୁମାର ଦାଶ, ସାମାଜିକ କର୍ମୀ ସ୍ନେହଲତା ପଟ୍ଟନାୟକ ଏବଂ ନୀନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ**



ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

**ଦେଶୀମଦ ଜବତ, ଜଣେ ଗିରଫ**

ସମ୍ବଲପୁର,(ବି.ଶଙ୍କର): ସମ୍ବଲପୁର ଭୁତାପଡାସ୍ଥିତ ଅବକାରୀ କାର୍ଯ୍ୟାଳୟ ସଦର-୧ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ୧୨ଲିଟର ଦେଶୀମଦ ଜବତ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ବାଲକୁ ମୁଣ୍ଡା (୫୦)। ବିଶେଷ ସୂତ୍ରରୁ ସୂଚନା ପାଇ ଅବକାରୀ ଟିମ୍ ଚଢ଼ାଉ କରିଥିବା ସଦର ଅବକାରୀ କାର୍ଯ୍ୟାଳୟର ଓଆଇସି ଦିଲିପ କୁମାର ଶତପଥି ସୂଚିତ କରିଛନ୍ତି।

## ଜଙ୍ଗଲ ଜମି ମାଡିବସିଛି ଶ୍ୟାମ୍ ମେଟାଲିକ୍ସ

**ଦଖଲ କରିଥିବା ରିପୋର୍ଟ ହୋଇଛିଃ ଡିଏଫ୍ଓ**

ସମ୍ବଲପୁର,୯।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ରେଙ୍ଗାଲିସ୍ଥିତ ଶ୍ୟାମ୍ ମେଟାଲିକ୍ସ କମ୍ପାନୀ ନାମରେ ପୂର୍ବରୁ ଅନେକ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ କମ୍ପାନୀ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଏବେ କମ୍ପାନୀ ନିୟମ ପାଳନ ନ କରି ଚାଲୁଥିବା ନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ କ୍ଷୋଭ ପ୍ରକାଶ କରି ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗକୁ ଚିଠି କରିଛି। କମ୍ପାନୀ ରେଙ୍ଗାଲି ତହସିଲ ଅନ୍ତର୍ଗତ ନିଶାନଭଙ୍ଗା ଗ୍ରାମ ନିକଟରେ ଥିବା ଜଙ୍ଗଲ ଜମି ମାଡିବସିଥିବା ନେଇ ଚିଠିରେ ଉଲ୍ଲେଖ ରହିଛି। ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରି ସେଠାରେ ଫ୍ଲାଏଆଶ ଡମ୍ପିଂୟାର୍ଡ କରିବା, ହୀରାକୁଦ ଜଳଭଣ୍ଡାର ଜମିକୁ ପାଉଁଶ ପକାଇ



ଜଙ୍ଗଲ ଜମିରେ ପାଉଁଶ ଗଦା।

ପୋତିଦେବା ସହିତ କମ୍ପାନୀ ସମ୍ପ୍ରସାରଣ ପାଇଁ ପ୍ରବେଶ ମଞ୍ଜୁରୀ ଉପରେ ମଧ ପ୍ରଶ୍ନ କରିଛି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଉଛି।

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲା ନୀଳଗିରି ଆଞ୍ଚଳିକ ଗ୍ରାମ୍ୟ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପାଖରେ ୨୦୨୩ ଜୁନ ୩୦ରେ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ଶତାଧିକ ଏକର ଜମି କମ୍ପାନୀ ଦଖଲ କରିଛି। ଗଛ କାଟିବା ସହ ଅବଆଇନ ଭାବେ ପାଉଁଶ ୟାର୍ଡ କରିଛି। ହୀରାକୁଦ ଜଳଭଣ୍ଡାର ଜମିରେ ମଧ ପାଉଁଶ ପକାଇ ପୋତି ଦେଉଛି। ୟୁନିଟ ସମ୍ପ୍ରସାରଣରେ ନିୟମ ପାଳନ କରାଯାଉ ନାହିଁ ବୋଲି ଦର୍ଶାଯାଇଛି। ଅଭିଯୋଗକୁ ଆଧାର କରି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ରାଜ୍ୟ ଜଙ୍ଗଲ ବିଭାଗକୁ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛି। ଜଙ୍ଗଲ ଜମି ଦଖଲ କରିଥିବାରୁ କମ୍ପାନୀ ପାଇଁ ଅଡୁଆ ବଢିଯାଇଛି। ବିନା ଅନୁମତିରେ ଜଙ୍ଗଲ ଦଖଲ କରିବା ପରେ ମଧ ଜିଲା ବନ ବିଭାଗ ଚୁପ ବସିଛି। ଏ ସମ୍ପର୍କରେ ସମ୍ବଲପୁର ଡିଏଫ୍ଓ ବିଶ୍ୱନାଥ ନୀଳାମ୍ବରନ କହିଛନ୍ତି, କମ୍ପାନୀ ଜଙ୍ଗଲ ଜମି ଦଖଲ କରିଥିବା ଜଣାପଡିଛି। ଏହାକୁ ନେଇ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବହୁ ପୂର୍ବରୁ କମ୍ପାନୀ ଜଙ୍ଗଲ ଜମି ଦେବାକୁ ଆବେଦନ କରିଥିଲା ବୋଲି ସେ କହିଥିଲେ। ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି, କମ୍ପାନୀକୁ ଜମି ଦେବାକୁ ବହୁ ପୂର୍ବରୁ ଆବେଦନ କରାଯାଇଛି। ଏବେ ଅନୁମତି ମିଳିବା ଶେଷ ପର୍ଯ୍ୟାୟରେ ରହିଛି।

**ସଂକ୍ଷେପରେ**

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ସମ୍ବଲପୁର,୯।୯(ବି.ଶଙ୍କର): ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ସମ୍ବଲପୁର ଜିଲା ଭାଜପା ପକ୍ଷରୁ ସାକ୍ଷୀପଡ଼ାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ ଅମୃତ ରଥକୁ ସ୍ୱାଗତ କରାଯାଇଥିଲା। ପରେ ମାଟିକୁ ନମନ ବୀରକୁ ଚନ୍ଦନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ବୀରଙ୍କୁ ସମ୍ମାନ ଜଣାଯାଇଥିଲା। ଜିଲା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଦୁଇ ମାନସିକ ରୋଗୀ ଘରକୁ ଫେରିଲେ

ସମ୍ବଲପୁର,୯।୯(ଶୁଭାଶିଷ ପାଢ଼ୀ): ସମ୍ବଲପୁର ବୁର୍ଲା ଭିମ୍ସାରରେ ଚିକିତ୍ସିତ ହେଉଥିବା କଳାହାଣ୍ଡିର ଦୁଇଜଣ ମାନସିକ ରୋଗୀଙ୍କୁ ଜିଲା ପ୍ରଶାସନ ସହଯୋଗରେ ଘରକୁ ପଠାଇବା ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଦୁଇ ମାନସିକ ରୋଗୀଙ୍କୁ କେହି ଜଣେ ସମ୍ପର୍କୀୟ ଭିମ୍ସାରରେ ଛାଡି ଚାଲିଯାଇଥିଲେ। ମାନସିକ ରୋଗୀ ବିଭାଗୀୟ ମୁଖ୍ୟ ବିରେନ୍ଦ୍ର ନାୟକଙ୍କ ଅଧୀନରେ ୩ ତାରିଖଠାରୁ ଦୁଇଜଣ ଚିକିତ୍ସିତ ହେଉଥିଲେ। ସୁସ୍ଥ ହେବା ପରେ ମଧ ଟଙ୍କା ଅଭାବରୁ ସେମାନେ ଘରକୁ ଫେରିପାରୁ ନ ଥିବା ଡାକ୍ତର ଜାଣିପାରି ଭିମ୍ସାର କର୍ତ୍ତୃପକ୍ଷ ଓ ସାମାଜିକ କର୍ମୀ ନିହାଲ ସିଂଙ୍କୁ ଜଣାଇଥିଲେ। ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଥବିରା ମହାନନ୍ଦ ଓ ଭିନ୍ନକ୍ଷମ ଥଇଥାନ ଅଧିକାରୀ ରବୀନ୍ଦ୍ର ଶତପଥି ଏହା ଜାଣିବା ପରେ ପ୍ରଶାସନିକ ସ୍ତରରେ ସହଯୋଗ କରିଥିଲେ।

### ମାରୱାଡ଼ି ପଞ୍ଚାୟତି ଧର୍ମଶାଳାରେ ଆଲୋଚନା

ସମ୍ବଲପୁର,୯।୯(ବି.ଶଙ୍କର): କ୍ଷେତରାଜପୁର ମାରୱାଡ଼ି ପଞ୍ଚାୟତି ଧର୍ମଶାଳାଠାରେ ଶନିବାର ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର କର୍ଣ୍ଣ ସୁନା ଯୋଗଦେଇ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମଞ୍ଜୁର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କଲ୍ୟାଣ ମଣ୍ଡପ ଓ ଖେଳପଡିଆର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନ ନିରୂପଣ କରାଯାଇଥିବା ନେଇ ଡେପୁଟି କମିଶନର ସୂଚିତ କରିଥିଲେ। ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ସମ୍ବଲପୁର ଶାଖା ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ, ବରିଷ୍ଠ ସଭ୍ୟ ମନ୍ତୁରାମ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ଦିଲିପ ଶର୍ମା, ମହେଶ ଶର୍ମା ଆଲୋଚନାରେ ଭାଗ ନେଇଥିଲେ।

### ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ପଡିଆବାହାଲ,୯।୯(ରାଧାମୋହନ ଷଡ଼ଙ୍ଗୀ): ଝୁଝୁମୁରା ବ୍ଲକ ପଡିଆବାହାଲ ନିକଟ ଦୟାନନ୍ଦ ପବ୍ଲିକ ସ୍କୁଲଠାରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ରେଡକ୍ରସର ତାଲିମଦାତା ଡା. ରାଜାରାମ ଷଡଙ୍ଗୀ ଯୋଗଦେଇ ରାସ୍ତା ଦୁର୍ଘଟଣା, ବିଦ୍ୟୁତ୍ ଆଘାତ, ପାଣିରେ ବୁଡିଯିବା, ଅପସ୍ମାର, ହୃଦ୍‌ଘାତ, ଅଂଶୁଘାତ ଆଦି ଦୁର୍ଘଟଣା ସମୟରେ କ'ଣ କରାଯାଇପାରିବ ତାହାର ବ୍ୟବହାରିକ ଜ୍ଞାନ କୌଶଳ ବୁଝାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଦୟନନ୍ଦ ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ। ଶେଷରେ ସଞ୍ଜୀବ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟବସାୟୀଙ୍କ ବୈଠକ

ସମ୍ବଲପୁର,୯।୯(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଶନିବାର ବ୍ୟବସାୟୀ ଏକାଠି ହୋଇ ବୈଠକ କରିଥିଲେ। ଏଥିରେ ବୁଢ଼ାରଜା ମୁଖ୍ୟ ରାସ୍ତାରେ ଛୋଟବଡ଼ ଦୋକାନ କରିଥିବା ବ୍ୟବସାୟିମାନେ ଯୋଗଦେଇଥିଲେ। ସମସ୍ତେ ରାଧାକୃଷ୍ଣ ବ୍ୟବସାୟୀ ସଂଘ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ସର୍ବସମ୍ମତି କ୍ରମେ ସଂଘ ଗଠନ କରାଯାଇଥିଲା। ଅଞ୍ଚଳର ବ୍ୟବସାୟିମାନେ ସଂଘ ମାଧ୍ୟମରେ ନିଜର ସମସ୍ୟା ଜଣାଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଛି।

## ସିଭିଲ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସମ୍ବଲପୁର,୯।୯(ବି.ଶଙ୍କର)

ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ସମ୍ବଲପୁର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଅଦାଲତରେ ବ୍ୟାଙ୍କିଙ୍ଗ,ଏନ୍ଆଇ ଆକ୍ଟ, ଦେୱାନୀ, ମୋଟରଯାନ ଦୁର୍ଘଟଣା, ପାରିବାରିକ ବିବାଦ, ଫୌଜଦାରୀ, ଟେଲିକମ, ବିଦ୍ୟୁତ୍ ଆଦି ମାମଲା ଉପରେ ବିଚାରପତିମାନେ ବିଚାର କରିଥିଲେ। କୁଚିଣ୍ଡା ଓ ରେଢ଼ାଖୋଲଠାରେ ମଧ ଲୋକ ଅଦାଲତ ହୋଇଥିଲା। ସମ୍ବଲପୁର ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଅଦାଲତ ହୋଇଥିଲା। ପ୍ରାଧିକରଣ ସଚିବ ସୌମ୍ୟା





ସମ୍ବଲପୁର ସିଭିଲ କୋର୍ଟ ପରିସରରେ ଆୟୋଜିତ ଲୋକ ଅଦାଲତ।

ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ଶୁଭେନ୍ଦୁ କାନୁନଗୋ ଲୋକ ଅଦାଲତକୁ ପରିଚାଳନା କରିଥିଲେ। କୁଚିଣ୍ଡାଠାରେ ଅତିରିକ୍ତ ଜିଲା ଜଜ୍ ରାଜକିଶୋର ଲେଙ୍କା ଓ ରେଢ଼ାଖୋଲଠାରେ ଅତିରିକ୍ତ ଜିଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା ଅଧ୍ୟକ୍ଷତା କରିଥିଲେ।

## ମଙ୍ଗଳୁ ବିଶ୍ୱାଳଙ୍କ ସାହିତ୍ୟ କାଳଜୟୀ





ଆଲୋଚନା ଚକ୍ରରେ ଅତିଥି ଓ ବକ୍ତାମାନେ।

**କେନ୍ଦ୍ର ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର**

ସମ୍ବଲପୁର,୯।୯(ବି.ଶଙ୍କର)

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶନିବାର ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳୁ ଚରଣଙ୍କ ସାହିତ୍ୟ ଓ କବିତା ବିଷୟରେ ଡ. ଗୌରୀଦାସ ପଧାନ, ଆତ୍ମଜୀବନୀ ସମ୍ପର୍କରେ ଦ୍ୱାରିକାନାଥ ନାୟକ, ପ୍ରବନ୍ଧ ସମ୍ପର୍କରେ ପୁଷ୍ପାଞ୍ଜଳି ରାବଣା, ନାଟକ ସମ୍ପର୍କରେ ଶ୍ୟାମସୁନ୍ଦର ଧର ଆଲୋକପାତ କରିଥିଲେ। ମଙ୍ଗଳୁ ଚରଣ ଜଣେ କାଳଜୟୀ ସ୍ରଷ୍ଟା ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ମନୋଜ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀର ସହସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ସମ୍ଭାଷଣ ଓ ଅଧ୍ୟାପକ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣାଙ୍କ ସହ କବିସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାମୁଖ୍ୟ ମନୋଜ କୁମାର ପଣ୍ଡା କବିଙ୍କ ପରିଚୟ ପ୍ରଦାନ କରିବା ସହ ତାଙ୍କ କବିତା ପାଠ କରିଥିଲେ। କବି ମହାରଣା ସ୍ୱରଚିତ ତିନୋଟି କବିତା ପାଠ କରିଥିଲେ। କବିଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ, ଆମନ୍ତ୍ରିତ ଅତିଥି ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ।

## ବାଟଗାଁରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ନାକଟିଦେଉଳ,୯।୯(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅଧ୍ୟାପକ ଶରତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସଭାରେ ଅଧ୍ୟାପକ ପତିତ ମହାନନ୍ଦ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଅଧ୍ୟାପକ ମହେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁର,୯।୯(ବି.ଶଙ୍କର): ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଶନିବାର ସମ୍ବଲପୁର ଜିଲା କୁଦଗୁଣ୍ଡେରପୁର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୟାନିଧି ପୁରୋହିତଙ୍କ ପରିଚାଳନାରେ ସଚେତନତା ଶୋଭାଯାତ୍ରା ହୋଇଥିଲା। ଛାତ୍ରୀଛାତ୍ର ସ୍ୱଚ୍ଛତା ବିଷୟରେ ଲେଖାଥିବା ପ୍ଲାକାର୍ଡ ଧରି ଗ୍ରାମ ଭ୍ରମଣ କରିଥିଲେ। ସରପଞ୍ଚ ମୃତ୍ୟୁଞ୍ଜୟ ପୁରୋହିତ, ସୌମିତ୍ରୀ ପାଢ଼ୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଆସ ଆମେ ହାତ ଧୋଇବା କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ଶ୍ୟାମ ପାତ୍ର, କଳ୍ପତରୁ ଦାଶ, ଗୟାଧର ସାହୁ, ହିମାଂଶୁ ଶେଖର ସେଟ, ଶିକ୍ଷୟିତ୍ରୀ ଦମୟନ୍ତି ସାହୁ, ଦେବଶ୍ରୀ ପ୍ରଧାନ ସହଯୋଗ କରିଥିଲେ।

## ପ୍ଲାନିଂ ଅଫିସର ଗିରଫ ପରେ ୩ ଆର୍କିଟେକ୍ଟ ଫେରାର

**ଏସ୍‌ଡିଏରେ ଜାଲିଆତି ଅନୁମତି ପ୍ରସଙ୍ଗ**

ସମ୍ବଲପୁର,୯।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ଅଫିସରେ ଜାଲିଆତି କରି ଅନୁମତିପତ୍ର ଦେବା ଘଟଣାରେ ପ୍ଲାନିଂ ଅଫିସର ବନ୍ଦିତା ମହାପାତ୍ର ଗତ ଗୁରୁବାର ଗିରଫ ହେବା ପରେ ଏଥିରେ ସମ୍ପୃକ୍ତ ଥିବା ଆର୍କିଟେକ୍ଟ, ଅଧିକାରୀଙ୍କ ମନରେ ଛନକା ପଶିଛି। ପୋଲିସ ସ୍କାନରରେ ଥିବା ଜାଣିବା ପରେ ୩ଜଣ ଆର୍କିଟେକ୍ଟ ରାଜ୍ୟ ବାହାରକୁ ଫେରାର ହୋଇଯାଇଛନ୍ତି। ସେମାନଙ୍କ ଭିତରେ ୨ଜଣ ଅଣଓଡିଆ ରହିଛନ୍ତି। ସେମାନଙ୍କର ଅଭିଯୁକ୍ତ ପ୍ଲାନିଂ ଅଫିସର ବନ୍ଦିତାଙ୍କ ସହ ଭଲ ସମ୍ପର୍କ ରହିଥିଲା। ଏମାନଙ୍କ ଜରିଆରେ ଟଙ୍କା ନେଣଦେଣ କାରବାର ହେଉଥିଲା। ପୂର୍ବରୁ ଗିରଫ ହୋଇଥିବା ସହକାରୀ କିରାଣି ବୁର୍ଲାର ଲକ୍ଷ୍ମୀନାରାୟଣ ସାମଲ ଓ ବନ୍ଦିତା ମିଳିମିଶି ର୍‍ୟାକେଟ ଚଲାଇଥିଲେ। ବନ୍ଦିତାସିଧାସଳଖ ନେଣଦେଣ କରୁ ନ ଥିଲେ। ହେଲେ ତାଙ୍କ ପରାମର୍ଶରେ ଚାଲିଥିଲା ବୋଲି ପୋଲିସ ପୂର୍ବରୁ କହିଛି।

## ପଣ୍ଡିତ, ପୁରୋହିତ, ପୂଜକଙ୍କ ବୈଠକ





ସମ୍ବଲପୁର,୯।୯(ଶୁଭାଶିଷ ପାଢ଼ୀ)

ସାଂସ୍କୃତିକ ସମାଜ ଭବନ ପରିସରରେ ସନାତନ ସୁରକ୍ଷା ମଞ୍ଚ ସମ୍ବଲପୁର ଓ ଏକଲ ଅଭିଯାନ ମିଳିତ ଭାବେ ପଣ୍ଡିତ, ପୁରୋହିତ, ମନ୍ଦିର ପୂଜକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବରେ ମା' ଧ୍ୟାନ ମୂର୍ତ୍ତି ଜି ଧ୍ୟାନ ମୂର୍ତ୍ତି ସତ୍‌ସଙ୍ଗ ବୃନ୍ଦାବନ, ମୁଖ୍ୟଅତିଥି ପଣ୍ଡିତ ଆମରନାଥ ମିଶ୍ର, ବ୍ରହ୍ମ ମଣ୍ଡପ ମହାସଭା ସମ୍ବଲପୁର ଓ ସନାତନ ସୁରକ୍ଷା ମଞ୍ଚ ଫାଉଣ୍ଡର ମେମ୍ବର ରାଜୀବ କୁମାର ଶତପଥୀ,ଏକଲ ଅଭିଯାନର ଚନ୍ଦ୍ର କୁମାର ସରାଫ ମଞ୍ଚାସୀନ ଥିଲେ। ଅତିଥିମାନେ ମା' ସମଲେଶ୍ୱରୀ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସଭା ଆରମ୍ଭ କରିଥିଲେ। ସନାତନ ସୁରକ୍ଷା ମଞ୍ଚର ଶତପଥୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପଣ୍ଡିତ ମିଶ୍ର ଏହି ଯୁଗରେ ମନ୍ଦିର, ମଠର ଭୂମିକା ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତ ପଣ୍ଡିତ, ପୁରୋହିତଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଆଶା ଲାଠ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

ସମ୍ବଲପୁର,୯।୯(ବି.ଶଙ୍କର): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅମୃତବିହାରସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧୦ରେ ବାଣିଜ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତି: ଏକ ଚମତ୍କାର ଲମ୍ଫ ଶୀର୍ଷକ ଆଲୋଚନାଚକ୍ରରେ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିତ୍ତ ନିୟନ୍ତ୍ରକ ତଥା ବାଣିଜ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଶ୍ୟାମା ଚରଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ମଧ୍ୟପ୍ରଦେଶ ଇନ୍ଦିରା ଗାନ୍ଧୀ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକାନ୍ତ କୁମାର ବରାଳ ମୁଖ୍ୟଅତିଥି, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ପୃଥ୍ୱୀରାଜ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗବେଷକଙ୍କ ମଧ୍ୟରେ ଅର୍ଜୁନ ମହାରଣା, ଅରୁଣା ଶର୍ମା, ସତ୍ୟ ରଞ୍ଜନ ଗାରୁ ଓ ବିକାଶ ସେଠୀ ସାମିଲ ଥିଲେ। ଅଧ୍ୟାପିକା ସରୋଜା ମେହେର, ସୁବେଚ୍ଛା ନାୟକ ଓ ଅଧ୍ୟାପକ ଅମ୍ରିତ ପ୍ରସାଦ ସିଂ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସୁବାସ ଚନ୍ଦ୍ର ଝଙ୍କାର ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ସାକ୍ଷରତା ଦିବସ ପାଳିତ





ପଡିଆବାହାଲ,୯।୯(ରାଧାମୋହନ ଷଡଙ୍ଗୀ): ମାନେଶ୍ୱର ବ୍ଲକ ନୂଆଁମୁରାସ୍ଥିତ ଦ୍ୱାରିକା ପ୍ରସାଦ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଶୁକ୍ରବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଗୀତିକାର ଯତୀନ୍ଦ୍ର କୁମାର ପ୍ରଧାନ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ ଥିଲେ। ଅଧ୍ୟାପକ ଦେବେନ୍ଦ୍ର କୁମାର ମିଶ୍ର ସରକାରଙ୍କ ସାକ୍ଷରତା ଉପରେ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ମମତା ପଧାନ ସାକ୍ଷର ହେବା ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଅଧ୍ୟାପିକା ପ୍ରୀତିଲତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

### ମହିଳା କଲେଜରେ ବିଶ୍ୱ ଫାଷ୍ଟ ଏଡ୍ ଦିବସ

ସମ୍ବଲପୁର,୯।୯(ବି.ଶଙ୍କର): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଫାଷ୍ଟ ଏଡ୍ ଦିବସ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଡା. ଜୟଦେବ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାଷ୍ଟ ଏଡ୍‌ର ଗୁରୁତ୍ୱ ଓ ଭୂମିକା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରେଡକ୍ରସ ଜିଲା ସଂଯୋଜକ ପ୍ରଫେସର ପବିତ୍ର ମୋହନ ବେହେରା ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଯୁବ ରେଡକ୍ରସ ଅଧିକାରୀ ପ୍ରଫେସର ଦୀପକ କୁମାର ଓଝା ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ଓ ଅଭିଭାବକ।

କୁଚିଣ୍ଡା,୯।୯(ବିରଞ୍ଚି ଦର୍କା): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ପଞ୍ଚାୟତର କିରାଶାସନ ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୨୩ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନୃପାଲାଲ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କିଣ୍ଡିରା ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷା ସୁପ୍ରଭା ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସରୋଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋକ ସେନା ଗଠନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ସୌଭାଗ୍ୟ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅଧ୍ୟକ୍ଷ ତେଜରାଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳ ଧାରଣାରୁ ହାତୀ ଟ୍ରାକରଙ୍କ ମୃତଦେହ ଜବତ

**ହାତୀ ବଞ୍ଚାଇବାକୁ ଯାଇ ଜୀବନ ହାରିଲେ**

ସମ୍ବଲପୁର,୯।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଭିମଖୋଜ ନିକଟ ରେଳଧାରଣାରୁ ଶନିବାର ସକାଳେ ଜଣେ ହାତୀ ଟ୍ରାକରଙ୍କ ମୃତଦେହ ଜିଆର୍‌ପି ଜବତ କରିଛି। ମୃତକ ହେଲେ କଂସର ପଞ୍ଚାୟତ ବୁଡିଆକଟା ଗ୍ରାମର ପ୍ରମୋଦ ରଞ୍ଜିତ। ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ରିପୋର୍ଟ ସଂଗ୍ରହ କରିଥିବା ବେଳେ ପୋଲିସ ମୃତଦେହ ଜବତ କରିଛି।

ସୂଚନା ଅନୁସାରେ ପ୍ରମୋଦ ଏକ ଠିକା ସଂସ୍ଥା ଅଧୀନରେ ହାତୀ ଟ୍ରାକରେ ଭାବେ କାମ କରନ୍ତି। ପ୍ରତିଦିନ ଭଳି ସେ ନିଜ ସହକର୍ମୀଙ୍କ ସହ ରାତିରେ ହାତୀପଲ ଘଉଡାଇବାକୁ ଯାଇଥିଲେ।



ଭୀମଖୋଜ ରେଳ ଟ୍ରାକ୍‌ରେ ପୋଲିସ।

ଦୁର୍ଘଟଣା ଯେଭଳି ନ ଘଟିବ ସେଥିପାଇଁ ସେମାନେ ରେଳଧାରଣା କଡରେ ଯାଉଥିଲେ। ଝୁଝୁମୁରା ଷ୍ଟେଶନରୁ ପ୍ରାୟ ୩ କିମି ସମ୍ବଲପୁର ପଟ ଦୁର୍ଘଟଣାସ୍ଥଳରେ ହାତୀ ଚଲାପଥ ରହିଛି। ରେଳ ଧାରଣା ପାର ହୋଇ ହାତୀମାନେ ଯିବାଆସିବା କରନ୍ତି। ପାଟ୍ରୋଲିଂ କରୁଥିବା ସମୟରେ ହାତୀପଲ ଚାଲି ଯାଇଥିଲେ। ହେଲେ ପୁରୀ-ଦୁର୍ଗ ଟ୍ରେନ ସମ୍ମୁଖରେ ପ୍ରମୋଦ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସମ୍ବଲପୁର ସଦର ରେଞ୍ଜର ହରିଶଙ୍କର ନାଏକ ଓ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଡିଏଫ୍ଓ ବିଶ୍ୱନାଥ ନୀଳାମ୍ବରନ କହିଛନ୍ତି, ପ୍ରମୋଦ ଅସ୍ଥାୟୀ ଭାବେ କାମ କରୁଥିଲେ। ହେଲେ ଯଥା ସମ୍ଭବ ତାଙ୍କ ପରିବାରକୁ ସହାୟତା ଦିଆଯିବ ବୋଲି କହିଥିଲେ।

### ବେଆଇନ ବାଲି ଚାଲାଣ ବେଳେ ୫ ଟ୍ରାକ୍ଟର ଜବତ

ଭବାନୀପାଟଣା,(ଉତ୍ତମ କୁମାର ଦାଶ): କଳାହାଣ୍ଡି ତହସିଲ ଅନ୍ତର୍ଗତ ତୁରକେଲ ବାଲି ଘାଟରୁ ଶନିବାର ବାଲି ଚୋରାଚାଲାଣ ହେଉଥିବା ଖବର ପାଇ ଜିଲା ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବାଲି ଚାଲାଣ କରୁଥିବା ୫ଟି ଟ୍ରାକ୍ଟରକୁ ବିଭାଗ ଜବତ କରି ୧ଲକ୍ଷ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ଖଣି ଅଧିକାରୀ ମୁରଲୀ ଧର ନାଏକଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।

## ସଂକ୍ଷେପରେ

### ପୋଲ ତଳୁ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

ଭବାନୀପାଟଣା,୯।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବାଦଲି ଗ୍ରାମ ନିକଟସ୍ଥ ଏକ ପୋଲ ତଳୁ ଶନିବାର ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ମୃତକ ହେଲେ ବାଦଲି ଗ୍ରାମର କୃତିବାସ ପୂଝାରୀ (୬୩) ବୋଲି ଜଣାପଡିଛି। ଗତ କିଛି ଦିନ ହେଲା ସେ ଘରୁ ନିଖୋଜ ଥିଲେ। ଅନ୍ୟପଟେ ବ୍ୟବଚ୍ଛେଦ ପରେ ମୃତଦେହ ସ୍ଥାନୀୟ ପୋଲିସ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୩) ରୁଜୁ ହୋଇଛି।

### ଅନ୍ତର୍ଜାତୀୟ ଭାରତ ସାକ୍ଷରତା ଦିବସ ପାଳନ

ଖଡ଼ିଆଳ,୯।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଲୋହୋରାପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଅନ୍ତର୍ଜାତିକ ନବଭାରତ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶିକା ସୁଶ୍ରୀ ସାଗରିକା ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦାନ କରି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖଡ଼ିଆଳ ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁ ଚରଣ ନାୟକ, ଏବିଇଓ ଜୟଦେବ ପଣ୍ଡା ଓ ମୋତିଲାଲ ବେହେରା ତଥା ସିଆରସିସି ପ୍ରକାଶ କୁମାର ଠାକୁର ପ୍ରମୁଖ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ସହ ପଥପ୍ରାନ୍ତ ଶୋଭାଯାତ୍ରା କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଦଣ୍ଡସେନା ଓ ଶିକ୍ଷକ ଶିକ୍ଷକ ଶିକ୍ଷୟିତ୍ରୀଗଣ ସହଯୋଗ କରିଥିଲେ। ୧୬ ରୁ ୩୫ ବର୍ଷ ବୟସ୍କ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସାକ୍ଷର କରାଯିବା ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏଥିପାଇଁ ଜନଜାଗରଣ ସୃଷ୍ଟି କରାଯାଇ ସ୍ୱେଚ୍ଛାସେବୀଙ୍କ ଜରିଆରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ମୁଖ୍ୟ ଲକ୍ଷ୍ୟ ବୋଲି ରାଜ୍ୟ ଅଧିକାରିଣୀ ପଣ୍ଡା ପ୍ରକାଶ କରିଥିଲେ।

### ପୂର୍ବତନ କାଉନସିଲରଙ୍କ ପରଲୋକ

ଜୁନାଗଡ଼,୯।୯(ସୁନୀଲ କୁମାର ସିଂହ)



କଳାହାଣ୍ଡି ଜିଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ କାଉନସିଲର ପ୍ରଦୀପ (ଟୁଟୁ) କୁମାର ପାଢ଼ୀଙ୍କ ଶନିବାର ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିବା ବେଳେ ସେ ଦୀର୍ଘ ଦିନ ଧରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେ କଂଗ୍ରେସର ପୂର୍ବତନ କାଉନସିଲର ରହିବା ସହ ୨ଥର ଜୁନାଗଡ଼ ନଗର ଯୁବ କଂଗ୍ରେସ ସଭାପତି ମଧ ରହିଥିଲେ। ତାଙ୍କ ପରଲୋକରେ ଜୁନାଗଡ଼ ସହରରେ ଶୋକର ଛାୟା ଖେଳିଯାଇଛି।

### ଜଙ୍ଗଲ କାଟିବା ଅଭିଯୋଗରେ ୬ କୋର୍ଟ ଚାଲାଣ

କୋକସରା,୯।୯(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବନାଞ୍ଚଳ ଅଧୀନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ବେଆଇନ କାଟିବା ଅଭିଯୋଗରେ ଶୁକ୍ରବାର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଆମପାଣି ବନ ବିଭାଗ। ସୂଚନା ମତେ ଆମପାଣି ସେକ୍ସନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା କନ୍ଦାଗଡ଼ ବିଟ କନ୍ଦାଗଡ଼ ଗ୍ରାମର ଟିକଚନ ମାଝି (୩୫), ଖଗେଶ୍ୱର ମାଝି (୫୨), ମାନସିଂ ମାଝି (୩୨), ଲମ୍ବୋଧର ମାଝି (୩୦), ନୃପ ମାଝି (୪୬), ହଳଧର ମାଝି (୩୮) ଅନାଧିକୃତ ଭାବେ ସଂରକ୍ଷିତ ଜଙ୍ଗଲର ଗଛ ବେଆଇନ ଭାବେ କାଟି ଦେଇଥିଲେ। ଏ ନେଇ ଆମପାଣି ବନ ବିଭାଗ ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ନେତୃତ୍ୱରେ ସଦଳବଳେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚଢ଼ାଉରେ ଆମପାଣି ବନ ବିଭାଗର ଫରେଷ୍ଟ ଗାର୍ଡ ଓ ପାରା ଫରେଷ୍ଟ କର୍ମଚାରୀମାନେ ସାମିଲ ରହିଥିଲେ।

# ଦାବିକୁ ନେଇ ମନ୍ତ୍ରୀ, ସଚିବସ୍ତରରେ ଆଲୋଚନା ହେବ

ବଲାଙ୍ଗୀର,୯।୯
(ବୀରେନ୍ଦ୍ର କୁମାର ଝାଙ୍କର)



ବିଧାୟକ ନରସିଂହ ମିଶ୍ରଙ୍କ ସହ ଆୟୁର୍ବେଦିକ କଲେଜ ଆନ୍ଦୋଳନକାରୀ ଛାତ୍ରୀଛାତ୍ରମାନେ ଆଲୋଚନା କରୁଛନ୍ତି।

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ସମ୍ମୁଖରେ ଅଲ୍ ଓଡିଶା ଆୟୁଷ ଷ୍ଟୁଡେଣ୍ଟ ଆସୋସିଏଶନ ଡାକରାରେ ଚାଲିଥିବା ଆନ୍ଦୋଳନସ୍ଥଳରେ ଶନିବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ପହଞ୍ଚି ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ଆଲୋଚନା କରିଥିଲେ। ପୂର୍ବରୁ ଜିଲା ଆୟୁଷ ଛାତ୍ର ସଂଘ ଏବଂ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟର ଛାତ୍ର ସଂସଦର କର୍ମକର୍ତ୍ତାମାନେ ବିଧାୟକ ମିଶ୍ରଙ୍କୁ ଭେଟି ତାଙ୍କ ଆନ୍ଦୋଳନ ଓ ଦାବିକୁ ନେଇ ଅବଗତ କରାଇଥିଲେ। ଧାରଣାସ୍ଥଳରେ ବିଧାୟକ ମିଶ୍ର କହିଥିଲେ ଏହି ଆନ୍ଦୋଳନ ଆୟୁଷ ଡାକ୍ତରୀ ଛାତ୍ରମାନଙ୍କ ନ୍ୟାର୍ଯ୍ୟ ଦାବିକୁ ନେଇ ସାରା ରାଜ୍ୟରେ ସଙ୍ଗଠିତ ହୋଇଛି। ସେ ନିଜେ ଆନ୍ଦୋଳନକୁ ଏବଂ ଦାବିକୁ ସମ୍ପୂର୍ଣ୍ଣ ଭାବରେ ସମର୍ଥନ କରୁଥିବା ଘୋଷଣା କରିଥିଲେ। ଆଗାମୀ ସପ୍ତାହରେ ଏହି ଡାକ୍ତରୀ ଛାତ୍ରମାନଙ୍କ ଦାବିକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ସ୍ୱାସ୍ଥ୍ୟ ସଚିବଙ୍କ ସହ ଆଲୋଚନା କରିବେ ଏବଂ ନିଶ୍ଚୟ ଏହାର ନିଷ୍କର୍ଷ ବାହାରିବ ବୋଲି ଆନ୍ଦୋଳନରତ ଡାକ୍ତରୀ ଛାତ୍ର ଛାତ୍ରୀମାନଙ୍କୁ କହିଥିଲେ । ଏହା ସହ ଆଲୋଚନାରେ ଯଦି କୌଣସି ପ୍ରକାର ବିଫଳତାର ସୁରାକ ମିଳେ ତେବେ

**ଆୟୁଷ ଡାକ୍ତରୀ ଛାତ୍ରଙ୍କ ଧାରଣସ୍ଥଳରେ ନରସିଂହ**

ଆଗାମୀ ୨୨ ତାରିଖରେ ହେବାକୁ ଥିବା ବିଧାନସଭା ଅଧିବେଶନରେ ଏହି ଦାବି ଗୁଡିକୁ ନେଇ ଜୋରଦାର ଆଲୋଚନା ହେବ। ଯେପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କ ସମସ୍ୟା ସମାଧାନ ନ ହୋଇଛି ସେ ପର୍ଯ୍ୟନ୍ତ ସରକାରକୁ ଛଡାଯିବ ନାହିଁ ବୋଲି କହିଥିଲେ। ଆୟୁଷ ଡାକ୍ତରୀ ଛାତ୍ରମାନେ ଏଲୋପଥି ଡାକ୍ତରୀମାନଙ୍କ ସମକକ୍ଷ ରୋଗୀ ସେବା କରୁଥିଲେ ହେଁ ଗତ ୨୧ ବର୍ଷ ହେଲା ଗୋଟିଏ ବି ନୂତନ ପୋଷ୍ଟ ସୃଷ୍ଟି କରାଯାଇନାହିଁ। ତେଣୁ ହୋମିଓପାଥିରେ ୫୦୦ ଏବଂ ଆୟୁର୍ବେଦିକରେ ୫୦୦ ମେଡିକାଲ ଅଫିସର ପଦବୀ ଏହି ଆର୍ଥିକ ବର୍ଷରେ ସୃଷ୍ଟି କରିବା ପାଇଁ ଦାବି କରାଯାଇଛି । ତା ପରେ ପ୍ରତ୍ୟେକ ବର୍ଷ ୧୦୦ ଲେଖାଏଁ ଏଚ୍‌ଏମ୍‌ଓ ଏବଂ ଏଏମ୍‌ଓ ପରବର୍ତ୍ତୀ ବର୍ଷମାନଙ୍କରେ ନାମ କମିଟିର ଦରକାର ହିସାବରେ ସୃଷ୍ଟି କରିବା ପାଇଁ ଦାବି କରାଯାଇଛି । ବର୍ତ୍ତମାନ ଆୟୁର୍ବେଦକ ମେଡିକାଲ ଅଫିସରମାନେ ପାଉଥିବା ଭତ୍ତା ପରିମାଣର ଆହୁରି ୫୦ ପ୍ରତିଶତ ବଢାଯିବାର ଦାବିକୁ ନେଇ ମଧ ସାରା ରାଜ୍ୟରେ ଏହି ଆୟୁଷ ଡାକ୍ତର ସଂଘ ଆନ୍ଦୋଳନରତ ଅଛନ୍ତି। ଡାକ୍ତରି ଛାତ୍ରମାନେ କହିଛନ୍ତି ଚିକିତ୍ସା କ୍ଷେତ୍ରରେ ସେମାନେ ଉତ୍ତମ ସେବା ପ୍ରଦାନ କରୁଥିଲେ ହେଁ ତାଙ୍କ ନିଯୁକ୍ତି, ଭତ୍ତା ପ୍ରଦାନ, ପଦବୀ ସୃଷ୍ଟିକୁ ନେଇ ଅନେକ ଅସଙ୍ଗତି ଅଛି। ଏ ସବୁର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଆନ୍ଦୋଳନସ୍ଥଳରେ ବିଧାୟକ ମିଶ୍ର ଡାକ୍ତରୀ ଛାତ୍ରମାନଙ୍କ ଏହି ଆନ୍ଦୋଳନ ଯୋଗୁଁ ଯେପରି ରୋଗୀ ସେବା ବାଧାପ୍ରାପ୍ତ ନ ହେବ ସେ ଉପରେ ଆନ୍ଦୋଳନରତ ଡାକ୍ତରୀ ଛାତ୍ରମାନଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମିଶ୍ରଙ୍କ ଉଦ୍‌ବେଗକୁ ବୁଝି ସେ ଉପରେ ସେମାନେ ପୂର୍ବରୁ ଚିନ୍ତା କରି ରୋଗୀ ସେବା ବାଧାପ୍ରାପ୍ତ କରୁନାହାନ୍ତି ବୋଲି କହିଥିଲେ। ଏହି ଆନ୍ଦୋଳନକୁ ସରକାରୀ ଆୟୁର୍ବେଦିକ କଲେଜର ଛାତ୍ର ସଂସଦ ସଭାପତି ସତ୍ୟମ ଚନ୍ଦ୍ରକାର, ସମ୍ପାଦକ ଡା ବୁଲୁ ମେହେର, ଉପସଭାପତି ସନ୍ଦିପ ମେହେର ପ୍ରମୁଖ ନେତୃତ୍ୱ ନେଇଛନ୍ତି।

# ବଲାଙ୍ଗୀର ଜିଲାରେ ବଢୁଛି ଅପରାଧ

ବଲାଙ୍ଗୀର,୯।୯
(ବୀରେନ୍ଦ୍ର କୁମାର ଝାଙ୍କର)



ଖବରଦାତା ସମ୍ମିଳନୀରେ ପ୍ରମୋଦ ମିଶ୍ର ଓ ଅନ୍ୟମାନେ।

ବଲାଙ୍ଗୀରରେ କ୍ରମାଗତ ଅପରାଧ ବଢୁଛି। ଏଠାରେ ଜମି ମାଫିଆଗିରି ଚରମ ସ୍ଥିତିରେ ରହିଛି। ନକଲି ସାର୍ଟିଫିକେଟଠାରୁ ଆରମ୍ଭ କରି କଥା କଥାରେ ହତ୍ୟାକାଣ୍ଡ ଘଟୁଛି। କୋଶଲବାଦୀ ନେତା ପ୍ରମୋଦ ମିଶ୍ର ଶନିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ଅଭିଯୋଗ କରିଛନ୍ତି। ସହ ଏଭଳି ନକରାତ୍ମକତାରୁ ମୁକ୍ତି ପାଇବାକୁ ହେଲେ ଜିଲାରେ ରାଜନୈତିକ ପରିବର୍ତ୍ତନ ଲୋଡା ବୋଲି କହିଥିଲେ। ସେ କହିଥିଲେ ଯେ, ପ୍ରାୟ ୩୦/୪୦ ବର୍ଷ ତଳେ ମୁଷ୍ଟିମେୟ ଅପରାଧି ଏହି ଜିଲାରେ ସେମାନଙ୍କ ଆତଙ୍କରାଜ୍ ଚଳାଇଥିଲେ। ଆଜି ଅପରାଧିତତ୍ତ୍ୱ ସଂଖ୍ୟା ବୃଦ୍ଧି ପାଇଛି । ଡ୍ରଗ୍ସ, କପସିରପ ଓ ବିଭିନ୍ନ ପ୍ରତିବନ୍ଧିତ ଔଷଧର କାରବାର ଜୋରସୋରରେ ଚାଲିଛି । ବିଗତ ୧୦ ବର୍ଷ ମଧ୍ୟରେ ବଲାଙ୍ଗୀରରେ ଦେଶର ସର୍ବବୃହତ ଜମି ସ୍କାମ ଦେଖାଯାଇଛି । ଏହି ଜିଲାରେ ପ୍ରାୟ ୫ ଶହ କୋଟିର ଜମି ସ୍କାମ ଚାଲିଛି ବୋଲି ସେ ଅଭିଯୋଗ କରିଥିଲେ। ବିଭିନ୍ନ ସମୟରେ ସରକାରୀ ଜମି ବିକ୍ରୟ, ସରକାରୀ ଜମିକୁ ବେସରକାରୀ ଲୋକଙ୍କ ନାମରେ ବେଆଇନ ପଟ୍ଟା

**ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ କୋଶଲବାଦୀ ନେତା**

କରିବା, ଅନ୍ୟର ରୟତି ଜମିକୁ ଜବରଦସ୍ତ ଅଳ୍ପମୂଲ୍ୟରେ ଖର୍ଦ୍ଦି ବିକ୍ରୀ କରିବା ତଥା ରିଏଲଇଷ୍ଟେଟ ନାଁରେ ପ୍ରଶାସନକୁ ଧରି ବେଆଇନ ଭାବରେ ହରିଜନ, ଆଦିବାସୀମାନଙ୍କ ଜମିର ପରମିଶନ କରାଇ ତାକୁ ଶାଗମାଛ ମୂଲ୍ୟରେ ଖର୍ଦ୍ଦି କରିବା, କିଛି ପ୍ରଭାବଶାଳୀ ବ୍ୟକ୍ତି ଓ ଜମି ଦଲାଲଙ୍କ ସହଯୋଗରେ ଅଦାଲତରେ ମଧ ଚଞ୍ଚକତା କରି ନିରୀହ ଲୋକଙ୍କ ଜମିକୁ ପ୍ରଭାବଶାଳୀ ଲୋକଙ୍କ ନାଁରେ ରେକର୍ଡଭୁକ୍ତ କରାଇବା ଭଳି ଅପରାଧ ଏଇ ଜିଲାରେ ଘଟି ଚାଲିଛି ବୋଲି କହିଥିଲେ। ଏ ସମସ୍ତ କାରବାରରେ କିଛି ଗୁଣ୍ଡାତତ୍ତ୍ୱ ଓ ଅସାଧୁ ରାଜନୈତିକ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତି ରହିଛି କହି ରାଜନୈତିକ ପରିବର୍ତ୍ତନ ବିନା ବଲାଙ୍ଗୀରରୁ ଅପରାଧ କମିବ ନାହି ବୋଲି କୋଶଲବାଦୀ ନେତା ମିଶ୍ର କହିଛନ୍ତି। ଆଗାମୀ ନିର୍ବାଚନରେ ଏଦିଗରେ ଜିଲାବାସୀ ଗୁରୁତର ସହ ଚିନ୍ତ କରନ୍ତୁ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ କୋଶଲବାଦୀ ସଙ୍ଗଠକ ରଣରାଜ ସିଂଦେଓ, ବିଶିଷ୍ଟ ଶ୍ରମିକ ନେତା ରବିଶଙ୍କର ମିଶ୍ର, ଯୁବ ସଙ୍ଗଠକ ଡୋଳାମଣି ପ୍ରଧାନ ଉପସ୍ଥିତ ଥିଲେ ।

### ଜିଜ୍ଞାସା ବିଜ୍ଞାନ ପ୍ରକଳ୍ପ ଆଧାରିତ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନୂଆପଡ଼ା,୯।୯(ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ବିଜ୍ଞାନ ପ୍ରକଳ୍ପ ଆଧାରିତ କାର୍ଯ୍ୟକ୍ରମ ଜିଜ୍ଞାସା ଉଦଯାପିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ନୂଆପଡା ଓ କୋମନା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକମାନେ ଯୋଗଦେଇଥିଲେ। ମୋ ସ୍କୁଲ ପରିଚାଳନା କମିଟି ଓ ଓଡିଶା ମାଧ୍ୟମିକ ଶିକ୍ଷା କଟକ ମିଳିତ ଆନୁକୂଲ୍ୟରେ ଉଚ୍ଚ ବିଦ୍ୟାଳୟରେ ପାଠ୍ୟ ବିଷୟଗୁଡିକୁ ଆକାଂକ୍ଷା ପାଠ୍ୟକ୍ରମ ସହିତ ଯୋଡି କ୍ଲବ ଗଠନ କରାଯାଇଛି। ଉଦ୍‌ଘାଟନୀରେ ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଉଦ୍‌ଯାପନୀରେ ରେଣୁକା ଦୁଗିଆ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ବିଜ୍ଞାନ ଶିକ୍ଷଣକୁ ପ୍ରକଳ୍ପ ଆଧାରିତ ତଥା ଅଭିଜ୍ଞ ଶିକ୍ଷଣ ପଦ୍ଧତିରେ ପରିବର୍ତ୍ତନ କରି କିପରି ଶିଶୁକେନ୍ଦ୍ରିକ କରାଯିବ ଓ ଏହାକୁ କିପରି ପ୍ରକୃତି, ସଂସ୍କୃତି ତଥା ଇତିହାସ ସହିତ ଯୋଡି ଦିଆଯାଇ ପାରିବ ବୋଲି ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷକ ରାଧେଶ୍ୟାମ ସାହା ଓ ଫାଲଗୁନି ସାହୁ ସାଧନ କର୍ମୀ ଭାବେ ତାଲିମ ପ୍ରଦାନ କରିଥିଲେ। ପ୍ରଜ୍ଞା ବିଶ୍ୱାଳ, ପ୍ରେମଲାଲ ସାହୁ, ମହତାବ ଗିରି, ଶ୍ୟାମଲାଲ ପ୍ରଧାନ, ସଂଦୀପ ଚନ୍ଦ୍ରକାର, ସୁଷମା ମାହୁତି ପ୍ରମୁଖ ଯୋଗଦେଇଥିଲେ। ସୌମ୍ୟା ବଘେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ: ୨୯୮ ମାମଲାର ଫଇସଲା

ଭବାନୀପାଟଣା,୯।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡିକରେ ଚଳିତବର୍ଷ –୨୦୨୩ର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୋରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦିପ୍ତି ରଞ୍ଜନ କାନୁନ୍‌ଗୋ ଓ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜନ ହୋଇଥିଲା। ଏଥିରେ ବିଭିନ୍ନ ଅଦାଲତରେ ୨୪ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୫୯ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୩ଟି ଦେବାନୀ ମକଦ୍ଦମା ଫଇସଲା କରାଯାଇ ୭୪ ହଜାର ୬୮୪ଟଙ୍କା ସମାଧାନ କରାଯାଇଥିଲା। ବିଚାର ଯୋଗ୍ୟ ୨୩୨ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇଥିଲା। ଏନ୍‌ଆଇଆକ୍ଟ ମାମଲା (ଦଫା–୧୩୮) ୧୦ଟି ଫଇସଲା କରାଯାଇ ୧୭ ଲକ୍ଷ ୬୧ ହଜାର ୩୪୦ଟଙ୍କା ଆଦାୟ କରାଯାଇଥିଲା। ବିବାହ ଜନିତ ୮ଟି ମକଦ୍ଦମା ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୩୯୫ଟି ଫଇସଲା କରାଯାଇ ୩ ଲକ୍ଷ ୩୧ହଜାର ୯୬୪ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୨୫୧ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୭୪ ଲକ୍ଷ ୮୯ ହଜାର ୫୪୭ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ପରିବାର ଅଦାଲତ୍ ଜଜ୍ ଲଳିତ କୁମାର ଦାସ, ବରିଷ୍ଠ ସିଭିଲ ଜଜ୍ ସମାପିକା ମହାନ୍ତି, ବରିଷ୍ଠ ସିଭିଲ ଜଜ୍ (ଏଲଆର–ଏଲଟିଭି) ରଶ୍ମୀ ରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପି.ସୀତାଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ଅଦାଲତ ପରିଚାଳନା କରିଥିଲେ।



ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ।

# ଖଡ଼ିଆଳ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଖଡ଼ିଆଳ,୯।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ତଥା ସିଭିଲ ଜଜ୍ ସିନିୟର ଡିଭିଜନ ସୁଶ୍ରୀ ଚିନ୍ମୟୀ ଜେନାଙ୍କ ଅଧକ୍ଷତାରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଜୁନିୟର ଡିଭିଜନ ସୁଶ୍ରୀ ରୀତି ତ୍ରିପାଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଖଡ଼ିଆଳ ଶାଖା ମୁଖ୍ୟ ପରିଚାଳକ ଦେବୀପ୍ରସାଦ ମିଶ୍ର, ଆଜାଦ ଚୌକ ଶାଖାର ଭାରପ୍ରାପ୍ତ ପରିଚାଳକ ନରୋତ୍ତମ ନିଆଳଙ୍କ ସମେତ ବ୍ୟାଙ୍କ ଅଫ ଇଣ୍ଡିଆ, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଖଡ଼ିଆଳ, ବରଗାଁ, ଡୁଆଝର, ଏବଂ ଡୁକଲା ଯର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ସିଭିଲ ଜଜ୍ ସିନିୟର ଡିଭିଜନ ଅଦାଲତରେ ୧୩ଟି ସିଭିଲ କେଶ, ଚାରି ଗୋଟି ବ୍ୟାଙ୍କିଙ୍ଗ କେଶର ଫଇସଲା କରାଯାଇ ୬୨ ଲକ୍ଷ ୪୧ ହଜାର ୬୧ ଟଙ୍କା ଆଦାୟ କରାଯାଇଛି। ଜେଏମଏଫସି କୋର୍ଟ ୩୦ଟି ଫୌଜଦାରୀ ଏବଂ ୫ଟି ସିଭିଲ କେଶ ଫଇସଲା କରାଯାଇ ୧ ଲକ୍ଷ ୮୩ ହଜାର ଆଦାୟ ହୋଇଥିଲା। ପ୍ରକାଶ ଯେ, ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ଋଣଖିଲାପକାରୀଙ୍କଠାରୁ ସମୁଦାୟ ୬ ଲକ୍ଷ ୨୦ ହଜାର ୫୫୦ ଟଙ୍କା ଆଦାୟ କରାଯାଇଥିବା ବେଳେ ସେଥିରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଋଣ ଖିଲାପକାରୀଙ୍କଠାରୁ ସର୍ବାଧିକ ୫ ଲକ୍ଷ ୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତକୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ଓକିଲ ବିରଜା ସିଂ ଦଳପତି, ସରକାରୀ ଓକିଲ ନରେନ୍ଦ୍ର ମେହେର, ଓକିଲ ଅକ୍ଷୟ ମେହେର, ସନ୍ତୋଷ ପୁରୋହିତ, ଅସିତ ମହାପାତ୍ର, ଦିନେଶ ତିୱାରୀ, ମନୋରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଖଡ଼ିଆଳରେ ଆୟୋଜିତ ଲୋକ ଅଦାଲତ।

# ସାକ୍ଷରତା ଦିବସରେ ସଚେତନତା ଶୋଭାଯାତ୍ରା

ସଇଁତଳା, ୯।୯ (ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଡେ଼ଙ୍ଗ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ଚନ୍ଦ୍ର ରଣା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଜଗଦୀଶ ମିଶ୍ର ଭାବେ ଯୋଗଦେଇଥିଲେ। ଜାତୀୟ ଶିକ୍ଷାନୀତି–୨୦୨୦ର ତୃତୀୟ ବର୍ଷ ପୂର୍ତ୍ତି ଓ ସାକ୍ଷରତା ଦିବସର ମହତ୍ତ୍ୱ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ୧୫ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଶିକ୍ଷା ଅନିବାର୍ଯ୍ୟ। ତେବେ ବର୍ତ୍ତମାନ ନାରୀ ଶିକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଥିବା ପ୍ରଧାନଶିକ୍ଷକ ମିଶ୍ର କହିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର, ଅଭିଭାବକ, ଜନପ୍ରତିନିଧି, ଶିକ୍ଷୟିତ୍ରୀ ଶିକ୍ଷକ ଏଥିପୂର୍ବରୁ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷୟିତ୍ରୀ ରେଣୁକା ସାହୁ, କାନ୍ତି ଭୋଇ, ଦ୍ରୌପଦୀ ଭୋଇ, କୃପାସିନ୍ଧୁ ମିଶ୍ର, ଦୀପକସେନ ଧରୁଆ, ହିମାଂଶୁ ଶେଖର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟ ସମସ୍ତ ସଦସ୍ୟ, ଅଭିଭାବକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ଶିକ୍ଷକ ଲିଙ୍ଗରାଜ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ

ସିନାପାଲି/ବୋଡେନ,୯।୯
(ମନଫୁଲ ମେହେର/ ଟିକେଶ୍ୱର ନାଗ)

ନୂଆପଡା ଜିଲା ବୋଡ଼େନ ବ୍ଲକ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ କୁଲିଙ୍ଗାମାଲ ସେବାଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଥି ମେହେରଙ୍କ ସଭାପତିତ୍ୱରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗ୍ରାମର ସାମାଜିକ କର୍ମୀ ସୁଦର୍ଶନ ତାଣ୍ଡି, ସମ୍ମାନିତ ଅତିଥି ସ୍ଥାନୀୟ ଶିକ୍ଷାବିତ୍ ଭୁବନେଶ୍ୱର ଜାଲ, ଝସକେତନ ମାଝି, ମୁଖ୍ୟବକ୍ତା ଭାବେ ଶ୍ୟାମ କୁମାର ଦଣ୍ଡସେନା ଯୋଗଦେଇଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦେବ ପୂଜନ କାର୍ଯ୍ୟକ୍ରମ ହେଇଥିବା ବେଳେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ସର୍ବାଙ୍ଗିନ ବିକାଶ ପାଇଁ ଅଭିଭାବକ ଶିକ୍ଷକ ସଂପର୍କ କିପରି ହେବା କଥା ତାହା ଅତିଥିମାନେ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ। ମୁଖ୍ୟବକ୍ତା ଶ୍ୟାମ କୁମାର ଦଣ୍ଡସେନା ବିଭାଗର ବିଭିନ୍ନ ଯୋଜନା ଯଥା ଛାତ୍ର ବୃତ୍ତି, ପାଠ୍ୟକ୍ରମ, ବିଭିନ୍ନ ସହାୟତା ଯୋଜନା ସମ୍ପର୍କରେ ଜନସଚେତନ କରାଇଥିଲେ। ଏହା ସହ ବିଭିନ୍ନ ବିଭାଗ ପଞ୍ଚାୟତିରାଜ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଯୋଗାଣ, ମହିଳା ଓ ଶିଶୁ, ମିଶନ ଶକ୍ତି ବିଭାଗ ଯୋଗଦେଇ ସରକାରଙ୍କ ସୁବିଧା ସୁଯୋଗ ସମ୍ପର୍କରେ ଅଭିଭାବକଙ୍କୁ ଜଣାଇଥିଲେ। ୨ୟ ପର୍ଯ୍ୟାୟର ଅଭିଭାବକ ଓ ଶିକ୍ଷାର୍ଥୀଙ୍କୁ ନେଇ ରଙ୍ଗୋଲି, ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅଭିଭାବକମାନେ ନିଜସ୍ୱ ମତପ୍ରଦାନ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଶ୍ୟାମସୁନ୍ଦର ସୁନାନୀ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ବିଦ୍ୟାଳୟର ସେବିକା ବେବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିପୂରଣ ଦେଇ ଚାଷୀଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ

ଲୋଇସିଂହା,୯।୯(ସୁଶାନ୍ତ ବାରିକ)

**ଆନ୍ଧ୍ର କପାଚାଷୀଙ୍କ ଦୌରାତ୍ମ୍ୟ ଘଟଣା**
**■କୃଷି ବିଭାଗ ଅଡୁଆ ବଢୁଛି**

ଆନ୍ଧ୍ର କପାଚାଷୀଙ୍କ ଦୌରାତ୍ମ୍ୟ ଯୋଗୁଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ବିଶାଳପାଲି ଗ୍ରାମର ଚାଷୀ ଶଶିକାନ୍ତ ବିଶ୍ୱାଳଙ୍କ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା। ଅନ୍ୟ କେତେକ ଚାଷୀଙ୍କ ଧାନ ଫସଲ ପ୍ରଭାବିତ ହୋଇଛି। ଏଥିସହିତ ଗ୍ରାମର ଜଣେ ମହିଳା ବିପଦଜନକ କୀଟ ସ୍କ୍ରବ୍ ଟାଇଫସ କାମୁଡାର ଶିକାର ହୋଇଛନ୍ତି। ଅପରପକ୍ଷେ କୃଷି ବିଭାଗ ପକ୍ଷରୁ ବିଶାଳପାଲିସ୍ଥିତ ପ୍ରଭାବିତ କ୍ଷେତ ପରିଦର୍ଶନ କରିବାର ୫ ଦିନ ବିତି ଯାଇଥିଲେ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତର ସଦର ବାଦିବାହାଲ, ବିଶାଳପାଲି, କଠାରପାଲି ଏବଂ ବୁଢୀପଦର ପଞ୍ଚାୟତର ସଲତରପାଲି, ଘୁଷରାମୁଣ୍ଡା, ନେଗିପାଲି, ପିପିଲିପାଲି, ନେଗିପାଲି ଆଦି ଗ୍ରାମର ପଡିଆ ଆଟଜମିକୁ କମ୍‌ଦରରେ ଲିଜ୍ ସୂତ୍ରରେ ନେଇ ଆନ୍ଧ୍ରଚାଷୀ କପା ଚାଷ କରୁଛନ୍ତି। ଲିଜରେ ଦେଇଥିବା ଚାଷୀଙ୍କ ଜମିକୁ ଲାଗି ରହିଥିବା ଗୋଚର, ଜଳଚର ଏପରିକି ବିଭିନ୍ନ ସରକାରୀ ଜମିକୁ ଅକ୍ତିଆର କରି ବେଆଇନ ଭାବରେ ଚାଷ ହେଉଛି। ସ୍ଥାନୀୟ କେତେକ ବ୍ୟକ୍ତଙ୍କ ସମେତ କୃଷି ଓ ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ହାତବାରସୀ କରି ଆନ୍ଧ୍ରଚାଷୀ କପା ଚାଷ କରିବାରେ ସକ୍ଷମ ହୋଇଛନ୍ତି। ଆନ୍ଧ୍ରଚାଷୀ ଅଧିକ ଲାଭାନ୍ୱିତ ପାଇଁ ସରକାରଙ୍କ ଦ୍ୱାରା ନିଷିଦ୍ଧ ଘୋଷିତ ବିଟି କପା ଚାଷ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଧିକ ଅମଳ ପାଇଁ କପା କିଆରିରେ ହଇପାୱାର କୀଟନାଶକ ବ୍ୟବହାର କରାଯାଉଛି। ଏଡାର ପ୍ରଭାବରେ କପା କିଆରି ସଂଲଗ୍ନ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି । ମରୁଡି ପ୍ରପଡିତ ଅଞ୍ଚଳର ଚାଷୀ ବର୍ଷକର ଦାନା ଯୋଗାଡ ପାଇଁ ସଂଘର୍ଷ କରୁଥିବାବେଳେ ଆନ୍ଧ୍ରଚାଷୀଙ୍କ ଦୌରାତ୍ମ୍ୟ ଯୋଗୁ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାବ୍ୟତୀତ ଟ୍ରାକ୍ଟରେ ଆଧୁନିକ ପ୍ରଣାଳୀରେ କୀଟନାଶ ସିଞ୍ଚନ କରାଯାଉଥିବାରୁ ଏହା ପାର୍ଶ୍ୱବର୍ତ୍ତୀ ଚାଷ ଜମିରେ ପଡୁଛି । ସମ୍ପୃକ୍ତ ଅଞ୍ଚଳରେ କିଛିଦିନ ହେବ ଗୋରୁ ନଚରାଇବା ପାଇଁ ସ୍ଥାନୀୟ ଚାଷୀଙ୍କୁ ଆନ୍ଧ୍ରଚାଷୀ ବାରଣ କରୁଥିବା ଦେଖାଯାଉଛି। ଫଳରେ ଚାରଣ ଭୂମି ନପାଇଁ ଅଞ୍ଚଳର ଗୋଚାଷୀ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଆନ୍ଧ୍ରଚାଷୀଙ୍କ ଦୌରାତ୍ମ୍ୟ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗତ ସେପ୍ଟେମ୍ବର ୫ତାରିଖରେ ବିଶାଳପାଲି ଗସ୍ତରେ ଆସୁଥିଲେ। ହେଲେ ଅଧାବାଟରେ ଅଟକି ସ୍ଥାନୀୟ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀଙ୍କୁ କ୍ଷେତ୍ରକୁ ପଠାଇଥିବା ଆଲୋଚନା ହେଉଛି । ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଏବଂ ବିପଦଜନକ କୀଟର ପ୍ରାଦୁର୍ଭାବ ବଢୁଥିବାରୁ କୃଷି ବିଭାଗପ ଅଡୁଆ ବଢିଛି। ଏଭଳି ସ୍ଥିତିରେ କୃଷି ବିଭାଗର ପାରାମର୍ଶକ୍ରମେ ଆନ୍ଧ୍ର ଚାଷୀ କ୍ଷତିଗ୍ରସ୍ତ ଚାଷୀଙ୍କୁ କିଛି ଆର୍ଥିକ ସହାୟତା ଦେଇ ମୁହଁ ବନ୍ଦ ଭଳି ହୀନ ଉଦ୍ୟମ କରାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ଟ୍ରକ ଚାପାରେ ବାଇକ୍ ଆରୋହୀ ମୃତ

**ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡସ୍ଥିତ ଓଭରବ୍ରିଜ ତଳେ ଶନିବାର ଟ୍ରକ ଚାପାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ବାଇକ୍ ଆରୋହୀ ଜଣକ ଦେବଗଡ ପୌରାଞ୍ଚଳ ମୋହିନୀପୁରର ଶିଶିର ସିଂଙ୍କ ପୁଅ ମୃତ୍ୟୁଞ୍ଜୟ ସିଂ (୧୮)। ସେ ଦେବଗଡ ମହାବିଦ୍ୟାଳୟ ଯୁକ୍ତ୨ ଶ୍ରେଣୀର ଛାତ୍ର ବୋଲି ଜଣାପଡିଛି। ମୃତ୍ୟୁଞ୍ଜୟ ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଙ୍କ ମା'ଙ୍କୁ ପୁରୁଣାଗଡ ପେଟ୍ରୋଲପମ୍ପ ନିକଟସ୍ଥ ବସ ଷ୍ଟପରେ ଛାଡି ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଓଭର ବ୍ରିଜ ତଳ ବାମ କଡ ରାସ୍ତାରେ ଦେବଗଡ ପଟୁ କୁରଡ ପଟକୁ ଯାଉଥିବା ଏକ ୧୪ ଚକିଆ ମାଲ୍ ବୋଝେଇ ଟ୍ରକ ନଂ. ଓଡି ୧୪ ଭି-୫୫୨୪ ତାଙ୍କୁ ଧକ୍କା ଦେବା ସହ ପ୍ରାୟ ୭୦/୮୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଫଳରେ ଘଟଣା ସ୍ଥଳରେ ମୃତ୍ୟୁଞ୍ଜୟଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାପାଇ ଦେବଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ୍‌ଟିକୁ ଜବତ କରିଛି। ସେହିପରି ଟ୍ରକର ଚାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ଜଙ୍ଗଲ କାଟିବା ଅଭିଯୋଗରେ ୬ କୋର୍ଟ ଚାଲାଣ

**କୋକସରା,୯।୯(ଦୁଷ୍ମନ୍ତ କୁମାର ପାଇଯୋଶୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବନାଞ୍ଚଳ ଅଧୀନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ବେଆଇନ କାଟିବା ଅଭିଯୋଗରେ ଶୁକ୍ରବାର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଆମପାଣି ବନ ବିଭାଗ। ସୂଚନା ମତେ ଆମପାଣି ସେକ୍ସନ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା କନ୍ଦାଗଡ଼ ବିଟ କନ୍ଦାଗଡ଼ ଗ୍ରାମର ଟିକଚନ ମାଝି, ଖଗେଶ୍ୱର ମାଝି, ମାନସିଂ ମାଝି, ଲମ୍ବୋଧର ମାଝି, ନୃପ ମାଝି, ହଳଧର ମାଝି ଅନାଧିକୃତ ଭାବେ ସଂରକ୍ଷିତ ଜଙ୍ଗଲର ଗଛ ବେଆଇନ ଭାବେ କାଟି ଦେଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର):** ରାଜା ବାସୁଦେବ ହାଇସ୍କୁଲର ଅବସରପ୍ରାପ୍ତ



ଶିକ୍ଷକ ଲାଲ୍ ସାହେବ ଭାର୍ଗବ ଚନ୍ଦ୍ର ଦେବ(ଲାଲୁ ଗୁରୁ)ଙ୍କ ର ଶନିବାର ୮୫ ବର୍ଷ ବୟସରେ ଦେହାନ୍ତ ହୋଇଛି। ଗତ କିଛିଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସକାଳ ପ୍ରାୟ ୮ଟା ୧୫ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ କନକମଞ୍ଜରୀ ଦେବୀ, ପୁତ୍ରବଧୂ ରଶ୍ମି ଦେବୀ, ଝିଅ ଗୀତାଞ୍ଜଳୀ ଦେବୀ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କର ମରଶରୀର ସ୍ଥାନୀୟ ଲାଲୁସାହିସ୍ଥିତ ବାସ ଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମଧ୍ୟାହ୍ନରେ ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଡାକ୍ତର ସ୍ୱରୂପ ଗଙ୍ଗଦେବ ମୁଖାଗ୍ନି ଦେଇଥିଲେ।

# ଆନ୍ଦୋଳନ ପରେ ଚେତା ପଶିଲା

## ଅଗ୍ନିଶମ ବିଭାଗ ସହାୟତାରେ ଶୁଖିଲା ଆମ୍ବଗଛ କଟାଇଲା ଜିଲା ଶିକ୍ଷା ବିଭାଗ

**ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)**

ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ନିକଟରେ କାଳ ସଦୃଶ ଠିଆ ହୋଇଥିବା ଶୁଖିଲା ଆମ୍ବ ଗଛକୁ କାଟିବାକୁ ବାରମ୍ବାର ଦାବିକରି ଆସୁଥିଲେ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି। ହେଲେ ସେମାନଙ୍କ କଥାକୁ କେହି ହେଲେ ଭ୍ରୂକ୍ଷେପ କରୁ ନ ଥିଲେ। ଶୁକ୍ରବାର ସେମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇବା ପରେ ଶନିବାର ଜିଲା ଶିକ୍ଷା ବିଭାଗ ମୁଣ୍ଡରେ ଚେତା ପଶିବା ସହ ଅଗ୍ନିଶମ ବାହିନୀ ସହାୟତାରେ ଉକ୍ତ ଗଛକୁ କଟାଯାଇଥିବା ଜଣାପଡିଛି। ଫଳରେ ଅଭିଭାବକ, ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ମନରେ ଆସ୍ୱସ୍ତି ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ତିଲେଇବଣି ବ୍ଲକ କଲଣ୍ଡା ଗ୍ରାମ ପଞ୍ଚାୟତର ବାସୁଦେବପୁର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ବାହାରେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମିରେ ଏକ ବିରାଟ ଶୁଖିଲା ଆମ୍ବଗଛ ରହିଥିବାବେଳେ ବିଭିନ୍ନ ସମୟରେ ଉକ୍ତ ଗଛକୁ ଶୁଖିଲା କାଠ ଖଣ୍ଡ ବିଦ୍ୟାଳୟ ପରିସରରେ ପଡୁଥିଲା। ଫଳରେ ଏହା କୁନିକୁନି ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା କରି ଗଛଟିକୁ କାଟିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ ଉକ୍ତ ଶୁଖା ଆମ୍ବ ଗଛଟିକୁ କାଟିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ଏହି କ୍ରମରେ ଗତ ଗୁରୁବାର ମଧ୍ୟାହ୍ନରେ ପିଲାଏ ମଧ୍ୟାହ୍ନ ଭୋଜନ କରୁଥିବା ବେଳେ ଉକ୍ତ ଆମ୍ବଗଛରୁ ଏକ ବଡ ଆକାରର ଶୁଖା ଖଣ୍ଡ ବିଦ୍ୟାଳୟ ପରିସରରେ ପଡିଥିଲା। ତେବେ ସୌଭାଗ୍ୟବଶତଃ ଏହା କାହାରି ଉପରେ ପଡି ନ ଥବାରୁ ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଥିଲେ। ଫଳରେ ଏନେଇ ଅଭିଭାବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ଉତ୍ୟକ୍ତ ଲୋକେ ଏହାର ପ୍ରତିବାଦରେ ପିଲାଙ୍କୁ ବିଦ୍ୟାଳୟକୁ ନ ଛାଡି ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ସେହିପରି ଉକ୍ତ ଗଛ କଟା ନ ଯିବା ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲକୁ ଛାଡିବେ ନାହିଁ କି ସ୍କୁଲରୁ ତାଲା ଖୋଲିବେ ନାହିଁ ବୋଲି ଜିଦ ଧରିଥିଲେ। ସୂଚନା ପାଇ ସୁଗୁଡା କ୍ଲଷ୍ଟରର ସିଆରସିସି ପ୍ରାଣବନ୍ଧୁ ଘଡେଇ ଓ ତିଲେଇବଣି ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଧର ସାହୁ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଇବା ସହ ଉକ୍ତ ଗଛକୁ କାଟିବା ପାଇଁ ପ୍ରକ୍ରିୟା ଚାଲିଥିବା ପ୍ରକାଶ କରିଥିଲେ ହେଁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। ଉକ୍ତ ଗଛ କଟା ନ ଯିବା ପର୍ଯ୍ୟନ୍ତ ସ୍କୁଲର ତାଲା ଖୋଲିବେ ନାହିଁ ବୋଲି ରୋକଠୋକ ଭାବେ ଉତ୍ତର ଦେଇଥିଲେ। ଶନିବାର ସକାଳେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତିଲେଇବଣି ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ ଓ ସିଆରସିସି ପ୍ରାଣବନ୍ଧୁ ଘଡେଇ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ଯାଇ ଅନୁରୋଧ କରିବା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉକ୍ତ ଶୁଖିଲା ଆମ୍ବଗଛକୁ କାଟିଥିଲେ। ଏହାପରେ ଅଭିଭାବକ, ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ମନରେ ଆସ୍ୱସ୍ତି ପ୍ରକାଶ ପାଇବା ସହ ସେମାନେ ବିଦ୍ୟାଳୟ ଫାଟକୁ ତାଲା ଖୋଲିଦେଇଥିବା ଜଣାପଡିଛି।



ଅଗ୍ନିଶମ ବିଭାଗର କର୍ମଚାରୀମାନେ ଶୁଖିଲା ଆମ୍ବଗଛକୁ କାଟୁଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର




ବିଜ୍ଞାନ ଆଲୋଚନାଚକ୍ରରେ ଛାତ୍ରୀ ଓ ଶିକ୍ଷକ।

**ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ସଦର ମହକୁମା ସ୍ଥିତ ଡଁରା ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଧବ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିଜ୍ଞାନ ଆଲୋଚନାଚକ୍ରରେ ବାରକୋଟ ବ୍ଲକର ୨୧ଟି ବିଦ୍ୟାଳୟର ପ୍ରତିଯୋଗୀ ଓ ଗାଇଡ ଶିକ୍ଷକ ଯୋଗ ଦେଇଥିଲେ। ବିଜୟନଗରସ୍ଥିତ ଆଦିବାସୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅରୁନ୍ଧତୀ ପ୍ରଧାନ ପ୍ରଥମ, ଦନ୍ତାରୀବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା ନନ୍ଦ ଓ ଡଁରା ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିନୋଦିନୀ ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏମାନେ ଆଗାମୀ ୧୫ ତାରିଖ ଦେବଗଡ ସ୍ଥିତ ରାଜା ବାସୁଦେବ ହାଇସ୍କୁଲରେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ଏହି ଆଲୋଚନାଚକ୍ରରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପ୍ରଧାନ ଓ ଯାଦବ ପ୍ରଧାନ ଯୋଗ ଦେଇଥିଲେ।

# କଲା ଗ୍ରାମରେ 'ମିଶନ ଶକ୍ତି କାଫେ'ଉଦ୍‌ଘାଟିତ

**ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ବାରକୋଟ ବ୍ଲକ ଅନ୍ତର୍ଗତ କଲା ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଶନିବାର 'ମିଶନ ଶକ୍ତି କାଫେ ' ଉଦ୍‌ଘାଟିତ ହୋଇଯାଇଛି। କଲା ଗ୍ରାମ ପଞ୍ଚାୟତ ସ୍ୱୟଂ ସହାୟିକା ଗୋଷ୍ଠିର ସଭାନେତ୍ରୀ ଗୁରୁବାରୀ କିଷାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ସରପଞ୍ଚ ସଂଘର ସଭାପତି ସତ୍ୟନାରାୟଣ ପାଣି ଫିତାକାଟି ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରକୋଟ



'ମିଶନ ଶକ୍ତି କାଫେ' ଉଦ୍‌ଘାଟନୀରେ ଅତିଥିଙ୍କ ସହ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା।

ଜୋନ-୩ର ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳୀ ପାଣି, ଅବସରପ୍ରାପ୍ତ ଶିକ୍ଷକ ସୁରେଶ କୁମାର ପ୍ରଧାନ, ସୁବ୍ରତ କୁମାର ପ୍ରଧାନ ଓ ସମିତି ସଦସ୍ୟ ମଦନ କିଷାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲା ଗ୍ରାମ ପଞ୍ଚାୟତ ସ୍ୱୟଂ ସହାୟିକା ଗୋଷ୍ଠିର ସମ୍ପାଦିକା ସତ୍ୟବତୀ ଦଳବେହେରାଙ୍କ ସମେତ ବହୁ ଏମ୍ବିକେ, ସିଆର୍‌ପି ଓ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଖଡ଼ିଆଳ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଖଡ଼ିଆଳ,୯।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ କୋର୍ଟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ତଥା ସିଭିଲ ଜଜ୍ ସିନିୟର ଡିଭିଜନ ସୁଶ୍ରୀ ଚିନ୍ମୟୀ ଜେନାଙ୍କ ଅଧ୍ୟକ୍ଷତାରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଜୁନିୟର ଡିଭିଜନ ସୁଶ୍ରୀ ରୀତି ତ୍ରିପାଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଖଡ଼ିଆଳ ଶାଖା ମୁଖ୍ୟ ପରିଚାଳକ ଦେବୀପ୍ରସାଦ ମିଶ୍ର, ଆଜାଦ ଚୌକ ଶାଖାର ଭାରପ୍ରାପ୍ତ ପରିଚାଳକ ନରୋତ୍ତମ ନିଆଲଙ୍କ ସମେତ ବ୍ୟାଙ୍କ ଅଫ ଇଣ୍ଡିଆ, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଖଡ଼ିଆଳ, ବରଗାଁ, ଦୁଆଝର, ଏବଂ ଡୁକଳା ୟର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ସିଭିଲ ଜଜ୍ ସିନିୟର ଡିଭିଜନ ଅଦାଲତରେ ୧୩ଟି ସିଭିଲ କେଶ, ଚାରି ଗୋଟି ବ୍ୟାଙ୍କିଙ୍ଗ କେଶର ଫଇସଲା କରାଯାଇ ୬୨ ଲକ୍ଷ ୪୧ ହଜାର ୬୧ ଟଙ୍କା ଆଦାୟ କରାଯାଇଛି। ଜେଏମଏଫସି କୋର୍ଟ ୩୦ଟି ଫୌଜଦାରୀ ଏବଂ ୫ଟି ସିଭିଲ କେଶ ଫଇସଲା କରାଯାଇ ୧ ଲକ୍ଷ ୮୩ ହଜାର ଆଦାୟ ହୋଇଥିଲା। ପ୍ରକାଶ ଯେ, ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ଋଣଖିଲାପକାରୀଙ୍କଠାରୁ ସମୁଦାୟ ୬ ଲକ୍ଷ ୨୦ ହଜାର ୫୫୦ ଟଙ୍କା ଆଦାୟ କରାଯାଇଥିବା ବେଳେ ସେଥିରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଋଣ ଖିଲାପକାରୀଙ୍କଠାରୁ ସର୍ବାଧିକ ୫ ଲକ୍ଷ ୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତକୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ଓକିଲ ବିରଜା ସିଂ ଦଳପତି, ସରକାରୀ ଓକିଲ ନରେନ୍ଦ୍ର ମେହେର, ଓକିଲ ଅକ୍ଷୟ ମେହେର, ସନ୍ତୋଷ ପୁରୋହିତ, ଅସିତ ମହାପାତ୍ର, ଦିନେଶ ତିୱାରୀ, ମନୋରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା

**ଦେବଗଡ, ୯।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା କଂଗ୍ରେସ ସଭାପତିଭାବେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବରୁ ସେମ ହେମ୍ବ୍ରମଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଶନିବାର ଜିଲା କଂଗ୍ରେସର ଅନ୍ୟାନ୍ୟ କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଛି । ଶନିବାରଜିଲା କଂଗ୍ରେସର ନୂତନ ଉପସଭାପତି ଭାବେ ସୁବାସ ଚନ୍ଦ୍ର ଭୋଇ, ମଞ୍ଜୁଳ କୁମାର ନାୟକ, ହେମନ୍ତ କୁମାର ସାହୁ, ପ୍ରବୀର ଶତପଥି ଓ ଆର୍ଥର ତିର୍କୀଙ୍କ ନାମ ଘୋଷଣା କରାଯାଇଛି । ସେହିପରି ଜିଲା କଂଗ୍ରେସ ସାଧାରଣ ସମ୍ପାଦକଭାବେ ସାଗର କୁମାର ପ୍ରଧାନ, ବସନ୍ତ କବି, ଶ୍ରୀରାମ ସାହୁ, ଧନେଶ୍ୱର ସାହୁ, ଜୟକୃଷ୍ଣ ପ୍ରଧାନ, ଜୟକୃଷ୍ଣ ଭୁଡିଆ, ରମେଶ କୁମାର ପାତ୍ର, ଅମ୍ବରେଶ କୁମାର ପ୍ରଧାନ, ସନ୍ତୋଷ କୁମାର ସାହୁ ଓ ଯାଜ୍ଞସିନୀ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି। କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇବେ ଶ୍ରୀତମ ସାହୁ । ସେହିପରି ସମ୍ପାଦକ ଭାବେ ଖଗେଶ୍ୱର ପ୍ରଧାନ, ମାନଓ କୁମାର ପ୍ରଧାନ, ପବିତ୍ର ସେଠୀ, ଅନିଲ ଲାକ୍ରା, ହୃଦାନନ୍ଦ ନାୟକ, ରାଜେନ୍ଦ୍ର ନେତ୍ରୁର, ପୁଷ୍ପାଞ୍ଜଳୀ ନାଏକ, ପ୍ରଦୀପ ଲାକ୍ରା, ପାର୍ବତୀ ମହାନନ୍ଦ, ପୁଷ୍ପା ମିଞ୍ଜ, ସୁରେଶ ଲାକ୍ରା, ମେରୀ ଟପ୍ପୋ,ମମତା ପାତ୍ର ଓ ସୁନିଲ କିଡୋଙ୍କ ନାମ ଘୋଷଣା କରାଯାଇଛି । ଦେବଗଡ ନଗର କଂଗ୍ରେସ ସଭାପତି ଭାବେ ରେବତୀ ମୋହନ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଛି। ରିଆମାଳ ବ୍ଲକ କଂଗ୍ରେସ ସଭାପତିଭାବେ ସୁଶାନ୍ତ କୁମାର ସୱାଇଁ, ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ଭାବେ ସୁରେନ୍ଦ୍ର କୁମାର ସାହୁ ଓ ବାରକୋଟ ବ୍ଲକ କଂଗ୍ରେସ ସଭାପତି ଭାବେ ଯଶୋବନ୍ତ ସାହୁଙ୍କ ନାମ ଘୋଷଣା କରାଯାଇଛି । ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ନୂତନ ଭାବେ ମନୋନୀୟ ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ ଜଣାଇବା ସହ ସେମାନଙ୍କର ସହଯୋଗରେ କଂଗ୍ରେସ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ମତବ୍ୟକ୍ତ କରିଛନ୍ତି ।

# ମିଶନ ଇନ୍ଦ୍ର ଧନୁଷ ଟିକାକରଣ ଉପଲକ୍ଷେ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ

**ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)**

ମିଶନ ଇନ୍ଦ୍ର ଧନୁଷ ୫.୦ ଟିକାକରଣ ଉପଲକ୍ଷେ ଶନିବାର ତିଲେଇବଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡ. ପ୍ରୀତମ ମହାନ୍ତିଙ୍କ ଦ୍ୱାରା ଏକ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ଉକ୍ତ ସଚେତନତା ରଥ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପିଏଚଇଓ ରୂପକ କୁମାର ବେହେରାଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ମିଶନ ଇନ୍ଦ୍ର ଧନୁଷ ୫.୦ର କାର୍ଯ୍ୟକ୍ରମ ୩ଟି ରାଉଣ୍ଡରେ ୧୧ ରୁ ୧୬ ସେପ୍ଟେମ୍ବର, ୯ରୁ ୧୪ ଅକ୍ଟୋବର ଏବଂ ୬ ରୁ ୧୧ ନଭେମ୍ବରରେ ଅନୁଷ୍ଠିତ ହେବ। ସମସ୍ତ ରାଉଣ୍ଡରେ ଗ୍ରାମରେ ଟିକା ନ ପାଇ ଛାଡିହୋଇଥିବା ସମସ୍ତ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ଏବଂ ଗର୍ଭବତୀଙ୍କୁ ସମ୍ପୂର୍ଣ୍ଣ ଟିକାକରଣ କରାଯିବ।



ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଉଛି।

# ସାକ୍ଷରତା ଦିବସରେ ସଚେତନତା ଶୋଭାଯାତ୍ରା

**ସଇଁତଳା, ୯।୯ (ରାଖାଲ ପ୍ରସାଦ ଶତପଥି)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଡେ଼ଙ୍ଗ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣେଶ ଚନ୍ଦ୍ର ରଣା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ଜଗଦୀଶ ମିଶ୍ର ଭାବେ ଯୋଗଦେଇଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ର ତୃତୀୟ ବର୍ଷ ପୂର୍ତ୍ତି ଓ ସାକ୍ଷରତା ଦିବସର ମହତ୍ୱ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ୧୫ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଶିକ୍ଷା ଅନିବାର୍ଯ୍ୟ। ତେବେ ବର୍ତ୍ତମାନ ନାରୀ ଶିକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଥିବା ପ୍ରଧାନଶିକ୍ଷକ ମିଶ୍ର କହିଥିଲେ।

# ସ୍ମୃତିରେ ସ୍ମୃତିରେ ମନୋରଞ୍ଜନ

**ଦେବଗଡ଼,୯।୯(ଶଶାଙ୍କ ଶେଖର ଝାଙ୍କର)**

କବି ମନୋରଞ୍ଜନଙ୍କ ଅଷ୍ଟମ ଶ୍ରାଦ୍ଧମାସିକ ସ୍ମୃତିସଭା ତଥା କବିତା ଆସର, ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ସଭାପତି ଡକ୍ଟର ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଏହି ସବୁ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରାକ୍ତନ ସଦସ୍ୟ, ସାହିତ୍ୟ ଏକାଡ଼େମୀ,ଦେବଗଡ଼, ସମ୍ମାନିତ ଅତିଥି ବାଣୀଗୌରବ ନିରଞ୍ଜନ ଦ୍ୱିବେଦୀ, ଉପଦେଷ୍ଟା ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ଦେବଗଡ଼ ତଥା ଟିକେଶ୍ୱର ସାହୁ, ସମ୍ପାଦକ ପତିତପାବନ ସାହିତ୍ୟ, କଣ୍ଢେଳ ମଞ୍ଚାସୀନ ଥିଲେ। ସ୍ମୃତିସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଚିତ୍ତରଞ୍ଜନ ଦାଶ। ସମ୍ପାଦକ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ସ୍ୱର୍ଗତ ମନୋରଞ୍ଜନ ନନ୍ଦଙ୍କ ସୁପୁତ୍ର ମାନସ କୁମାର ନନ୍ଦ ଓ ତାଙ୍କ ସ୍ତ୍ରୀ ମନୀଷା ନନ୍ଦ



ଅତିଥିଗଣ ସ୍ୱର୍ଗତ ମନୋରଞ୍ଜନ ନନ୍ଦଙ୍କ ଫଟୋଚିତ୍ର ଉପରେ ଧୂପଦୀପ ପ୍ରଦାନ ପୂର୍ବକ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଅରୁନ୍ଧତୀ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସଭାପତି ସଭାକାର୍ଯ୍ୟ ଆରମ୍ଭ ପୂର୍ବକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫୁଲ୍ଲ କୁମାର ମହାପାତ୍ର ହେଉଛନ୍ତି ସ୍ୱର୍ଗତ ନନ୍ଦଙ୍କର ସହଯୋଗୀ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଜଣେ ପ୍ରିୟ ବନ୍ଧୁ। ସେ ସ୍ୱର୍ଗତ ନନ୍ଦଙ୍କର ସ୍ମୃତିଚାରଣ ପୂର୍ବକ ସାହିତ୍ୟ କୃତି, ସାମ୍ବାଦିକତା,ପେଶା ତଥା ଜୀବନଚର୍ଯ୍ୟା ଆଲୋଚନା କରିଥିଲେ। କବି ଟିକେଶ୍ୱର ସାହୁ, ରାମଚନ୍ଦ୍ର ପ୍ରଧାନ, ଅଲେଖ ପ୍ରସାଦ ପାତ୍ର, ପ୍ରାଧ୍ୟାପକ ଅଶୋକ ମିଶ୍ର, ଡ. ରାମଚନ୍ଦ୍ର ମହାପାତ୍ର, ଗୌରହରି ଷଡ଼ଙ୍ଗୀ, ମାର୍କଣ୍ଡେଶ୍ୱର ଶତପଥି, ପ୍ରଫୁଲ୍ଲ କୁମାର ମହାପାତ୍ର, ରୁବୀ ଦାଶ, ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ,ଦେବଗଡ଼ ତରଫରୁ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପୂର୍ବତନ ଶିକ୍ଷକ ସ୍ୱର୍ଗତ ଭାର୍ଗବ ଚନ୍ଦ୍ର ଦେବଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

# କ୍ଷତିପୂରଣ ଦେଇ ଚାଷୀଙ୍କ ମୁହଁ ବନ୍ଦ କରିବାକୁ ଉଦ୍ୟମ

## ଆନ୍ଧ୍ର କପାଚାଷୀଙ୍କ ଦୌରାତ୍ମ୍ୟ ଘଟଣା

■ କୃଷି ବିଭାଗ ଅଡୁଆ ବଢୁଛି

**ଲୋଇସିଂହା,୯।୯(ସୁଶାନ୍ତ ବାରିକ)**

ଆନ୍ଧ୍ର କପାଚାଷୀଙ୍କ ଦୌରାତ୍ମ୍ୟ ଯୋଗୁଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ବିଶାଳପାଲି ଗ୍ରାମର ଚାଷୀ ଶଶିକାନ୍ତ ବିଶ୍ୱାଳଙ୍କ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା। ଅନ୍ୟ କେତେକ ଚାଷୀଙ୍କ ଧାନ ଫସଲ ପ୍ରଭାବିତ ହୋଇଛି। ଏଥିସହିତ ଗ୍ରାମର ଜଣେ ମହିଳା ବିପଦଜନକ କୀଟ ସ୍କ୍ରବ୍ ଟାଇଫସ କାମୁଡାର ଶିକାର ହୋଇଛନ୍ତି। ଅପରପକ୍ଷେ କୃଷି ବିଭାଗ ପକ୍ଷରୁ ବିଶାଳପାଲିସ୍ଥିତ ପ୍ରଭାବିତ କ୍ଷେତ ପରିଦର୍ଶନ କରିବାର ୫ ଦିନ ବିତି ଯାଇଥିଲେ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତର ସଦର ବାଦିବାହାଲ, ବିଶାଳପାଲି, କଠାରପାଲି ଏବଂ ବୁଢୀପଦର ପଞ୍ଚାୟତର ସଲତରପାଲି, ଘୁଷରାମୁଣ୍ଡା, ନେଗିପାଲି, ପିପିଲିପାଲି, ନେଗିପାଲି ଆଦି ଗ୍ରାମର ପଡିଆ ଆଟଜମିକୁ କମ୍‌ଦରରେ ଲିଜ୍ ସୂତ୍ରରେ ନେଇ ଆନ୍ଧ୍ରଚାଷୀ କପା ଚାଷ କରୁଛନ୍ତି। ଲିଜରେ ଦେଇଥିବା ଚାଷୀଙ୍କ ଜମିକୁ ଲାଗି ରହିଥିବା ଗୋଚର, ଜଳଚର ଏପରିକି ବିଭିନ୍ନ ସରକାରୀ ଜମିକୁ ଅକ୍ତିଆର କରି ବେଆଇନ ଭାବରେ ଚାଷ ହେଉଛି। ସ୍ଥାନୀୟ କେତେକ ବ୍ୟକ୍ତଙ୍କ ସମେତ କୃଷି ଓ ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ହାତବାରସୀ କରି ଆନ୍ଧ୍ରଚାଷୀ କପା ଚାଷ କରିବାରେ ସକ୍ଷମ ହୋଇଛନ୍ତି। ଆନ୍ଧ୍ରଚାଷୀ ଅଧିକ ଲାଭାନ୍ୱିତ ପାଇଁ ସରକାରଙ୍କ ଦ୍ୱାରା ନିଷିଦ୍ଧ ଘୋଷିତ ବିଟି କପା ଚାଷ ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଧିକ ଅମଳ ପାଇଁ କପା କିଆରିରେ ହଇପାୱାର କୀଟନାଶକ ବ୍ୟବହାର କରାଯାଉଛି। ଏଡାର ପ୍ରଭାବରେ କପା କିଆରି ସଂଲଗ୍ନ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି । ମରୁଡି ପ୍ରପଡିତ ଅଞ୍ଚଳର ଚାଷୀ ବର୍ଷକର ଦାନା ଯୋଗାଡ ପାଇଁ ସଂଘର୍ଷ କରୁଥିବାବେଳେ ଆନ୍ଧ୍ରଚାଷୀଙ୍କ ଦୌରାତ୍ମ୍ୟ ଯୋଗୁ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାବ୍ୟତୀତ ଟ୍ରାକ୍ଟରେ ଆଧୁନିକ ପ୍ରଣାଳୀରେ କୀଟନାଶ ସିଞ୍ଚନ କରାଯାଉଥିବାରୁ ଏହା ପାର୍ଶ୍ୱବର୍ତ୍ତୀ ଚାଷ ଜମିରେ ପଡୁଛି । ସମ୍ପୃକ୍ତ ଅଞ୍ଚଳରେ କିଛିଦିନ ହେବ ଗୋରୁ ନଚରାଇବା ପାଇଁ ସ୍ଥାନୀୟ ଚାଷୀଙ୍କୁ ଆନ୍ଧ୍ରଚାଷୀ ବାରଣ କରୁଥିବା ଦେଖାଯାଉଛି। ଫଳରେ ଚାରଣ ଭୂମି ନପାଇଁ ଅଞ୍ଚଳର ଗୋଚାଷୀ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଆନ୍ଧ୍ରଚାଷୀଙ୍କ ଦୌରାତ୍ମ୍ୟ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଗତ ସେପ୍ଟେମ୍ବର ୫ତାରିଖରେ ବିଶାଳପାଲି ଗସ୍ତରେ ଆସୁଥିଲେ। ହେଲେ ଅଧାବାଟରେ ଅଟକି ସ୍ଥାନୀୟ ଭାରପ୍ରାପ୍ତ ବ୍ଲକ କୃଷି ଅଧିକାରୀଙ୍କୁ କ୍ଷେତ୍ରକୁ ପଠାଇଥିବା ଆଲୋଚନା ହେଉଛି । ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଏବଂ ବିପଦଜନକ କୀଟର ପ୍ରାଦୁର୍ଭାବ ବଢୁଥିବାରୁ କୃଷି ବିଭାଗପ ଅଡୁଆ ବଢିଛି। ଏଭଳି ସ୍ଥିତିରେ କୃଷି ବିଭାଗର ପାରମର୍ଶକ୍ରମେ ଆନ୍ଧ୍ର ଚାଷୀ କ୍ଷତିଗ୍ରସ୍ତ ଚାଷୀଙ୍କୁ କିଛି ଆର୍ଥିକ ସହାୟତା ଦେଇ ମୁହଁ ବନ୍ଦ ଭଳି ହୀନ ଉଦ୍ୟମ କରାଯାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

**ନୟାଗଡ଼ ଜିଲ୍ଲା ବିଜେଡି କର୍ମକର୍ତ୍ତା ନିଯୁକ୍ତ**

ଭୁବନେଶ୍ୱର,(ଅନିଲ ଦାସ): ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଜିଲାରେ ବିଜେଡି କର୍ମକର୍ତ୍ତା ନିଯୁକ୍ତ କରିଛନ୍ତି। ଜିତେନ୍ଦ୍ର କୁମାର ରଣସିଂହଙ୍କୁ ବିଜେଡି ଜିଲା କମିଟି ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଭାପୁର ବ୍ଲକ ବିଜେଡି ସଭାପତି ଭାବେ ଶିବ ପ୍ରସାଦ ଷଡ଼ଙ୍ଗୀ ଏବଂ ବେଣୁଧର ପ୍ରଧାନଙ୍କୁ ଭାପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଶନିବାର ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୌମ୍ୟ ଦଳ ଛାଡ଼ି ସମ୍ପାଦକୀୟ ଲେଖନ୍ତୁ : ପ୍ରତାପ

ଭୁବନେଶ୍ୱର,୯।୯(ଅନିଲ ଦାସ)

ଦଳ ଓ ସରକାରଙ୍କ ବିରୋଧରେ ମତ ଦେଉଥିବା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡିର ଜଣଙ୍କ ପରେ ଜଣେ ନେତା ସମାଲୋଚନା କରିଛନ୍ତି। ଶନିବାର ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ତାଙ୍କୁ ଦଳ ବିରୋଧୀ ମନ୍ତବ୍ୟ ପାଇଁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଗଣତାନ୍ତ୍ରିକ ପଦ୍ଧତିରେ ସମସ୍ତେ ମତ ରଖିପାରିବେ। ସେଥିରେ କୌଣସି ଅସୁବିଧା ନାହିଁ। ସୌମ୍ୟ ବାବୁ ନିର୍ଦ୍ଦିଷ୍ଟ ଦଳରେ ଅଛନ୍ତି ଓ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଦଳରେ ଥାଇ ସରକାର କିମ୍ବା ଦଳ ବିରୋଧରେ ସମାଲୋଚନା କରିବା ସମ୍ପୂର୍ଣ୍ଣ ଅମୂଳକ । ଏହାକୁ ବ୍ଲାକ୍‌ମେଲିଂ ବୋଲି କୁହାଯିବ।

ସେ ଜଣେ ଶିକ୍ଷିତ, ଜ୍ଞାନୀ ଗୁଣୀ ଲୋକ। ତାଙ୍କୁ ଉପଦେଶ ଦେବା ମୋର ଆବଶ୍ୟକତା ନାହିଁ। ସେ ବିଜେଡିରେ ଅଛନ୍ତି। ଯେଉଁ ପ୍ରସଙ୍ଗରେ ସେ ତାଙ୍କ ସମ୍ବାଦପତ୍ରରେ ଲେଖୁଛନ୍ତି ଓ ମତ ମନ୍ତବ୍ୟ ଦେଉଛନ୍ତି ତାହା ଠିକ୍ ନୁହେଁ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋକଙ୍କ ପାଖକୁ ଯାଉଛି, କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଯାଉନି। ଏହାକୁ ମୁଖ୍ୟମନ୍ତ୍ରୀ ବି ସ୍ପଷ୍ଟକରି ସାରିଛନ୍ତି। ମାତ୍ର ସେଇ ଜିନିଷକୁ ବ୍ୟାଖ୍ୟା କରି ନିର୍ଦ୍ଦିଷ୍ଟ ଭାବେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଆକ୍ରୋଶମୂଳକ ଭାବେ ଇଙ୍ଗିତ କରିବା ସମୀଚୀନ ନୁହେଁ । ଆପଣ ଯଦି ସ୍ୱାଧୀନ ବ୍ୟକ୍ତିତ୍ୱ ହୋଇଥାନ୍ତେ ଯାହା ତାହା କହିଥିଲେ ବି କିଛି ଫରକ ପଡ଼ି ନ ଥାନ୍ତା। ନିର୍ଦ୍ଦିଷ୍ଟ ଦଳରେ ରହି ଦଳୀୟ ପ୍ଲାଟ୍‌ଫର୍ମରେ ନ କହି ଏକପାଖିଆ ଭାବେ ସବୁକଥା ଉପରେ ସମାଲୋଚନା କରୁଛନ୍ତି ତାହାକୁ ବ୍ଲାକ୍‌ମେଲିଂ ବୋଲି ହିଁ କୁହାଯିବ।

ଯଦି କୌଣସି ସେମିତି କଥା ଅଛି ଦଳୀୟ ଫୋରମ୍ ଭିତରେ ଉଠାଇବା ଦରକାର। ଆପଣ ଦଳୀୟ ଫୋରମ୍‌କୁ ମାନୁନାହାନ୍ତି କି ସେ ବିଷୟରେ ଅବଗତ ନୁହନ୍ତି । ତାହାହେଲେ ଏ ଦଳରେ ରହିବା ଆପଣଙ୍କର ଅନୁଚିତ। ଘର ଭିତରେ ରହି ଘର ଭିତରୁ ଆଲୋଚନା ସମାଲୋଚନା କରିବା ନିଶ୍ଚିତ ଭାବେ ଅନୁଶାସନ ଭଙ୍ଗ କରୁଛି । ଯଦି ସମ୍ପାଦକୀୟ ଲେଖିବାର ଅଛି ଦଳରୁ ବାହାରି ଯାଇ ସମ୍ପାଦକୀୟ ଲେଖନ୍ତୁ ବୋଲି ପ୍ରତାପ କହିଛନ୍ତି।

ଦଳର ଭଲମନ୍ଦ ସମ୍ପର୍କରେ ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଉଦ୍ୟମ କରି ବହୁଥର ବିଫଳ ହୋଇଛନ୍ତି ବୋଲି ଖଣ୍ଡପଡ଼ା ବିଧାୟକ ଯାହା କହୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ଅଛି । ଆମେମାନେ ଯିଏ ଯେତେବେଳେ ଚାହିଁଛୁ, ସେତେବେଳେ ଅବାଧରେ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଛୁ । କେବଳ ଆମେମାନେ ନୁହଁ, ପ୍ରତ୍ୟେକ ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାଧାରଣ ଲୋକଙ୍କଠୁ ଆରମ୍ଭ କରି ବିଭିନ୍ନ ବର୍ଗର ଶହ ଶହ ଲୋକ ସାକ୍ଷାତ କରୁଛନ୍ତି । ସୌମ୍ୟବାବୁ କିଭଳି ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ପାଇଲେ ନାହିଁ ବୋଲି କହୁଛନ୍ତି, ତାହା ବଡ଼ ଆଶ୍ଚର୍ଯ୍ୟର କଥା ।

ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ଥରେମାତ୍ର ବିଧାୟକ ହୋଇ ସୌମ୍ୟରଞ୍ଜନ ମୁଖ୍ୟମନ୍ତ୍ରୀଙ୍କୁ ହିଁ ପରାମର୍ଶ ଦେବାକୁ ଚାହୁଁଛନ୍ତି। ବାସ୍ତବରେ ଏହା ପରାମର୍ଶ ନା ସମାଲୋଚନା ତାହା ଜନସାଧାରଣ ହିଁ ବିଚାର କରନ୍ତୁ। ନିଜ ମାଲିକାନାରେ ଥିବା ଖବରକାଗଜକୁ ଆୟୁଧ କରିଛନ୍ତି । ସମସ୍ତେ ଜାଣନ୍ତି, ନିଜ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ନ ହେଲେ ସୌମ୍ୟବାବୁ ଏଭଳି ହୁଅନ୍ତି । ଅତୀତରେ ଏଭଳି ଘଟଣାର ନଜିର କିଛି କମ୍ ନାହିଁ । ସବୁ କଥା ରାଜ୍ୟବାସୀ ଜାଣିଛନ୍ତି ବୋଲି ପ୍ରତାପ ଦେବ କହିଛନ୍ତି।

ପ୍ରତିକ୍ରିୟାରେ ସୌମ୍ୟ କହିଛନ୍ତି, ପ୍ରତାପ ଦେବ ଯେଉଁ ପରାମର୍ଶ ଦେଇଛନ୍ତି, ତାହା କ'ଣ ବେଦର ଗାର। ମୁଁ ୩ଟି ଭୂମିକାରେ ଅଛି। ତେଣୁ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ। ଯାହା ସମ୍ପାଦକୀୟରେ ଲେଖୁଛି, ତାହା କିଭଳି ଅନୁଶାସନ ବାହାରେ ବୁଝିପାରୁନି। ମୁଁ ଦଳ କାହିଁକି ଛାଡ଼ିବି। ନିଲମ୍ବନ ଅଧିକାର ସେମାନଙ୍କର ଅଛି। ଦଳ ଶକ୍ତିଶାଳୀ ଅଛି ବୋଲି ଆମେ ନାହିରେ ତେଲ ଦେଇ ବସିବା ନାହିଁ ବୋଲି ସେ କହିଛନ୍ତି।

## ସେପ୍ଟେମ୍ବର ୧୧ରୁ ବିଜେଡିର ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୯।୯(ଅନିଲ ଦାସ)

ଆସନ୍ତା ସେପ୍ଟେମ୍ବର ୧୧ ତାରିଖରୁ ଶଙ୍ଖ ଭବନରେ ବିଜେଡି କର୍ମୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆରମ୍ଭ ହେବ । ବରିଷ୍ଠ ଉପସଭାପତି ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆବାହକ ଦେବୀ ପ୍ରସାଦ ମିଶ୍ର ଏହି ସୂଚନା ଦେଇଛନ୍ତି । ଦଳୀୟ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହା ୩୭ରୁ ୪୦ ଦିନ ପର୍ଯ୍ୟନ୍ତ ଚାଲିବ । ଦଳର ସଭାପତିଙ୍କ ନିର୍ଦ୍ଦେଶରେ ପ୍ରତି ନିର୍ବାଚନମଣ୍ଡଳୀରୁ ନାଁ ଆସିବ । ଏହାକୁ ପରିଚାଳନା କରିବେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ । ଦଳର ବରିଷ୍ଠ ନେତାମାନେ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହିବେ । ବିଧାୟକ ପ୍ରଣବ ବଳବନ୍ତରାୟ ଯୁବ ଓ ଛାତ୍ରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବେ । ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୨୦୦ଜଣ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ନିର୍ବାଚନ ପାଖେଇ ଆସୁଥିବାରୁ ପ୍ରତ୍ୟେକ ଜିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ପର୍ଯ୍ୟବେକ୍ଷକମାନଙ୍କୁ କୁହାଯାଇଛି।

**ମନେ ପଡ଼ନ୍ତି**

**ଚତୁର୍ଥ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଙ୍କର ମଲ୍ଲିକ (ବଣ୍ଟି)**

ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯

ବଣ୍ଟିରେ...! ଚାହୁଁ ଚାହୁଁ ଚାରିବର୍ଷ ହୋଇଗଲା, ତୋ' ଜୀବନର ସକାଳରେ ତୁ' ସିନା ଆମକୁ ଛାଡ଼ି ଚାଲିଗଲୁ, ଆମେ କିନ୍ତୁ ତୋ' ଅତୀତର ପ୍ରତିଟି ଛାପକୁ ମର୍ମେ ମର୍ମେ ଅନୁଭବ କରୁଛୁ। ତୁ ଛାଡ଼ି ଯାଇଥିବା ସ୍ମୃତି ଫୁଲକୁ ଅବିରତ ସାଉଁଟି ଚାଲିଛୁ। ଆଜି ତୋର ଚତୁର୍ଥ ପୁଣ୍ୟତିଥି ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁ ଯେଉଁଠି ଥା' ଭଲରେ ଥା'। ଏହା ଆମର ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ତୋର ହତଭାଗ୍ୟ: ବାବା, ମାମା, ଭଉଣୀ: ଶୀତୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।

ଧ-୧୨୬୮

**ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବାଞ୍ଛାନିଧି ପଣ୍ଡା**
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)

ଡାଲଙ୍ଗ, ତୁଡ଼ିଗଡ଼ିଆ, ବାଲେଶ୍ୱର

ଆବିର୍ଭାବ: ୧୯୩୯ ସାଲ ମାଘ ୨୧ଦିନ
ତିରୋଧାନ: ତା ୧୦।୦୯।୨୦୧୪ରିଖ

ବାପା! ଦିନ ପରେ ଦିନ ବିତିଯାଇ ନଅ ବରଷ ପୂରିଲା ଆଜି, କେଉଁଠି ରହିଲେ କାହିଁ ହଜିଗଲେ ପାଉନାହୁଁ ଆମେ ଖୋଜି। ଘର ତ ଶୂନ୍ୟ, ଅଗଣା ବି ଶୂନ୍ୟ ନୀରବତା ସବୁଠାରେ, ବାପାଙ୍କର ମୁହଁ ଦିଶି ଯାଆନ୍ତାକି ଏଇ କଥା ମନ ଝୁରେ। ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ ଏତିକି କାମନା ଖାଲି, ପ୍ରଭୁ ଜଗନ୍ନାଥ ପାଖରେ ମାଗୁଣି ରଖନ୍ତୁ ସେ ଆମ ଅଳି।

ଆପଣଙ୍କର ଅତି ଆଦରର ସ୍ତ୍ରୀ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀମାନେ ।

ଧ-୧୨୭୧

## ଭାଜପା କ୍ଷମତାକୁ ଆସିଲେ କେନ୍ଦୁଝରରେ ଇସ୍ପାତ କାରଖାନା ହେବ: ମନମୋହନ

କେନ୍ଦୁଝର, ୯।୯
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ବିନା ଅନୁମତିରେ ଡିଏମ୍‌ଏଫ୍ ଅର୍ଥ ମନଇଚ୍ଛା ଖର୍ଚ୍ଚ କରାଯାଉଛି। ଅନେକ ଶହ କୋଟି ଖର୍ଚ୍ଚ କରିବା ପରେ ଏହାକୁ ଅନୁମୋଦନ କରାଯାଉଛି। ପ୍ରାୟ ୫୦୦ କୋଟି ଟଙ୍କା ବିନା ଅନୁମୋଦନରେ ଖର୍ଚ୍ଚ କରାଯାଇଛି। ଡିଏମ୍‌ଏଫ୍ ଅନୁଦାନରେ ମେଡିକାଲ କଲେଜ ହୋଇଛି, କିନ୍ତୁ ସରକାର ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀ ନିଯୁକ୍ତି କରିନାହାନ୍ତି। ଜିଲାରେ ଖଣି ଖାଦାନ ଭର୍ତ୍ତି ହୋଇଥିଲେ ବି ଜିଲାବାସୀ ଦାଦନ ଖଟିବାକୁ ଯାଉଛନ୍ତି। ଆଗାମୀ ନିର୍ବାଚନରେ ଭାଜପା କ୍ଷମତାକୁ ଆସିଲେ ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ ବୋଲି କେନ୍ଦୁଝର ଗସ୍ତରେ ଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଶନିବାର ସର୍କିଟହାଉସଠାରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି।

ସେ ଆହୁରି କହିଛନ୍ତି, କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ୨୮୦୦ କୋଟି ଟଙ୍କା ଦେଇଛି। ତେବେ ଦୀର୍ଘ ୪୦ ବର୍ଷ ପରେ ମଧ୍ୟ ଏହି ପ୍ରକଳ୍ପ ଶେଷ ହେଉ ନ ଥିବାରୁ ଚାଷୀଙ୍କ କାମରେ ଲାଗୁନାହିଁ। ଜୁଆଙ୍ଗମାନଙ୍କ ଉନ୍ନତି ପାଇଁ ଜୁଆଙ୍ଗ ଉନ୍ନୟନ ସଂସ୍ଥା (ଜେଡିଏ) ଖୋଲିଛି କିନ୍ତୁ ଏବେ ବି ସେମାନଙ୍କ ସମସ୍ୟା ସମାଧାନ ହୋଇପାରିନାହିଁ। ଓମ୍ବାଡ୍‌ସିରୁ ସରକାର ୧୬ ହଜାର କୋଟି ଟଙ୍କା ଋଣ ନେଇଛନ୍ତି। କିନ୍ତୁ ଏହି ଅର୍ଥ ଫେରାଉ ନ ଥିବାରୁ ଜିଲାର ବିକାଶରେ ବାଧାସୃଷ୍ଟି ହୋଇଛି। କେନ୍ଦୁଝର ରାଜ୍ୟକୁ ସର୍ବାଧିକ ରାଜସ୍ୱ ଦେଉଥିଲେ ମଧ୍ୟ ଧନୀ ଜିଲାର ଲୋକ ଗରିବ। ୧୯୭୭ରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ବିଜୁ ପଟ୍ଟନାୟକ ଚିନ୍ତା କରିଥିଲେ। କିନ୍ତୁ ଖଣି ଏବଂ ଭିତ୍ତିଭୂମି ଥିବା ସତ୍ତ୍ୱେ ହୋଇପାରିଲାନାହିଁ। ଆମେ କ୍ଷମତାକୁ ଆସିଲେ ଜିଲାରେ ଇସ୍ପାତ କାରଖାନା ନିଶ୍ଚୟ କରିବୁ ବୋଲି ମନମୋହନ କହିଥିଲେ। ସମ୍ମିଳନୀରେ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ବିନା ଅନୁମତିରେ ଡିଏମ୍‌ଏଫ୍ ଅର୍ଥ ଖର୍ଚ୍ଚ ହେଉଛି**

## ଭାଜପାକୁ ଶକ୍ତିଶାଳୀ କରୁଛି ବିଜେଡି: କଂଗ୍ରେସ

ଭୁବନେଶ୍ୱର,୯।୯(ଅନିଲ ଦାସ): ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଗଣମାଧ୍ୟମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ବାବଦରେ ଯେଉଁ ମତ (କଂଗ୍ରେସକୁ ଫେରିବାକୁ) ରଖିଥିଲେ ତାହାକୁ ସେବା ଦଳର ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସମର୍ଥନ କରିଛନ୍ତି । ଶନିବାର କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବିଜୁ ଜନତା ଦଳର ନେତୃବର୍ଗ ହତୋତ୍ସାହ ହୋଇପଡ଼ିଛନ୍ତି। ରାଜ୍ୟରେ କଂଗ୍ରେସ ଭାଜପାକୁ ଶକ୍ତିଶାଳୀ କରୁଛି ବୋଲି ବିଜେଡି ଯେଉଁ ଉକ୍ତି ରଖିଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ବରଂ ବିଜେଡି ଭାଜପାକୁ ଶକ୍ତିଶାଳୀ କରୁଛି ବୋଲି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି । ରାଜ୍ୟ କଂଗ୍ରେସରେ ଜନାଦୃତ ତାଙ୍କ ପାଇଁ କାଳ ସାଜିବାକୁ ବସିଲାଣି। ପ୍ରଦେଶ କଂଗ୍ରେସର ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି, ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ଉଭୟ ଭାଜପା ଓ ବିଜେଡି ରାଜ୍ୟରେ ଭାଗୁଆଳି ସରକାରରେ ଥିଲେ। ଏହି ସମୟ ମଧ୍ୟରେ ଉଭୟ ଦଳ ରାଜ୍ୟର ଜଙ୍ଗଲ, ଜମି, ଖଣି ଓ ପାଣିକୁ ଲୁଟ୍ କରୁଛନ୍ତି ବୋଲି ସେ କହିଛନ୍ତି।

## ୩ମନ୍ତ୍ରୀଙ୍କୁ ଯୁବ କଂଗ୍ରେସର କଳାପତାକା ପ୍ରଦର୍ଶନ



କଂଗ୍ରେସ କର୍ମୀମାନେ ଡିଆଁଟନ୍‌ଠାରେ ମନ୍ତ୍ରୀଙ୍କୁ କଳା ପତାକା ଦେଖାଉଛନ୍ତି।

ବଲାଙ୍ଗୀର, ୯।୯ (ବୀରେନ୍ଦ୍ର କୁମାର ଝାଙ୍କର)

ଟିଟିଲାଗଡ଼ ଗସ୍ତରେ ଥିବା ତିନିଜଣ ମନ୍ତ୍ରୀଙ୍କୁ ଶନିବାର ଯୁବ କଂଗ୍ରେସ କର୍ମୀମାନେ କଳାପତାକା ଦେଖାଇ ବିରୋଧ କରିଥିଲେ। ମନ୍ତ୍ରୀଙ୍କ ପତୁଆର ଯାଉଥିବାବେଳେ ସେମାନେ କଳାପତାକା ଦେଖାଇ ନାରାବାଜି କରିଥିଲେ। ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଇଚ୍‌ଗାଁଠାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଏବଂ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ଭଟଲି ବିଧାୟକ ସୁଶାନ୍ତ ସିଂ ଯାଉଥିଲେ। ଟିଟିଲାଗଡ଼ ବ୍ଲକ ଡିଆଁଟନ ଗାଁରେ ଯୁବ କଂଗ୍ରେସର କେତେଜଣ କର୍ମୀ କଳା ପତାକା ଦେଖାଇଥିଲେ। କୁରସୁଡ଼ଠାରେ ଉଦେର ନଦୀରେ ମଞ୍ଜୁର ବ୍ୟାରେଜକୁ ଅନ୍ୟତ୍ର ସ୍ଥାନାନ୍ତରଣର ପ୍ରତିବାଦ ସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଗାଇବାରେ ପାତରଅନ୍ତର ନୀତି ଅବଲମ୍ବନ, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଏବଂ ଟିଟିଲାଗଡ ସ୍ୱତନ୍ତ୍ର ଜିଲା ଗଠନ ପ୍ରସଙ୍ଗକୁ ନେଇ ନାରାବାଜି କରାଯାଇଥିଲା। ଟିଟିଲାଗଡ ଜିଲା ଗଠନ କେବେ ବୋଲି କଂଗ୍ରେସ କର୍ମୀମାନେ ପ୍ରଶ୍ନ କରିଥିଲେ।

# Classified Everyday
**0674-2580101, 2549949**




**BRIDE WANTED**

Handsome SETHI boy, DOB- 23/10/1990, Height- 6'1",Caste- Dhoba. PhD, Working as Lecturer in Government Ayurvedic College, Balangir, seeks an educated and intelligent girl. 9938050286/ 9556523720, Home town- Bhubaneswar. D-1265

**GROOM WANTED**

Age-34, Government ଚାକିରିଆ ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 8658267680. D-1224

62 ବୟସ୍କା Govt. ଚାକିରିଆ ବ୍ରାହ୍ମଣ ଜାତିର ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9040735429. D-1261

ବୟସ 32, କୌଣସି ଚାକିରି କରୁନଥିବା କରଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8984072499. D-83400




**SALE**

Sale Urgent Chevrolet, Sail, Beat Swift Dzire 1.30/2.20 lakhs. 7008679303. D-1250




**SALE**

Plot No.-SCR-25, Unit-3, Kharvel Nagar back side of BDA Office. 7008679303. D-1249

**Patia (KIIT) ଦାରୁଠେଙ୍ଗ ODM Global School ପାଚେରିକୁ ଲାଗି ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। 9337830407.** D-75212

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

**Gharabari plot with boundary wall having 30feet. main and branch road, electrification, plantation with gated Community, Rs. 1400/- per sqft. Contact: 7008381162.** D-1222

House for Sale Sector-3, Near Water Tank Plot No- S3-136+139 Niladrivihar, Chandrasekharpur, Bhubaneswar. Contact- 9437229575. D-1266

**14000sqft. commercial plot for sale at- Dhauli Square, Bhubaneswar, Contact:- 7008381162.** D-1223

**Ready to move Duplex for sale at- Atla, 2km from Trinathbazar, Rate Rs.87lakhs. Contact:- 7008381162.** D-1221

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

Bhubaneswar ଜଟଣୀ- ପିପିଲି ରୋଡ୍‌ରେ 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75214

Book 3BHK/4BHK premium Flat at Saubhagya Nagar, Near OUAT & Narula sweets, Unit-8. (Handover June 2024). Contact: 7978584549. D-74580

Outright and Sharing land available for Duplex/ Apartment projects in and around Bhubaneswar/ Cuttack/ Khordha/ Puri. 8984071303. D-1251

Duplex sale at Bhubaneswar @ 57lakhs only. Contact- 9777433701. D-75213




2BHK house for rent, Mahatabroad, Old Town, Bhubaneswar- 9000/-. 9338636105. D-1235

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75035

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

All types of professional body massage by professional therapy. Contact: 7077933109/ 9556924059/ 8658803018. D-1239

Peacock Spa, Rejuvenate your body through professional massage. Chandrasekharpur, BBSR, Contact: 9938880113. D-1233

Newly open SPA positively health benefits with expert therapist. 9938843929. D-75147

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

Home service full body massage only for female Whatsapp 9777267601, 7853083303. D-1219




All type of Gemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**AFFIDAVIT**

By virtue of an affidavit before Executive Magistrate, Banki, I Sanjukta Padhi, W/o- Ajit Kumar Panda of Vill- Charchika, Po/ Ps.- Banki, Dist.- Cuttack, do hereby state that due to misfortune my name has been wrongly recorded in the Birth Certificate and School Register of my son Satyajit Panda as Sanjukta Panda instead of Sanjukta Padhi. To change the same before concerned authority this declaration. D-1272

By virtue of an affidavit, I Kabita Behura, W/o. Prasanta Kumar Behura, Narasinghpur, Pipili, Puri solemnly affirm that, my name has been recorded as Kabita Mahapatra in my school certificate and insurance documents. Consequent upon my marriage, my name has been changed to Kabita Behura. That, Kabita Mahapatra and Kabita Behura is same and one person i.e. myself. D-1263

**LEGAL NOTICE**

ମୁଁ ଶ୍ରୀ ଦୀପକଲାଲ ଓରାମ, ପି: ରସିୟାରାମ ଓରାମ। ମୋର ପିତା: ୰ରସିୟାରାମ ଓରାମଙ୍କ ନାମରେ ମୌଜା: ଗୁଡ଼େସିଂହା, ଥାନା: ଶାସନ, ତହସିଲ: ମାନେଶ୍ୱର ଅନ୍ତର୍ଗତ ଖାତା ନଂ.-336/186, ଏରିଆ AC 2.820 Dec.କୁ ମୋର ନାମରେ ରେକର୍ଡ କରିବା ପାଇଁ ମ୍ୟୁଟେସନ୍ କେସ୍ ନଂ.-2164/2022 ଦାଖଲ କରିଅଛି। ମୋର ପିତାଙ୍କର ମୁଁ ଏକମାତ୍ର ଉତ୍ତରାଧିକାରୀ ଅଟେ। ଯଦି ପରେ କେହି କିଛି ଆପତ୍ତି ଅଭିଯୋଗ କରନ୍ତି, ସେଥିପାଇଁ ମୁଁ ଦାୟୀ ରହିବି। ଧ-୧୨୬୯

**PDF Award**



"Dr. Anup Patnaik has received a Post-Doctoral Fellow (PDF) Certificate in Computer Science Engineering, specializing in the topic of 'Machine Learning-Based Decision Support Systems for Healthcare' from a reputed University in Karnataka. His research findings have been presented and published in several esteemed international journals. Dr. Anup currently holds the role of Senior Architect at an IT company in Hyderabad. He wishes to convey his heartfelt gratitude to his parents, late Sri P C Patnaik, Smt. Sarojini Patnaik and son-in-law of Sri L N Patnaik, Smt. Pratima Patnaik, his PDF guide, Dr. Krishna Prasad Sir, and PhD guide, Dr. Banita Mam. He is also thankful to his elder brothers, Dr. Amar and Dr. Tapan, his sister-in-law, Dr. Punyasloka, his wife, Smt. Laxmi Patnaik, and his children, Ayaan and Arshi. Additionally, he extends his appreciation to other family members including Roni Apa, Simi Apa, Bula Bhai, Lina Apa, Dhiru, Soni, Honey, Isha, Mithi and Shreyan". D-1231

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବଜାରରେ ରେନୋର ଅଲ୍ ନ୍ୟୁ କାଇଗର

ଭୁବନେଶ୍ୱର,୯।୯(ଅଭୟ ଦାଶ)

ଦେଶର ପ୍ରମୁଖ ଅଟୋମୋବାଇଲ୍ସ କମ୍ପାନୀ ରେନଲ୍ଟ (ରେନୋ) ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ କାଇଗର (ଅର୍ବାନ ନାଇଟ ଲିମିଟେଡ ଏଡିଶନ)ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସୁପର ସେଲ୍ସ ରେନଲ୍ଟ ଭୁବନେଶ୍ୱର ନର୍ଥ (ସୁପର ସେଲ୍ସ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ)ର ପାହାଳ ଭୁବନେଶ୍ୱର ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଆର.ଏମ., କଟକ ସୁବାସ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର




ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପର ସେଲ୍ସ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଆଦର୍ଶ ଧାୱନ, ଜିଏମ୍ ବିଭୂତି ଭୂୟାଁଙ୍କ ସମେତ ଶୋ'ରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ରେନୋର ଉକ୍ତ ମଡେଲରେ ଅନେକଗୁଡ଼ିଏ ଆଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ କେତେକ ଅତ୍ୟାଧୁନିକ ସୁବିଧା ଓ ଫିଚରକୁ ନୂତନ ଭାବେ ସାମିଲ କରାଇଛି। ଏପରି କି ୩ଟି ଭାରିଆଣ୍ଟ ଆର୍‌ଏକ୍ସଜେଡ୍ ପେଟ୍ରୋଲ ଏମ୍‌ଟି୧.୦ ଏଲ ଇସିଇବିଏସ୬.୨ଏଲଇ, ଆରଏକ୍ସଜେଡ୍ ପେଟ୍ରୋଲ ଏମଟି୧.୦ ଏଲ ଟ୍ୟୁବ୍ରୋ ବିଏସ୬.୨ଏଲଇ, ଆର୍‌ଏକ୍ସଜେଡ୍ ପେଟ୍ରୋଲ ଏକ୍ସ–ଟ୍ରୋନିକ ୧.୦ ଏଲ ଟ୍ୟୁବ୍ରୋ ବିଏସ୬.୨ଏଲଇରେ ଅଲ ନ୍ୟୁ କାଇଗର ଆକର୍ଷଣୀୟ ବ୍ଲାକ କଲରରେ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କାଇଗର (ଅର୍ବାନ ନାଇଟ ଲିମିଟେଡ ଏଡିଶନ)ର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ ମୂଲ୍ୟ) ଯଥାକ୍ରମେ ୮,୯୪,୯୮୯ ଟଙ୍କା, ୧୦,୧୪,୯୮୯ ଟଙ୍କା ଏବଂ ୧୧,୧୪,୮୯୮ ଟଙ୍କା ରହିଛି।

# ଡିଏସ୍‌ପିର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୯।୯

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ତଥା ଏକ ଓପନ ଏଣ୍ଡେଡ୍ ସ୍କିମ 'ଡିଏସ୍‌ପି ମଲ୍‌ଟି ଆସେଟ ଆଲୋକେସନ ଫଣ୍ଡ'(ଡିଏସ୍‌ପିଏମ୍‌ଏଏଫ୍)ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ଏମ୍‌ଡି ତଥା ସିଇଓ କଲପେନ ପାରେଖ କହିଛନ୍ତି, ନିବେଶ କ୍ଷେତ୍ରରେ ସବୁଠାରୁ କମ୍ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସମୟ। ଥରେ ନିବେଶକମାନେ ସମୟ ଦେଲେ, ତା'ର ବହୁ ଗୁଣିତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ତେବେ ସାମୟିକ ମୂଲ୍ୟଗତ ହ୍ରାସ ବୃଦ୍ଧି ଆମମାନଙ୍କ ମଧ୍ୟରୁ ଅଧିକାଂଶକୁ ନିବେଶରୁ ଦୂରେଇ ରଖିଥାଏ। ତେଣୁ ଆମେ ଏକ ସମାଧାନ ଯୋଗାଇ ଦେବାକୁ ଚାହୁଁଛୁ, ଯାହା ଆସେଟ ବର୍ଗର ସଂଖ୍ୟା ବୃଦ୍ଧି ଘଟାଇ ଏଭଳି ଅସ୍ଥିରତା ଆଶଙ୍କା ହ୍ରାସ କରିଥାଏ। ଡିଏସ୍‌ପି ଏମ୍‌ଏଏଫ୍‌ର ସବସ୍କ୍ରିପସନ ୨୦୨୩ ସେପ୍ଟେମ୍ବର ୨୧ରେ ବନ୍ଦ ହେବ।

# ଅନୁଗୋଳରେ ରେମଣ୍ଡର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍



ଭୁବନେଶ୍ୱର,୯।୯

ରେମଣ୍ଡର ନୂତନ ତଥା ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍ ନିକଟରେ ଅନୁଗୋଳର ଗାନ୍ଧୀ ମାର୍ଗଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ଆଉଟ୍‌ଲେଟ୍‌ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେମଣ୍ଡର ନମନ ଏବଂ ଅନୁଭବଙ୍କ ସମେତ ଫ୍ରାଞ୍ଚାଇଜର ରାଜ କୁମାର ଅଗ୍ରୱାଲ,ବିଜୟ କୁମାର ଅଗ୍ରୱାଲ, ଅମିତ ଅଗ୍ରୱାଲ,ଦିଲୀପ ଅଗ୍ରୱାଲ, ପଓ୍ୱନ ଅଗ୍ରୱାଲ ଏବଂ ଅଂଶୁମାନ ଜଲାନ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୫୦୦ବର୍ଗ ଫୁଟ ପରିବ୍ୟାପ୍ତ ଜମିରେ ଗଢ଼ି ଉଠିଥିବା ଏହି ନୂତନ ଶୋ'ରୁମ୍‌ରେ ପୁରୁଷଙ୍କ ପାଇଁ ଆକର୍ଷଣୀୟ ଫାବ୍ରିକ କ୍ଲଥ୍‌ସ, ରେଡିମେଡ୍ ପ୍ୟାଣ୍ଟ–ଶାର୍ଟ, ଜିନ୍ସ ଟି ଶାର୍ଟ ଭଳି ଅନେକ ବର୍ଗର ଗୁଣାତ୍ମକ ଉତ୍ପାଦ ଉପଲବ୍ଧ। ବିଶେଷ କରି ବ୍ରାଣ୍ଡେଡ୍ ପୋଷାକର ଗନ୍ତବ୍ୟସ୍ଥଳ ଭାବେ ପରିଚିତ ରେମଣ୍ଡରେ ଗ୍ରାହକ କଲର୍‌ପ୍ଲସ, ପାର୍କ ଆଭେନ୍ୟୁ, ପାର୍କ ଆଣ୍ଡ ଏଥ୍‌ନିକ୍ସ ଭଳି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡର ପୋଷାକ ପାଇପାରିବେ।

# ଓଡ଼ିଶା ସରକାରଙ୍କୁ ୧୮୧ ୱିଙ୍ଗର ଭ୍ୟାନ ଦେଲା ଟାଟା ମୋଟର୍ସ

ଭୁବନେଶ୍ୱର,୯।୯

ଟାଟା ମୋଟର୍ସ ନିକଟରେ ଓଡ଼ିଶା ସରକାରଙ୍କୁ ୧୮୧ ୱିଙ୍ଗର ଭ୍ୟାନ (ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା ଭ୍ୟାନ) ବିତରଣ କରିଛି। ସ୍ୱତନ୍ତ୍ର ଭାବେ କଷ୍ଟୋମାଇଜ ହୋଇଥିବା ଓଡ଼ିଶା ସରକାରଙ୍କ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟକୁ ଉକ୍ତ ଭ୍ୟାନ୍ ଦିଆଯାଇଛି। ଏପରି କି ନିର୍ଦ୍ଦେଶାଳୟ ସେଗୁଡ଼ିକୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଭ୍ୟାନ ଭାବେ ବ୍ୟବହାର କରିବ। ସରକାରୀ ସଂସ୍ଥାର ସର୍ତ୍ତାବଳୀ ଅନୁଯାୟୀ ଟାଟା ମୋଟର୍ସ ଶୀର୍ଷ ବିଡର୍ ଭାବେ ଉଭା ହୋଇ ଏହି ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହିତ ସଜ୍ଜିତ ୱିଙ୍ଗର ପ୍ରାଣୀ ଚିକିତ୍ସା ଭ୍ୟାନଗୁଡ଼ିକୁ ନିକଟରେ ବିତରଣ କରିଛି। ଏପରି କି ଇ–ବିଡିଂ ପ୍ରକ୍ରିୟା ସରକାରୀ ଇ–ମାର୍କେଟ ପ୍ଲେସ ମାଧ୍ୟମରେ ଟେଣ୍ଡର କରାଯାଇଥିଲା। ଟାଟା ମୋଟର୍ସର ବିଜ୍‌ନେସ୍ ହେଡ୍ (ସିଭି ପାସେଞ୍ଜର୍ସ) ରୋହିତ ଶ୍ରୀବାସ୍ତବ କହିଛନ୍ତି, ଏହି ୧୮୧ ସ୍ୱତନ୍ତ୍ର ପ୍ରାଣୀ ଚିକିତ୍ସା ଭ୍ୟାନକୁ ଓଡ଼ିଶା ସରକାରଙ୍କ ନିକଟରେ ପହଞ୍ଚାଇ ଥିବାରୁ ଆମେ ବେଶ୍ ଆନନ୍ଦିତ। ଟାଟା ୱିଙ୍ଗର ଉନ୍ନତ ଟର୍କ ଏବଂ ଇନ୍ଧନ ଇକୋନୋମୀ ସହିତ ୨.୨ ଲିଟର ଡାଇକୋର ଇଞ୍ଜିନ ଥିବାବେଳେ ଏକ ଇକୋ ସୁଇଚ ଏବଂ ଗିଅର ସିଫ୍ଟ ଆଡ୍‌ଭାଇଜର ସହିତ ଇନ୍ଧନ ଦକ୍ଷତା ବୃଦ୍ଧିରେ ଏହା ସାହାଯ୍ୟ କରିଥାଏ। ୱିଙ୍ଗରର ବେଷ୍ଟ ଇନ୍ କ୍ଲାସ–ଗ୍ରେଡ–ଦକ୍ଷତା ୨୫.୮% ଷ୍ଟିପ ଇନକ୍ଲିନ ଏବଂ ଫ୍ଲାଏ ଓଭର ଉପରେ ସହଜ ପରିଚାଳନାରେ ସାହାଯ୍ୟ କରିଥାଏ। ଅତିରିକ୍ତ ଭାବରେ ଆଣ୍ଟି–ରୋଲ ବାର ଏବଂ ହାଇଡ୍ରୋଲିକ୍ ଶକ୍ ଆବ୍‌ଜରଭର ସହିତ ୱିଙ୍ଗର୍‌ର ସ୍ୱତନ୍ତ୍ର ସମ୍ମୁଖ ନିଲମ୍ବନ ସସ୍‌ପେନଶନ ଏକ ସହଜ ସୁଗମ କୋମଳ ଆରାମଦାୟକ ଯାତ୍ରାକୁ ନିଶ୍ଚିତ କରିଥାଏ। ଏହାର ମୋନୋକୋକ ବଡି ଡିଜାଇନ, ଯାହା କାର ପରି ଡ୍ରାଇଭିଂ ଗତିଶୀଳତା ଏବଂ ନିମ୍ନସ୍ତରର ଶବ୍ଦ, କମ୍ପନ ଏବଂ ହାର୍ଶନେସ (ଏନ୍‌ଭିଏଚ୍)କୁ ସୁନିଶ୍ଚିତ କରିଥାଏ।

# ଏନ୍‌ଏମ୍‌ଡିସିର ୬୫ତମ ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର,୯।୯

ଦେଶର ପ୍ରମୁଖ ସରକାରୀ ଉଦ୍ୟୋଗ ନ୍ୟାଶ୍‌ନାଲ ମିନେରାଲ ଡେଭେଲପ୍‌ମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି)ର ୬୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏନ୍‌ଏମ୍‌ଡିସିର ସମସ୍ତ ଅଂଶଧନକାରୀ (ଶେୟାର ହୋଲ୍‌ଡର୍ସ)ଙ୍କ ସମେତ ଏନ୍‌ଏମ୍‌ଡିସିର ବରିଷ୍ଠ ପଦାଧିକାରୀ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଏଜିଏମ୍‌ର ଆଭିମୁଖ୍ୟ ଓ ଏନ୍‌ଏମ୍‌ଡିସିର କାରବାର ଏବଂ ସଫଳତା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ଭିସି ଜରିଆରେ କରାଯାଇଥିଲା। ବିଶେଷକରି ମନ୍ତ୍ରଣାଳୟର ନିୟମାବଳୀ ସହ ସେବିର ଗାଇଡ୍‌ଲାଇନ ଅନୁଯାୟୀ ଉକ୍ତ ବୈଠକ ପରିଚାଳିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏନ୍‌ଏମ୍‌ଡିସିର ସିଏମ୍‌ଡି (ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ ଏବଂ ନିର୍ଦ୍ଦେଶକ ଅର୍ଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଉପସ୍ଥିତ ଅଂଶଧନକାରୀ ଓ



ଅନ୍ୟମାନଙ୍କୁ ଏନ୍‌ଏମ୍‌ଡିସିର ଆଗାମୀ ଦିନର କାର୍ଯ୍ୟକଳାପ ଓ ଚଳିତବର୍ଷର ଆଭିମୁଖ୍ୟ ସହ ବିଗତ ଦିନର ସଫଳତା ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏନ୍‌ଏମ୍‌ଡିସିର ବୋର୍ଡ ମେମ୍ବର ତଥା ନିର୍ଦ୍ଦେଶକ (ଉତ୍ପାଦନ) ଦିଲୀପ କୁମାର ମହାନ୍ତି, ନିର୍ଦ୍ଦେଶକ (କର୍ମସିଆଲ) ଭି. ସୁରେଶ, ନିର୍ଦ୍ଦେଶକ (ଟେକ୍ନିକାଲ) ବିନୟ କୁମାର, (ସିଏସ୍) ଏ.ଏସ. ପର୍ଦ୍ଧା ଶରାଧୀ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ସଞ୍ଜୟ ଟଣ୍ଡନ, ଡ. ଅନିଲ କାମ୍ବଲେ, ବିଶାଲ ବାବେର, ସଞ୍ଜୟ ସିଂହ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଦେଶର ସର୍ବବୃହତ୍ ଲୁହା ପଥର ଉତ୍ପାଦକ ଭାବେ ଏନ୍‌ଏମ୍‌ଡିସି ଲିମିଟେଡ୍ ଏକ ଅଗ୍ରଣୀ ସରକାରୀ ଉଦ୍ୟୋଗ ଭାବେ ଅନେକ ସୁନାମ ଅର୍ଜନ କରିଛି।

# ଏସ୍‌ବିଆଇ ଟ୍ରାଞ୍ଜିଟ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୯।୯

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏସ୍‌ବିଆଇ ଟ୍ରାଞ୍ଜିଟ୍ କାର୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟ–୨୦୨୩ ଅବସରରେ ଦେଶର ପ୍ରଥମ ଟ୍ରାଞ୍ଜିଟ୍ କାର୍ଡର ଉନ୍ମୋଚନ କରାଯାଇଥିଲା। ଏପରିକି ଏହି କାର୍ଡ ଏକ ରୂପେ ନ୍ୟାସନାଲ୍ କମନ ମୋବିଲିଟି କାର୍ଡ (ଏନ୍‌ସିଏମ୍‌ସି) ପ୍ରିପେଡ୍ କାର୍ଡ ଭଳି କାର୍ଯ୍ୟ କରିବ। ଯାହା ଗ୍ରାହକମାନଙ୍କ ଯାତାୟାତ ଅନୁଭୂତିକୁ ନିରବଚ୍ଛିନ୍ନ କରିବା ସହିତ ସେଥିରେ ଉନ୍ନତି ଆଣିବ ଏବଂ ଗୋଟିଏ କାର୍ଡ ଜରିଆରେ ମେଟ୍ରୋ, ବସ୍, ଜଳପଥରେ ଗମନାଗମନ, ପାର୍କିଂ ଆଦିରେ ସହଜ ଡିଜିଟାଲ୍ ପେମେଣ୍ଟକୁ ଏହା ସୁନିଶ୍ଚିତ କରିବ। ଏହି କାର୍ଡକୁ ରିଟେଲ୍ ଓ ଇ–କମର୍ସ ପେମେଣ୍ଟ ପାଇଁ ବ୍ୟବହାର କରାଯାଇପାରିବ। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦିନେଶ ଖାରା କହିଛନ୍ତି, ଗ୍ରାହକମାନଙ୍କ ଦୈନନ୍ଦିନ ଜୀବନ ଓ ବ୍ୟାଙ୍କିଙ୍ଗ୍‌କୁ ସହଜ କରିବା ଲାଗି ଆମେ ନିରନ୍ତର ଭାବେ ଉଦ୍ୟମ କରୁଛୁ। ଏପରିକି ରୂପେ ଓ ଏନ୍‌ସିଏମ୍‌ସି ପ୍ରଯୁକ୍ତି ସହିତ ଗୋଟିଏ ଦେଶ ଗୋଟିଏ କାର୍ଡ ଅନୁସାରେ ଏହାକୁ ପ୍ରସ୍ତୁତ କରାଯାଇଛି। ସେହିଭଳି ଆମେ ଗର୍ବର ସହିତ ଏକ କାର୍ଡ ଉପସ୍ଥାପନ କରୁଛୁ, ଯାହା ଆମ ଗ୍ରାହକମାନଙ୍କ ଜୀବନକୁ ସହଜ କରିବ ଏବଂ ଆମ ଦେଶର ଅଭିବୃଦ୍ଧିରେ ଯୋଗଦାନ ପ୍ରଦାନ କରିବ।

ଫୁରସତ୍

# ୫୭ କେ.ଜି.ର ତମ୍ବା ବହି

## ଓକିଲଙ୍କ ପୁସ୍ତକରେ ୧୯୩ ଦେଶର ୬ହଜାର ପ୍ରତୀକ

ଭୋପାଳ

ପ୍ରାଚୀନ କାଳରେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଡକ୍ୟୁମେଣ୍ଟକୁ ସୁରକ୍ଷିତ ରଖିବାକୁ ତମ୍ବା ପ୍ଲେଟ୍‌ର ବ୍ୟବହାର କରାଯାଉଥିଲା। କିନ୍ତୁ ମଧ୍ୟପ୍ରଦେଶ ଇନ୍ଦୋରର ଜଣେ ଓକିଲ ତମ୍ବା ପ୍ଲେଟରୁ ୫୭ କେ.ଜି.ର ତମ୍ବା ବହି ପ୍ରସ୍ତୁତ କରିଛନ୍ତି। ୨୦୦ ସହରର ୪୨ ହଜାର ଲୋକଙ୍କଠାରୁ କେବଳ ୧ ଟଙ୍କା ଦାନ ସହିତ ଏହି ପ୍ରସ୍ତୁକରେ ବିଶ୍ୱର ୧୯୩ଟି ଦେଶର ପରିଚୟ ସହିତ ଜଡ଼ିତ ୬ହଜାରରୁ ଅଧିକ ପ୍ରତୀକ ରହିଛି। ଏହି ପୁସ୍ତକର ନାମକରଣ କରାଯାଇଛି 'ସମ୍ବିଧାନ ସେ ଦେଶ'। ଇନ୍ଦୋରର ସ୍ଥାନୀୟ ଆଇନଜୀବୀ ଲୋକେଶ ମଙ୍ଗଲ କର୍ନାଟକ ସରକାର ଥାୱରଚାନ୍ଦ ଗେହଲଟଙ୍କ ପ୍ରେରଣାରେ ଏହି ପୁସ୍ତକ ପ୍ରସ୍ତୁତ କରିଥିବା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୬ ବର୍ଷର କଠିନ ପରିଶ୍ରମ ପରେ ଏହା ପ୍ରସ୍ତୁତ ହୋଇପାରିଛି। ପୁସ୍ତକର ମୋଟ ଓଜନ ୫୭ କିଲୋ ହୋଇଥିବାବେଳେ ତା'ର କଭର ପେଜ୍‌ର ଓଜନ ୧୦ କିଲୋ ରହିଛି। ପ୍ରତୀକଗୁଡ଼ିକ ୨୧୭ ଘଣ୍ଟା ମଧ୍ୟରେ ଲେଜର ଟେକ୍ନୋଲୋଜି ସାହାଯ୍ୟରେ ୨ କଳାକାରଙ୍କ ଦ୍ୱାରା ତମ୍ବା ପ୍ଲେଟ୍‌ରେ ଖୋଦିତ ହୋଇଛି। ସେ କହିଛନ୍ତି, ତମ୍ବା ପ୍ଲେଟ୍‌ର ଏହି କାର୍ଯ୍ୟର ମୂଳଦୁଆରେ ଭାରତର 'ବସୁଧୈବ କୁଟୁମ୍ବକମ୍' (ସମଗ୍ର ପୃଥିବୀ ଗୋଟିଏ ପରିବାର) ଏବଂ 'ସର୍ବେ ଭବନ୍ତୁ ସୁଖୀନଃ' (ସମସ୍ତେ ଖୁସି ରୁହନ୍ତୁ)ର ଉଦାର ଭାବନା ରହିଛି। ପୁସ୍ତକଟି ୧୪ ଇଞ୍ଚ ଚଉଡ଼ା ୩୮ ଇଞ୍ଚ ଲମ୍ବା ହୋଇଥିବାବେଳେ ଏହାକୁ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାକୁ ଅତି କମ୍‌ରେ ୨ ଜଣ ଲୋକଙ୍କ ଆବଶ୍ୟକତା ରହିଥିବା ଆଇନଜୀବୀ ଲୋକେଶ କହିଛନ୍ତି।



# ଡିସେମ୍ବର ୨୦ରେ 'ୱେଲକମ୍ ଟୁ ଦି ଜଙ୍ଗଲ'



ଅକ୍ଷୟ କୁମାର

**ମୁମ୍ବାଇ:** ବଲିଉଡ୍ ଖିଲାଡି ଷ୍ଟାର ଅକ୍ଷୟ କୁମାରଙ୍କ ଶନିବାର ୫୬ତମ ଜନ୍ମଦିନ ଅବସରରେ ସେ ପରିବାର ସହ ମହାକାଳ ମନ୍ଦିରକୁ ଯାଇ ଦର୍ଶନ କରିଛନ୍ତି। ଏଥିସହ ସେ ତାଙ୍କ ଦର୍ଶକଙ୍କୁ ଏକ ଉପହାର ଦେଇଛନ୍ତି। ସେ ତାଙ୍କ ଆଗାମୀ କମେଡି ଫିଲ୍ମ 'ୱେଲକମ୍ ୩'ର ପ୍ରୋମୋ ରିଲିଜ୍ କରିବା ସହ ରିଲିଜ୍ ତାରିଖ ଘୋଷଣା କରିଛନ୍ତି। ସିନେମାର ଟାଇଟଲ ରହିଛି 'ୱେଲକମ୍ ଟୁ ଦି ଜଙ୍ଗଲ'। ପ୍ରୋମୋରେ ଅକ୍ଷୟ ପୂରା ଗ୍ୟାଙ୍ଗ ନଜରକୁ ଆସିଛନ୍ତି। ଏଥିରେ ଅକ୍ଷୟ କୁମାରଙ୍କ ସହିତ ରବୀନା ଟଣ୍ଡନ, ଲାରା ଦତ୍ତା, ଜାକଲିନ୍ ଫର୍ନାଣ୍ଡିଜ୍, ଦିଶା ପଟାନୀ, ସଞ୍ଜୟ ଦତ୍ତ, ସୁନୀଲ ସେଠୀ, ଅର୍ସଦ ୱାର୍ସି, ପରେଶ ରାୱଲ, ମିକା ସିଂ, ରାହୁଲ ଦେବ, ତୁଷାର କପୁର, ମୁକେଶ ତିୱାରି, ଜାକିର ହୁସେନ, ଯଶପାଲ ଶର୍ମା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଛି। ଏହି ସମସ୍ତ କଳାକାରଙ୍କ ଅଭିନୟରେ ଦର୍ଶକଙ୍କ ପାଇଁ ହସର ପିଟାରି ଭରି ରହିଛି। ଅହମ୍ମଦ ଖାନ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଆଗାମୀ ବର୍ଷ ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ। ଜ୍ୟୋତି ଦେଶପାଣ୍ଡେ ଓ ଫିରୋଜ ଏ ନାଡିଆ ଡୱାଲା ଫିଲ୍ମରେ ପ୍ରଯୋଜନା ଦେଇଛନ୍ତି। ତେବେ ୱେଲକମ୍‌ର ପ୍ରଥମ ଭାଗ ୨୦୦୭ରେ ରିଲିଜ୍ ହୋଇଥିବାବେଳେ ଦ୍ୱିତୀୟ ଭାଗ ୨୦୧୫ରେ ରିଲିଜ୍ ହୋଇଥିଲା। ଏହି ପ୍ରଥମ ଓ ଦ୍ୱିତୀୟ ଭାଗରେ ଆନେସ ବାଜ୍‌ମୀ ନିର୍ଦ୍ଦେଶନା ଦେଇଥିଲେ।

# ୫ମ ମହଲାରେ ପେଟ୍ରୋଲ ପମ୍ପ



ବେଜିଂ

ଚାଇନା ଦୁନିଆରେ ନିଜର ଅଜବଗଜବ କାରନାମା ପାଇଁ ବେଶ୍ ପରିଚିତ। ଏହାର ପ୍ରସ୍ତୁତି ଦୁନିଆକୁ ଅନେକ ସମୟରେ ଆଶ୍ଚର୍ଯ୍ୟରେ ପକାଇଥାଏ। ନିକଟରେ ଚାଇନା ଏପରି ଏକ ପେଟ୍ରୋଲ ପମ୍ପ ତିଆରି କରିଛି, ଯାହା ଏକ ବିଲ୍ଡିଂର ୫ମ ମହଲାରେ ରହିଛି। ଏହା ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଅଧିକାଂଶ ଲୋକ ଏଥିରେ କମେଣ୍ଟ କରିଛନ୍ତି କି ପେଟ୍ରୋଲ ପମ୍ପରୁ ତେଲ ଭରିବ କେମିତି? ସୂଚନା ମୁତାବକ, ପେଟ୍ରୋଲ ପମ୍ପଟି ଚାଇନାର ଚୋଙ୍ଗକିଙ୍ଗରେ ରହିଛି। ଭାଇରାଲ ଭିଡିଓରେ ଲୋକେ ସେହି ପେଟ୍ରୋଲ ପମ୍ପରୁ ତେଲ ଭରୁଥିବା ଦେଖିବାକୁ ମିଳିଛି। ପ୍ରକୃତରେ ଏହି ବିଲ୍ଡିଂକୁ ବହୁତ ତଲୁଆ ପ୍ରସ୍ତୁତ କରାଯାଇଛି। ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ବିଲ୍ଡିକୁ ତଳ ଅଞ୍ଚଳରେ ପ୍ରସ୍ତୁତ କରାଯାଇଛି। ଏହାକୁ ଧ୍ୟାନରେ ଦେଖିଲେ ଜଣାପଡ଼ିବ କି, ଏହି ବିଲ୍ଡିଂ ପଛପଟେ ଏକ ରାସ୍ତା ରହିଛି; ଯେଉଁ ରାସ୍ତାଟି ବିଲ୍ଡିଂର ୫ମ ମହଲା ଉଚ୍ଚର। ଚାଇନାର ଏହି ପେଟ୍ରୋଲ ପମ୍ପ ତା' ଅଜବଗଜବ କାମ ମଧ୍ୟରୁ ଗୋଟେ। ସାମ୍ନା ପଟୁ ଦେଖିବାକୁ ଗଲେ, ୫ମ ମହଲାରେ କରାଯାଇଥିବା ପେଟ୍ରୋଲ ପମ୍ପର ଯୋଜନା ବ୍ୟର୍ଥ ମନେହେଉଛି। ହେଲେ ଅନ୍ୟପଟୁ ଦେଖିଲେ ଏତେ ମହଲା ଉପରେ ପେଟ୍ରୋଲ ପମ୍ପ କରିବାର ଅର୍ଥ ସଫା ଜଣାପଡୁଛି।

# ଜନ୍ମଦିନରେ ହୀରା ମିଳିଲା



ୱାଶିଂଟନ

ଜନ୍ମଦିନରେ ସମସ୍ତ ଉପହାର ପାଇବାକୁ ଉତ୍ସାହିତ ଥାନ୍ତି। ତେବେ ନିକଟରେ ଏକ ୭ ବର୍ଷୀୟା ଝିଅକୁ ତା' ଜନ୍ମଦିନରେ ଏକ ଖାସ୍ ଉପହାର ମିଳିଛି। ଆମେରିକାର ଅକାନସସ୍ଥିତ ରାଜ୍ୟ ପାର୍କରୁ ଏକ ୨.୯୫ କ୍ୟାରେଟ୍‌ର ହୀରା ମିଳିଛି। ରିପୋର୍ଟ ମୁତାବକ, ପାରାଗୋଲ୍ଡର ବାସିନ୍ଦା ୭ ବର୍ଷୀୟା ଝିଅ ଆସ୍ପେନ ବ୍ରାଉନ ସେପ୍ଟେମ୍ବର ୧ରେ ତାଙ୍କ ଜନ୍ମଦିନରେ ପରିବାର ସହ ସେହି ପାର୍କକୁ ବୁଲିବାକୁ ଆସିଥିଲେ। ସେଠାରେ ବୁଲିବା ସମୟରେ ତାଙ୍କୁ ଏକ ହୀରା ମିଳିଥିଲା। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ତେବେ ଏହା ପୂର୍ବରୁ ସେହି ପାର୍କରୁ ଆଉ ଜଣେ ବ୍ୟକ୍ତିଙ୍କୁ ୩. ୨୯ କ୍ୟାରେଟ୍‌ର ଏକ ହୀରା ମିଳିଥିଲା। ଏହି ହୀରାଟି ବହୁତ ସୁନ୍ଦର ଦେଖାଯାଉଛି। ହେଲେ ଏହାକୁ ଦୂରରୁ ଦେଖିଲେ ଏହା ଏକ ପ୍ଲାଷ୍ଟିକ ପରି ଦୃଶ୍ୟମାନ ହେଉଛି। ପ୍ରକୃତରେ ଏହି ପାର୍କକୁ ଲୋକେ ହୀରା ଖୋଜିବାକୁ ଆସିଥାନ୍ତି। କିନ୍ତୁ କିଛି କମ୍ ଜଣଙ୍କୁ ହିଁ ସେହି ହୀରା ମିଳିଥାଏ। କିଛି ଲୋକଙ୍କୁ ପୂର୍ବରୁ ମଧ୍ୟ ଛୋଟ ହୀରା ଖଣ୍ଡ ମିଳିଛି।

## ଏ ସପ୍ତାହର ପ୍ରଶ୍ନ

୧– ................. ପକ୍ଷରୁ ଭାରତରେ ଡିଜିଟାଲ୍ ପେମେଣ୍ଟ ଇଣ୍ଡେକ୍ସ ରିଲିଜ୍ କରାଯାଇଥାଏ ?
୨– ନିକଟରେ ସ୍ୱାନିଶ୍ ଫେଡେରେଶନ୍ ହକି ଟୁର୍ନାମେଣ୍ଟ ଜିତିଥିବା ଦେଶ ........ ?
୩– ............ ରାଜ୍ୟ ଗୃହ ଜ୍ୟୋତି ସ୍କିମ୍ ଆରମ୍ଭ କରିଛି ?
୪– ତାଜମହଲ ସମ୍ପୂର୍ଣ୍ଣ ନିର୍ମାଣ ହେବାକୁ ...... ବର୍ଷ ସମୟ ଲାଗିଥିଲା ?
୫– ନାଇଟ୍ରସ୍ ଅକ୍ସାଇଡ୍ ଗ୍ୟାସ ସାଧାରଣତଃ .......... ଭାବେ ଜଣାଶୁଣା ?

## ଗତ ଥରର ଉତ୍ତର

୧ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ
୨ ଫର୍ମୁଲା ଇ
୩ ମିଥିଲେଶ ତିୱାରୀ
୪ ନର୍ମାନ ବୋର୍ଲଗ୍
୫ ସତିଶ ଧାୱନ ସ୍ପେଶ ସେଣ୍ଟର

## ଉତ୍ତରଦାତା

୧– ରତ୍ନପର୍ଣ୍ଣା ମହାପାତ୍ର, ନୟାଗଡ଼
୨– ସ୍ୱୟଂପ୍ରକାଶ ବେହେରା, ଖୋର୍ଦ୍ଧା
୩– ବିବେକ କୁମାର ସ୍ୱାଇଁ, ଯାଜପୁର
୪– ହେମନ୍ତ ଭାଟି, କଳାହାଣ୍ଡି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ କ୍ରୁଜ୍ ଶିପ୍– ୨୦୨୩




୧................................ ଓଣ୍ଡର ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୨................................ ସିମ୍ଫୋନୀ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୩................................ ହାର୍ମୋନୀ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୪ ................................ ଓଆସିସ୍ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୫................................ ଆଲିଓର୍ ଅଫ୍ ଦି ସିଜ୍ (ରୟାଲ୍ କ୍ୟାରିବିନ୍)
୬................................ ଏମ୍ଏସ୍ସି ୱାର୍ଲ୍ଡ ୟୁରୋପା (ଏମ୍ଏସ୍ସି କ୍ରୁଜ୍)
୭................................ ଆର୍ଭିଆ(ପି ଆଣ୍ଡ ଓ କ୍ରୁଜେସ୍)
୮................................ କୋଷ୍ଟା ସ୍ମେରାଲ୍ଡା (କୋଷ୍ଟା କ୍ରୁଜେସ୍)
୯................................ କୋଷ୍ଟା ଟସ୍କାନା (କୋଷ୍ଟା କ୍ରୁଜେସ୍)
୧୦................................ ପି ଆଣ୍ଡ ଓ ଆୟୋନା (ପି ଆଣ୍ଡ ଓ କ୍ରୁଜେସ୍)

## ଜାଣନ୍ତୁ ଦୁନିଆ

# ଏହି ଦେଶବାସୀ ଦୀର୍ଘାୟୁ

**କାହାକୁ ଆଶୀର୍ବାଦ ଦେବା ବେଳେ ପାଟିରୁ ପ୍ରଥମେ ବାହାରେ ଦୀର୍ଘାୟୁ ହୁଅ। ହେଲେ ଆଜିର ପରିବର୍ତ୍ତିତ ଜୀବନଶୈଳୀ ପାଇଁ ଧୀରେ ଧୀରେ ସଭିଙ୍କ ଆୟୁଷ କମିଯାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପୃଥିବୀରେ ଏମିତି କେତୋଟି ଦେଶ ଅଛି, ଯେଉଁଠାରେ ଜନ୍ମ ହେଉଥିବା ପିଲାମାନେ ଦୀର୍ଘାୟୁ ହୁଅନ୍ତି। ତେବେ ଜାଣିବା କ'ଣ ରହିଛି ଏହା ପଛର କାରଣ...**

**ମୋନାକୋ:** ୟୁରୋପୀୟ ଦେଶ ମୋନାକୋର ବାସିନ୍ଦାମାନଙ୍କ ଜୀବନକାଳ ଅନ୍ୟ ସମସ୍ତ ଦେଶବାସୀଙ୍କଠାରୁ ଅଧିକ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ତେବେ ଭୂମଧ୍ୟସାଗରୀୟ ଖାଦ୍ୟପେୟ ସେଠାକାର ଲୋକଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତା'ଛଡା ସେଠାକାର ପ୍ରାୟ ସମସ୍ତ ବାସିନ୍ଦା ଖୁବ୍ ଧନୀ ଏବଂ ବୟସସୀମା ପ୍ରାୟ ୮୪ ବର୍ଷ। ଏଠାରେ ମଧ୍ୟ ମେଡିକାଲ୍ ସୁବିଧା ଅତ୍ୟନ୍ତ ଭଲ। ଏଠାରେ ୧୮ ବର୍ଷରୁ କମ୍ ଲୋକମାନଙ୍କୁ ସମସ୍ତ ଟିକାକରଣ ଏବଂ କେତେକ ସ୍ୱାସ୍ଥ୍ୟ ପରୀକ୍ଷା ମାଗଣାରେ ଯୋଗାଇ ଦିଆଯାଇଥାଏ। ସେଠାକାର ପରିବେଶ ଏବଂ ତଟକା ସବୁଜ ପନିପରିବା ଜାତୀୟ ଖାଦ୍ୟାଭ୍ୟାସ



ସେମାନଙ୍କର ଲାଇଫ୍ ଷ୍ଟାଇଲ୍ ଏଭଳି, ଯାହା ସେମାନଙ୍କୁ ମାନସିକସ୍ତରରେ ମଧ୍ୟ ଫିଟ୍ ରଖିଥାଏ ଏବଂ ଆୟୁଷ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ବୋଲି ବୈଜ୍ଞାନିକମାନେ ମତ ରଖନ୍ତି।

**ହଂକଂ:** ଏହି ତାଲିକାର ଦ୍ୱିତୀୟରେ ରହିଛି ହଂକଂ। ଏଠାକାର ବାସିନ୍ଦାଙ୍କ ହାରାହାରି ବୟସସୀମା ୮୫ବର୍ଷ। ତେବେ ଏହାର ମୁଖ୍ୟ କାରଣ ଏଠାକାର ବାସିନ୍ଦାଙ୍କ ସୁନ୍ଦର ଏବଂ ସୁସ୍ଥ ଜୀବନଶୈଳୀ, ସନ୍ତୁଳିତ ଖାଦ୍ୟାଭ୍ୟାସ, ପୃଥିବୀର ସବୁଠୁ ଭଲ ମେଡିକାଲ ସୁବିଧା, ଭଲ ଆର୍ଥିକ ସ୍ଥିତି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

**ମକାଉ:** ହଂକଂ ପଛକୁ ଏହି ଦେଶ ତୃତୀୟରେ ରହିଛି, ଯାହାର ବାସିନ୍ଦାଙ୍କ ସୁସ୍ଥ ଏବଂ ଦୀର୍ଘ ଜୀବନର ମୁଖ୍ୟ କାରଣ।

**ଜାପାନ:** ଏହି ଦେଶବାସୀଙ୍କ ସାଧାରଣ ବୟସ ସୀମା ୮୩। ଏଠାକାର ବାସିନ୍ଦା ସୁଷମ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେଇଥା'ନ୍ତି। ତଟକା ପରିବା, ଫଳ ଓ ସମୁଦ୍ର ମାଛ ଅଧିକ ମାତ୍ରାରେ ଖାଇଥା'ନ୍ତି। ଯେଉଁଥିରେ ଫ୍ୟାଟ୍ ଓ କୋଲେଷ୍ଟରଲ ମାତ୍ରା କମ୍ ଓ ଫ୍ୟାଟ୍ ଅଧିକ ଥାଏ । ହେଲେ ସେମାନେ ଅଧିକ ବ୍ୟାୟାମ ଓ ସାଇକ୍ଲିଂ କରୁଥିବାରୁ ଫ୍ୟାଟ୍ ନଷ୍ଟ ହୋଇଯାଏ। ତା'ଛଡା ସେମାନେ ରାତିରେ ଉଷୁମ ପାଣିରେ ଗାଧାନ୍ତି, ଯାହାକି ସେମାନଙ୍କୁ ବର୍ଷ ବର୍ଷ ଧରି ଫିଟ୍ ରଖିଥାଏ।

# ପରିଚୟ ଦେଇଛି ୟୁଟ୍ୟୁବ୍



ପଙ୍କଜ କୁମାର ସାହୁ

**ବର୍ତ୍ତମାନ ଡିଜିଟାଲ୍ ଯୁଗରେ ୟୁଟ୍ୟୁବ୍ ଏକ ଏମିତି ପ୍ଲାଟଫର୍ମ ଯେଉଁଠି ନା କେବଳ ରହିଛି ଶିଖିବାକୁ ବିଭିନ୍ନ ଭିଡିଓର ଗନ୍ତାଘର ବରଂ ଏହା ମଧ୍ୟ ପାଲଟିଛି ଅନେକଙ୍କ ପାଇଁ ବେଷ୍ଟ କ୍ୟାରିୟର ଅପ୍ସନ। ନିଷ୍ଠା, ଉଦ୍ୟମ ବଳରେ ଏହି ଫିଲ୍ଡରେ ନିଜର ପରିଚୟ ସୃଷ୍ଟି କରିଥିବା ଏହି ଭଳି କେତେଜଣ ଯୁବ ୟୁଟ୍ୟୁବରଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**




### ସଫଳତାର ମାର୍ଗ ଦେଖାଇଛି ଦର୍ଶକଙ୍କ ପ୍ରଶଂସା

ଇଣ୍ଡିଆନ୍ ଏୟାରଫୋର୍ସରେ ଚାକିରି କରିବା ଥିଲା ତାଙ୍କର ଲକ୍ଷ୍ୟ। ତେଣୁ ପଢ଼ାପରେ ସେଥିପାଇଁ ଭଲ ଭାବେ ପ୍ରସ୍ତୁତ ହେବାକୁ ମନସ୍ଥ କରିଥିଲେ। ହେଲେ କୋଭିଡ୍ ମହାମାରୀ ସାଜିଲା ବାଧକ। ଲକ୍ ଡାଉନ୍, ଶଟ୍ ଡାଉନ୍ ଏସବୁ ଭିତରୁ କେବେ ମୁକ୍ତି ମିଳିବ ଏବଂ ମଣିଷ ପୁଣି ପୂର୍ବ ଭଳି ଘରୁ ବାହାରିବ ଏହି ଚିନ୍ତା ତାଙ୍କୁ ସବୁବେଳେ ଘାରୁଥିଲା। ଘରେ ବସି ବୋର୍ ନ ହେବା ପାଇଁ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ। କିନ୍ତୁ କେବଳ ଖେଳରେ ସମୟ ନଷ୍ଟ କରିବା ତାଙ୍କର ଆଦୌ ପସନ୍ଦ ନ ଥିଲା। ତେଣୁ କିଛି ନୂଆ କରିବା ଲକ୍ଷ୍ୟ ନେଇ ପୂର୍ବରୁ ଖୋଲିଥିବା 'ସ୍ୟାଡୋ ଶୁଟର' ନାମକ ଗେମିଂ ଚ୍ୟାନେଲ୍‌ରେ ଗେମ୍ ସମ୍ବନ୍ଧିତ ବିଭିନ୍ନ ଟିପ୍ସ ଏବଂ ଟ୍ରିକ୍ସ ଭିଡିଓ ଅପ୍‌ଲୋଡ୍ କରିବା ଆରମ୍ଭ କଲେ। ତାଙ୍କର ନୂଆ ନୂଆ ଶୈଳୀର ଭିଡିଓ ସାଙ୍ଗକୁ ସୁନ୍ଦର ଏଡିଟିଂ ଏବଂ ଭଏସ୍‌ଓଭର ଦର୍ଶକଙ୍କ ମନକୁ ବେଶ୍ ଛୁଇଁଲା। ଆଉ ମାତ୍ର କିଛିବର୍ଷ ଭିତରେ ବର୍ତ୍ତମାନ ତାଙ୍କର ସବ୍‌ସ୍କ୍ରାଇବର ସଂଖ୍ୟା ୨.୪ ମିଲିଅନ୍ ଅତିକ୍ରମ କରିସାରିଛି। ସେ କୁହନ୍ତି, ଫୁର୍‌ସତ୍ ମିଳିଲେ ଫ୍ରି ଫାୟାର୍ ଗେମ୍ ଖେଳିବା ମୋର ସବୁଠୁ ପସନ୍ଦର କାମ ଥିଲା। ହେଲେ କୋଭିଡ୍ ସମୟରେ ଧୀରେ ଧୀରେ ଗେମ୍‌କୁ ନେଇ କିଛି ନୂଆ ଏକ୍ସପେରିମେଣ୍ଟ କରିବା ଆଳରେ କେତେବେଳେ ଏହି ନିଶା ମୋର ପେସା ପାଲଟିଗଲା ଜାଣିପାରିଲିନି। ଏହାଦ୍ୱାରା ବର୍ତ୍ତମାନ ଭଲ ରୋଜଗାର ମଧ୍ୟ କରିପାରୁଥିବାରୁ ଖୁସି ଲାଗୁଛି। ମୋର ଡିଫରେଣ୍ଟ ଗେମିଂ କଣ୍ଟେଣ୍ଟ ଉପରେ ସବ୍‌ସ୍କ୍ରାଇବର୍ ଏବଂ ଭ୍ୟୁଅର୍ସଙ୍କ ପ୍ରଶଂସା ମୋତେ ଏ ଦିଗରେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଉଛି। କେବଳ ଗେମିଂ ନୁହେଁ, ବର୍ତ୍ତମାନ ବାସ୍ତବ ଜୀବନର ବିଭିନ୍ନ ରୋମାଞ୍ଚକର ଅନୁଭୂତିକୁ ନେଇ ଏକ ଚ୍ୟାନେଲ ଷ୍ଟାର୍ଟ କରିଛି ଏବଂ ମାତ୍ର ୩ଟି ଭିଡିଓରେ ୧୫ ହଜାରରୁ ଅଧିକ ସବ୍‌ସ୍କ୍ରାଇବର ମଧ୍ୟ ପାଇସାରିଛି। ଆଗକୁ ଆହୁରି ଭଲ ଭଲ କଣ୍ଟେଣ୍ଟ ଦେଇ ୟୁଟ୍ୟୁବ୍ ଦୁନିଆରେ ନିଜକୁ ଏକ ପରିଚିତ ନାଁ କରାଇବା ମୋର ଲକ୍ଷ୍ୟ। ତେବେ ୟୁଟ୍ୟୁବ୍‌ରେ ଗେମିଂ ହେଉ କିମ୍ବା ଅନ୍ୟ କଣ୍ଟେଣ୍ଟକୁ ନେଇ ଚ୍ୟାନେଲ୍ ଚଳାଉଥିବା ଯୁବପିଢ଼ିଙ୍କୁ ଏତିକି କହିବି ଯେ, ଏହା ଏକ ଭଲ କ୍ୟାରିୟର ଅପ୍ସନ। ତେଣୁ ନିଜ ଭିଡିଓକୁ ୟୁନିକ୍ ଏବଂ ଇଣ୍ଟରେଷ୍ଟିଙ୍ଗ୍ କରିବାକୁ ଚେଷ୍ଟା କରନ୍ତୁ ଏବଂ ଧୈର୍ଯ୍ୟର ସହ ନିୟମିତ ଭିଡିଓ ଅପ୍‌ଲୋଡ୍ କରନ୍ତୁ, ଦେଖିବେ ନିଶ୍ଚେ ଏ ଦିଗରେ ସଫଳ ହୋଇ ଭଲ ରୋଜଗାର ବି କରିପାରିବେ।



ଜଗଦୀଶ ସାହୁ

### ଭଲ କଣ୍ଟେଣ୍ଟ ମୋ ସଫଳତାର ଚାବିକାଠି

କୁହାଯାଏ ଇଚ୍ଛା ଥିଲେ ଉପାୟ ଆପେଆପେ ଆସେ। ଆଉ ନିଜ ଉପରେ ବିଶ୍ୱାସ ରଖି ନିଷ୍ଠାର ସହ ଉଦ୍ୟମ ଜାରି ରଖିଲେ ସଫଳତା ପାଇବା କଷ୍ଟ ନୁହେଁ। ଏହି କଥାକୁ ପ୍ରମାଣିତ କରି ଦେଖାଇଛନ୍ତି ଗଞ୍ଜାମ ଜିଲା ତାକରଡା ଗ୍ରାମର ଯୁବ ୟୁଟ୍ୟୁବର ଜଗଦୀଶ ସାହୁ। ୨୦୧୨ରେ ମୋବାଇଲ୍ ଫଟୋଗ୍ରାଫିରୁ ଆରମ୍ଭ ହୋଇଥିଲା ତାଙ୍କର ସୋସିଆଲ୍ ମିଡିଆ ଯାତ୍ରା। ଅର୍କୁଟ୍ ଫେସ୍‌ବୁକ୍ ଆଦିରେ ସେ ବିଭିନ୍ନ ସ୍ଥାନ ଏବଂ ସେଠାକାର ପ୍ରସିଦ୍ଧ ଖାଦ୍ୟ ସମ୍ପର୍କରେ ଲୋକଙ୍କୁ ସୂଚନା ଦେଉଥିଲେ। ୨୦୧୪ରେ ସେ ଡିସ୍କଭର୍ ବ୍ରହ୍ମପୁର ନାମକ ଏକ ଫେସ୍‌ବୁକ୍ ପେଜ୍ ଖୋଲି ସେଠାକାର ପ୍ରତ୍ୟେକ ଜଣା ଅଜଣା କଥାକୁ ଲୋକଲୋଚନକୁ ଆଣିଲେ ଏବଂ ରିଡର୍ସଙ୍କଠାରୁ ବେଶ୍ ଭଲ ପ୍ରତିକ୍ରିୟା ପାଇଲେ। ଏହା ତାଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇଲା। ୨୦୧୭ରେ ସେ ଜବ୍ ଛାଡ଼ି ଜଣେ ଫୁଲ୍‌ଟାଇମ୍ କଣ୍ଟେଣ୍ଟ କ୍ରିଏଟର ଭାବେ ହ୍ୟୁଜ୍ ନେଟ୍‌ୱର୍କ ନାମରେ ନିଜର ଏକ ଡିଜିଟାଲ୍ ମାର୍କେଟିଂ କମ୍ପାନି ଆରମ୍ଭ କଲେ। ଓଡ଼ିଆ ହ୍ୟୁଜ୍ ନାମରେ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲି ବିଭିନ୍ନ ନୂଆନୂଆ ଭିଡିଓ ପୋଷ୍ଟ କଲେ। ହେଲେ କୋଭିଡ୍ ସମୟରେ ବାହାରକୁ ଯିବା କଷ୍ଟ ହେଉଥିବାରୁ ତାଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ସେ ହାର୍ ମାନି ନ ଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଆସି ଭୁବନେଶ୍ୱର ହ୍ୟୁଜ୍ ନାମରେ ଆଉ ଏକ ଚ୍ୟାନେଲ୍ ଖୋଲି କ୍ୟାପିଟାଲ୍ ସିଟିର ବିଭିନ୍ନ ସ୍ଥାନ ସମେତ ଏଠାରେ ମିଳୁଥିବା ଖାଦ୍ୟ ସମ୍ବନ୍ଧିତ ଭିଡିଓ ଅପ୍‌ଲୋଡ୍ କରି ଦର୍ଶକଙ୍କଠାରୁ ଖୁବ୍ ପ୍ରଶଂସା ସାଉଁଟିପାରିଲେ। ତାଙ୍କର ଦୁଇଟି ଚ୍ୟାନେଲ୍‌ରେ ପ୍ରାୟ ୩୮ ହଜାର ଏବଂ ୪୨ ହଜାରରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର୍ ଥିବା ବେଳେ ଇନ୍‌ଷ୍ଟାଗ୍ରାମ୍‌ରେ ୧ ଲକ୍ଷରୁ ଅଧିକ ଫଲୋଅର୍ସ ରହିଛନ୍ତି। ସେ ନିଜ ଏଜେନ୍ସି ଜରିଆରେ ଭୁବନେଶ୍ୱର ଏବଂ କଟକ ମ୍ୟୁନିସିପାଲ୍ କର୍ପୋରେଶନ୍, ଅନୁଗୋଳ ଡିଷ୍ଟ୍ରିକ୍ଟ ଆଡ୍‌ମିନିଷ୍ଟ୍ରେଶନ୍ ସହ ବିଭିନ୍ନ ଘରୋଇ ସଂସ୍ଥା ପାଇଁ ମଧ୍ୟ କଣ୍ଟେଣ୍ଟ ପ୍ରସ୍ତୁତ କରୁଛନ୍ତି। ସେ କୁହନ୍ତି, ଦୈନନ୍ଦିନ ଜୀବନର ଅନେକ କିଛି ଉପାଦେୟ କଥାକୁ ନିଆରା ଢଙ୍ଗରେ ସବୁଦିନ ଦର୍ଶକମାନଙ୍କ ସମ୍ମୁଖକୁ ନେଇ ଆସିବା ପାଇଁ ଚ୍ୟାନେଲ୍ ଦ୍ୱାରା ପ୍ରୟାସ କରୁଛି। ନିଜ ଉଦ୍ୟମ ବଳରେ ଭଲ ରୋଜଗାର କରିବା ସହିତ ନିଜ ଏଜେନ୍ସି ଦ୍ୱାରା ଆଉ ୧୧ ଜଣଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇ ପାରିଥିବାରୁ ବହୁତ ଖୁସି ଲାଗୁଛି। ଏହି ଡିଜିଟାଲ୍ ଯୁଗରେ ଏକ ସଫଳ କ୍ୟାରିୟର ଗଢ଼ିବା ଲାଗି ୟୁଟ୍ୟୁବ୍ କଣ୍ଟେଣ୍ଟ କ୍ରିଏଟର୍ ହେବା ଯୁବପିଢ଼ିଙ୍କ ପାଇଁ ଏକ ଭଲ ଅପ୍ସନ ବୋଲି କହିବି। ହେଲେ ଏଣୁତେଣୁ ଖରାପ ଭିଡିଓ ଅପେକ୍ଷା ଦର୍ଶକଙ୍କ ପାଇଁ କିଛି ଉପାଦେୟ କଣ୍ଟେଣ୍ଟ ଦେବାକୁ ଯୁବପିଢ଼ିଙ୍କୁ ପରାମର୍ଶ ଦେବି।




### ୟୁଟ୍ୟୁବ୍ ପରିଚୟ ସହ ଦେଇଛି ରୋଜଗାର



ଅର୍ପିତା ପ୍ରଧାନ

ଖୋର୍ଦ୍ଧା ଜିଲା ଅଁଳାଯୋଡ଼ି ଗ୍ରାମର ଝିଅ ଅର୍ପିତା ପ୍ରଧାନ। ୟୁଟ୍ୟୁବ୍ ଏବଂ ଅନ୍ୟ ସୋସିଆଲ୍ ମିଡିଆରେ ଡେଭିଲ ଅର୍ପିତା ଭାବେ ବେଶ୍ ପରିଚିତ। ଓଡ଼ିଆ ଅଭିନେତ୍ରୀମାନଙ୍କ ବିଶେଷ କରି ରଚନା ବାନାର୍ଜୀଙ୍କର ବଛା ବଛା ଫିଲ୍ମ ଡାଇଲଗ୍‌ରେ ଆକ୍ଟିଂ କରିବା ହେଉ ଅବା ବିଭିନ୍ନ ଗୀତରେ ଉଭୟ ନୃତ୍ୟ ଏବଂ ଅଭିନୟ ମାଧ୍ୟମରେ ନୂଆ ନୂଆ ଭିଡିଓ ସେ ଦର୍ଶକଙ୍କୁ ଭେଟି ଦେଇଥା'ନ୍ତି। ତାଙ୍କର ନିଆରା ଅନ୍ଦାଜକୁ ବି ଦର୍ଶକ ବହୁତ ପସନ୍ଦ କରନ୍ତି। ଯେଉଁଥିପାଇଁ ମାତ୍ର ଦେଢ଼ ବର୍ଷ ଭିତରେ ତାଙ୍କ ଚ୍ୟାନେଲ୍‌ରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ହୋଇସାରିଥିବା ବେଳେ ପ୍ରତିଟି ଭିଡିଓରେ ଲକ୍ଷ ଲକ୍ଷ ଭ୍ୟୁଜ୍ ମଧ୍ୟ ଆସୁଛି। କେବଳ ଏତିକି ନୁହେଁ, ଇନ୍‌ଷ୍ଟାଗ୍ରାମ୍‌ରେ ବି ତାଙ୍କର ରହିଛନ୍ତି ୫ଲକ୍ଷରୁ ଅଧିକ ଫଲୋୟର୍ସ। ସେ କୁହନ୍ତି, ଡ୍ୟାନ୍ସିଂ ଏବଂ ଆକ୍ଟିଂ ପ୍ରତି ପିଲାବେଳୁ ଆଗ୍ରହ ରହିଥିଲା। ହେଲେ ଏହାକୁ ଲୋକଲୋଚନକୁ ଆଣିବାର ସୁଯୋଗ କେବେ ପାଇ ନ ଥିଲି। କଲେଜରେ ପଢ଼ିବା ବେଳେ ଅନ୍ୟମାନଙ୍କୁ ଟିକ୍ ଟକ୍ ଭିଡିଓ କରୁଥିବାର ଦେଖି ନିଜେ ମଧ୍ୟ ଖୁସି ପାଇଁ କିଛି ଭିଡିଓ ଅପ୍‌ଲୋଡ୍ କରିଥିଲି। ହେଲେ ଏହାକୁ ଦର୍ଶକ ଏତେ ଅଧିକ ପସନ୍ଦ କରିବେ ଧାରଣା ନ ଥିଲା। ସେମାନଙ୍କ ପ୍ରଶଂସା ମୋତେ ଆଗକୁ ବଢ଼ିବାକୁ ଉତ୍ସାହିତ କଲା। ଟିକ୍ ଟକ୍ ବ୍ୟାନ୍ ପରେ ମୋ ପାଇଁ ୟୁଟ୍ୟୁବ୍ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ମାଧ୍ୟମ ସାଜିଲା। ଭଲ ଭଲ କନ୍‌ସେପ୍ଟ ବାଛି ନିୟମିତ ପରିଶ୍ରମ କରି ପିଲାଠୁ ବୃଦ୍ଧ ସବୁ ବର୍ଗର ଦର୍ଶକଙ୍କ ପାଇଁ ବିଭିନ୍ନ ପ୍ରକାର କଣ୍ଟେଣ୍ଟ ପ୍ରସ୍ତୁତ କରୁଛି। ସତ କହିବାକୁ ଗଲେ, ୟୁଟ୍ୟୁବ୍ ନା କେବଳ ମୋତେ ପରିଚୟ ଦେଇଛି ବରଂ ଏହା ମୋ ପାଇଁ ବେଶ୍ ଭଲ ରୋଜଗାର କରିବାର ସୁଯୋଗ ବି ଦେଇଛି। ମୋ ମତରେ ଯେଉଁମାନେ ୟୁଟ୍ୟୁବ୍‌ରେ କ୍ୟାରିୟର ଗଢ଼ିବାକୁ ଚାହାନ୍ତି, ସବ୍‌ସ୍କ୍ରାଇବର ନ ବଢ଼ିଲେ କିମ୍ବା ଭ୍ୟୁଜ୍ କମ୍ ଆସିଲେ ନିରୁତ୍ସାହ ହୋଇ ଏହାକୁ ଛାଡ଼ି ନ ଦେଇ ପରିଶ୍ରମ ଜାରିରଖିବା ସହ ପ୍ରତିଦିନ ଭଲ କଣ୍ଟେଣ୍ଟ ଅପ୍‌ଲୋଡ୍ କଲେ ନିଶ୍ଚୟ ସଫଳ ହୋଇପାରିବେ।

–ପୌର୍ଣ୍ଣମାସୀ

## ୟୁଥ୍ ଆଲର୍ଟ

# ଯୋଗ କରୁଥିଲେ...

**ଯୋଗ କରିବା ଦ୍ୱାରା ଉଭୟ ମନ ଓ ଶରୀର ସୁସ୍ଥ ରହିଥାଏ। ହେଲେ ଯୋଗର ସୁଫଳ ଠିକ୍ ଭାବେ ପାଇବା ଲାଗି କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...**

▶▶ସୂର୍ଯ୍ୟୋଦୟର ଅଧଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ ଦେଢ଼ ଘଣ୍ଟା ସମୟ ହେଉଛି ଯୋଗ କରିବାର ଉପଯୁକ୍ତ ସମୟ। ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ସମୟ ମଧ୍ୟରେ ଯୋଗ କରୁଛନ୍ତି, ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ।



▶▶ଯୋଗ ସର୍ବଦା ଚଟାଣ ଉପରେ ଆସନ କିମ୍ବା ଯୋଗମ୍ୟାଟ୍ ବିଛାଇ କରନ୍ତୁ। କାରଣ ଅନେକେ ଆରାମ ଲାଗିବା ଆଳରେ ବେଡ୍, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି ଯୋଗ କରିଥା'ନ୍ତି, ଯାହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ।

▶▶ଯୋଗ କରିବା ବେଳେ ତରତର ନ ହୋଇ ମନକୁ ସ୍ଥିର ରଖିବାକୁ ଚେଷ୍ଟା କରନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇବ।

▶▶ଯୋଗ କରିବାର ପ୍ରାରମ୍ଭିକ ଦିନଗୁଡ଼ିକରେ ଏକା ସଙ୍ଗେ ବହୁତ ଯୋଗାସନ କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ମଧ୍ୟ ମସଲ୍ କ୍ରାମ୍ପ ହେବା, ଗଣ୍ଠି ଦରଜ ହେବା ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ତେଣୁ ପ୍ରାରମ୍ଭିକ ଦିନଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହାର ସମୟସୀମା ବଢ଼ାନ୍ତୁ।



▶▶ଯୋଗ କରିବା ଦିନଗୁଡ଼ିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ତେଲ ମସଲାଯୁକ୍ତ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। ଯୋଗାସନ କରିବାର ଅଧଘଣ୍ଟା ପୂର୍ବରୁ କିମ୍ବା ଅଧଘଣ୍ଟା ପରେ ପାଣି ପିଇବା ଭଲ।

# ପେଲେଙ୍କ ରେକର୍ଡ ଭାଙ୍ଗିଲେ ନେମାର

ସାଓ ପଲୋ, ୯।୯(ଏପି)

ବ୍ରାଜିଲ ଜାତୀୟ ଫୁଟ୍‌ବଲ ଦଳର ଟପ୍ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି ନେମାର। ଶୁକ୍ରବାର ସେ ୩ଥର ବିଶ୍ୱକପ୍ ବିଜେତା ପେଲେଙ୍କ ମୋଟ ଗୋଲ ସଂଖ୍ୟାକୁ ଅତିକ୍ରମ କରିଯାଇଛନ୍ତି। ୩୧ବର୍ଷୀୟ ନେମାର ବେଲେମର ଆମାଜନ ସହରରେ ବଲିଭିଆ ବିପକ୍ଷ ଏକ ବିଶ୍ୱକପ୍ ଯୋଗ୍ୟତା ମ୍ୟାଚର ୬୧ତମ ମିନିଟ୍‌ରେ ଗୋଲ ସ୍କୋର କରି ବ୍ରାଜିଲର ଟପ୍ ସ୍କୋରର ହେବାର ଗୌରବ ଅର୍ଜନ କରିଛନ୍ତି। ବ୍ରାଜିଲର ଏହି ୫-୧ ବିଜୟ ମ୍ୟାଚରେ ଏହାଥିଲା ଚତୁର୍ଥ ଗୋଲ୍। ଏକ କ୍ରସ୍ ପାସ୍ ପାଇ ନେମାର ଅତି ନିକଟରୁ ତାଙ୍କ ରେକର୍ଡ ବ୍ରେକିଙ୍ଗ୍ ଗୋଲ ସ୍କୋର କରିଥିଲେ।




# ବଢ଼ିଲା ସୁରକ୍ଷା ବ୍ୟବସ୍ଥା

ନ୍ୟୁୟର୍କ,୯।୯(ପି.ଟି.)

ୟୁଏସ୍ ଓପନ୍ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ପରିବେଶ ପରିବର୍ତ୍ତନକୁ ନେଇ ପ୍ରତିବାଦ କରି ୪ ଜଣ ପରିବେଶବିତ୍ ଗିରଫ ହେବା ପରେ ଟୁର୍ନାମେଣ୍ଟର ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଛି। ଶୁକ୍ରବାର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପରିବେଶବିତ୍‌ମାନେ ବିରୋଧ ପ୍ରଦର୍ଶନ କରିବାରୁ କୋକୋ ଗଫ୍‌ଙ୍କ ମ୍ୟାଚ୍ ୫୦ ମିନିଟ ବିଳମ୍ବ ହୋଇଥିଲା। ଏପରିକି ଜଣେ ପ୍ରଦର୍ଶନକାରୀ କଙ୍କ୍ରିଟ୍ ଉପରେ ଅଠା ଢାଳି ଖାଲି ପାଦରେ ଛିଡା ହୋଇ ଯାଇଥିଲେ। ଏହି ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି।

# ମେଡଭେଡେଭ-ଜୋକୋଭିଚ୍ ଫାଇନାଲ

## ୟୁଏସ୍ ଓପନ ଟେନିସ୍

ନ୍ୟୁୟର୍କ,୯।୯(ପି.ଟି.)

ୟୁଏସ୍ ଓପନ୍ ଟେନିସ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ନୋଭାକ୍ ଜୋକୋଭିଚ୍ ଓ ଡାନିଲ ମେଡଭେଡେଭ୍। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଆମେରିକାର ବେନ୍ ଶେଲଟନ୍‌ଙ୍କୁ ପରାସ୍ତ କରି କ୍ୟାରିୟରର ୩୬ ତମ ମେଜର ଟୁର୍ନାମେଣ୍ଟ ତଥା ୨୪ ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିୟନ ସ୍ପେନ୍‌ର କାର୍ଲୋସ୍ ଅଲକାରାଜଙ୍କୁ ପରାସ୍ତ କରିଛନ୍ତି ରୁଷିଆର ଡାନିଲ ମେଡଭେଡେଭ୍।

ଜୋକୋଭିଚ୍ ୬-୩, ୬-୨ ଓ ୭-୬(୪) ସେଟ୍‌ରେ ୨୦ ବର୍ଷୀୟ ବେନ୍ ଶେଲଟନଙ୍କୁ ପରାସ୍ତ କରି ଦଶମ ଥର ୟୁଏସ୍ ଓପନ ଫାଇନାଲରେ ପ୍ରବେଶ


ଡାନିଲ ମେଡ୍‌ଭେଡେଭ

କରିଛନ୍ତି। ପୂର୍ବରୁ ୩ ଥର ଟାଇଟଲ ହାସଲ କରିଥିବା ଜୋକୋଭିଚ୍ ଫାଇନାଲରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ଭେଟିବେ। ମ୍ୟାଚ୍ ଜିତିବା ପରେ ଶେଲ୍‌ଟନ 'ହ୍ୟାଙ୍ଗ ଅପ୍ ଦ ଫୋନ୍' ସେଲିବ୍ରେଶନ୍ କରିଥିଲେ। ୩୬ ବର୍ଷୀୟ ଜୋକୋଭିଚ୍ କୋଭିଡ୍-୧୯ ଟିକା ନେଇ ନ ଥିବା କାରଣରୁ ବିଗତ ବର୍ଷ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ। ୩୬ ବର୍ଷ ବୟସରେ ପ୍ରତ୍ୟେକ ଗ୍ରାଣ୍ଡସ୍ଲାମ ନିଜର ଅନ୍ତିମ ସ୍ଲାମ ଭଳି ପ୍ରତୀୟମାନ ହୋଇଥାଏ ବୋଲି ମ୍ୟାଚ୍ ପରବର୍ତ୍ତୀ ପ୍ରତିକ୍ରିୟାରେ କହିଛନ୍ତି ଜୋକୋଭିଚ୍। ପ୍ରଥମ ଦୁଇ ସେଟ୍‌ରେ ଜୋକୋଭିଚ୍ ସହଜ ବିଜୟ ହାସଲ କରିଥିବା ବେଳେ ତୃତୀୟ ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିଲା।

ସେହିପରି ଅନ୍ୟ ଏକ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ କାର୍ଲୋସ ଅଲକାରାଜଙ୍କୁ ପରାସ୍ତ କରିଛନ୍ତି ୨୦୨୧ ସଂସ୍କରଣ ଚାମ୍ପିୟନ୍ ଡାନିଲ ମେଡଭେଡେଭ। ୭-୬(୩), ୬-୧, ୩-୬ ଓ ୬-୩ ସେଟ୍‌ରେ ମେଡଭେଡେଭ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ୨୦୨୧ରେ ଜୋକୋଭିଚ୍ କ୍ୟାରିୟର ଟାଇଟଲ ଲକ୍ଷ୍ୟରେ ରହିଥିବା ବେଳେ ତାଙ୍କୁ ପରାସ୍ତ କରିଥିଲେ ମେଡଭେଡେଭ୍। ଉଭୟ ଖେଳାଳି ୧୪ ଥର ମୁହାଁମୁହିଁ ହୋଇଥିବା ବେଳେ ଜୋକୋଭିଚ୍ ୯-୫ରେ ଆଗୁଆ ରହିଛନ୍ତି।

# ସ୍ପେନ୍ ଫୁଟ୍‌ବଲ ସଂଘରେ ଯୌନ ଶୋଷଣ

ବାର୍ସେଲୋନା,୯।୯(ପି.ଟି.)

ସ୍ପାନିଶ୍ ଫୁଟ୍‌ବଲ ମହାସଂଘର ସଙ୍କଟ ଦିନକୁ ଦିନ ବଢିବାରେ ଲାଗିଛି। ସଂଘର ମୁଖ୍ୟ ଲୁଇସ ରୁବେଲ୍ସ ଯୌନ ଶୋଷଣ ମାମଲାରେ ଫିଫା ପକ୍ଷରୁ ବାସନ୍ଦ ହେବା ପରେ ବର୍ତ୍ତମାନ ମୁଖ୍ୟ କୋଚ୍ ଜର୍ଜ ଭିଲ୍ଡାଙ୍କ ଅଡୁଆ ବଢିବାରେ ଲାଗିଛି। ବର୍ଷେ ତଳେ ୧୫ ଜଣ ଖେଳାଳି ତାଙ୍କ ବିରୋଧରେ ଆଣିଥିବା ଯୌନ ଶୋଷଣ ଓ ମାନସିକ ନିର୍ଯାତନା ମାମଲା ପୁନର୍ବାର ଚର୍ଚ୍ଚାର ପରିସରରେ ରହିଛି। ଅନ୍ୟପକ୍ଷରେ ବେତନ ବୃଦ୍ଧିକୁ ନେଇ ମହିଳା ଖେଳାଳିମାନେ ଧାରଣାରେ ବସିବା ସମସ୍ୟାକୁ ଦ୍ୱିଗୁଣିତ କରିଛି। ସ୍ପେନ୍ ମହିଳା ଲିଗ୍‌ର ଖେଳାଳିମାନେ ସର୍ବନିମ୍ନ ଦେୟର ଦାବି କରିବା ସହିତ ଧାରଣାକୁ ଓହ୍ଲାଇଛନ୍ତି। ଶୁକ୍ରବାରଠାରୁ ମହିଳା ଲିଗ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା।

## ବେତନ ବୃଦ୍ଧିକୁ ନେଇ ଧାରଣାରେ ମହିଳା ଖେଳାଳି

ତେବେ ଖେଳାଳିମାନେ ଧାରଣାରେ ବସିବାରୁ ପ୍ରଥମ ଦୁଇ ରାଉଣ୍ଡର ଖେଳ ବାଧାପ୍ରାପ୍ତ ହୋଇଛି। ପ୍ରଥମେ ସ୍ପାନିଶ୍ ଫୁଟବଲ ମହାସଂଘର ମୁଖ୍ୟ ଲୁଇସ୍ ରୁବେଲ୍ସଙ୍କ ଚୁମ୍ବନ ମାମଲା କାରଣରୁ ପ୍ରଥମ ଥର ବିଶ୍ୱ ଚାମ୍ପିୟନ ହୋଇଥିବା ସ୍ପେନ୍‌ର ଗୁରୁତ୍ୱ ହ୍ରାସ ପାଇଥିଲା। ସ୍ପେନ୍ ଦଳ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରିବା ପରେ ରୁବେଲ୍ସ ଦଳର ଷ୍ଟ୍ରାଇକର ଜେନି ହର୍ମୋସୋଙ୍କୁ ଓଠରେ କିସ୍ କରିଥିଲେ। ଏହି ମାମଲାକୁ ନେଇ ଫିଫା ପକ୍ଷରୁ ରୁବେଲ୍ସଙ୍କୁ ବାସନ୍ଦ ମଧ୍ୟ କରାଯାଇଛି। ଆରମ୍ଭରୁ ଜେନି ହର୍ମୋସୋ ଏହି ଘଟଣାକୁ ନେଇ ରୁବେଲ୍ସଙ୍କୁ ସମର୍ଥନ କରିଥିବା ବେଳେ ବୁଧବାର ନିଜର ମତ ପରିବର୍ତ୍ତନ କରି ଏଫ୍‌ଆଇଆର ଦେଇଥିଲେ। ଏହା ସହିତ ଫୁଟବଲ ମହାସଂଘ ପକ୍ଷରୁ ଚାପ ପଡିବା କାରଣରୁ ସେ ମତ ପରିବର୍ତ୍ତନ କରିଥିବା ମଧ୍ୟ ଦର୍ଶାଇଥିଲେ।

ଅନ୍ୟ ପକ୍ଷରେ ସ୍ପେନର ନ୍ୟାଶନାଲ ଲିଗ୍‌ରେ ପୁରୁଷ ଖେଳାଳି ମାନଙ୍କ ତୁଳନାରେ ମହିଳା ଖେଳାଳିଙ୍କୁ ଅତ୍ୟନ୍ତ ନଗଣ୍ୟ ବେତନ ପ୍ରଦାନ କରାଯାଉଛି। ମହିଳା ଖେଳାଳିମାନଙ୍କୁ ସର୍ବନିମ୍ନ ବେତନ ଭାବରେ ୧୬ ହଜାର ୟୁରୋ ପ୍ରଦାନ କରାଯାଉଥିବା ବେଳେ ପୁରୁଷ ଖେଳାଳିଙ୍କୁ ୧ ଲକ୍ଷ ୮୨ ହଜାର ୟୁରୋର ସର୍ବନିମ୍ନ ବେତନ ମିଳିଥାଏ। ୩୩୪ ମହିଳା ଖେଳାଳିଙ୍କ ମଧ୍ୟରୁ ମାତ୍ର ୮୦ ଜଣ ଖେଳାଳି ୨୦ ହଜାର ୟୁରୋର ବେତନ ପାଇଥାନ୍ତି।

# ଆରଡୋର୍ ସେମିରେ

ଭୁବନେଶ୍ୱର, ୯।୯ (ବିଜୟ ରଣା)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବା)ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀଠାରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ର ତୃତୀୟ କ୍ୱାର୍ଟରଫାଇନାଲରେ ଆରଡୋର୍ ଏକାଡେମୀ ୪-୧ ଗୋଲ୍‌ରେ ବୀର୍ ବିର୍ସା ୟୁଥ୍ ସ୍ପୋର୍ଟିଂକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଖେଳ ୧-୧ ସ୍ଥିତିରେ ରହିଥିଲା। ଆରଡୋର ଏକାଡେମୀର ଅଙ୍କିତ ଯାଦବ ୬୦, ୬୨ ଓ ୬୫ତମ ମିନିଟ୍‌ରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ କ୍ରୀଡ଼ା ସଂଗଠକ ମଧୁସୂଦନ ରେଡ୍ଡୀ। ରବିବାର ଅନ୍ତିମ କ୍ୱାର୍ଟରଫାଇନାଲ ମ୍ୟାଚ କିଟ୍ ଓ ମଦର୍ସ ଫୁଟ୍‌ବଲ କ୍ଲବ ମଧ୍ୟରେ ହେବ।

# ଛତିଶଗଡ଼କୁ ହରାଇଲା ଓଡ଼ିଶା

## ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ


ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚାଲିଥିବା ବି.ସି. ରୟ ଟ୍ରଫି ଜାତୀୟ ଜୁନିୟର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା, ଉତ୍ତର ପ୍ରଦେଶ, କର୍ନାଟକ ଓ ଝାଡ଼ଖଣ୍ଡ ଦଳ ବିଜୟୀ ହୋଇଛି। କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ଛତିଶଗଡ଼କୁ ହରାଇ ଦେଇଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଓଡ଼ିଶା ପକ୍ଷରୁ ୩ୟ ମିନିଟରେ ଶଙ୍ଖ ଶେଖର ହେମ୍ବ୍ରମ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୯ମ ମିନିଟରେ ପିଣ୍ଟୁ ଓରାମ ଗୋଲ ସ୍କୋର କରି ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ମାତ୍ର ୩୮ତମ ମିନିଟରେ ଛତିଶଗଡ଼ର ବୀରେନ୍ଦ୍ର କୁମାର ଗୋଟିଏ ଗୋଲ ପରିଶୋଧ କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ଓଡ଼ିଶାର ଅଗ୍ରଣୀ ବ୍ୟବଧାନକୁ ହ୍ରାସ କରିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୭ତମ ମିନିଟରେ କେଓ୍ୱାତ କୋଲାଙ୍କ ଗୋଲ ମାଧ୍ୟମରେ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲା ଛତିଶଗଡ଼। ଫଳରେ ସ୍ୱାଭାବିକଭାବେ ମ୍ୟାଚରେ ରୋମାଞ୍ଚ ଭରିଥିଲା। ଅଗ୍ରଣୀ ନେବା ପାଇଁ ଉଭୟ ଦଳ ଉଦ୍ୟମକୁ ଜୋରଦାର କରିଥିବାବେଳେ ୬୩ତମ ମିନିଟରେ ଓଡ଼ିଶାର ମୋହନ ଗୁଣ୍ଟା ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା।

କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କର୍ନାଟକ ୩-୧ ଗୋଲରେ ମିଜୋରାମକୁ ପରାସ୍ତ କରିଛି। କର୍ନାଟକ ପକ୍ଷରୁ ବଦଳ ଖେଳାଳି ରକ୍ଷିତ ପି.ଅନିଲ ୫୦ ଓ ୭୦ ମିନିଟରେ ୨ଟି ଏବଂ ରୟ ଜ୍ୟାକସନ ୧୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ମିଜୋରାମ ପକ୍ଷରୁ ସି. ମାଲସାମଟଲୁଆଙ୍ଗା ୫୧ତମ ମିନିଟରେ ପେନାଲ୍ଟିରୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଝାଡ଼ଖଣ୍ଡ ୧-୦ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଲେଇମାପୋକପାମ ଆୟାଙ୍ଗସନା ମେଇତେଇ ୩୯ତମ ମିନିଟରେ ପେନାଲ୍ଟିରୁ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଉତ୍ତର ପ୍ରଦେଶ ୬-୦ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଉତ୍ତର ପ୍ରଦେଶ ପକ୍ଷରୁ ନିରଞ୍ଜନ ଜୁଙ୍ଗ ଶାହି ୨୯ ଓ ୫୨ ମିନିଟରେ ସର୍ବାଧିକ ୨ଟି ଗୋଲ ସ୍କୋର କରିଥିଲେ।




କେବଳ 18+ । ଏହି ଖେଳରେ ଆର୍ଥିକ ବିପଦ ରହିଛି ଏବଂ ଏହା ଏକ ନିଶା ପରି। ଦୟାକରି ଏହି ଖେଳକୁ ନିଜର ଦାୟୀତ୍ୱର ସହିତ ଓ ନିଜର ଆପଦରେ ଖେଳନ୍ତୁ।

ପାଠକମାନଙ୍କୁ ଏହା ପରାମର୍ଶ ଦିଆ ଯାଉଛି କି ପ୍ରକାଶିତ ଏହି ବିଜ୍ଞାପନ ସମ୍ପର୍କିତ କୌଣସି ମୂଲ୍ୟ ପ୍ରଦାନ କରିବା ପୂର୍ବରୁ ବା କୌଣସି ପ୍ରତିଶ୍ରୁତିମୂଳକ ଦାବୀର କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ପ୍ରଦାନ କରିବା ପୂର୍ବରୁ ଏ ସମ୍ପର୍କରେ ଉପଯୁକ୍ତ ଅନୁସନ୍ଧାନ କରନ୍ତୁ ଓ ସଠିକ୍ ପରାମର୍ଶ ଗ୍ରହଣ କରନ୍ତୁ। Navajat Printers & Media Pvt. Ltd. ଏବଂ ବିଜ୍ଞାପନ ଏଜେନ୍ସି ବିଜ୍ଞାପନଦାତାଙ୍କର ଉତ୍ପାଦ ଓ ସେବା ସମ୍ବନ୍ଧରେ କରିଥିବା ଦାବୀ ପାଇଁ କୌଣସି ଦାୟୀତ୍ୱ ଗ୍ରହଣ କରିବ ନାହିଁ। Navajat Printers & Media Pvt. Ltd. ର ମୁଦ୍ରକ, ପ୍ରକାଶକ, ସମ୍ପାଦକ ଏବଂ ମାଲିକ ଯଦି ବିଜ୍ଞାପନଦାତା ଏ ପ୍ରକାର ଦାବୀକୁ ସମ୍ମାନ ନକରନ୍ତି ତେବେ ଏହାର ପରିଣାମ ପାଇଁ Dharitri କଦାପି ଦାୟୀ ରହିବ ନାହିଁ।

# ସୁପର-୪ରେ ଆଜି ଭାରତ-ପାକିସ୍ତାନ

**ଏସିଆ କପ୍ କ୍ରିକେଟ**

କଲମ୍ବୋ, ୯।୯

ଚଳିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇ ଭୋଲ୍ଟେଜ ମ୍ୟାଚ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ପାକିସ୍ତାନ ଗୋଟିଏ ମ୍ୟାଚ ଖେଳି ୨ ପଏଣ୍ଟ ପାଇ ସାରିଥିବାବେଳେ ଭାରତ ପାଇଁ ହେବ ପ୍ରଥମ ମ୍ୟାଚ। ଲିଗ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ବର୍ଷାରେ ବାଧାପ୍ରାପ୍ତ ହୋଇ ଯାଇଥିଲା। ଆଗାମୀ ମ୍ୟାଚ ସମୟରେ ମଧ୍ୟ ବର୍ଷା ହେବାର ପୂର୍ବାନୁମାନ ରହିଛି। ସେଥିପାଇଁ ଗୋଟିଏ ରିଜର୍ଭ ଦିବସ ରଖା ଯାଇଛି।

ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପୂର୍ବରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚୂଡ଼ାନ୍ତ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱରେ ରହିଛି। ଲୋକେଶ ରାହୁଲ ଓ ଇଶାନ କିଶନଙ୍କ ମଧ୍ୟରୁ କାହାକୁ ଦଳରେ ନିଆଯିବ ତାହାକୁ ନେଇ ଚିନ୍ତା ବଢ଼ିଛି। କିଶନ ନିକଟ ଅତୀତରେ ୪ ମ୍ୟାଚରୁ ୪ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ଟି ଏବଂ ପାକିସ୍ତାନ ବିପକ୍ଷ ଗ୍ରୁପ୍ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ କିଛି ଅସୁବିଧା ଅନୁଭବ କରୁ ନ ଥିବା ମଧ୍ୟ ସେ ପ୍ରମାଣିତ କରିଛନ୍ତି। ବାମହାତୀ ହୋଇଥିବାରୁ ତାଙ୍କ ଉପସ୍ଥିତିରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌ରେ ବିବିଧତା ମଧ୍ୟ ଆସିପାରୁଛି। ଅନ୍ୟପକ୍ଷରେ ଆହତ ସମସ୍ୟାରୁ ମୁକୁଳିଥିବା ରାହୁଲ ଗତ ମାର୍ଚ୍ଚରୁ ଦିନିକିଆ ଖେଳି ନାହାନ୍ତି। ତେବେ ୨୦୧୯ରୁ ସେ ଭାରତୀୟ ଦିନିକିଆ ଦଳରେ ସେ ଜଣେ ନିର୍ଭରଯୋଗ୍ୟ ସଦସ୍ୟ ରହି ଆସିଛନ୍ତି। ଏହି ବର୍ଷ ସେ ୧୩ ମ୍ୟାଚରୁ ୪୭.୬୭ ଆଭରେଜରେ ୫୭୨, ୨୦୨୦ରେ ୯ ମ୍ୟାଚରୁ ୫୫.୩୮ ଆଭରେଜରେ ୪୪୩, ୨୦୨୧ରେ ୩ ମ୍ୟାଚରୁ ୮୮.୫୦ ଆଭରେଜରେ୧୦୮, ୨୦୨୨ରେ ୧୦ ମ୍ୟାଚରୁ ୨୭.୮୯ ଆଭରେଜରେ ୨୫୧ ଓ ୨୦୨୩ରେ ୬ ମ୍ୟାଚରୁ ୫୬.୫୦ ଆଭରେଜରେ ୨୨୬ ରନ ସ୍କୋର କରିଛନ୍ତି। ୫ ନମ୍ବର ସ୍ଥାନରେ ସେ ୧୮ଟି ମ୍ୟାଚ ଖେଳି ୫୩ ଆଭରେଜରେ ୭୪୨ ରନ ସ୍କୋର କରି ସାରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକ ଏବଂ ୭ଟି ଅର୍ଦ୍ଧଶତକ ସାମିଲ। ତାଙ୍କ ଉଇକେଟ କିପିଂ ଦକ୍ଷତା ମଧ୍ୟ ବେଶ୍ ଭଲ। ଶୁକ୍ରବାର ସେ ନେଟ୍ସରେ ଅନେକ ସମୟ ଅଭ୍ୟାସ କରିଥିବାରୁ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ଅଧିକ ରହିଛି। ସେ ଯାହା ହେଉ ନା କାହିଁକି ୫ ନମ୍ବର ସ୍ଥାନ ପାଇଁ ଟିମ୍ ମ୍ୟାନେଜମେଣ୍ଟକୁ କଠୋର ନିଷ୍ପତ୍ତି ନେବାକୁ ପଡ଼ିବ।

ବାଂଲାଦେଶକୁ ହରାଇ ପାକିସ୍ତାନ ସୁପର-୪ରେ ୨ ପଏଣ୍ଟ ପାଇ ସାରିଛି। ଭାରତ ସେଭଳି ଆରମ୍ଭ ଆବଶ୍ୟକ କରୁଛି। ତେବେ ଭାରତୀୟ ବ୍ୟାଟରଙ୍କୁ ପାକିସ୍ତାନର ପେସ୍ ତ୍ରୟ ଶାହିନ ଶାହ ଆଫ୍ରିଦୀ, ହାରିସ ରୌଫ ଓ ନସିମ ଶାହାଙ୍କ ବୋଲିଂକୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଶାହିନଙ୍କ ଇନ୍‌କମିଂ ବଲ୍, ହାରିସ ରୌଫଙ୍କ ସ୍ପିଡ୍ ଚଳିତ ପ୍ରତିଯୋଗିତାରେ ଚର୍ଚ୍ଚାରେ ରହିଛି। ୩ ମ୍ୟାଚରୁ ରୌଫ ୯ ଏବଂ ନସିମ ୭ ଉଇକେଟ ପାଇ ସାରିଛନ୍ତି।


ଅଭ୍ୟାସ ଅବସରରେ ଲୋକେଶ ରାହୁଲ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## କୋଚ୍‌ଙ୍କୁ ସମର୍ଥନ କଲାନି ବାଂଲାଦେଶ ବୋର୍ଡ

କଲମ୍ବୋ,୯।୯(ପି.ଟି.)

ଏସିଆ କପ୍ ସୁପର-୪ର ଭାରତ-ପାକିସ୍ତାନ ହାଇ ଭୋଲଟେଜ୍ ମ୍ୟାଚ୍ ପାଇଁ ରିଜର୍ଭ ଡେ ବ୍ୟବସ୍ଥାକୁ ବାଂଲାଦେଶ ଓ ଶ୍ରୀଲଙ୍କା ମୁଖ୍ୟ କୋଚ୍ ବିରୋଧ କରିଥିଲେ। ତେବେ ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଏହା ଏକ ସହମତି ଭିତ୍ତିକ ନିଷ୍ପତ୍ତି ବୋଲି କୁହାଯାଇଛି। ଶ୍ରୀଲଙ୍କା ଦଳର ମୁଖ୍ୟ କୋଚ୍ କ୍ରିସ୍ ସିଲ୍ଭରଉଡ୍ ଓ ବାଂଲାଦେଶ ଦଳର କୋଚ୍ ଚନ୍ଦିକା ହାଥୁରସିଂଘା ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ। ତେବେ ବାଂଲାଦେଶ କୋଚ୍‌ଙ୍କ ମନ୍ତବ୍ୟର କିଛି ଘଣ୍ଟା ମଧ୍ୟରେ ବାଂଲାଦେଶ କ୍ରିକେଟ ବୋର୍ଡ(ବିସିବି) ପକ୍ଷରୁ ଏକ ଟୁଇଟ୍ କରାଯାଇଥିଲା। ସୁପର-୪ରେ ପ୍ରବେଶ କରିଥିବା ସମସ୍ତ ଦଳର କ୍ରିକେଟ ବୋର୍ଡଙ୍କ ସହମତି ଭିତ୍ତିରେ ଏହି ନିଷ୍ପତ୍ତି ନିଆଯାଇଥିବା ବିସିବି ପକ୍ଷରୁ କୁହାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳା ଯାଇଥିବା ପ୍ରଥମ ଲିଗ୍ ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଥିଲା। କେବଳ ବାଂଲାଦେଶ ଓ ଶ୍ରୀଲଙ୍କାର କୋଚ୍ ନୁହନ୍ତି ବରଂ ପୂର୍ବତନ ଭାରତୀୟ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ ଏହାକୁ ସମାଲୋଚନା କରିଛନ୍ତି। ଗୋଟିଏ ଟୁର୍ନାମେଣ୍ଟରେ ଦୁଇଟି ଦଳକୁ ଏଭଳି ସୁବିଧା ପ୍ରଦାନ କରାଯିବା ଅତ୍ୟନ୍ତ ଲଜ୍ଜାକର ବିଷୟ ବୋଲି ପ୍ରସାଦ କହିଛନ୍ତି। ନ୍ୟାୟ ନାମରେ ଏଭଳି ଅନ୍ୟାୟ କରୁଥିବା ଲୋକଙ୍କୁ ଦଣ୍ଡିତ କରାଯିବା ଦରକାର। ପ୍ରଥମ ଦିନର ଖେଳ ବାତିଲ ହେଲେ ଦ୍ୱିତୀୟ ଦିନ ମଧ୍ୟ ଆହୁରି ବର୍ଷା ହେବା ଦରକାର ବୋଲି ପ୍ରସାଦ କହିଛନ୍ତି। ଏପରି ହେଲେ କ୍ରିକେଟର କ୍ଷତି କରୁଥିବା ଲୋକ ଚୁପ୍ ରହିବେ।

## କୁଶାଲ, ସମରବିକ୍ରମାଙ୍କ ଅର୍ଦ୍ଧଶତକ

କଲମ୍ବୋ,୯।୯(ପି.ଟି.)

ଏସିଆ କପ୍ ସୁପର-୪ ପର୍ଯ୍ୟାୟର ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଶ୍ରୀଲଙ୍କାର ସାଦିରା ସମରବିକ୍ରମା ଓ କୁଶାଲ ମେଣ୍ଡିସ୍। ଉଭୟ ଖେଳାଳିଙ୍କ ଅର୍ଦ୍ଧଶତକ ବଳରେ ଘରୋଇ ଦଳ ୫୦ ଓଭରରେ ୯ ଉଇକେଟ ହରାଇ ୨୫୭ ରନ୍ ସ୍କୋର କରିଛି। ଜବାବରେ ବାଂଲାଦେଶ ଖବର ପ୍ରସ୍ତୁତି ସୁଦ୍ଧା ୩୩ ଓଭରରେ ୪ ଉଇକେଟ ହରାଇ ୧୩୫ ରନ୍ ସଂଗ୍ରହ କରିଛି।

ଟସ୍ ଜିତି ବାଂଲାଦେଶ ପ୍ରଥମେ ବୋଲିଂ ନେଇଥିଲା। ଦୁଇ ଓପନର ପାଥୁମ ନିଶଙ୍କା ୪୦, କୁଶାଲ ମେଣ୍ଡିସ୍‌ଙ୍କ ୫୦ ଓ ସାଦିରା ସମରବିକ୍ରମା ୯୩ ରନ୍ କରି ଦଳକୁ ୨୫୭ ରନ୍‌ରେ ପହଞ୍ଚାଇଥିଲେ। ୭୨ ବଲ୍ ଖେଳି ୮ ଚୌକା ଓ ୨ ଛକା ମାରି ଶେଷ ସମରବିକ୍ରମା ବଲରେ ଆଉଟ ହୋଇଥିଲେ। ବାଂଲାଦେଶ ପକ୍ଷରୁ ଟାସ୍କିନ ଅହମଦ ଓ ହସନ୍ ମହମଦ ୩ଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ବାଂଲାଦେଶ ପକ୍ଷରୁ ଭଲ ଆରମ୍ଭ କରିଥିଲେ ମହମ୍ମଦ ନଇମ(୨୧) ଓ ମେହିଦୀ ହସନ ମିରାଜ(୨୮) ପ୍ରଥମ ଉଇକେଟରେ ୫୫ ରନ୍ ଯୋଡ଼ିଥିଲେ। ପରେ ଅଧିନାୟକ ଶାକିବ୍ ଅଲ ହସନ ମାତ୍ର ୩ ଓ ଲିଟନ୍ ଦାସ ୧୫ ରନ୍ କରି ଆଉଟ ହୋଇଥିଲେ। ଖବର ପ୍ରସ୍ତୁତ ବେଳକୁ ମୁଶଫିକୁର ରହିମ(୨୩) ଓ ତୋହିଦ୍ ହ୍ରିଦୟ(୩୪) ରନ୍‌ରେ ବ୍ୟାଟିଂ କରୁଛନ୍ତି। ଶ୍ରୀଲଙ୍କା ପକ୍ଷରୁ ଶନକା ୨ ଉଇକେଟ ନେଇଥିବା ବେଳେ ପଥିରାନା ଓ ୱେଲିଲାଗେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୫୭/୯(ସାଦିରା ସମରବିକ୍ରମା-୯୩, କୁଶାଲ ମେଣ୍ଡିସ୍-୫୦, ପାଥୁମ ନିଶଙ୍କା-୨୪, ହସନ ମହମଦ-୩/୫୭, ଟାସ୍କିନ ଅହମଦ-୩/୬୨, ଶୋରିଫୁଲ ଇସଲାମ-୨/୪୮)। ବାଂଲାଦେଶ ୩୩ ଓଭରରେ ୧୩୫/୪ (ତୋହିଦ୍ ହ୍ରିଦୟ-୩୪*, ମେହିଦୀ ହସନ ମିରାଜ-୨୮, ମୁଶଫିକୁର ରହିମ-୨୩*, ଦସୁନ ଶନକା-୨/୧୫, ଦୁନିଥ ୱେଲିଲାଗେ-୧/୨୧, ମଥିଶା ପଥିରାନା-୧/୨୮)।




## ୨,୦୦୦ ମିଟରରେ ଜାକବଙ୍କ ବିଶ୍ୱରେକର୍ଡ

ବ୍ରସେଲ୍ସ, ୯।୯ (ଏପି)

ଅଲିମ୍ପିକ ୧,୫୦୦ ମିଟର ଚାମ୍ପିୟନ ଜାକବ ଇଙ୍ଗ୍‌ବ୍ରିଟ୍‌ସେନ୍ ୧ ସେକେଣ୍ଡରୁ ଅଧିକ ସମୟ ବ୍ୟବଧାନରେ ୨,୦୦୦ ମିଟର ଦୌଡ଼ରେ ଦୀର୍ଘ ୨୪ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଛନ୍ତି। ବ୍ରସେଲ୍ସ ଡାଇମଣ୍ଡ ଲିଗ୍ ମିଟ୍‌ରେ ନରୱେର ଏହି ଆଥଲେଟ୍ ୪ ମିନିଟ ୪୩.୧୩ ସେକେଣ୍ଡ ଟାଇମିଂରେ ନୂଆ ରେକର୍ଡ କରିଛନ୍ତି। ଗତ ମାସରେ ବିଶ୍ୱ ଚାମ୍ପିୟନଶିପ୍ ପରେ ନରୱେର ଏହି ୨୨ ବର୍ଷୀୟ ଧାବକଙ୍କ ଏହା ହେଉଛି ପ୍ରଥମ ପ୍ରତିଯୋଗିତା। ପୂର୍ବରୁ ଏହି ରେକର୍ଡ ମରକ୍କୋର ମହାନ ଆଥଲେଟ୍ ହିଚାମ ଏଲ୍ ଗୁଏରୋଜଙ୍କ ନାମରେ ରହିଥିଲା। ସେ ୧୯୯୯ରେ ୪:୪୪.୭୯ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ। ୨,୦୦୦ ମିଟର ଅଲିମ୍ପିକ୍ସ ପ୍ରୋଗ୍ରାମ୍‌ର ଅଂଶବିଶେଷ ନୁହେଁ। ଜାମାଇକାର ଅଗ୍ରଣୀ ସ୍ପ୍ରିଣ୍ଟର ଶେରିକା ଜ୍ୟାକସନମହିଳା ୨୦୦ ମିଟରରେ ଫ୍ଲୋରେନ୍ସ ଗ୍ରିଫିଥ୍ ଜୋଏନରଙ୍କ ଦୀର୍ଘ ୩୫ବର୍ଷରୁ ପୁରୁଣା ରେକର୍ଡ ଭଙ୍ଗ କରିବାରେ ବିଫଳ ହୋଇଛନ୍ତି। ଜାକସନ ହେଉଛନ୍ତି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ। ସେ ୨୧.୪୮ ଟାଇମିଂରେ ରେସ୍ ଶେଷ କରିଥିଲେ। ଗ୍ରିଫିଥ୍ ଜୋଏନର ୧୯୮୮ ସିଓଲ ଅଲିମ୍ପିକ୍ସରେ ୨୧.୩୪ ଟାଇମିଂ ସହ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ଜ୍ୟାକସନ ରେସ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଗରେ ରହି ଅନ୍ୟ ପ୍ରତିଯୋଗୀଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଆଣ୍ଟୋନିକ୍ ଷ୍ଟ୍ରାଚାନ ବହୁପଛରେ ୨୨.୩୧ ଟାଇମିଂରେ ଦ୍ୱିତୀୟ ହୋଇଥିବା ବେଳେ ଆମେରିକାର ଜେନା ପ୍ରାଣ୍ଡିନି (୨୨.୪୭) ତୃତୀୟ ସ୍ଥାନରେ ରହିଥିଲେ। ଜ୍ୟାକସନ ହେଉଛନ୍ତି ପ୍ରକୃତରେ ଜଣେ ୪୦୦ମିଟର ସ୍ପେସାଲିଷ୍ଟ। ସେ ଏଇ କିଛି ବର୍ଷ ହେଲା ସ୍ପ୍ରିଣ୍ଟରେ ମନୋନିବେଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସେ ୧୦୦ ମିଟରରେ ବ୍ରୋଞ୍ଜ ଏବଂ ୪x୧୦୦ମିଟର ରିଲେରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏବେ ସେ ୨୦୦ ମିଟରରେ ଧ୍ୟାନ ଦେଉଛନ୍ତି। ୨୯ ବର୍ଷୀୟ ଏହି ଆଥଲେଟ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ୨୦୦ମିଟରରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।



ହଙ୍ଗେରୀରେ ଅନୁଷ୍ଠିତ ଏଫ୍‌ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ୍ କପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଏମ୍/ ଏନ୍‌ଆଇଏସ୍ ଇଣ୍ଡିଆ ଏଚ୍‌ପିସିର ପ୍ରଣତି ନାୟକ। ସେ ୧୨.୯୬୬ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ**

## ସେମିଫାଇନାଲରେ କିସ୍

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ଟି ମ୍ୟାଚରେ କିସ୍ ଓ ୟୁନିଟ-୧ ବାଳକ ବିଦ୍ୟାଳୟ ଦଳ ବିଜୟ ହାସଲ କରିଛି। ବିଜେଇଏମ୍ ସ୍କୁଲକୁ ୪-୦ ଗୋଲରେ ହରାଇ କିସ୍ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅଭିଷେକ ଓରାମ ୩, ମଙ୍ଗଳ ଟୁଡୁ ୩୦, ଅମର ସମଦ ୩୭ ଓ ରାଜେଶ ସୋରେନ ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ ୟୁନିଟ-୧ ସ୍କୁଲ ୧-୦ ଗୋଲରେ ଆଇଆରସି ଭିଲେଜ ସରକାରୀ ବାଳକ ବିଦ୍ୟାଳୟକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଶଙ୍କର ସୋରେନ ୩୮ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପ୍ରଥମ ମ୍ୟାଚରେ ରାସ ରଞ୍ଜନ ଜେନା ଓ ଦ୍ୱିତୀୟ ମ୍ୟାଚରେ ଶଙ୍କର ସୋରେନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଉତ୍ତମ ପ୍ରଦର୍ଶନ ପାଇଁ ଅଭିଷେକ ଓରାମ ଓ ଅଙ୍କୁଶ କହ୍ନରଙ୍କୁ ପୁରସ୍କୃତ କରାଯାଇଥିଲା।



FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449810; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736556, DHENKANAL, PH: 9338685216; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;
*Terms & conditions apply. Features & specifications shown may not be part of standard fitment & are subject to change without prior notice. Functionality of Bluelink depends on adequate power supply and uninterrupted network connectivity to infotainment system. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted. ^Upto 7 years extended warranty is applicable only for petrol variants. #Hyundai ALCAZAR (Petrol) has lowest average yearly periodic maintenance service cost of ₹3 269 for 5 years in Delhi. Source: Cardekho.com. Hyundai urges you to follow traffic rules – these are meant to keep you safe on roads.

 କୋଷ୍ଠକାଠିନ୍ୟର
ସମାଧାନ
9119788888

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ